# ପ୍ରାର୍ଥନା

ଯେଉଁ ମୁହୂର୍ତ୍ତରୁ ମୋର ଆଉ କୌଣସି ସ୍ଥୂଳ ଦାୟିତ୍ୱ ନଥାଏ, ସେ ସଂକ୍ରାନ୍ତୀୟ ସବୁ ଚିନ୍ତା ମୋଠୁଁ ବହୁ ଦୂରକୁ ଅପସରି ଯାଏ, ଏବଂ ମୁଁ ଏକାନ୍ତ ତଥା ସର୍ବତୋଭାବେ ତୁମ ଏବଂ ତୁମ ସେବା ଉପରେ ଏକାଗ୍ର ରହେଁ । ସେତେବେଳେ ସେହି ସର୍ବସଂହତ ଶାନ୍ତି ଓ ସୌମ୍ୟଭାବ ଭିତରେ ମୁଁ ମୋ ସଂକଳ୍ପକୁ ତୁମ ସଂକଳ୍ପ ସହ ମିଳିତ କରାଏଁ ଏବଂ ସେହି ପୂର୍ଣ୍ଣାଙ୍ଗ ନିରବତାରେ ମୁଁ ଶ୍ରବଣ କରେଁ ତୁମ ସତ୍ୟ ଓ ତା'ର ଅଭିବ୍ୟକ୍ତି । ତୁମ ସଂକଳ୍ପ ସମ୍ପର୍କରେ ସଚେତନ ହୋଇ ଏବଂ ଆମ ସଂକଳ୍ପକୁ ତାହା ସହ ଏକ ଭାବରେ ଦେଖିବା ଦ୍ୱାରାହିଁ ପରିଜ୍ଞାତ ହୁଏ ପ୍ରକୃତ ମୁକ୍ତି ଏବଂ ସର୍ବଶକ୍ତିମତ୍ତାର ରହସ୍ୟ, ଶୌର୍ଯ୍ୟସମୂହର ପୁନରୁଜ୍ଜୀବନ ଏବଂ ସତ୍ତାର ରୂପାନ୍ତରର ରହସ୍ୟ ।

ତୁମ ସହ ଅବିରତ ଏବଂ ପୂର୍ଣ୍ଣତଃ ଏକ ହେବାର ଅର୍ଥ ହେଲା ଆମେ ଯେ ପ୍ରତ୍ୟେକ ବାଧା ଅତିକ୍ରମ କରିପାରିବା ଏବଂ ଅନ୍ତରରେ ଓ ବାହାରେ ଯାବତୀୟ ଦୁରୂହତା ଉପରେ ବିଜୟୀ ହେବା, ସେହି ପ୍ରତିଶ୍ରୁତି ପ୍ରାପ୍ତି ।

ହେ ପ୍ରଭୁ, ପ୍ରଭୁ, ଏକ ସୀମାହୀନ ଆନନ୍ଦ ମୋର ହୃଦୟ କରେ ପୂର୍ଣ୍ଣ, ମୋ ମସ୍ତିଷ୍କ ମଧ୍ୟରେ ଏକ ବିସ୍ମୟୋଜ୍ଜ୍ୱଳ ଉତ୍ତାଳ ତରଙ୍ଗ ସୃଜେ ସୁଖ ସଙ୍ଗୀତ, ଏବଂ ତୁମର ନିଶ୍ଚିତ ବିଜୟ ସମ୍ପର୍କରେ ପୂର୍ଣ୍ଣ ବିଶ୍ୱାସରେ ମୁଁ ପାଏଁ ସାର୍ବଭୌମ ଶାନ୍ତି ଏବଂ ଏକ ଅପରାଜେୟ ଶକ୍ତି । ତୁମେ ମୋ ସତ୍ତା କର ପରିପୂର୍ଣ୍ଣ, ତୁମେ ତାକୁ କର ପ୍ରାଣଚଞ୍ଚଳ, ତା'ର ପ୍ରଚ୍ଛନ୍ନ ଗତିଶକ୍ତିକୁ ତୁମେ କର କ୍ରିୟାନ୍ୱିତ, ତୁମେ ତା'ର ବୋଧଶକ୍ତିକୁ କର ଆଲୋକିତ, ତୁମେ ତା'ର ପ୍ରାଣକୁ କର ପ୍ରଗାଢ଼, ତୁମେ ତା' ପ୍ରେମକୁ କର ଦଶଗୁଣ ବର୍ଦ୍ଧିତ; ଏବଂ ମୁଁ ଏଣିକି ଜାଣେନା ଏ ମହାବିଶ୍ୱ ମୁଁ ଅଥବା ମୁଁ ଏ ମହାବିଶ୍ୱ, ତୁମେ ମୋ ଅଭ୍ୟନ୍ତରେ ନା ମୁଁ ତୁମ ଅଭ୍ୟନ୍ତରେ; ତୁମେ ଏକାହିଁ ବିଦ୍ୟମାନ ଏବଂ ତୁମେହିଁ ଯାବତୀୟତା; ତୁମ ଅନନ୍ତ କରୁଣାର ପ୍ରବାହମାନ ଏ ପୃଥିବୀକୁ ପୂର୍ଣ୍ଣ ଓ ଅଧିକନ୍ତୁ କରନ୍ତି ପ୍ଲାବିତ ।

ଗାଅ ହେ ଦେଶ ସମୂହ, ଗାଅ ହେ ମହାଜାତିବର୍ଗ, ଗାଅ ହେ ମାନବକୁଳ,
ଦିବ୍ୟ-ସଂହତି ସମାଗତ ।

ମେ ୧୧, ୧୯୧୩

— ଶ୍ରୀମା



# ୨୪ ଏପ୍ରିଲ, ୨୦୧୮ରେ ଆଶ୍ରମରେ ବିତରିତ ବାଣୀ

THE MOTHER

Always to know her and live always in her presence.

– Sri Aurobindo

**ଶ୍ରୀମା**

ନିରନ୍ତର ତାଙ୍କୁ ଜାଣୁଥିବା ଏବଂ ନିରନ୍ତର ତାଙ୍କରି ମହୋପସ୍ଥିତିରେ ଜୀବନ ବିତାଉଥିବା ।

– ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ସପ୍ତମ ସର୍ଗ, ମହା-ରାତ୍ରି ମଧକୁ ଅବତରଣ

## (The Descent into Night)

## (୭୩)

## ଶ୍ରୀଅରବିନ୍ଦ

A dense and nameless
Nothing conscious, mute,
Which seemed alive but without body or mind,
Lusted all beings to annihilate
That it might be for ever nude and sole.

ସାନ୍ଦ୍ର ଏବଂ ନାମହୀନ, ସଚେତନ, ମୂକ ଏକ ବିଶାଳ ନାସ୍ତି, ଯାହା ମନେ ହେଉଥିଲା ଜୀବନ୍ତ, ଅଥଚ ତା'ର ନଥିଲା ଦେହ କିଂବା ମନ, ସକଳ ସତ୍ତାକୁ ନିଃଶେଷ କରି ଦେବାକୁ ପୋଷଣ କରିଥିଲା ଲାଳସା, ଚିରକାଳ ନଷ୍ଟ ଏବଂ ଏକମାତ୍ର ହୋଇ ରହିବାହିଁ ଥିଲା ତା'ର ଉଦ୍ଦେଶ୍ୟ ।

As in a shapeless beast's intangible jaws,
Gripped, strangled by that lusting viscous blot,
Attracted to some black and giant mouth
And swallowing throat and
a huge belly of doom,
His being from its own vision disappeared
Drawn towards depths that
hungered for its fall.

ଆକାରବିହୀନ ଏକ ଜନ୍ତୁର ଅସ୍ପର୍ଶନୀୟ ମୁଖ ଗହ୍ୱରରେ ପ୍ରବେଶ କଲା ପରି, ସେଇ ଲାଳସାର ଅଠାଳିଆ ବହଳ ଶୋଷକ ପିଣ୍ଡ ଦ୍ୱାରା ଦୃଢ଼ବଦ୍ଧ, ରୁଦ୍ଧଶ୍ୱାସ ହୋଇ, କୌଣସି ଘନକୃଷ୍ଣ ରାକ୍ଷସୀ ମୁଖ ଏବଂ ଗିଳି ପକାଉଥିବା ଗଳା ତଥା ଦୁର୍ଭାଗ୍ୟର ବିଶାଳ ଉଦର ପ୍ରତି ଆକର୍ଷିତ ତାଙ୍କର ସତ୍ତା ନିଜର ଦୃଷ୍ଟି ନିକଟରୁହିଁ ଅନ୍ତର୍ହିତ ହୋଇଗଲା; ସେଇସବୁ ଗହ୍ୱର ଭିତରକୁ ତାହା ଟାଣି ହୋଇଗଲା, ଯାହା ବୁଭୁକ୍ଷିତ ହୋଇ ରହିଥିଲା ତାଙ୍କ ସତ୍ତାର ପତନ ନିମନ୍ତେ ।

A formless void oppressed his struggling brain,
A darkness grim and cold benumbed his flesh,
A whispered grey suggestion chilled his heart;
Haled by a serpent-force from its warm home
And dragged to extinction in bleak vacancy
Life clung to its seat with
cords of gasping breath;
Lapped was his body by a tenebrous tongue.

ଏକ ଅରୂପ ଶୂନ୍ୟତା ତାଙ୍କର ସଂଘର୍ଷରତ ମସ୍ତିଷ୍କ ଉପରେ ଚାପ ପ୍ରୟୋଗ କରୁଥିଲା, ଏକ ନିଦାରୁଣ ହିମଶୀତଳ ଅନ୍ଧକାର ତାଙ୍କର ମାଂସପେଶୀକୁ ପୀଡ଼ା ଦେଉଥିଲା, ଅର୍ଦ୍ଧସ୍ଫୁଟ ଏକ ଧୂସର ପରାମର୍ଶ ତାଙ୍କ ହୃଦୟକୁ ସଂତ୍ରସ୍ତ କରି ପକାଉଥିଲା; ଏକ ସର୍ପିଣୀ-ଶକ୍ତି ଦ୍ୱାରା ଆପଣାର ଉଷ୍ମ ନିବାସରୁ ଟାଣି ହୋଇ ଏବଂ ରିକ୍ତଗର୍ଭ ଶୂନ୍ୟତାରେ ଅବଲୁପ୍ତି ଆଡ଼କୁ ଭିଡ଼ାଓଟରା ହୋଇ ଜୀବନ ଜାବୁଡ଼ି ଧରିଥିଲା ନିଜର ଆସ୍ଥାନକୁ ତାହାର ଶେଷ ନିଃଶ୍ୱାସର ରଜ୍ଜୁରେ; ତାଙ୍କର ଶରୀରକୁ ଲେହନ କରୁଥିଲା ଏକ ତାମସ ଜିହ୍ୱା ।

Existence smothered travailed to survive;
Hope strangled perished in his empty soul,
Belief and memory abolished died
And all that helps the spirit in its course.

ଅଣନିଃଶ୍ୱାସୀ ଜୀବନ-ସତ୍ତା ବଞ୍ଚି ରହିବା ସକାଶେ କଠୋର ପ୍ରୟାସ କରୁଥିଲା; ତାଙ୍କର ଶୂନ୍ୟ ଅନ୍ତରରେ ବିନାଶ ପ୍ରାପ୍ତ ହେଉଥିଲା ଶ୍ୱାସରୁଦ୍ଧ ଆଶା, ବିଶ୍ୱାସ ଓ ସ୍ମୃତି ତଥା ଅନ୍ତଶ୍ଚେତନାର ଯାତ୍ରାପଥରେ ଯାହାକିଛି ସହାୟକ – ସେ ସବୁକିଛିହିଁ ଅବଲୁପ୍ତ ଭାବେ ବରଣ କରୁଥିଲେ ମୃତ୍ୟୁ ।

(କ୍ରମଶଃ)

ଗଦ୍ୟାନୁବାଦ : ରବୀନ୍ଦ୍ରନାଥ ପାଢ଼ୀ ❑

# ସଂକଳ୍ପ

## ଶ୍ରୀମା

### ସଂକଳ୍ପ କରିବାକୁ ଶିକ୍ଷାକର

କିପରି ସଂକଳ୍ପ କରିବାକୁ ହୁଏ, ତାହା ଶିକ୍ଷା କରିବା ହେଲା ଏକ ଗୁରୁତ୍ୱପୂର୍ଣ୍ଣ କଥା । ସତକୁ ସତ ସଂକଳ୍ପ କରିବାକୁ ହେଲେ ତୁମେ ତୁମର ସତ୍ତାକୁ ଏକତ୍ରିତ କରିବ । ବାସ୍ତବ କଥା ହେଲା – ତୁମେ ଯଦି ବ୍ୟକ୍ତିଟିଏ ହେବାକୁ ଚାହଁ, ତା'ହେଲେ ତୁମ ଭିତରର ସମସ୍ତ ସତ୍ତାକୁ ତୁମକୁ ଏକତ୍ରିତ କରିବାକୁ ହେବ । ଯଦି ଜଣେ ବିପରୀତ ଗତି ଦ୍ୱାରା ପୂରାପୂରି ଆକର୍ଷିତ ହେଉଥାଏ, ଯଦି ଜଣେ ନିଜ ସମ୍ବନ୍ଧେ ସଚେତନ ନହୋଇ କେବଳ ତା' ଜୀବନର ତିନି-ଚତୁର୍ଥାଂଶ ସମୟ ବଞ୍ଚିଥାଏ, ଯଦି ସେ କ'ଣ ସବୁ କରୁଛି ସେସମ୍ବନ୍ଧେ ଜାଣି ପାରୁ ନଥାଏ, ତା'ହେଲେ ତାକୁ କ'ଣ ସତକୁ ସତ ଜଣେ ବ୍ୟକ୍ତି ବୋଲି କୁହାଯାଇ ପାରିବ ? ଏଭଳି ମଣିଷର ପ୍ରକୃତରେ ଅସ୍ତିତ୍ୱ ନଥାଏ । ଏଭଳି ମଣିଷ ନାନାଦି ପ୍ରଭାବ ଦ୍ୱାରା ଆନ୍ଦୋଳିତ ହେଉଥାଏ, ନାନାଦି ଶକ୍ତି ଦ୍ୱାରା ପରିଚାଳିତ ହେଉଥାଏ, ନାନାଦି କାଣ୍ଡକାରଖାନାରେ ମାତିଥାଏ, ନାନାଦି କ୍ରିୟା-ପ୍ରତିକ୍ରିୟାରେ ବିଚଳିତ ହେଉଥାଏ, କିନ୍ତୁ ସେ ଏକ ବ୍ୟକ୍ତିସତ୍ତାଭାବେ ବଞ୍ଚି-ନଥାଏ । ଯେତେବେଳେ ଜଣେ ସଂକଳ୍ପ କରିବାକୁ ଆରମ୍ଭ କରିବ, ସେତିକିବେଳେହିଁ ସେ ବ୍ୟକ୍ତିଟିଏ ହେବାକୁ ଆରମ୍ଭ କରିବ । ଏବଂ ଜଣେ ଯଦି ଏକତ୍ରିତ ନହୁଏ, ନିଜକୁ ସଂଗୃହୀତ ନକରେ, ତେବେ ସେ କୌଣସିଥିରେ କିଛି ସଂକଳ୍ପ କରିପାରିବ ନାହିଁ ।

ଯେତେବେଳେ ତୁମେ ସଂକଳ୍ପ କରିବାକୁ ସକ୍ଷମ ହେବ, ସେତେବେଳେହିଁ ତୁମେ ଈଶ୍ୱରଙ୍କୁ କହିପାରିବ – ''ହେ ପ୍ରଭୁ ! ତୁମେ ଯାହା ଚାହଁ, ମୁଁ ତାହାହିଁ ଚାହେଁ ।'' କିନ୍ତୁ ତା' ପୂର୍ବରୁ ନୁହେଁ । କାରଣ, ଭଗବାନ୍ ଯାହା ଚାହାନ୍ତି ତୁମକୁ ତାହା ଚାହିଁବାକୁ ହେଲେ ତୁମର ଏକ ସଂକଳ୍ପ ରହିବା ଉଚିତ । ତା' ନହେଲେ ତୁମେ କିଛି ବି ସଂକଳ୍ପ କରିପାରିବ ନାହିଁ । ତୁମକୁ ତେବେ ଏହା ଚାହିଁବାକୁ ଭଲ ଲାଗିବ । ଖୁବ୍ ଭଲ ଲାଗିବ । ଭଗବାନ୍ ଯାହା କରିବାକୁ ଚାହାନ୍ତି – ତାହାହିଁ ତୁମେ କରିବାକୁ ଚାହିଁବ ଓ ତାହାହିଁ ତୁମକୁ ଖୁବ୍ ଭଲ ଲାଗିବ । କିନ୍ତୁ ତୁମ ଭିତରେ ଯଦି ଏପରି ସଂକଳ୍ପଟିଏ ନଥାଏ ତେବେ ତୁମେ କିପରି ନିଜକୁ ଭଗବାନଙ୍କ ପାଖରେ ସମର୍ପି ଦେବ ? କିପରି ତାଙ୍କର ଆଜ୍ଞା ପାଳନ କରିବାକୁ ପ୍ରସ୍ତୁତ ହୋଇ ପାରିବ ?

### ସଂକଳ୍ପକୁ କିପରି ଦୃଢ଼ କରିବ

*ପ୍ରଶ୍ନ: ମା, ଜଣେ କିପରି ତା' ସଂକଳ୍ପକୁ ଦୃଢ଼ କରି ପାରିବ ?*

**ଶ୍ରୀମା** : ଆଃ, ଜଣେ ଯେଭଳି ବିଧିବଦ୍ଧ ବ୍ୟାୟାମ ଦ୍ୱାରା ତା'ର ମାଂସପେଶୀକୁ ସୁଦୃଢ଼ କରେ, ଠିକ୍ ସେହିପରି । ତୁମେ ଗୋଟିଏ ଛୋଟିଆ ଜିନିଷ ନିଅ, ମନେକର ତୁମେ କିଛି ଗୋଟାଏ କରିବାକୁ ଚାହୁଁଛ ବା ନ କରିବାକୁ ଚାହୁଁଛ । ଗୋଟିଏ ଛୋଟିଆ କଥାରୁ ଆରମ୍ଭ କର, ଯାହାକି ତୁମ ସତ୍ତା ପାଇଁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇ ନଥିବ, କିନ୍ତୁ ଗୋଟାଏ ଛୋଟିଆ ବିଧିବଦ୍ଧ କାର୍ଯ୍ୟକ୍ରମ । ଉଦାହରଣ ସ୍ୱରୂପ, ଏହା ତେବେ ଏପରି କିଛି ଯାହା ଗୋଟାଏ ଅଭ୍ୟାସର କଥା, ସମାନ ଗୁରୁତ୍ୱର ସହିତ ନିୟମିତ ଭାବେ ତୁମେ ସେ କଥାଟି ଉପରେ ଜୋର୍ ଦିଅ । ଦେଖ, ତାହା ତୁମେ କରିବାକୁ ଚାହୁଁଛ ବା ନ କରିବାକୁ ଚାହୁଁଛ – ତୁମେ ତାହା ଉପରେ ଜୋର୍ ଦିଅ – ତୁମେ ଗୋଟାଏ ଓଜନିଆ ଜିନିଷ ଉଠାଇଲା ବେଳେ ନିଜକୁ ଯେପରି ବାଧ୍ୟ କର, ଏ କଥାରେ ବି ସେହିପରି ବାଧ୍ୟ କର । ଏଥିରେ ବି ତୁମକୁ ଏକାଭଳି ପ୍ରଯତ୍ନ କରିବାକୁ ପଡ଼ିଥାଏ, ଏ ପ୍ରୟାସଟି କିନ୍ତୁ ଶାରୀରିକ ନୁହେଁ, ଏହା ଏକ ଆନ୍ତର ପ୍ରଚେଷ୍ଟା । ଅଧିକନ୍ତୁ ଏହା ଏକ ଆନ୍ତର ପ୍ରଚେଷ୍ଟାର କଥା । ଏଇଭଳି ଛୋଟ ଛୋଟ ଜିନିଷକୁ ସାଧି ପାରିଲେ ସବୁକଥା କ୍ରମେ ସହଜ ହୋଇଯାଏ । ତୁମେ ଜାଣିରଖ ଯେ – ଏହିପ୍ରକାର ଅଭ୍ୟାସ କଲେ, ଏହିଭଳି ଛୋଟ ଛୋଟ କଥାରେ ତୁମର ସଫଳତା ଆସିଯାଏ, ତା'ପରେ ତୁମେ କ୍ରମଶଃ ବୃହତ୍ତର ଶକ୍ତି ସହିତ ମିଳିତ ହୋଇଯାଅ ଏବଂ ଆହୁରି ଜଟିଳ ପରୀକ୍ଷାରେ ପ୍ରୟାସ କରିବା ତୁମ ପକ୍ଷେ ସହଜ ହୋଇଯାଏ । ଏବଂ କ୍ରମେ କ୍ରମେ ତୁମେ ଯଦି ଏହା କରି ଚାଲିଥାଅ, ଶେଷରେ ଦେଖିବ, ତୁମେ ଏକ ସ୍ୱାଧୀନ ଏବଂ ଶକ୍ତିଶାଳୀ ସଂକଳ୍ପ ଶକ୍ତିର ଅଧିକାରୀ ହୋଇଛ ।

(The Great Adventure *A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ଶ୍ରୀଅରବିନ୍ଦ :
# ମହାଯୋଗୀଙ୍କ ଜୀବନ ଏବଂ ଯୁଗ
## (ପରିଚ୍ଛେଦ : ୬୬)
## ସାମ୍ରାଜ୍ୟବାଦର ଆକ୍ରମଣ (୩)
## ମନୋଜ ଦାସ

''ଯେତେବେଳେ ମୁଁ ଥିଲି ଅଜ୍ଞାନ-ନିଦ୍ରାଭିଭୂତ, ସେତେବେଳେ ମୁଁ ଧର୍ମାତ୍ମା ବ୍ୟକ୍ତିବର୍ଗ ଅଧ୍ୟୁଷିତ ଏକ ଧ୍ୟାନମୟ ସ୍ଥାନକୁ ଆସିଲି । ସେ ସ୍ଥାନ ମୋତେ କ୍ଲାନ୍ତିକର ଏବଂ କାରାଗାରଟିଏ ଭଳି ମନେ ହେଲା । ମୋ ନିଦ୍ରାଭଙ୍ଗ ହୁଅନ୍ତେ ଭଗବାନ୍ ମୋତେ ଏକ କାରାଗାରକୁ ନେଇଗଲେ ଏବଂ ତାକୁ ଏକ ଧ୍ୟାନସ୍ଥଳୀ ତଥା ତାଙ୍କ ମିଳନ-କ୍ଷେତ୍ରରେ ପରିଣତ କଲେ ।''(୧)

— ଶ୍ରୀଅରବିନ୍ଦ

ମୁଜାଫର୍‌ପୁରଠାରେ କିଂସ୍‌ଫୋର୍ଡ ଉପରେ ବ୍ୟର୍ଥ ଆକ୍ରମଣ ଉଦ୍ୟମ ସହିତ ଜଡ଼ିତ କରି ଶ୍ରୀଅରବିନ୍ଦଙ୍କୁ ଗିରଫ କରାଯିବା ଏବଂ ତାଙ୍କୁ ମାଣିକତଳା ବଗିଚାର ବିପ୍ଳବୀ ଗୋଷ୍ଠୀ ସହ ସମ୍ପୃକ୍ତ ବୋଲି ପ୍ରମାଣ କରିବା ଦିଗରେ ସରକାରଙ୍କ ଉଦ୍ୟମ ସମ୍ବାଦ ଦେଶବ୍ୟାପୀ ଚାଞ୍ଚଲ୍ୟ ସୃଷ୍ଟି କଲା । ଦିନ ପରେ ଦିନ ସମ୍ବାଦପତ୍ରମାନଙ୍କରେ ଏହି ସମ୍ପର୍କୀୟ ସମ୍ବାଦ ଓ ଚର୍ଚ୍ଚା ଅଗ୍ରାଧିକାର ପାଇଲା ।

ଭାରତରେ ପ୍ରକାଶିତ ସରକାର ପକ୍ଷପାତୀ କାଗଜମାନେ ଏହି ଘଟଣାର ପରିପ୍ରେକ୍ଷୀରେ କଂଗ୍ରେସର ମାନ୍ଧାପନ୍ଥୀ ଗୋଷ୍ଠୀକୁ ପୃଷ୍ଠପୋଷକତା ସୁଲଭ ଉତ୍ସାହ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଚରମପନ୍ଥୀମାନଙ୍କୁ ତୀବ୍ର ଆକ୍ରମଣ କଲେ ।

'ଟାଇମ୍‌ସ୍' ଭଳି ଇଂଲଣ୍ଡର ସମ୍ବାଦପତ୍ରମାନେ କଂଗ୍ରେସ ଭିତରେ ଏଭଳି ଦୁଇ ବିଶେଷ ମତାବଲମ୍ବୀ ଥିବା ସମ୍ପର୍କରେ ଅବହିତ ନଥାଇ ପୂରା କଂଗ୍ରେସକୁ ରାଜଦ୍ରୋହୀ ଓ ହିଂସାବାଦୀ ଭାବରେ ଚିତ୍ରିତ କରନ୍ତେ ଭାରତର ମୁଖ୍ୟ ଇଂରେଜ ସମର୍ଥକ 'ଷ୍ଟେଟସ୍‌ମ୍ୟାନ୍' ଲେଖିଲା :

''ଆପଣଙ୍କ ଲେଖାରୁ ପାଠକର ଧାରଣା ହେବ ଭାରତର ସବୁ ବିକ୍ଷୋଭ ଯେପରିକି ହିଂସାତ୍ମକ ଓ ଦୁଷ୍ଟବୁଦ୍ଧି ପ୍ରଣୋଦିତ । ଖାସ୍ ଏ ଦେଶରେ ମଧ୍ୟ ଏମିତି ଲେଖକ ଅଛନ୍ତି ଯେଉଁମାନେ କି ମି. ଗୋଖଲେ ଏବଂ ମି. ବିପିନ ଚନ୍ଦ୍ର ପାଲ, ଅଥବା ମି. ରାସବିହାରୀ ଘୋଷ ଏବଂ ମି. ଅରବିନ୍ଦ ଘୋଷଙ୍କ ମଧ୍ୟରେ ପାର୍ଥକ୍ୟ ବୁଝନ୍ତି ନାହିଁ । 'ଲୋକଙ୍କର ନ୍ୟାଯ୍ୟ ଆସ୍ପୃହା' କଥା ଉତ୍ଥାପନ କରିବାକୁ ମଧ୍ୟ ଅନେକେ ବିପଜ୍ଜନକ ପ୍ରଚାର ବୋଲି ମନେ କରନ୍ତି । ପ୍ରକୃତ ଜାତୀୟ ଆନ୍ଦୋଳନ ବିରୋଧରେ ଏହିଭଳି ଖଳ ବଦନାମର ଆମେ ତୀବ୍ର ପ୍ରତିବାଦ କରୁ ।''(୨)

କହିବା ବାହୁଲ୍ୟ 'ଲୋକଙ୍କର ନ୍ୟାଯ୍ୟ ଆସ୍ପୃହା' ଏବଂ 'ପ୍ରକୃତ ଜାତୀୟବାଦ' ବୋଇଲେ 'ଷ୍ଟେଟସ୍‌ମ୍ୟାନ୍' ମାନ୍ଧାପନ୍ଥୀମାନଙ୍କର ମୃଦୁଧର୍ମୀ ଆବ୍‌ଦାର, ଯତ୍‌କିଞ୍ଚିତ୍ ଦୟାଭିକ୍ଷାକୁ ବୁଝାଉଥିଲା । ଜାତୀୟବାଦୀମାନେହିଁ ତା' ମତରେ ବିପଜ୍ଜନକ ।

ବିପ୍ଳବୀମାନଙ୍କ ଗିରଫର ପ୍ରତିବାଦରେ ଦେଶର ଭିନ୍ନ ଭିନ୍ନ ସହର, ନଗରରେ ସଭାମାନ ଅନୁଷ୍ଠିତ ହେଉଥାଏ । ସ୍ପେଶାଲ୍ ବ୍ରାଞ୍ଚ (ଡିଟେକ୍‌ଟିଭ୍)ର ଡି. ଆଇ. ଜି., ଏଫ୍. ସି. ଡାଲିଙ୍କର ଗୋଟିଏ 'ଗୋପନ ବିବରଣୀ'ର କିୟଦଂଶ :

''ଦେଶବ୍ୟାପୀ ବିପ୍ଳବୀପନ୍ଥୀମାନଙ୍କୁ ଗଭୀର ଭାବରେ ଉତ୍ତେଜିତ କରିଛି ମାଣିକତଳା ବାଗାନର ଯୁବକମାନଙ୍କର ଗିରଫଦାରି । ଅନେକ ସମ୍ବାଦପତ୍ର, ବିଶେଷତଃ 'ଯୁଗାନ୍ତର' ଅଧିକରୁ ଅଧିକ ହିଂସାବାଦୀ ଲେଖାମାନ ପ୍ରକାଶ କରୁଛି । 'ଯୁଗାନ୍ତର'କୁ ନିଷିଦ୍ଧ କରି ଦିଆଯିବା ପରେ ମଧ୍ୟ ସେ ପତ୍ରିକାର ଉଦ୍‌ଯୋଗୀମାନେ ଗୋପନରେ ପ୍ରଚାରପତ୍ରମାନ ଛାପି ନିର୍ଭୟରେ ବାଣ୍ଟିବାରେ ତତ୍ପର । ସେସବୁ ପତ୍ରରେ ସବୁ ପ୍ରକାର ହିଂସାତ୍ମକ ଆନ୍ଦୋଳନ ସକାଶେ ଆହ୍ୱାନ ରହିଛି ।''(୩)

ବାସ୍ତବିକ, 'ଯୁଗାନ୍ତର'କୁ ଧାରାବାହିକ ଭାବରେ ନିର୍ଯାତନା ଦିଆ ଯାଉଥାଏ । ଜୋରିମାନା, ବାରଂବାର ତଦନ୍ତ ନାମରେ କାର୍ଯ୍ୟାଳୟକୁ ଛିନ୍ନଛତ୍ର କରିବା, କର୍ମୀମାନଙ୍କୁ ଥାନାରେ ଅଟକ ରଖିବା, କାରାରୁଦ୍ଧ କରିବା ଯେମିତିକି ଯଥେଷ୍ଟ ହେଲା

ନାହିଁ, ଶ୍ରୀଅରବିନ୍ଦ ଗିରଫ ହେବା ପରେ ପରେ ପୁଲିସ ସେ କାର୍ଯ୍ୟାଳୟ ଉପରେ ଚଢ଼ଉ କରି ଅକ୍ଷରମାଳା ଏବଂ ଅନ୍ୟାନ୍ୟ ସାଜସରଞ୍ଜାମ ମଧ୍ୟ ଉଠାଇ ନେଇ ଚାଲିଗଲେ । ତଥାପି କର୍ମୀମାନେ କାଗଜର ମାତ୍ର ଗୋଟିଏ ପାଖରେ ସମ୍ବାଦ ଛାପି ପତ୍ରିକାର ମୂଲ୍ୟ ଦୁଇ ଗୁଣ (ଏକ ପଇସା ସ୍ଥଳେ ଦୁଇ ପଇସା) କରି ବିକ୍ରୟ କଲେ ଏବଂ ଲୋକେ ଆଗ୍ରହରେ କିଣିଲେ । ତେବେ ଜୁଲାଇ ୬ ତାରିଖ, ୧୯୦୮ ପରେ ତାହା ଆଉ ପ୍ରକାଶ କରିବା ସମ୍ଭବ ହେଲା ନାହିଁ ।[୪]

ମାଣିକତଲା ବାଗାନ ପୁଲିସ ସକାଶେ ଗୋଟାଏ ରହସ୍ୟମୟ ଗବେଷଣା ସ୍ଥଳରେ ପରିଣତ ହୋଇଥାଏ । ବିପ୍ଳବୀମାନେ ଗିରଫ ହେବାର ଦଶ ଦିନ ବିତିଯିବା ପରେ ମଧ୍ୟ 'ଷ୍ଟେଟ୍‌ସ୍‌ମ୍ୟାନ୍'ରେ ଆମେ ପଢ଼ୁ :

''ପୁଲିସ ଏଯାବତ୍ ତଦନ୍ତ କର୍ମରେ ତତ୍ପର । ପୁଷ୍କରିଣୀଗୁଡ଼ିକ ନିର୍ଜଳ କରାଯାଇଛି ଏବଂ ବାଗାନ ଭିତରେ ସନ୍ଧାନ ଗତକାଲି ପର୍ଯ୍ୟନ୍ତ ଜାରି ରହିଛି । ଜଣାଯାଏ, କିଛି ବହି ଓ କାଗଜପତ୍ର ଆବିଷ୍କୃତ ହୋଇଛି ।''[୫]

ଷଡ଼ଯନ୍ତ୍ରକାରୀଙ୍କ ବିରୋଧରେ କାମ ଦେଲା ଭଳି ବାସ୍ତବ ଓ କାଳ୍ପନିକ 'ପ୍ରମାଣ' ସବୁକୁ ଠୁଳ କରି ସୂଚୀ ପ୍ରସ୍ତୁତ କରିବା ନିମନ୍ତେ ପୁଲିସକୁ ବିନିଦ୍ର ରଜନୀ ବିତାଇବାକୁ ହେଉଥାଏ । ଅବଶ୍ୟ ବହୁ ଦିନରୁ ପୁଲିସ ସେ ଦିଗରେ ପ୍ରସ୍ତୁତ ହେଉଥିଲା । ପୂର୍ବରୁ କୁହାଯାଇଛି ବିପ୍ଳବୀ ଉପେନ୍ଦ୍ରନାଥଙ୍କୁ ହାତକଡ଼ି ପିନ୍ଧାଉଥିବା ଲଜ୍ଜାରୁଣ ପୁଲିସ ଲୋକଟି ବେଶ୍ କିଛି କାଳ 'ବନ୍ଦେ ମାତରମ୍'' କାର୍ଯ୍ୟାଳୟରେ ସେବକ ରୂପେ କାମ କରୁଥିଲା !

ସେ ବିପ୍ଳବୀ ଯୁବକ ଗୋଷ୍ଠୀ ସମ୍ପର୍କରେ ପୁଲିସ କେଡ଼େ ସଜାଗ ଥିଲା, ତା'ର ଆଭାସ ସମ୍ବଳିତ ସ୍ପେଶାଲ୍ ବ୍ରାଞ୍ଚ୍ ଡି.ଆଇ.ଜି.ଙ୍କ ବିବରଣୀର କିୟଦଂଶ :

''୩୨ ନମ୍ବର ମୁରାରିପୁକୁର ଲେନ୍‌ରେ ଥିବା ଅରବିନ୍ଦ ଘୋଷ ଏବଂ ତାଙ୍କ ଭାଇ ବାରୀନ୍ଦ୍ର କୁମାର ଘୋଷଙ୍କ ସମ୍ପତ୍ତି ସମ୍ପର୍କରେ ବଙ୍ଗଳା ସି.ଆଇ.ଡ଼ି. ଜାଣିଲା ୧୯୦୮ ମସିହା ଆରମ୍ଭରେ । ସେ ବାଗାନ ଉପରେ ଦୃଷ୍ଟି ରଖାଗଲା ଏବଂ ଯୁବକମାନଙ୍କ ଗତିବିଧି ଅନୁସରଣ କରାଗଲା ।... କେତେଜଣ ଦିନେ ଚନ୍ଦନନଗର ଗଲେ । କିନ୍ତୁ ସେଠାରେ ପହଞ୍ଚିବା ପରେ ପୁଲିସ ଆଉ ସେମାନଙ୍କୁ ଠାବ କରି ପାରିଲା ନାହିଁ । ସେହି ରାତିରେ ଚନ୍ଦନନଗର ମେୟରଙ୍କ ଘର ଭିତରକୁ ବୋମା ଫୋପଡ଼ା ଯାଇଥିଲା । ତାହା ଏପ୍ରିଲ ୧୦ ତାରିଖର କଥା । ସେ ମାସ ଶେଷ ବେଳକୁ ସି.ଆଇ.ଡ଼ି. ଖବର ପାଇଲା ଦୁଇଜଣ ଯୁବକ କିଂସ୍‌ଫୋର୍ଡକୁ ହତ୍ୟା କରିବା ନିମନ୍ତେ ମୁଜାଫରପୁର ଯାଇଛନ୍ତି । କିନ୍ତୁ ସେଠାରେ ପୁଲିସ ଖୋଜାଖୋଜି କରି ସନ୍ଦେହଜନକ କୌଣସି ବଙ୍ଗୀୟ ଯୁବକକୁ ଦେଖିଲା ନାହିଁ ।''[୬]

ସେ ଦୀର୍ଘ ବିବରଣୀରୁ ଜଣାଯାଏ ପୁଲିସ ଯଥାସମ୍ଭବ ସତର୍କ ରହି ମଧ୍ୟ ସେ ଯୁବକମାନଙ୍କର ଗତିବିଧିର ରହସ୍ୟ ଉନ୍ମୋଚନ କରିପାରୁ ନଥାଏ ।

ପୂର୍ବବର୍ଣ୍ଣିତ ପ୍ରେସିଡେନ୍‌ସି ମାଜିଷ୍ଟ୍ରେଟ୍ ଥର୍ଣ୍ଣହିଲ୍‌ଙ୍କ ସହ ସାକ୍ଷାତ୍ ଅନ୍ତେ ଶ୍ରୀଅରବିନ୍ଦ ଏବଂ ଆଉ କେତେଜଣଙ୍କୁ ଆଲିପୁର କୋର୍ଟକୁ ନିଆଗଲା । ସେଠାକାର ମାଜିଷ୍ଟ୍ରେଟ ତାଙ୍କ ଭିତିରିଆ କୋଠରି ଭିତରୁ ଆଦେଶ ଦେଲେ ଯେ ସେମାନଙ୍କୁ କାରାଗାରରେ ଭର୍ତ୍ତି କରାଯାଉ । ସେହି ଅବକାଶରେ କେହି ଜଣେ ଅଜ୍ଞାତ ବ୍ୟକ୍ତି ଶ୍ରୀଅରବିନ୍ଦଙ୍କୁ ମୃଦୁ କଣ୍ଠରେ ଜଣାଇଲେ କି ତାଙ୍କୁ ଏକାକୀ ଗୋଟାଏ କକ୍ଷରେ ରଖାଯିବ ଏବଂ କେହି ତାଙ୍କୁ ଭେଟି ପାରିବେ ନାହିଁ ବୋଲି ଆଦେଶନାମା ତାଙ୍କ ଆଖିରେ ପଡ଼ିଛି । ତାଙ୍କ ଘରକୁ କିଛି ବାର୍ତ୍ତା ପଠାଇବାର ଥିଲେ ସେ ଏବେ କହନ୍ତୁ । ଶ୍ରୀଅରବିନ୍ଦ ତାଙ୍କୁ ଜଣାଇଲେ କି ଆବଶ୍ୟକୀୟ ବାର୍ତ୍ତା ସେ ପଠାଇ ସାରିଛନ୍ତି ।

ସେ ଅଜ୍ଞାତ ବ୍ୟକ୍ତିଙ୍କର ସେହି ସହାନୁଭୂତି ଭିତରେ ଶ୍ରୀଅରବିନ୍ଦ ଦେଶବାସୀଙ୍କ ସହୃଦୟତାର ସ୍ପନ୍ଦନହିଁ ଅନୁଭବ କରିଥିଲେ ।[୭] ଶ୍ରୀଅରବିନ୍ଦ ଏକଥାଟି ଉଲ୍ଲେଖ କରିବା ଭିତରେ ଆମେ ଅନୁଭବ କରିପାରୁଁ ତାଙ୍କ ନିଜର ସ୍ୱତଃସ୍ଫୂର୍ତ୍ତ ବିନୟବୋଧ ଓ କୃତଜ୍ଞତା ଭାବ – ଯାହା ତାଙ୍କର 'କାରାକାହାଣୀ' ଏବଂ 'ଉତ୍ତରପଡ଼ା' ଅଭିଭାଷଣ ପଢ଼ିଲା ବେଳେ ଆମକୁ ବାରଂବାର ଅଭିଭୂତ କରେ ।

ଶ୍ରୀଅରବିନ୍ଦ ଏବଂ ତାଙ୍କ ସହ ଥିବା ଅନ୍ୟ ଦୁଇଜଣଙ୍କୁ କାରାଗାରର କର୍ମଚାରିବୃନ୍ଦଙ୍କୁ ହସ୍ତାନ୍ତର କରାଗଲା । ଚାରିଦିନ ପରେ ଯାଇ ସେ ତିନିଜଣଙ୍କୁ ''ସ୍ନାନର ସ୍ୱର୍ଗୀୟ ସୁଖ'' ମିଳିଲା । ଶ୍ରୀଅରବିନ୍ଦ କଏଦୀ ପୋଷାକ ପିନ୍ଧି ତାଙ୍କ 'ଏକକ' କକ୍ଷରେ ପ୍ରବେଶ କଲେ । କବାଟ ବାହାରୁ ଚାବିବନ୍ଧ ହେଲା । ଆରମ୍ଭ ହେଲା ତାଙ୍କ କାରାଜୀବନ । ଏହା ୧୯୦୮ ମସିହା ମେ ୫ ତାରିଖର ଘଟଣା ।

ମେ ୧୯ ତାରିଖ ଦିନ ଇନ୍‌ସପେକ୍‌ଟର ପି. ସି. ବିଶ୍ୱାସ ପ୍ରଥମ 'ତଥ୍ୟ ବିବରଣୀ' ପେସ କଲେ । ସାରାଂଶ :

''ବହୁ ଗୋପନୀୟ ସୂତ୍ରରୁ ପୁଲିସ ବିଭାଗ ଜାଣିବାକୁ ପାଇଲେ ଯେ ଭାରତବର୍ଷରୁ ବିଦେଶୀ ଶାସନକୁ ଉତ୍‌ଖାତ କରିବା ନିମନ୍ତେ ଦଳେ ଯୁବକ ନାନାପ୍ରକାର ଯୋଜନା କରୁଛନ୍ତି ଏବଂ କଲିକତାର ବିଭିନ୍ନ ସ୍ଥାନରେ ସେମାନଙ୍କର ଗୁପ୍ତ ସମିତିମାନ ରହିଛି । ସେସବୁ ଭିତରୁ ମୁଖ୍ୟ ହେଲେ (୧) ମୁରାରିପୁକୁର ଲେନ୍‌ରେ ଅବସ୍ଥିତ ଶ୍ରୀଅରବିନ୍ଦ ଏବଂ ତାଙ୍କ ଭ୍ରାତୃବର୍ଗଙ୍କ ଉଦ୍ୟାନ ଭବନ, (୨) ନଂ: ୩, ସ୍କଟ୍‌ସ୍ ଲେନ୍‌ରେ ଶ୍ରୀଅରବିନ୍ଦଙ୍କ ସାମୟିକ ବାସସ୍ଥାନ, (୩) ନଂ: ୩୮ଏ, ରାଜା ନବକିସେନ୍ ଷ୍ଟ୍ରିଟ୍ ଯେଉଁଠାରେ ହେମଚନ୍ଦ୍ର ଦାସ ବିସ୍ଫୋରକ ମାରଣାସ୍ତ୍ରମାନ ପ୍ରସ୍ତୁତ କରୁଥିଲେ, (୪) ନଂ: ୧୫, ଗୋପୀମୋହନ ଦତ୍ତ ଲେନ୍ ଯହିଁ ସେସବୁ ବିସ୍ଫୋରକ ଗଚ୍ଛିତ ରହୁଥିଲା, (୫) ନଂ: ୪ ହାରିସନ୍ ରୋଡ୍ ଯହିଁ 'ଯୁଗାନ୍ତର' ପୁସ୍ତକ ଭଣ୍ଡାର ଖୋଲା ଯାଇଥିଲା, (୬) ନଂ: ୩୦.୨, ହାରିସନ୍ ରୋଡ୍ ଯହିଁ ବିପ୍ଳବୀମାନେ ବୈଠକରେ ମିଳିତ ହେଉଥିଲେ । (୭) ନଂ: ୪୮ ଗ୍ରେ ଷ୍ଟ୍ରିଟ୍‌ରେ ଅବସ୍ଥିତ 'ନବଶକ୍ତି' କାର୍ଯ୍ୟାଳୟ ଯେଉଁ କୋଠାକୁ ଶ୍ରୀଅରବିନ୍ଦ ସଦ୍ୟ ଆସିଥିଲେ, ଇତ୍ୟାଦି ।

ତତ୍‌ପରେ ବିବରଣୀଟିରେ ମାଣିକତଳା ବାଗାନରୁ ଗିରଫ ହୋଇଥିବା ଯୁବକମାନଙ୍କ ନାମ ଦିଆଯାଇଛି । ସେମାନେ ହେଲେ, (୧) ବାରୀନ୍ଦ୍ର କୁମାର ଘୋଷ, (୨) ଇନ୍ଦୁଭୂଷଣ ରାୟ, (୩) ଉଲ୍ଲାସକର ଦତ୍ତ, (୪) ଉପେନ୍ଦ୍ରନାଥ ବାନାର୍ଜି, (୫) ଶିଶିର କୁମାର ଘୋଷ, (୬) ନଳିନୀ ଗୁପ୍ତ, (୭) ସଚୀନ୍ଦ୍ର କୁମାର ସେନ୍, (୮) ପରେଶ ଚନ୍ଦ୍ର ମୌଳିକ, (୯) କୁଞ୍ଜଲାଲ ସିହ୍ନା, (୧୦) ବିରାଜ କୁମାର ନାଗ, (୧୧) ନରେନ୍ଦ୍ର ନାଥ ବକ୍ସି, (୧୨) ପୂର୍ଣ୍ଣଚନ୍ଦ୍ର ସେନ୍, (୧୩) ହେମେନ୍ଦ୍ର ନାଥ ଘୋଷ, (୧୪) ବିଭୂତି ଭୂଷଣ ସରକାର, (୧୫) ନିଧି ଉରିଆ, (୧୬) ପାନୁ ଉରିଆ, (୧୭) ସଚୀନ୍ଦ୍ର ନାଥ ଚାଟାର୍ଜି ଏବଂ (୧୮) ଇନ୍ଦୁଭୂଷଣ ବୋଷ ।

ଶେଷୋକ୍ତ ଚାରିଜଣଙ୍କୁ ତୁରନ୍ତ ଜାମିନ ଦିଆଯାଇଥିଲା । ସେମାନେ ସେଠାକାର ବାସିନ୍ଦାମାନଙ୍କ ଅନ୍ତର୍ଭୁକ୍ତ ନଥିଲେ । ସମ୍ଭବତଃ ଦୈବାତ୍ ସେ ପରିସର ଭିତରେ ପଶିଯାଇଥିଲେ ।

ବିଦ୍ରୋହ, ବିପ୍ଳବ ସଂଗଠନ ସମ୍ପର୍କୀୟ ବହୁ କାଗଜପତ୍ର, ବନ୍ଧୁକ, ବିସ୍ଫୋରକ ସାମଗ୍ରୀ, ରିଭଲଭର, ରାଇଫଲ୍, ଡିନାମାଇଟ୍ ଇତ୍ୟାଦି ଉଦ୍ଧାର କରାଯାଇଛି ।

ନବଶକ୍ତି କାର୍ଯ୍ୟାଳୟରୁ ଗିରଫ ହୋଇଛନ୍ତି ଅରବିନ୍ଦ ଘୋଷ, ଅବିନାଶ ଭଟ୍ଟାଚାର୍ଯ୍ୟ ଓ ଶୈଳେନ୍ଦ୍ର କୁମାର ବୋଷ । ସେମାନଙ୍କ ନିକଟରୁ ପ୍ରଚୁର ଆପତ୍ତିଜନକ କାଗଜପତ୍ର ଜବତ କରାଯାଇଛି ।

ଏହାପରେ ଉକ୍ତ ବିବରଣୀ ବାରୀନ୍ଦ୍ର କୁମାର, ଉଲ୍ଲାସକର ଇତ୍ୟାଦି କିପରି ସେମାନଙ୍କର ବୈପ୍ଳବିକ ଆନ୍ଦୋଳନ ସମ୍ପର୍କରେ, ଇଂରେଜମାନଙ୍କୁ ବିବ୍ରତ, ଭୟଭୀତ କରି ଭାରତରୁ ତଡ଼ିବାର ଯୋଜନାମାନ ପୁଲିସ କର୍ତ୍ତୃପକ୍ଷ ଆଗରେ ବିବୃତ କରିଛନ୍ତି, ତାହା ଲିପିବଦ୍ଧ କରିଛି ।(୮)

ବାରୀନ୍ଦ୍ର କୁମାରଙ୍କ ମନୋବୃତ୍ତି ଥିଲା ଅଦ୍ଭୁତ । ଗଭର୍ଣ୍ଣରଙ୍କ ଗାଡ଼ି ଉପରେ ଆକ୍ରମଣ କରି ତାଙ୍କ ଦେହରକ୍ଷୀ ଓ ସହକାରୀମାନଙ୍କୁ ବିନାଶ କରିବାଠୁଁ ଆରମ୍ଭ କରି ମୁଜାଫରପୁରଠାରେ କିଂସ୍‌ଫୋର୍ଡ଼ ଭ୍ରମରେ ଦୁଇ ଇଂରେଜ ମହିଳାଙ୍କ ନିଧନ ପର୍ଯ୍ୟନ୍ତ ସମସ୍ତ ଯୋଜନା ତାଙ୍କରି ଓ ତାଙ୍କ ସତୀର୍ଥମାନଙ୍କର ବୋଲି ସ୍ୱୀକାର କରି ଦେଶବାସୀଙ୍କ ଆଗରେ ସାହସର ଦୃଷ୍ଟାନ୍ତ ରଖିବେ ବୋଲି ସେ ସମ୍ଭବତଃ ବିଶ୍ୱାସ କରୁଥିଲେ । ଅଥବା ସେ ଏବଂ ଆଉ କେତେଜଣ ବିଶ୍ୱସ୍ତ ସହକର୍ମୀ ଏସବୁ କାର୍ଯ୍ୟକଳାପ ସକାଶେ ଦାୟୀ ବୋଲି ଦର୍ଶାଇଲେ ସେହିମାନଙ୍କୁ ଫାଶୀରେ ଝୁଲାଇ ବିଦେଶୀ ଶାସନକଳ ପ୍ରୀତ ହେବ ଏବଂ ଅନ୍ୟ ସହକର୍ମୀମାନେ ବର୍ତ୍ତିଯାଇ ଅନୁରୂପ କାର୍ଯ୍ୟକଳାପ ବଜାୟ ରଖିବେ ବୋଲି ସେ ବିଶ୍ୱାସ କରୁଥିଲେ । ପୁଲିସ କର୍ତ୍ତା ଡାଲିଙ୍କ ପ୍ରଦତ୍ତ ଅନ୍ୟ ଏକ ବିବରଣୀରେ ଆମେ ପଢ଼ୁଁ :

''ଗିରଫ ହୋଇଥିବା ଯୁବକମାନଙ୍କ ଭିତରେ ସର୍ବପ୍ରଥମେ ସ୍ୱୀକାରୋକ୍ତି ଦେଇଛନ୍ତି ସ୍ୱୟଂ ବାରୀନ୍ଦ୍ର କୁମାର ଘୋଷ । ସେ କିପରି ବରୋଦାକୁ ଆସିଲେ, ତା'ପରେ ବିପ୍ଳବର ଆଦର୍ଶ ଧରି ସାରା ଦେଶ ବୁଲି ଶରୀରଚର୍ଚ୍ଚା ନାମରେ ଯୁବ କେନ୍ଦ୍ରମାନ ଗଠନ କରି ସଭ୍ୟମାନଙ୍କୁ ରାଜନୀତିରେ ଉଦ୍‌ବୁଦ୍ଧ କଲେ ସେ ଏସବୁ ବର୍ଣ୍ଣନା କରିଛନ୍ତି ।''(୯)

ଏଭଳି ଆଚରଣ କରିବେ ବୋଲି ବାରୀନ୍ଦ୍ର କୁମାର ଶ୍ରୀଅରବିନ୍ଦଙ୍କୁ ପୂର୍ବରୁ କୌଣସି ଆଭାସ ଦେଇ ନଥିଲେ । ଆମେ ଜାଣୁ, ସେ ତାଙ୍କର ସମସ୍ତ ଉଲ୍ଲେଖଯୋଗ୍ୟ କର୍ମ ଶ୍ରୀଅରବିନ୍ଦଙ୍କ ଦ୍ୱାହି ଦେଇ କରୁଥିଲେ ମଧ୍ୟ ବାସ୍ତବରେ ସେ ନିଜ ଚିନ୍ତାଧାରାହିଁ ଅନୁସରଣ କରୁଥିଲେ ।

ତାଙ୍କର ସେଭଳି 'ସ୍ୱୀକାରୋକ୍ତି'କୁ ପୁଲିସ ଏହିଭଳି ବ୍ୟାଖ୍ୟା କରୁଥିଲେ :

''ବାରୀନ୍ଦ୍ର କୁମାର ସ୍ୱୀକାରୋକ୍ତି ଦେବାର କାରଣ ସମ୍ପର୍କରେ ଆମେ ନିଃସନ୍ଦେହ । ତାଙ୍କର ମୁଷ୍ଟିମେୟ ସହକର୍ମୀ ବ୍ୟତିରେକେ ଅନ୍ୟମାନେ ସେଭଳି କାର୍ଯ୍ୟକଳାପରେ ଜଡ଼ିତ ନୁହନ୍ତି, ସେ ଏହାହିଁ ପ୍ରତିପାଦନ କରିବାକୁ ଚାହୁଁଥିଲେ ... ତାଙ୍କ ଭଳି ଲୋକଙ୍କ ଧାରଣା ନିଜ ଉପରକୁ ଦୋଷ ନେଇ ସ୍ୱୀକାରୋକ୍ତି ଦେଲେ ପୁଲିସ ଅକ୍ଲେଶରେ ତାହା ବିଶ୍ୱାସ କରିନେବ ।... ଏଭଳି ସ୍ୱୀକାରୋକ୍ତିର ଅର୍ଦ୍ଧେକ ମଧ୍ୟ ସତ୍ୟ ନୁହେଁ ।''[(୧୦)]

ଶ୍ରୀଅରବିନ୍ଦଙ୍କ ପ୍ରତିକ୍ରିୟା କ'ଣ ହେଲା ? ଯେତେବେଳେ ପୁଲିସ ଶ୍ରୀଅରବିନ୍ଦ, ଅବିନାଶ ଭଟ୍ଟାଚାର୍ଯ୍ୟ ଏବଂ ଶୈଲେନ୍‌ଙ୍କୁ ବଡ଼ ଆହ୍ଲାଦରେ ଏ ସ୍ୱୀକାରୋକ୍ତିର ସମ୍ବାଦ ଦେଲା, ପ୍ରଥମେ ସେମାନେ ବିଶ୍ୱାସ କଲେ ନାହିଁ । ସେତେବେଳେ ସେ ତିନିଜଣ ବିଚାରାଳୟରୁ ଆଲିପୁର କାରାଗାର ଅଭିମୁଖେ ଯାଉଥିଲେ । ଅବିନାଶ ଭଟ୍ଟାଚାର୍ଯ୍ୟ ଲେଖିଛନ୍ତି, ''ପୁଲିସର ନିର୍ଦ୍ଦେଶ ଅନୁସାରେ ଆମେ ଘୋଡ଼ାଗାଡ଼ିରେ ପ୍ରବେଶ କରିଛୁଁ, ପୁଲିସ ବାହିନୀ ଓ ଜନତା ଭେଦ କରି ମୋ ସାନଭାଇ ଉପେନ୍ଦ୍ର ଆମ ଆଡ଼କୁ ଖଣ୍ଡିଏ ଦୈନିକ ପତ୍ରିକା ଫୋପାଡ଼ି ଦେଇ ଚୁପ୍‌ଚାପ ଅପସରି ଗଲା । ସେତେବେଳେ ତାକୁ ବାର, ତେର ବର୍ଷ ବୟସ । ଆମେ ସମ୍ବାଦ ପତ୍ରଟି ପଢ଼ି ଦେଖିଲୁଁ, ବାରୀନ୍ଦ୍ର ସ୍ୱୀକାରୋକ୍ତି ଦେଇଥିବା କଥାଟି ସତ୍ୟ । ଅରବିନ୍ଦ ବାବୁ ଖାଲି ଏତିକି କହିଲେ : ''ବାରୀନ୍‌ର କ'ଣ ମସ୍ତିଷ୍କ ବିକୃତି ଘଟିଲା ?''[(୧୧)]

(କ୍ରମଶଃ)

❑❑❑

---

## ତଥ୍ୟ ନିର୍ଦ୍ଦେଶିକା


୧. ଶ୍ରୀଅରବିନ୍ଦ : Essays Divine and Human; CWSA, Vol. 12
୨. The Statesman, Kolkata, 13 May, 1908
୩. Terrorism in Bengal, Vol. 1; Collected & Edited by Amiya K. Samanta, Director, Intelligence Branch, Govt. of West Bengal, 1995
୪. ''ଅଗ୍ନିଯୁଗେର୍ ଅଗ୍ନିକଥା'' (ବଂଗଳା); ସଂକଳନ ଓ ସଂପାଦନା : ଅଂଶୁମାନ ବନ୍ଦୋପାଧ୍ୟାୟ, ଶ୍ରୀଅରବିନ୍ଦ ଆଶ୍ରମ ପ୍ରକାଶନ ବିଭାଗ; ତଥା The Statesman, 19 June, 1908
୫. The Statesman, 11May, 1908
୬. Terrorism in Bengal, Vol. 1
୭. ଶ୍ରୀଅରବିନ୍ଦ : Writings in Bengali; SABCL, Vol. 4.
୮. A. G. Noorani : Indian Political Trials, 1775 - 1947; Oxford University Press, New Delhi.
୯. Terrorism in Bengal, Vol. 1
୧୦. Terrorism in Bengal, Vol. 1
୧୧. ଅବିନାଶ ଭଟ୍ଟାଚାର୍ଯ୍ୟ : ''ଅରବିନ୍ଦ'', ପ୍ରଥମେ କଳିକତାର 'ଗନ୍ଧଭାରତୀ'ରେ ପ୍ରକାଶିତ । ବହୁ ସଂକଳନରେ ପୁନଃମୁଦ୍ରିତ ।

# ମାୟାମୟ ଜଗତ୍

## (୧)

## ନଳିନୀକାନ୍ତ ଗୁପ୍ତ

ଜଗତଟା ଯେ କେତେଟା ମାୟାମୟ ତା' ପ୍ରାଚୀନ ଯୁଗର ବୌଦ୍ଧ ଯୋଗାଚାରୀ ବା ସୌତାନ୍ତ୍ରିକଙ୍କଠାରୁ ଆରମ୍ଭ କରି ଆଧୁନିକ ଯୁଗର ବୈଜ୍ଞାନିକମାନଙ୍କ ପର୍ଯ୍ୟନ୍ତ ସମସ୍ତେ ପ୍ରମାଣ କରି ଦେଇଛନ୍ତି । ପ୍ରାଚୀନକାଳରେ ଏକ ଆଧୁନିକ ଦୃଷ୍ଟି ପାଖରେ ଜଗତ୍ ଯେ ମିଥ୍ୟା, ମରୀଚିକା, ମତିଭ୍ରମ – ଦାର୍ଶନିକମାନଙ୍କ କଥାରେ, ବିଜ୍ଞାନ-ବିଜୃମ୍ଭନ (କଳ୍ପନା) ମାତ୍ର – ତାହା ଆମମାନଙ୍କୁ ବେଶ୍ ଜଣା ଥିଲା । ବୈଜ୍ଞାନିକମାନେ ସେଇ ଦଳରେ ନୂଆ କରି ଯୋଗ ଦେଇଛନ୍ତି । ଏଡିଂଟନ୍ କହିଛନ୍ତି, ଏଇ ଯେଉଁ ବ୍ରହ୍ମାଣ୍ଡ ଦେଖୁଛ, ଯେଉଁ ପ୍ରକୃତି, ତା' ମଧ୍ୟରେ ଏଇ ଯେଉଁସବୁ ରୂପ ଓ କ୍ରିୟା ଓ ବିଧାନ ସବୁକିଛିହିଁ ମନର ରଚନା – ମନର ଦର୍ପଣରେ ଯେ ସେସବୁ ପ୍ରତିଫଳିତ ହୋଇଛି ତା' ନୁହେଁ, ମନଠାରୁହିଁ ସେସବୁ ଉତ୍ସାରିତ ଏବଂ ପ୍ରକ୍ଷିପ୍ତ ହୋଇଛି । ମନର ବାହାରେ ଗୋଟାଏ କିଛି ସ୍ୱାଧୀନ, ସ୍ୱତନ୍ତ୍ର ସତ୍ତା ଓ ସଦ୍‌ବସ୍ତୁ ଥାଇପାରେ, କିନ୍ତୁ ତା'ର ପରିଚୟ ପାଉ ନାହିଁ, ମନ ମଧ୍ୟରେହିଁ ଆମେ ଆବଦ୍ଧ – ବୌଦ୍ଧ ଶ୍ରମଣଙ୍କ ସହିତ ଏକ ସୁରରେ ଆମମାନଙ୍କୁ ଗାଇବାକୁ ହୁଏ – ''ମନୋ ପୁବ୍‌ବଙ୍ଗମା ଧମ୍ମା ମନୋ ସେଠ୍‌ଠା ମନୋ ମୟା ।'' 'ଏଡିଂଟନ୍' ତେଣୁ କହିଛନ୍ତି କବି ଯେଉଁଭଳି ତାଙ୍କର କାବ୍ୟ ରଚନା କରନ୍ତି, କାବ୍ୟର ଅସ୍ତିତ୍ୱ ଯେପରି କବିଙ୍କ ମସ୍ତିଷ୍କ ବ୍ୟତୀତ ଅନ୍ୟ କେଉଁଠି ନାହିଁ, ଠିକ୍ ସେହିପରି – ଅନ୍ତତଃ ଅନେକଟା ସେହିପରି – ଏଇ ବିଶ୍ୱ ବି ରହିଛି ମନୁଷ୍ୟର ମନରେ, ଦ୍ରଷ୍ଟାର ଦୃଷ୍ଟି ମଧ୍ୟରେ – ଏ ଦୁଇଟି ମଧ୍ୟରେ ପାର୍ଥକ୍ୟ ଖୁବ୍ ବେଶୀ ନାହିଁ ।

ବୈଜ୍ଞାନିକମାନେ ଜଗତକୁ କହିଛନ୍ତି ଅବାସ୍ତବ, କଳ୍ପନାତ୍ମକ । – ଏହା କିପରି କଥା ? କଥାଟା କିନ୍ତୁ ଠିକ୍ ଏହିପରି ହୋଇ ରହିଛି । ବୈଜ୍ଞାନିକ ଅର୍ଥାତ୍ ଜଡ଼ବିଜ୍ଞାନବେତ୍ତା ଅନ୍ୟ ଜଗତର ଖବର ରଖନ୍ତି ନାହିଁ, ସେଗୁଡ଼ିକ ସମ୍ବନ୍ଧରେ କିଛି କହି ପାରନ୍ତି ନାହିଁ, କିନ୍ତୁ ତାଙ୍କ ନିଜର ଜଗତ୍, ସ୍ଥୂଳଭୌତିକ ଜଗତ୍ ତାଙ୍କ ଦୃଷ୍ଟିରେ ଏହିପରି ହୋଇଉଠିଛି – ଗାଣିତିକ ସୂତ୍ରରେ ପର୍ଯ୍ୟବସିତ ହୋଇଅଛି । ବୈଜ୍ଞାନିକଗଣ ଯେଉଭଳି ଜୋର୍ କରି ସ୍ଥୂଳ ହସ୍ତରେ ପ୍ରକୃତିକୁ ଚାପି ଧରିଥିଲେ ଏଇୟା କହି ଯେ – କଠିନ, କଠୋର ଜଡ଼ ଛଡ଼ା ଏହା ଆଉ କିଛି ନୁହେଁ, ସେହିପରି ଅକସ୍ମାତ୍ ସଭୟେ ସେମାନେ ଦେଖିବାକୁ ଆରମ୍ଭ କଲେ ଯେ କେତେବେଳେ କିପରି ତାଙ୍କ ହାତ ଅଙ୍ଗୁଳିର ଫାଙ୍କଦେଇ ସେଇ କଠିନ, ନିରାଟ, ଦୃଢ଼ ପଦାର୍ଥଟି କ୍ରମେ କ୍ରମେ ତରଳି ଯାଇ ପୁଣି ବାଷ୍ପ ହୋଇ ଉଠିଚାଲିଛି, ଅଶରୀରୀ ହୋଇ । ଭାବର ବସ୍ତୁ ହୋଇଯାଇଛି; ତିଆରି ହୋଇଛି ବୟାନବେ (୯୨)ଟି ମୂଳ ଜଡ଼ ପରମାଣୁ ଦ୍ୱାରା ନୁହେଁ, ଅସଲରେ ତିଆରି ହୋଇଛି ''ସମ୍ଭାବନାର ଢେଉ'' ଦ୍ୱାରା – ଚିନ୍ତାର ସୂକ୍ଷ୍ମ ପ୍ରବାହ ବା ସୂକ୍ଷ୍ମାତିସୂକ୍ଷ୍ମ କଣା ଦ୍ୱାରା ।

କିଭଳି, ଟିକିଏ ବୁଝାଇ କହିବା । ପ୍ରସଙ୍ଗଟିକୁ ଦୁଇ ଆଡୁ ଧରା ଯାଇପାରେ । ପ୍ରଥମଟି ହେଲା – ଯାହାକୁ ଆମେ କହୁ ବାସ୍ତବ ବା ବିଷୟ ତାକୁ ବିଶ୍ଳେଷଣ କରି, ଆଉ ଦ୍ୱିତୀୟଟି ହେଲା ବିଷୟ ନୁହେଁ, ବିଷୟୀକୁ, – ଜ୍ଞେୟ ନୁହେଁ, ଜ୍ଞାନର ସ୍ୱରୂପକୁ ବିଶ୍ଳେଷଣ କରି । ପ୍ରଥମଟି ହେଲା ବିଜ୍ଞାନର ପଥ, ଦ୍ୱିତୀୟଟି ଦାର୍ଶନିକଙ୍କ ପଥ – ତେବେ ଶେଷୋକ୍ତ ଧାରାଟି ଆଜିକାଲି ଅନେକ ବୈଜ୍ଞାନିକଙ୍କୁ କିଛି ନା କିଛି ଅବଲମ୍ବନ କରିବାକୁ ହୋଇଛି । ବୈଜ୍ଞାନିକ ଗବେଷଣା ବୈଜ୍ଞାନିକଙ୍କୁ ଅବଶେଷରେ ଏପରି କୋଣଠେସା ବା ଏକଘରିଆ କରି ପକାଇଛି ଯେ ବାଧ ହୋଇ ତାଙ୍କୁ ଦାର୍ଶନିକ ବନିଯିବାକୁ ପଡ଼ିଛି । ସେ ଯାହା ହେଉ, ପ୍ରଥମେ ପ୍ରଥମ ଧାରାଟି କଥା କୁହାଯାଉ :

ତା'ର ଆରମ୍ଭ ହେଲା ବିଜ୍ଞାନ ଯେତେବେଳେ ଏକାନ୍ତଭାବେ ବୈଜ୍ଞାନିକ ପଦ୍ଧତିକୁହିଁ ଅନୁସରଣ କରି ଚାଲିଲା । ଜଗତଟା କ'ଣ ବୋଲି ଦେଖିବାକୁ ଯାଇ, ବିଜ୍ଞାନ ଅବଶ୍ୟ ପ୍ରଥମେ ସ୍ୱୀକାର କରି ନେଲା – ଏ ବିଷୟରେ କୌଣସି ସନ୍ଦେହ କରିବା ବା ପ୍ରଶ୍ନ ଉଠାଇବାର ଅବକାଶ ନଥିଲା ଯେ, ଜଗତ୍ ହେଲା ସ୍ଥୂଳ, ନିରାଟ ବା ଦୃଢ଼ ଜିନିଷ । ଆମମାନଙ୍କର ଅର୍ଥାତ୍ ମନୁଷ୍ୟମାନଙ୍କ ପ୍ରତ୍ୟୟର ବାହାରେ ଥିବା ଜିନିଷ, ତାହା ଅକାଟ୍ୟ ସତ୍ୟ, ବାସ୍ତବ, ନିଜ ମଧ୍ୟରେହିଁ ତାହା ସ୍ୱୟଂ ପ୍ରତିଷ୍ଠିତ । ତେଣୁ ବିଜ୍ଞାନର ପଦ୍ଧତି ହେଲା ନିରାଟ, ସୁଦୃଢ଼ ସେଇ ବସ୍ତୁଟିକୁ ଭାଙ୍ଗି ଦେଖିବା ତାହା ଭିତରେ କ'ଣ ଅଛି । ସ୍ଥୂଳ ମୋଟା

ରୂପସବୁକୁ ବା ଆକାରଗୁଡ଼ିକୁ ଭାଙ୍ଗି ପ୍ରଥମେ ବାହାର କରା ହେଲା ଅଣୁ (Molecule)। ତା'ପରେ ସେଇ ଅଣୁକୁ ମଧ ଭାଙ୍ଗି ଦିଆଗଲା, ବାହାରିଲା ପରମାଣୁ। ପୁଣି ପରମାଣୁକୁ ବି ପାରି ହୋଇ ଯିବାକୁ ପଡ଼ିଛି। ପରମାଣୁକୁ ବିଭକ୍ତ କରି, ଭାଙ୍ଗି ଆବିଷ୍କାର କରା ହୋଇଛି ବୈଦ୍ୟୁତିକ କଣା ବା ମାତ୍ରା। କିନ୍ତୁ ଏଠାରେ ବି ଶେଷ ନୁହେଁ – ଶେଷ ହୋଇଥିଲେ ଅଡୁଆ ନଥା'ନ୍ତା – ଯେତେ ବିପତ୍ତିର ଆରମ୍ଭ ଏଇଠାରୁହିଁ। ବୈଦ୍ୟୁତିକ ମାତ୍ରା ଜିନିଷଟା କ'ଣ ? କେତେ ପ୍ରକାରର ବା ଶ୍ରେଣୀର ମାତ୍ରା ଧରା ହୋଇଅଛି : – (୧) ଯୋଗ ମାତ୍ରା (ପ୍ରୋଟନ୍), (୨) ବିୟୋଗ ମାତ୍ରା (ଇଲେକ୍ଟ୍ରନ୍), (୩) ଯୋଗ-ବିୟୋଗ ମାତ୍ରା (ନିଉଟ୍ରନ୍), (୪) ଯୌଗିକ ବିୟୋଗ ମାତ୍ରା (ପଜିଟ୍ରନ୍), (୫) ବିୟୋଗଧର୍ମୀ ଯୋଗ ମାତ୍ରା ବି ସମ୍ପ୍ରତି, ଏବେ କୁଆଡ଼େ ଆବିଷ୍କୃତ ହୋଇଛି।[୧] ଏହି ମାତ୍ରାଗୁଡ଼ିକର ସ୍ୱରୂପ ଓ ସ୍ୱଧର୍ମ କ'ଣ ? କୁହାଯାଇଛି ଏମାନେ ହେଲେ ତରଙ୍ଗ ଦିଗରେ ଢେଉ। ଗୋଟାଏ ଆଡ଼େ ସୂକ୍ଷ୍ମ 'କଣା' ହେଲେ ବି କଣାର ବୃତ୍ତି ହେଲା ଢେଉର ବୃତ୍ତି (ସୁନାର ପଥର ବାଟି ?)। ଏଇ ଢେଉ ଯେ କେବଳ କ୍ଷୁଦ୍ରାଦପିକ୍ଷୁଦ୍ର ତା' ନୁହେଁ, ଏସବୁ ପୂରାପୂରି ଅଦୃଶ୍ୟ; ସେଗୁଡ଼ିକର କ୍ରିୟାଫଳ ଦେଖିହିଁ ସେମାନଙ୍କ ଅସ୍ତିତ୍ୱ ଅନୁମାନ କରା ହୁଏ। ଖୁବ୍ ବେଶୀ ନହେଲେ ହୁଏତ କୌଣସିମତେ ବୁଝିହେଲା, ଜଗତଟା ତଥାପି ବାହ୍ୟ ସ୍ଥୂଳ ଜଗତ୍ ହୋଇ ରହିଛି ବୋଲି ସ୍ୱୀକାର କରା ହେଲା (ସେ ସ୍ଥୂଳ ଯେତେ ସୂକ୍ଷ୍ମ ହୋଇଥାଉ ନା କାହିଁକି); କିନ୍ତୁ ଏବେ ପୁଣି କୁହାଯାଉଛି ଯେ, ଏଇ ଯେଉଁସବୁ ତରଙ୍ଗ ଏଗୁଡ଼ିକ (ଅର୍ଥାତ୍ ପ୍ରତ୍ୟେକଟି ଅଲଗା ଅଲଗା ବ୍ୟଷ୍ଟି ବା ସ୍ୱତନ୍ତ୍ର ଏକକ ରୂପ ହିସାବରେ) ବସ୍ତୁର ବା ବାସ୍ତବ ତରଙ୍ଗ ନୁହନ୍ତି, ତରଙ୍ଗର ବା ଢେଉର ସମ୍ଭାବନା ମାତ୍ର – ଏହା କିପରି ହେବ ?

ବିଜ୍ଞାନର ବନିଆଦ (ମୂଳ), ତା'ର ସର୍ବପ୍ରଧାନ ଓ ପ୍ରାୟ ଏକମାତ୍ର ମୂଳ-ସୂତ୍ର ହେଲା ପରିମାଣ ନିର୍ଣ୍ଣୟ ଏବଂ ଏଥିପାଇଁ ଅବଶ୍ୟ-ପ୍ରୟୋଜନ ଯେଉଁ ଆଦି-ପ୍ରକରଣ ତା' ହେଲା ସ୍ଥିତି-ନିର୍ଣ୍ଣୟ। ଜିନିଷର ଓଜନ ଓ ଜିନିଷର ସ୍ଥାନ-କାଳକୁ ନେଇହିଁ ତ ବିଜ୍ଞାନର ସମସ୍ତ ଗବେଷଣା ! କେଉଁ ଜିନିଷ କେତେ (ଓଜନର), କେବେ, କେଉଁ ସ୍ଥାନରେ ଏହି ହିସାବ ଛଡ଼ା ବିଜ୍ଞାନ ନାହିଁ ଏବଂ ଏହି ହିସାବର ପୁଙ୍ଖାନୁପୁଙ୍ଖତାହିଁ ପୂରାପୂରି ନିର୍ଭୁଲ୍ ଓ ଯଥାର୍ଥଭାବେ ଦେଇପାରେ ବୋଲିହିଁ ବିଜ୍ଞାନର ମାହାତ୍ମ୍ୟ।

କିନ୍ତୁ ଦେଖାଯାଏ ଜଗତଟା ଯେତେଦିନ 'ନିଉଟନୀୟ' ଥିଲା ଅର୍ଥାତ୍ ମୋଟା ଅଣୁ ବା ପରମାଣୁର ସମଷ୍ଟି-ମାତ୍ର ଥିଲା ସେତେଦିନ ପର୍ଯ୍ୟନ୍ତ କୌଣସି ଗଣ୍ଡଗୋଳ ଉପସ୍ଥିତ ହୋଇ ନଥିଲା। କିନ୍ତୁ ଯେଉଁ ମୁହୂର୍ତ୍ତରୁ ବୈଦ୍ୟୁତିକ ମାତ୍ରାର ରାଜ୍ୟରେ ଆସି ପଡ଼ିଗଲା ସେତେବେଳୁହିଁ ପ୍ରାୟ ସବୁକିଛି ବିଭ୍ରାନ୍ତ ଓ ବିପର୍ଯ୍ୟସ୍ତ ହୋଇଗଲା। କାରଣ ଏ ରାଜ୍ୟରେ ନିଉଟନୀୟ ପରିମାଣ ହିସାବ ଆଉ ଚଳିଲା ନାହିଁ। ଏଠାରେ ବସ୍ତୁର ବସ୍ତୁ ପରିମାଣ (mass) ଅପରିବର୍ତ୍ତନୀୟ କିଛି ନୁହେଁ – ଗତି ସହିତ ତାହା ବି ପରିବର୍ତ୍ତିତ ହୋଇଚାଲିଛି – ପୁଣି ଗତିର ପରିମାଣ ଯଦି ମପା ହୁଏ, ସ୍ଥାନ ନିର୍ଦ୍ଦେଶ କରା ହୁଏନି, ସ୍ଥାନ ଆବିଷ୍କାର କଲେ ଗତିର ବେଗ ଠିକ୍ ହୁଏନି। ସବୁକିଛିହିଁ ଏଠାରେ ଅନିଶ୍ଚିତ। କେବଳ ତାହା ନୁହେଁ, ଏ ଅନିର୍ଣ୍ଣିତତା କେବଳ ମନୁଷ୍ୟର ଅସମ୍ପୂର୍ଣ୍ଣ ଜ୍ଞାନପ୍ରସୂତ ନୁହେଁ, ବସ୍ତୁର ଗଢ଼ଣରେହିଁ ରହିଛି ଏଇ ଅନିଶ୍ଚୟତା। ପଶା ଖେଳର ଦାନ ପରି ଯେଉଁ ଅନିଶ୍ଚୟତା ସେହିପରି କିଛି। ଅନିଶ୍ଚୟତା ଅର୍ଥ ଏହା ବି ହୋଇପାରେ, ତାହା ବି ହୋଇପାରେ ! ଅର୍ଥାତ୍ ସମ୍ଭାବନାର ଖେଳ। ସୁତରାଂ ବୈଜ୍ଞାନିକ ଜଗତ୍ ଶେଷ ବିଶ୍ଳେଷଣରେ ହୋଇଉଠିଲା ସମ୍ଭାବନା-ରେଖାବଳି-ସମନ୍ୱିତ ଏକ କ୍ଷେତ୍ର।[୨] ଆଉ ନିର୍ଦ୍ଦିଷ୍ଟ ଗୋଟାଏ ବସ୍ତୁ ବା ଜିନିଷ ହେଲା କେତେକ ଯଦୃଚ୍ଛା (chance)ର ସମଷ୍ଟି।

---

୧. (୧) Proton – ପ୍ରୋଟନ୍ – ଯେଉଁ ବିଦ୍ୟୁତ୍‌କଣାର ଭାର (mass) ଅଛି ଆଉ ମାତ୍ରା (charge) ରହିଛି, ଆଉ ଯେଉଁ ମାତ୍ରା ହେଲା ଯୋଗାତ୍ମକ (positive); (୨) Electron – ଇଲେକ୍ଟ୍ରନ୍ – ଯାହାର ଭାର ପ୍ରାୟ ନାହିଁ, ମାତ୍ରା ଅଛି, ସେ ମାତ୍ରା ବିୟୋଗାତ୍ମକ (negative); (୩) Neutron – ନିଉଟ୍ରନ୍ – ଯାହାର କେବଳ ଭାର ଅଛି, ମାତ୍ରା ନାହିଁ; (୪) Positron – ପୋଜିଟ୍ରନ୍ – ଯାହାର ଭାର ନାହିଁ ଆଉ ମାତ୍ରା ହେଲା ଯୋଗାତ୍ମକ; (୫) Meson – ମେଜନ୍ – ଯାହାର ଭାର ଅଛି କିନ୍ତୁ ମାତ୍ରା ବିୟୋଗାତ୍ମକ।

୨. ଆଇନ୍‌ଷ୍ଟାଇନୀୟ ଦୃଷ୍ଟିରେ ଜଡ଼ ଓ ଜଡ଼ଶକ୍ତି ଏକ ଅପୂର୍ବ ପରିଣତି, ପ୍ରାୟ ପରିନିର୍ବାଣ ଲାଭ କରିଛି – ଜଡ଼ ଓ ଜଡ଼ଶକ୍ତି-ଧାରା ଏଠାରେ ହେଲା ଦିକ୍-କାଳ-ଗ୍ରଥିତ ନିରବଚ୍ଛିନ୍ନ ଅବକାଶରେ ବକ୍ରତା ମାତ୍ର (a curvature in space-time continuum)

ଦୃଷ୍ଟି ମଧ୍ୟରେ ଯେତେବେଳେ ବସ୍ତୁ ଆସେ ସେତେବେଳେ ତାହା ଏକ ସ୍ଥିର, ପରିସ୍ଫୁଟ, ପରିଚ୍ଛିନ୍ନ, ନିଃସନ୍ଦେହ, ନିରାଟ, ସୁଦୃଢ଼ ରୂପ ନେଇ ଆସେ – କାରଣ ସେ ସେତେବେଳେ ଏକ ସମଷ୍ଟି, ସମାହାର, ଏକତ୍ରିତ, ସଂଗଠିତ ରୂପ – ତା'ର ମୂଳ ଉପାଦାନର ବିଶ୍ଲିଷ୍ଟ, ବିଚ୍ଛିନ୍ନ ବା ବିଭକ୍ତୀକୃତ ରୂପ ନୁହେଁ । ଦୃଷ୍ଟିର ବାହାରେ, ସ୍ୱରୂପତଃ, ମୂଳତଃ ତା' ହେଲା ଅନିଶ୍ଚିତ ସମ୍ଭାବନା । ସୁତରାଂ ଜଡ଼ ଜଗତଟା ହେଲା ବସ୍ତୁର ଢେଉ ନୁହେଁ, ସମ୍ଭାବନାର ଢେଉ (ତରଙ୍ଗ) ମାତ୍ର । ଆଉ ବୈଜ୍ଞାନିକମାନେ ଏଇ ସମ୍ଭାବନାର ଢେଉ ସମ୍ବନ୍ଧରେ ଯାହା ଜାଣିବାକୁ ପାଆନ୍ତି ବା ଜଣାଇ ପାରନ୍ତି ତା' ହେଲା ଗୋଟାଏ ଛକ ବା ଗାଣିତିକ ସୂତ୍ର ମାତ୍ର । ପଦାର୍ଥବିଦ୍ୟାର ସମସ୍ୟା ହୋଇ ଉଠିଛି ଅଙ୍କର ସମସ୍ୟା ଅର୍ଥାତ୍ ନିଛକ ମାନସରଚନାର ଜିନିଷ । ଜଗତ୍ ଆଉ ଭୌତିକ ନୁହେଁ, ବାସ୍ତବିକ କିଛି ନୁହେଁ, ତା' ହେଲା ନିର୍ବସ୍ତୁକ, ତାତ୍ତ୍ୱିକ କିଛି । ଅବଶ୍ୟ କୁହାଯାଇ ପାରେ, ପଦାର୍ଥବିଦ୍ୟା ଯାହା ଦିଏ ତାହା ହେଲା ବସ୍ତୁ-ବସ୍ତୁ ମଧ୍ୟରେ ସମ୍ବନ୍ଧର ଜ୍ଞାନ, ସେ ସମ୍ବନ୍ଧ ଏକ ସାଧାରଣ ନିର୍ବସ୍ତୁକ (ବସ୍ତୁହୀନ) ତାତ୍ତ୍ୱିକ ଜିନିଷ ହେବ, କିନ୍ତୁ ତା'ର ଅର୍ଥ ନୁହେଁ ବସ୍ତୁ ନାହିଁ ବା ବସ୍ତୁକୁ ଅସ୍ୱୀକାର କରା ହୋଇଛି । କିନ୍ତୁ ଫଳତଃ ତାହାହିଁ ଘଟିଛି – କାରଣ ଆମେ କେବଳ ସମ୍ବନ୍ଧକୁହିଁ ଜାଣୁ – ସମ୍ବନ୍ଧ ଛଡ଼ା, ସମ୍ବନ୍ଧର ବାହାରେ ବସ୍ତୁ ଯେ କ'ଣ ତାହା ଜାଣି ନାହୁଁ, ଜାଣିବାର ଉପାୟ ବି ନାହିଁ । ତା'ହେଲେ ବୈଜ୍ଞାନିକଙ୍କ ଜଗତ୍ ଗଣିତକାରଙ୍କ ମସ୍ତିଷ୍କଗତ ଚିନ୍ତା-ତରଙ୍ଗ ଛଡ଼ା ଆଉ କ'ଣ ?...

(କ୍ରମଶଃ)

(ମୂଳ 'ବାଂଲା' ରଚନାବଳିରୁ ଅନୂଦିତ)

ଅନୁବାଦ : ରାମଚନ୍ଦ୍ର ପାଣି ❑

# ଓହ୍ଲାଇ ଆସ ଜନନୀ

## ଗୋପାଳକୃଷ୍ଣ ପଟ୍ଟନାୟକ

ମରତ ମାଟିର ଊଷର ଛାତିରେ
ଥାପି ପଦ୍ମପାଦ ବେନି,
ଓହ୍ଲାଇ ଆସ ଗୋ ଜଗତ ଜନନୀ
ନବ ଅବତାର ଘେନି ॥୧॥

ଧୂଳିର ଧରଣୀ ସୁବାସିତ କର
ତବ ମଧୁ ମହକରେ,
ନନ୍ଦନ ବନର ରମ୍ୟ ପାରିଜାତ
ଫୁଟୁ ଭବ କାନନରେ ॥୨॥



କାନନ, କେଦାର ନୃତ୍ୟ ରଚୁ ତବ
ପ୍ରେମରେ ମଗନ ହୋଇ,
ନବ ଉଲ୍ଲାସରେ ଫୁଲିଉଠୁ ଧରା
ରଜତ ରୋଶଣି ପାଇ ॥୩॥

ସସ୍ନେହ ଆଶିଷ ପରଶେ ସ୍ପନ୍ଦିତ
ହେଉ ପରାଣ ବଲ୍ଲରୀ,
ଜଡ଼ ଚେତନା ମୋ ପରମ ଚେତନା –
କୁସୁମରେ ଯାଉ ଭରି ॥୪॥

ସ୍ନିଗ୍ଧ ହିରଣ୍ମୟ ଶାଶ୍ୱତ ଚରଣେ
ପ୍ରଣତି ମୋ ଘେନା କର,
କୃପାର ପ୍ରଖର କିରଣରେ ମୋର
ଅହଂ ଦଗ୍ଧୀଭୂତ କର ॥୫॥ ❑

ପୃଥ୍ବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୬୪)

### ଗୁରୁ ଅନ୍ୱେଷଣରେ 'ପବିତ୍ର' :

ଶ୍ରୀଅରବିନ୍ଦ ତାଙ୍କର ଫରାସୀ-ଶିଷ୍ୟ ଫିଲିପ୍ ବାର୍‌ବିୟେ ସଁ୍ୟାତିଲାୟାର୍ (P. B. Saint-Hilaire)ଙ୍କର ନୂତନ ନାମକରଣ କରିଥିଲେ 'ପବିତ୍ର' । ତରୁଣ ପବିତ୍ର ଛବିଶ ବର୍ଷ ବୟସରେ ଆଧ୍ୟାତ୍ମିକ ଜୀବନ-ଯାପନ କରିବା ଉଦ୍ଦେଶ୍ୟରେ ଗୁରୁଙ୍କର ଅନ୍ୱେଷଣରେ ମାତୃଭୂମି ଫ୍ରାନ୍ସରୁ ସୁଦୂର ପ୍ରାଚ୍ୟଦେଶକୁ ତାଙ୍କର ସୁମହାନ୍ ଦୀର୍ଘଯାତ୍ରା ଆରମ୍ଭ କରିଥିଲେ । ଜାପାନରେ ଚାରି ବର୍ଷ ବିତାଇ ଭାରତଭୂମିରେ ପଦାର୍ପଣ କରିବା ପୂର୍ବରୁ ସେ ଚୀନ ଓ ମଙ୍ଗୋଲିଆରେ ବର୍ଷେ କାଳ କଟାଇଥିଲେ । ୧୯୨୫ରେ ପଣ୍ଡିଚେରୀରେ ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କର ସାନ୍ନିଧ୍ୟ ଲାଭ କରି ଗୁରୁ-ଅନ୍ୱେଷଣରେ ତାଙ୍କର ସୁମହାନ୍ ଦୀର୍ଘଯାତ୍ରାର ପରିସମାପ୍ତି ଘଟିଥିଲା ।

ଆଶ୍ରମ ସ୍କୁଲରେ କେତେକ ପୁରାତନ ଛାତ୍ରଙ୍କର ଅନୁରୋଧରେ ଶିକ୍ଷକ ପବିତ୍ର ୮ ଅଗଷ୍ଟ ୧୯୬୪ରେ ଏକ ଅନ୍ତରଙ୍ଗ ଓ ଜ୍ଞାନାଲୋକ ପ୍ରଦାନକାରୀ ଭାଷଣ ଦେଇଥିଲେ । ପବିତ୍ରଙ୍କର ସେଇ ଭାଷଣରୁ ଉଦ୍ଧୃତି :

''ସମ୍ପୂର୍ଣ୍ଣ ଆନ୍ତରିକ ହେବା ସତରେ କେତେ କଷ୍ଟ !

''ମୁଁ ମୋର ପାରୁପର୍ଯ୍ୟନ୍ତ ଠିକ୍ ଠିକ୍ ବର୍ଣ୍ଣନା କରିବାକୁ ଚେଷ୍ଟା କରିବି; କିନ୍ତୁ ତୁମମାନଙ୍କୁ ମୁଁ ମୋର ସୁମହାନ୍ ଦୀର୍ଘଯାତ୍ରାର କେବଳ ସାର-ସଂକ୍ଷିପ୍ତ ବିବରଣୀ ଦେବି । କାରଣ, ମୁଁ କେବେହେଲେ ଏହି ଯାତ୍ରାରେ ଘଟିଥିବା ମୋର ଚିନ୍ତାଧାରା ଓ ଭାବଧାରାର ଉନ୍ନତି-ଅବନତିର ପ୍ରତିଟି ପାବଚ୍ଛ କିଂବା ଏପରିକି ମୋର ପ୍ରତିଟି ଆନ୍ତର ଓ ବାହ୍ୟ ଅନୁଭୂତି ସମ୍ବନ୍ଧେ ସମ୍ପୂର୍ଣ୍ଣ ବିବରଣୀ ଦେଇପାରିବି ନାହିଁ ।...

''୧୯୧୮ରେ ଫ୍ରାନ୍ସରେ ଏକ ମହାମାରୀ ବ୍ୟାପିଲା, ସେତେବେଳେ ଏହାକୁ 'ସ୍ପେନିସ୍ ଜ୍ୱର ବା ଇନ୍‌ଫ୍ଲୁଏନ୍‌ଜା' ବୋଲି କୁହାଯାଉଥିଲା । ଏହି ମହାମାରୀଟି ସମଗ୍ର ପୃଥିବୀର ବିଭିନ୍ନ ଦେଶକୁ ବ୍ୟାପିଯାଇ ବେଶ୍ କିଛି ମାସ ଭିତରେ କୋଡ଼ିଏ ନିୟୁତରୁ ଅଧିକ ଲୋକଙ୍କର ପ୍ରାଣ ନାଶ ଘଟାଇଥିଲା । ସେ ଯାହାହେଉ, ପ୍ରଥମ ବିଶ୍ୱଯୁଦ୍ଧର ବିରତି ସମୟରେ ମୁଁ ଏହି ଜ୍ୱରରେ ଆକ୍ରାନ୍ତ ହେଲି । ସେତେବେଳେ ମୁଁ ଯୁଦ୍ଧକ୍ଷେତ୍ରର ଅଗ୍ରଣୀ ସୈନ୍ୟଦଳରେ ଥିଲି, ଆମେମାନେ ସେଇ ମାତ୍ର ଜର୍ମାନ୍ ଲାଇନ୍‌ସ୍ ଭେଦ କରି ଜର୍ମାନୀ ଆଡ଼କୁ ଅଗ୍ରସର ହେଉଥିଲୁ । ଏହି ଜର୍ମାନ୍ ଲାଇନ୍‌ସ୍‌ରେହିଁ ମୁଁ ଏଇ 'ଫ୍ଲୁ' ଦ୍ୱାରା ଆକ୍ରାନ୍ତ ହେଲି । ଏହାହିଁ ଥିଲା ମୋ ଜୀବନର ଏକ ନିଷ୍ପତ୍ତିମୂଳକ ମୁହୂର୍ତ୍ତ । ଯୁଦ୍ଧକ୍ଷେତ୍ରର କ୍ୟାମ୍ପ-ହସ୍‌ପିଟାଲ୍‌ର ତମ୍ବୁ ତଳେ ଶୋଇ ରହିଥାଏ; ନିତି ସକାଳେ ତିନି-ଚାରି ଜଣ କରି ମରୁଥିଲେ । ମୋର ଏବେ ବି ପରିଷ୍କାର ମନେ ଅଛି ସେଇ ମୁହୂର୍ତ୍ତରେ ମୋର ହୃଦୟରୁ ଏକ ଆକୁଳ ପ୍ରାର୍ଥନା ଜାଗିଉଠି ମୋତେ ଦୃଢ଼ ଭାବରେ କବଳିତ କରି ନେଲା ଏବଂ ମୋ ଭିତରୁ ମୃତ୍ୟୁର ଯାବତୀୟ ଭୟକୁ ଏକେବାରେ ନିଶ୍ଚିହ୍ନ କରିଦେଲା । ଏହା ଥିଲା ଆତ୍ମ-ସମର୍ପଣ, ନିଜକୁ ସମ୍ପୂର୍ଣ୍ଣ ରୂପେ ସମର୍ପଣ କରି ଦେବାର ଭାବ, ଯଦ୍ୱାରା ନିୟତି, ମୋର ଆଧ୍ୟାତ୍ମିକ ନିୟତି, ତାହା ଯାହା ବି ହୋଇଥାଉ ନା କାହିଁକି, ସ୍ୱତଃ ପୂର୍ଣ୍ଣସିଦ୍ଧି ଲାଭ କରିପାରେ । ପ୍ରାର୍ଥନାଟି ଥିଲା ଏହିପରି – ମୋର ଯଦି ମୃତ୍ୟୁ ଅବଶ୍ୟମ୍ଭାବୀ, ତେବେ ମୋର ଏହି ଜୀବନକୁ ନିଃଶେଷରେ, ଐକାନ୍ତିକ ଭାବରେ ସେଇ ପୂର୍ଣ୍ଣସିଦ୍ଧି ନିମିତ୍ତ ସମର୍ପଣ କରି ଦେଉଛି ଏବଂ ଯଦି ମୋର ବଞ୍ଚି ରହିବାର ଥିବ, ତେବେ ନିଶ୍ଚିତ ରୂପେ ମୋର ଜୀବନ ହୋଇଉଠିବ ଭଗବାନଙ୍କ ନିକଟରେ ସମ୍ପୂର୍ଣ୍ଣ ଉତ୍ସର୍ଗୀକୃତ ଏକ ଜୀବନ ।*

* ପ୍ରକୃତରେ କହିବାକୁ ଗଲେ ପବିତ୍ର ତାଙ୍କ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଭଗବାନଙ୍କ ପ୍ରତି ଉତ୍ସର୍ଗୀକୃତ ଜୀବନ-ଧାରାରୁ କେବେ ବି ବିଚ୍ୟୁତ ହୋଇ ନଥିଲେ । ଆଶ୍ରମରେ ୧୬ ମେ ୧୯୬୯ରେ ୭୫ ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କରିବା ଦିନ ଶ୍ରୀମା ନିମ୍ନ ପ୍ରକାରେ ବିବୃତି ଦେଇଥିଲେ : ''ଡାକ୍ତର ତାଙ୍କର ମୃତ୍ୟୁ ହୋଇଛି ବୋଲି ଘୋଷଣା କରିବାର ଯଥେଷ୍ଟ ପୂର୍ବରୁ ସେ ସ୍ୱେଚ୍ଛାରେ

*(ପର ପୃଷ୍ଠାରେ ପାଦଟୀକାର ଅବଶିଷ୍ଟାଂଶ)*

''ସେତେବେଳେ ମୋତେ ଚବିଶ ବର୍ଷ । ସେଇ ମାତ୍ର ଚବିଶ ଅତିକ୍ରମ କରିଛି । ଠିକ୍ ପରେ ପରେ ୧୧ ନଭେମ୍ବରରେ ଯୁଦ୍ଧ-ବିରତି ଘୋଷଣା କରା ହେଲା । ମୋତେ ସୈନ୍ୟ ବିଭାଗରୁ ନିଷ୍କୃତି ମିଳିଲା । ଏହାପରେ ମୋତେ ପଢ଼ାପଢ଼ିରେ ଯୋଗ ଦେବା ଜରୁରୀ ଥିଲା; ମୋର ଉତ୍ସାହ ନଥିବା ସତ୍ତ୍ୱେ ମୋତେ ପୁଣି ସ୍କୁଲରେ ଯାଇ ନାମ ଲେଖାଇବାକୁ ହେଲା । କାରଣ ଏତଦ୍‌ବ୍ୟତୀତ ସେଇ ମୁହୂର୍ତ୍ତରେ ମୋ ହାତରେ ଅନ୍ୟ କିଛି କାର୍ଯ୍ୟ ନଥିଲା ।

''ଚାରି ବର୍ଷ ପୂର୍ବରୁ ମୁଁ ଫ୍ରାନ୍ସର ପଲିଟେକ୍‌ନିକ୍ ସ୍କୁଲର ଛାତ୍ର ଥିଲି । ସ୍କୁଲରେ ଭର୍ତ୍ତି ହେବା ପୂର୍ବରୁ ଫ୍ରାନ୍ସର ଅନ୍ୟ ସମସ୍ତ ତରୁଣମାନଙ୍କ ସଦୃଶ ମୁଁ ମଧ୍ୟ ମିଲିଟାରି ଟ୍ରେନିଂରେ ଯୋଗ ଦେଇଥିଲି । ସ୍କୁଲରେ ବର୍ଷେ ମାତ୍ର ପଢ଼ାପଢ଼ି କରିବା ପରେ ୧୯୧୪ ଅଗଷ୍ଟରେ ଯୁଦ୍ଧ ଘୋଷଣା କରାଯିବାରୁ ମୋତେ ପୁଣି ଗୋଲନ୍ଦାଜ ସୈନ୍ୟବାହିନୀ (ଆର୍ଟିଲାରୀ ରେଜିମେଣ୍ଟ୍)ରେ ଟ୍ରେନିଂ ନେବାକୁ ପଡ଼ିଲା ।... ଏହି ଟ୍ରେନିଂ ସହିତ ଦିନକୁ ଚାରି, ପାଞ୍ଚ ଘଣ୍ଟା ଧରି ଘୋଡ଼ାଚଢ଼ା ଅଭ୍ୟାସ କରିବାକୁ ହେଉଥିଲା । ଅକ୍‌ଟୋବର ମାସ ଶେଷକୁ ଆମେ ଏହି ରେଜିମେଣ୍ଟ୍‌ରେ ସବ୍-ଲେଫ୍‌ଟନାଣ୍ଟ୍ ପଦରେ ଅଗ୍ରଣୀ ସୈନ୍ୟଦଳରେ ନିଯୁକ୍ତି ପାଇଲୁ । ମୁଁ ଏହି ରେଜିମେଣ୍ଟ୍‌ରେ ୧୦୫ଜଣ ସୈନ୍ୟଙ୍କର ଜଣେ ଜୁନିଅର ଅଫିସର ଥିଲି, ଯେଉଁମାନେ କି ନୂତନ କରି ପ୍ରସ୍ତୁତ କରାଯାଇଥିବା ଫ୍ରାନ୍ସର '୪-ଇଞ୍ଚ-ବନ୍ଧୁକ' ବ୍ୟବହାର କରିବା ଶିଖିଥିଲେ ।

''ସେତେବେଳେ, ମୁଁ କିଛି ଲୁଚାଉ ନାହିଁ, ମୁଁ ଜଣେ ଯୁବକ ଥିଲି, ସାଧାରଣତଃ ଏହି ବୟସର ଯୁବକମାନେ ଯେମିତି ଥା'ନ୍ତି,... ମୁଁ କହିପାରିବି ନାହିଁ ଯେ ସେତେବେଳେ ମୋର କୌଣସି ଆଧ୍ୟାତ୍ମିକ ଆସ୍ପୃହା ଥିଲା । ମୁଁ ବାଲ୍ୟକାଳରୁ କ୍ୟାଥୋଲିକ୍ ଧର୍ମ ସମ୍ପ୍ରଦାୟର ପରିବାରରେ ବଢ଼ି ଉଠିଥିଲି । ଯାହାକି ମୋତେ ବିଶେଷ ଭାବରେ ପ୍ରଭାବିତ କରିପାରି ନଥିଲା । ସତ କହିବାକୁ ଗଲେ, ମୁଁ ନିଜକୁ ନିଜେ କୌଣସି ପ୍ରଶ୍ନ ପଚାରି ନଥିଲି । ସେ ଯାହାହେଉ, ଯୁଦ୍ଧକ୍ଷେତ୍ରରେ (ଟ୍ରେଞ୍ଚ୍ ଭିତରେ) ରହିଥିବା ବେଳେ ସମୟ ସମୟରେ ଆମମାନଙ୍କୁ ଅତ୍ୟନ୍ତ ବିପଜ୍ଜନକ ମୁହୂର୍ତ୍ତସବୁ ('hard knocks') ଭିତର ଦେଇ ଯିବାକୁ ପଡ଼ୁଥିଲା, କିନ୍ତୁ ତଥାପି ଏହିସବୁ ଅବସ୍ଥାକୁ ଭୁଲିଯିବା ସକାଶେ କେବେ କେବେ ଆମକୁ ପ୍ରଚୁର ଅବସର ସମୟ ବି ମିଳୁଥିଲା ।

''ଏହି ସମୟରେ, କିପରି କହିବି, ଖୁବ୍ ସମ୍ଭବତଃ ଅଦୃଷ୍ଟଙ୍କର ହସ୍ତକ୍ଷେପରେ, ମୁଁ 'ଆତ୍ମା ସମ୍ବନ୍ଧୀୟ ବିସ୍ମୟକର ତଥ୍ୟାବଳି' ('Psychic Phenomena')ର କେତୋଟି ପୁସ୍ତକ ମୋ ହାତକୁ ଆସିଲା । ସେଗୁଡ଼ିକୁ ମୁଁ ଅତ୍ୟନ୍ତ ଆଗ୍ରହ ସହ ଅଧ୍ୟୟନ କରିବାକୁ ଆରମ୍ଭ କଲି । ଏହିସବୁ ତଥ୍ୟ ସମ୍ବଳିତ ପୁସ୍ତକକୁ ସେ ସମୟରେ ମୋ ବୟସର ବିଜ୍ଞାନ ଛାତ୍ରଗଣ ଆଦୌ ସ୍ପର୍ଶ କରୁ ନଥିଲେ, ଏସବୁ ପୁସ୍ତକକୁ 'ଅତିରିକ୍ତ ବିଜ୍ଞାନ-ସଂକ୍ରାନ୍ତ' (ଏକ୍‌ଷ୍ଟ୍ରା-ସାଇଣ୍ଟିଫିକ୍) ବୋଲି କହି ଦୂରକୁ ଠେଲି ଦେଉଥିଲେ ।

''ସେତେବେଳେ ମୁଁ କିନ୍ତୁ ଯାହାକିଛି କରୁଥିଲି, ଜଣେ ବୈଜ୍ଞାନିକର ମନୋଭାବ ନେଇହିଁ କରୁଥିଲି । ମୁଁ ସ୍ୱଗତଃ କହିଲି, 'ଦେଖ୍, ଏହା ହେଉଛି, ଅର୍ଥାତ୍ ଏହି ପୁସ୍ତକଗୁଡ଼ିକ ହେଉଛି, ଏକ ସ୍ୱୟଂସମ୍ପୂର୍ଣ୍ଣ ଗବେଷଣାର ବସ୍ତୁ ଯାହାକୁ ବିଜ୍ଞାନ କେବେହେଲେ ଅଧ୍ୟୟନ କରେ ନାହିଁ ।' କାହିଁକି ? କେହି ବି ଜାଣନ୍ତି ନାହିଁ । ମୁଁ ଏଥିପୂର୍ବରୁ କେବେହେଲେ ମୋ ନିଜ ସମ୍ବନ୍ଧରେ ନିଜକୁ ପ୍ରଶ୍ନ କରିବାର ଚେଷ୍ଟା ବି କରି ନଥିଲି; ମୁଁ କେବେହେଲେ ଏ ପଦ୍ଧତିରେ ଯଥାର୍ଥ ଅନୁଭୂତି ଲାଭ କରିବାରେ ଆଗ୍ରହ ପ୍ରକାଶ କରି ନଥିଲି । ଉଦାହରଣସ୍ୱରୂପ, ନିଜର ବା ଘଟଣାବଳିର ଭବିଷ୍ୟତ୍ ସମ୍ବନ୍ଧେ ଜାଣିବା ଇତ୍ୟାଦି ବିଷୟରେ କେବେ ବି ଆଗ୍ରହ ପ୍ରକାଶ କରି ନଥିଲି । କିନ୍ତୁ ଅଚାନକ ଭାବରେ ଉପରୋକ୍ତ ପୁସ୍ତକଗୁଡ଼ିକୁ ମୁଁ ଏହି ମନୋଭାବ ସହିତ ଅଧ୍ୟୟନ କରିବାକୁ ଆରମ୍ଭ କଲି ଯେ ଏହି ପ୍ରକାର ତଥ୍ୟ ବା ସୂତ୍ରାବଳି ସତରେ ବିଦ୍ୟମାନ ରହିଛି କି ? ପ୍ରକୃତରେ ଏଗୁଡ଼ିକ ସତ୍ୟ ନା ମିଥ୍ୟା ?...

''ତା'ପରେ ଅଳ୍ପ ଅଳ୍ପ କରି, ଗୋଟିଏ ପୁସ୍ତକରୁ ଅନ୍ୟ ଗୋଟିଏ ପୁସ୍ତକ ପାଠ କରି, ଶେଷରେ ଇଉରୋପରେ

---

ଓ ସଚେତନ ଭାବରେ ଏକ ଅସାଧାରଣ ପ୍ରକ୍ରିୟାରେ ନିଜକୁ ନିଜ ଶରୀରରୁ ଅପସରାଇ ନେଇ ତାଙ୍କର କେନ୍ଦ୍ରୀଭୂତ ଚେତନାକୁ ମୋରି ଚେତନାରେ ତିନି ଘଣ୍ଟାରୁ ଊର୍ଦ୍ଧ୍ୱକାଳ ନିରବଚ୍ଛିନ୍ନ ଭାବରେ ନିଗାଡ଼ୁ ଥିଲେ, ଶେଷ ବିନ୍ଦୁ ପର୍ଯ୍ୟନ୍ତ । ଏହି ଧାରା ଅତ୍ୟନ୍ତ ଚିତ୍ତାକର୍ଷକ ଥିଲା ।... ଅନେକ ଯୋଗୀ, ଏପରିକି ସେମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ଯୋଗୀ ମଧ୍ୟ ଏ ଧରଣର କାର୍ଯ୍ୟ କରିବାକୁ ସକ୍ଷମ ହେବେ ନାହିଁ ।... ପବିତ୍ର ଏକ ସୁମହାନ୍ ଏବଂ ଅତ୍ୟନ୍ତ କଠିନ କାର୍ଯ୍ୟ କରିଗଲେ ।''

ସେତେବେଳେ ଯାହାକୁ କୁହାଯାଉଥିଲା ତନ୍ତ୍ରଶାସ୍ତ୍ର ସବୁକୁ ଅଧ୍ୟୟନ କଲି । ମନ୍ତ୍ରତନ୍ତ୍ର ବା ଗୁଣିଗାରେଡ଼ି ସମ୍ବନ୍ଧରେ ନୁହେଁ, କିନ୍ତୁ ତନ୍ତ୍ରଶାସ୍ତ୍ର ବା ଗୁହ୍ୟବିଦ୍ୟା ବା ଅକଲ୍‌ଟିଜିମ୍ ସମ୍ବନ୍ଧରେ, ବିଶେଷ କରି କେତେକ ବିଶିଷ୍ଟ ଶକ୍ତିରାଜିକୁ ଆୟତ୍ତାଧୀନ ରଖି ସେଗୁଡ଼ିକୁ ସ୍ୱେଚ୍ଛାରେ ପ୍ରୟୋଗ କରିବାର ବିଧି ସମ୍ବନ୍ଧେ ଯେଉଁ ବିଦ୍ୟା, ସେହିସବୁ ସମ୍ବନ୍ଧେ, ସେହିସବୁ ଶକ୍ତିରାଜିର ଅବସ୍ଥିତି ସମ୍ବନ୍ଧେ, ସମ୍ୟକ୍ ଜ୍ଞାନ ଲାଭ କରିବା ଉଦ୍ଦେଶ୍ୟରେ ରୀତିମତ ଅଧ୍ୟୟନ କରିବାକୁ ଲାଗିଲି ।... ଅବଶେଷରେ ମୋ ହାତକୁ ଆସିଲା ଆଧୁନିକ ତନ୍ତ୍ରଶାସ୍ତ୍ର, ଅର୍ଥାତ୍ ଭାରତବର୍ଷକୁ ପ୍ରବେଶ-ପଥ ।

''ମୁଁ ଦୃଢ଼ତାର ସହିତ କହିବି ଯେ ଭାରତବର୍ଷର 'ବ୍ରହ୍ମଜ୍ଞାନ ସମ୍ବନ୍ଧୀୟ ଦର୍ଶନଶାସ୍ତ୍ର' ('ଥିଓସଫି')ହିଁ ମୋତେ ଭାରତକୁ ପ୍ରବେଶ କରିବାର ଦ୍ୱାର ଉନ୍ମୁକ୍ତ କରି ଦେଇଥିଲା । ଏହି ଦର୍ଶନଶାସ୍ତ୍ର ପ୍ରତି ମୁଁ ଚିର କୃତଜ୍ଞ । ଏହି ଶାସ୍ତ୍ର ଅଧ୍ୟୟନ କରି ମୁଁ ପ୍ରଥମ କରି ଜାଣିଲି ପୁନର୍ଜନ୍ମ ତତ୍ତ୍ୱ କ'ଣ ? ବୌଦ୍ଧ ବା ହିନ୍ଦୁଧର୍ମର ଭାଗ୍ୟ ବା କର୍ମଫଳ ତତ୍ତ୍ୱ କାହାକୁ କୁହାଯାଏ ? ପୃଥିବୀପୃଷ୍ଠରେ ପୂର୍ଣ୍ଣତା ଆଣିବା ଅର୍ଥ କ'ଣ ? 'ଜୀବନମୁକ୍ତ'ର ଯଥାର୍ଥ ଆଦର୍ଶ କହିଲେ ପ୍ରକୃତରେ କ'ଣ ବୁଝାଏ ? — ଏହିସବୁ ବିଷୟବସ୍ତୁ ଏହି ଦର୍ଶନଶାସ୍ତ୍ରରେ ଭରପୂର ହୋଇ ରହିଥିଲା ।...

''ମୋ ନିଜ ସମ୍ବନ୍ଧେ କହିବାକୁ ଗଲେ, ମୋର ବେଶ୍ ସ୍ମରଣରେ ଅଛି, ମୁଁ ଯେଉଁ ମୁହୂର୍ତ୍ତରୁ 'ପୁନର୍ଜନ୍ମ' ବା 'କର୍ମଫଳ' ଆଦି ସମ୍ବନ୍ଧେ ଅଧ୍ୟୟନରତ ହେଲି, ମୋତେ ସେଗୁଡ଼ିକ ସ୍ୱତଃସିଦ୍ଧ ବା ସ୍ୱୀକୃତ ନିୟମ ସମ୍ବନ୍ଧୀୟ ବୋଲି ବୋଧ ହେଲା । ଏସବୁ ସମ୍ବନ୍ଧେ ମୋ ଅନ୍ତରରେ ତର୍କବିତର୍କ କରିବାର ବା ସନ୍ଦେହ କରିବାର ବିନ୍ଦୁମାତ୍ର ପ୍ରଶ୍ନ ଉଠି ନଥିଲା; କେବେହେଲେ ନୁହେଁ, ମୁହୂର୍ତ୍ତକ ସକାଶେ ବି ନୁହେଁ । ମୁଁ ଏସବୁକୁ ବିନା ଦ୍ୱିଧାରେ ମୋ ନିଜର ଅଂଶବିଶେଷ ବୋଲି ଗ୍ରହଣ କରିନେଲି, ଯେପରିକି ଏସବୁ ସମ୍ବନ୍ଧେ ମୁଁ ବହୁ ପରିଚିତ, ମୋର ଅତି ଆପଣାର ବସ୍ତୁ ।...

''ତେଣୁ, ଭାରତବର୍ଷର ଏହି ନୂତନ ଭାବଧାରାଗୁଡ଼ିକ ମୋ ଜୀବନର ଏକ ନୂତନ ଅଧ୍ୟାୟର ପୃଷ୍ଠା ଖୋଲି ଦେଲା । ଆଧ୍ୟାତ୍ମିକ ପରିପୂର୍ଣ୍ଣତା ନିମିତ୍ତ ମୋ ଅନ୍ତରରେ ଏକ ଅଦମ୍ୟ ଆସ୍ପୃହାଗ୍ନି ସଞ୍ଚାର କଲା । ସାଧାରଣତଃ ପାଶ୍ଚାତ୍ୟବାସିଗଣ ଭାରତୀୟ ଦର୍ଶନଶାସ୍ତ୍ରକୁ ପୋଥିଗତ ବିଦ୍ୟା ଭାବରେ ଅଧ୍ୟୟନ କରିଥା'ନ୍ତି, ବା ସେ ସମ୍ବନ୍ଧରେ ଯୁକ୍ତିତର୍କ ଓ ଆଲୋଚନା କରିଥା'ନ୍ତି; ମୁଁ କିନ୍ତୁ ସେ ଭାବରେ ଏସବୁକୁ ଗ୍ରହଣ କରି ନଥିଲି । ମୋର ଭାବଧାରା ଥିଲା ସମ୍ପୂର୍ଣ୍ଣ ଅଭିନବ; ମୋତେ ଯେଉଁ ଏକମାତ୍ର କଥା ତୀବ୍ର ଭାବରେ ଆକୃଷ୍ଟ କରିଥିଲା, ତା' ହେଉଛି ପ୍ରଥମେ ଏହି ଶାସ୍ତ୍ରକୁ ଗଭୀର ମନୋଯୋଗ ପୂର୍ବକ ଅଧ୍ୟୟନ କରି ହୃଦୟଙ୍ଗମ କରିବି ଏବଂ ତା'ପରେ ସେହି ଭାବଧାରାରେ ପ୍ରତିଷ୍ଠିତ ରହି ଜୀବନଧାରଣ କରିବି, ସମ୍ପୂର୍ଣ୍ଣରୂପେ ତାହାହିଁ ହୋଇଉଠିବି ।

''ଇତିମଧ୍ୟରେ ଯୁଦ୍ଧ ଲାଗି ରହିଥିଲା । ଦୁଇ ବର୍ଷ ଆର୍ଟିଲେରୀ ରେଜିମେଣ୍ଟରେ ଅଗ୍ରଗାମୀ ସୈନ୍ୟଦଳର ଜୁନିଅର୍ ଅଫିସର୍ ଥିଲି । ତା'ପରେ ଦୁଇ ବର୍ଷ ଏହି ରେଜିମେଣ୍ଟର ଗୋଇନ୍ଦା ଅଫିସର୍ ହିସାବରେ ଆର୍ମି ହେଡ୍ କ୍ୱାର୍ଟର୍ସରେ ଥିଲି । ଏହି ପଦବିରେ ନିଯୁକ୍ତି ପାଇଥିବା ବେଳେ ମୋତେ ସାରାଦିନ ପ୍ରଚଣ୍ଡ ଭାବରେ ବ୍ୟସ୍ତ ରହିବାକୁ ପଡୁଥିଲା । ପଢ଼ାପଢ଼ି କରିବାକୁ ଆଦୌ ଫୁରୁସତ ମିଳୁ ନଥିଲା । ତଥାପି ରାତିରେ ନିଜର ସମସ୍ତ କର୍ତ୍ତବ୍ୟ ସମାପନ କରିବା ପରେ ଅବସର ମିଳିବା ମାତ୍ରେ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ମୁଁ ଭାରତୀୟ ଦର୍ଶନ ଶାସ୍ତ୍ର ଅଧ୍ୟୟନ କରୁଥିଲି । ଭାରତୀୟ ଭାବଧାରା ମୋତେ ସମ୍ପୂର୍ଣ୍ଣରୂପେ ଅଧିକାର କରି ନେଇଥିଲା । ୧୯୧୭ ବେଳକୁ ମୋର ଜୀବନଧାରାର ଦୃଷ୍ଟିଭଙ୍ଗୀ ଏକେବାରେ ବଦଳି ଯାଇଥିଲା ।

''ଧର୍ମ ଆଡ଼କୁ ପ୍ରଥମ ଆଗ୍ରହ ସୃଷ୍ଟି ହୋଇଥିବା ଅନ୍ୟାନ୍ୟ ଶିକ୍ଷାନବିସଙ୍କ ସଦୃଶ ମୁଁ ବି କେତେକ ପରିମାଣରେ ଧର୍ମପାଗଳ ହୋଇଉଠିଥିଲି । ଉଦାହରଣସ୍ୱରୂପ, ଅଗ୍ରଗାମୀ ସୈନ୍ୟଦଳର ଜୁନିଅର୍ ଅଫିସର୍ ଥିବା ବେଳେ ମୁଁ ଅଫିସର୍ସ୍ ମେସ୍ ଓ ଅଫିସର୍ସ୍ କିଚିନ୍‌ର ତତ୍ତ୍ୱାବଧାନରେ ଥିଲି । ମୁଁ ସମସ୍ତଙ୍କ ସକାଶେ ପ୍ରସ୍ତୁତ ଖାଦ୍ୟର ତାଲିକା ମଗାଉଥିଲି ଏବଂ ଏଥି ନିମିତ୍ତ ମୋ ପାଖରେହିଁ ଟଙ୍କା ପଇସା ଗଚ୍ଛିତ ରହୁଥିଲା । ସେହି ସମୟରେ ମୁଁ ଦୃଢ଼ବିଶ୍ୱାସର ସହିତ, ହଁ, ପୂରାପୂରି ଦୃଢ଼ ବିଶ୍ୱାସର ସହିତ ଏକେବାରେ ନିରାମିଷାଶୀ ହୋଇ ଉଠିଥିଲି । ମୁଁ ତୁମକୁ ନିଶ୍ଚିତରୂପେ କହୁଛି ଯେ ଅଗ୍ରଗାମୀ ସୈନ୍ୟଦଳରେ ରହି, ଫ୍ରେଞ୍ଚ୍ ଅଫିସର୍ସ୍ ମେସ୍‌ରେ ଜଣେ ନିରାମିଷାଶୀ ହୋଇଉଠିବା ଖୁବ୍ ପ୍ରୀତିକର କଥା ନଥିଲା । ମୁଁ ସମସ୍ତଙ୍କର ପରିହାସର ପାତ୍ର ହୋଇଉଠିଥିଲି; ନଚେତ୍ ମୋ ଉପରେ କେତେକେ ସହାନୁଭୂତିଶୀଳ ହୋଇ ଆଶାପୋଷଣ କରୁଥିଲେ ଯେ ଭଗବାନଙ୍କ କୃପାରୁ ମୁଁ ପୁଣି ଥରେ ସୁସ୍ଥମନା ହୋଇଉଠି ଖାଦ୍ୟ ସମ୍ବନ୍ଧରେ ଫରାସୀମାନଙ୍କର ପରମ୍ପରାଗତ ଅନୁକୂଳ ଧାରାକୁ ଯେମିତି ଗ୍ରହଣ କରେ । ମୁଁ ତୁମମାନଙ୍କୁ ଏକଥା ବି ଲୁଚାଇ ରଖୁ ନାହିଁ ଯେ ଯୁଦ୍ଧ ପୂର୍ବରୁ ମୁଁ ମୋ ବୟସର ଫରାସୀ

ଯୁବକମାନଙ୍କ ସଦୃଶ ମଦ୍ୟପାନ କରୁଥିଲି, ରୀତିମତ ଅନ୍ୟ ପାନୀୟ ଦ୍ରବ୍ୟସବୁ ପାନ କରୁଥିଲି । ମୋର ଯେ ଏହିସବୁ ନିଶାଦ୍ରବ୍ୟ ପ୍ରତି ବିଶେଷ ରୁଚି ଥିଲା ତା' ନୁହେଁ, ଯଦିଓ ସ୍ୱାଭାବିକ ରୂପେ ଫରାସୀମାନଙ୍କ ସକାଶେ ମଦ୍ୟପାନ ଥିଲା ଅତି ସହଜ, ସାଧାରଣ ଓ ସ୍ୱାଭାବିକ କଥା ।...

''ଯା'ହେଉ, ମୁଁ ଟିକିଏ ଧର୍ମପାଗଳ ହୋଇ ଉଠିଥିଲି ଏବଂ ଭାରତୀୟ ଧାରାରେ ସେହି ବିଶେଷ ଧରଣର ଜୀବନଯାପନ କରିବା ଉଦ୍ଦେଶ୍ୟରେ ମୁଁ ମୋର ପରମ୍ପରାଗତ ସବୁକିଛିକୁ ବିନା ଦ୍ୱିଧାରେ ସମ୍ପୂର୍ଣ୍ଣରୂପେ ତ୍ୟାଗ କରିବା ସକାଶେ ସଦା ପ୍ରସ୍ତୁତ ଥିଲି ।...''

ପବିତ୍ରଙ୍କର ଜୀବନଧାରା ଉପରୋକ୍ତ ଭାବରେ ଗଢ଼ି ଉଠୁଥିବା ବେଳେ ୧୯୧୮ ନଭେମ୍ବରରେ ଜର୍ମାନ୍ ଲାଇନ୍‌ସ୍‌କୁ ଅତିକ୍ରମ କରୁଥିବା ବେଳେହିଁ ସେ ସେହି ମାରାତ୍ମକ ମହାମାରୀ 'ଫ୍ଲୁ'ରେ ଆକ୍ରାନ୍ତ ହୋଇଥିଲେ ।

ଏହି ସମାନ 'ଫ୍ଲୁ'ରେ ଶ୍ରୀମା ମଧ୍ୟ ଆକ୍ରାନ୍ତ ହୋଇଥିଲେ । ଏଠାରେ ଶ୍ରୀମାଙ୍କର ଅନୁଭୂତି ତାଙ୍କ ନିଜସ୍ୱ ଉକ୍ତିରେ ବର୍ଣ୍ଣନା କରୁଛୁ ।*

''୧୯୧୯ ମସିହା ଜାନୁଆରୀ ମାସର ଆରମ୍ଭରେ ମୁଁ ଜାପାନରେ ଥିଲି । ଏହି ସମୟରେ ସାରା ଜାପାନରେ ଏକ ଭୟାନକ 'ଫ୍ଲୁ'(ଇନ୍‌ଫ୍ଲୁଏନ୍‌ଜା)ର ପ୍ରକୋପରେ ଶହ, ଶହ, ହଜାର, ହଜାର ଲୋକଙ୍କର ପ୍ରାଣହାନି ଘଟିଥିଲା । ଏ ଧରଣର ମାରାତ୍ମକ ସଂକ୍ରାମକ ରୋଗ ଖୁବ୍ କ୍ୱଚିତ୍ ଦେଖା ଯାଇଥାଏ । ନିତି ଟୋକିଓରେ ଶହ, ଶହ ଲୋକ ନୂତନ ଭାବରେ ରୋଗଗ୍ରସ୍ତ ହେଉଥିଲେ । ରୋଗଟି ଏହି ପ୍ରକାରର ମୋଡ଼ ନେଇଥିଲା : ଏହା ମାତ୍ର ତିନି ଦିନ ରହୁଥିଲା ଏବଂ ତୃତୀୟ ଦିନହିଁ ରୋଗୀ ମରି ଯାଉଥିଲା । ଯଦି ତୃତୀୟ ଦିନରେ ରୋଗୀ ମରୁ ନଥିଲା, ତେବେ ସାତ ଦିନ ପରେ ସେ ପୂରାପୂରି ଭଲ ହୋଇଯାଉଥିଲା । ସାମାନ୍ୟ କ୍ଳାନ୍ତି ରହୁଥିଲା ସତ, କିନ୍ତୁ ତା' ସତ୍ତ୍ୱେ ଜଣେ ସମ୍ପୂର୍ଣ୍ଣ ରୂପେ ରୋଗମୁକ୍ତ ହୋଇ ଉଠୁଥିଲା । ସହରରେ ଆତଙ୍କ ପଡ଼ିଗଲା । ଲୋକମାନେ ଏତେ ବେଶୀ ସଂଖ୍ୟାରେ ମରୁଥିଲେ ଯେ ସେମାନଙ୍କର ଶବଦାହ ମଧ୍ୟ କରାଯାଇ ପାରୁ ନଥିଲା । କାରଣ ଜାପାନରେ ମାରାତ୍ମକ ସଂକ୍ରାମକ ରୋଗ ଖୁବ୍ କ୍ୱଚିତ୍ ଦେଖା ଯାଇଥାଏ । ସେମାନେ ଅତ୍ୟନ୍ତ ପରିଷ୍କାର-ପରିଚ୍ଛନ୍ନ, ଖୁବ୍ ସତର୍କ ଏବଂ ସେମାନଙ୍କର ନୈତିକ ବଳ ମଧ୍ୟ ଅତ୍ୟନ୍ତ ଉଚ୍ଚକୋଟୀର । ସେଠାରେ କଦବା କେବେ ରୋଗ ହୋଇଥାଏ । କିନ୍ତୁ ଯାହାହେଉ, ଉପରୋକ୍ତ 'ଫ୍ଲୁ'ଟି ଏକ ବିପର୍ଯ୍ୟୟ ସୃଷ୍ଟି କରିଥିଲା; ଭୟଙ୍କର ଆତଙ୍କ ପଡ଼ିଯାଇଥିଲା ।... ଲୋକମାନେ ନାକ ଉପରେ ଏକ ମୁଖା ପିନ୍ଧି ରାସ୍ତାରେ ଯିବା ଆସିବା କରୁଥିଲେ । ମୁଖାଟି ବିଶୋଧନକାରୀ ଥିଲା, ଯଦ୍ଦ୍ୱାରା ସେମାନେ ପ୍ରଶ୍ୱାସରେ ସେହି ରୋଗର ଜୀବାଣୁ ସେବନରୁ ମୁକ୍ତ ରହୁଥିଲେ । ଗୋଟିଏ କଥାରେ କହିବାକୁ ଗଲେ, ଏହା ଥିଲା ଏକ ସାର୍ବଜନୀନ ଆତଙ୍କ ।... ତା'ପରେ ମୁଁ ଯେଉଁ ବ୍ୟକ୍ତିଙ୍କ ସହିତ ବସବାସ କରୁଥିଲି, ସେ ମୋତେ 'କିନ୍ତୁ ଏ ରୋଗଟି କ'ଣ ?', 'ଏହି ରୋଗଟିର ପଶ୍ଚାତରେ କ'ଣ ରହିଛି ?' — ଏମିତି ପ୍ରଶ୍ନ ଉପରେ ପ୍ରଶ୍ନ ପଚାରି ମୋତେ ପ୍ରାୟ ଅତିଷ୍ଠ କରି ପକାଉଥିଲେ । ଆଉ ତୁମେ ଜାଣ, ମୁଁ କ'ଣ କରୁଥିଲି ? ମୁଁ କେବଳ ମୋର ଚତୁଃପାର୍ଶ୍ୱରେ ମୋର ଶକ୍ତିକୁ, ମୋର ରକ୍ଷାକବଚକୁ ଘେରାଇ ରଖୁଥିଲି, ଯଦ୍ଦ୍ୱାରା ଏହି ରୋଗ ମୋତେ ଆକ୍ରାନ୍ତ କରିପାରିବ ନାହିଁ । ଆଉ ଏ ବିଷୟରେ ଅଧିକା କିଛି ନଭାବି ମୁଁ ମୋର କାମରେ ବ୍ୟସ୍ତ ରହୁଥିଲି ।... ଦିନେ ମୋର ପରିଚିତା ଜଣେ ତରୁଣୀ ତାଙ୍କର କେତେକ ବନ୍ଧୁଙ୍କ ସହିତ ପରିଚୟ କରାଇଦେବା ସକାଶେ କିଂବା କିଛି ଦେଖାଇବା ସକାଶେ ମୋତେ ନିମନ୍ତ୍ରଣ କରିଥିଲେ । (ପ୍ରକୃତ କାରଣଟି ଏବେ ଭୁଲି ଯାଇଛି, କିନ୍ତୁ ସେ ଯାହାହେଉ, ମୋତେ ଏକ ଟ୍ରାମ୍ ଗାଡ଼ିରେ ସହରର ଏପଟରୁ ପୂରା ସେପଟକୁ ଯିବାକୁ ହୋଇଥିଲା ।) ମୁଁ ଏହି ଟ୍ରାମ୍ ଗାଡ଼ି ଭିତରେ ବସି ଲୋକମାନଙ୍କର ନାକ ଉପରେ ମୁଖାପିନ୍ଧା ଦେଖି ବାତାବରଣରେ ଭରପୂର ହୋଇଥିବା ସେହି ଭୟାନକ ସ୍ଥାୟୀ ଆତଙ୍କର ପ୍ରତ୍ୟକ୍ଷ ସୂଚନା ଲାଭ କଲି ଏବଂ ମୁଁ ନିଜକୁ ପ୍ରଶ୍ନ କରିବାକୁ ଆରମ୍ଭ କଲି : 'ପ୍ରକୃତରେ ଏ ରୋଗଟି କ'ଣ ? ଏହାର ପଶ୍ଚାତରେ କ'ଣ ରହିଛି ? ଏହି ରୋଗଟି ଭିତରେ କେଉଁ ଶକ୍ତିରାଜି ରହିଛନ୍ତି ?...' ମୁଁ ଆସି ମୋ ଘରେ ପହଞ୍ଚିଲି, ଘରେ ଘଣ୍ଟାଟିଏ ବିତାଇ ବାହାରକୁ ଗଲି ଏବଂ ଏକ ଭୟଙ୍କର ଜ୍ୱରରେ ଘରକୁ ଫେରିଲି । କିଛି ପୂର୍ବ ସଂକେତ ନଦେଇ ଏହା

---

* ମା'ଙ୍କର ଏହି ଅନୁଭୂତି 'ପଣ୍ଡିଚେରୀରେ ଶ୍ରୀଅରବିନ୍ଦ' ଶୀର୍ଷକ ପ୍ରବନ୍ଧ ଭାବେ ଜୁଲାଇ ୨୦୧୫ରେ ପ୍ରକାଶ ପାଇଛି । ତଥାପି ଏଠାରେ ପୁନର୍ବାର ପ୍ରକାଶିତ ହେଲେ ଅପ୍ରାସଙ୍ଗିକ ହେବ ନାହିଁ ବୋଲି ଆଶା କରୁ ।

ଅଚାନକ ଭାବରେ ବ୍ୟକ୍ତିକୁ କାବୁ କରି ପକାଉଥିଲା ।... ତୁମେ ଚିଠିଟିଏ ହାତକୁ ନେଲ, ଲଫାଫା ଖୋଲିଲ, ଅଥବା ଟିକିଏ ଖୁଁ କରି କାଶି ପକାଇଲ, ପରମୁହୂର୍ତ୍ତରେ ତୁମକୁ ଜ୍ୱର ହୋଇ ଯାଉଥିଲା । ସେ ଯାହାହେଉ, ସେଦିନ ସନ୍ଧ୍ୟାବେଳେ ମୋତେ ଭୟଙ୍କର ଜ୍ୱର ହେଲା । ଡାକ୍ତରଙ୍କୁ ଡକା ହେଲା (ମୁଁ କିନ୍ତୁ ତାଙ୍କୁ ଡାକି ନଥିଲି) । ଡାକ୍ତର ଆସି ମୋତେ କହିଲେ, 'ମୋତେ ତୁମକୁ ନିଶ୍ଚିତ ରୂପେ ଏହି ଔଷଧଟି ଦେବାକୁ ପଡ଼ିବ ।' ଏହା ଥିଲା ଏହି ବିଶେଷ ଜ୍ୱର ସକାଶେ ସର୍ବୋତ୍ତମ ଔଷଧ ମଧ୍ୟରୁ ଅନ୍ୟତମ । ତାଙ୍କ ପାଖରେ ମାତ୍ର ଅଳ୍ପ କିଛି ଔଷଧ ଥିଲା । (ତାଙ୍କର ଔଷଧ ପ୍ରାୟ ଶେଷ ହୋଇ ଆସିଥିଲା, ପ୍ରତ୍ୟେକେ ଏହା ନେଉଥିଲେ ।) ସେ କହିଲେ, 'ଏବେ ମଧ୍ୟ ମୋର ଅଳ୍ପ କିଛି ପ୍ୟାକେଟ୍ ରହିଛି, ମୁଁ ତୁମକୁ କିଛି ଦେବି ।' ମୁଁ କହିଲି, 'ଦୟାକରି ମୋତେ ଏହା ଦିଅନ୍ତୁ ନାହିଁ, ମୁଁ ଏହା ଖାଇବି ନାହିଁ । ଯେଉଁମାନଙ୍କର ଏହା ଉପରେ ବିଶ୍ୱାସ ଅଛି, ଯେଉଁମାନେ ଏହାକୁ ଖାଇବାକୁ ଆଗ୍ରହୀ, ଆପଣ ସେମାନଙ୍କ ସକାଶେ ରଖନ୍ତୁ ।' ସେ ଖୁବ୍ ବିରକ୍ତ ହୋଇ କହିଉଠିଲେ, 'ତେବେ ମୋର ଏଠାକୁ ଆସିବା କୌଣସି ଦରକାର ନଥିଲା । ମୁଁ କହିଲି, 'ବୋଧହୁଏ ଏହାର ଦରକାର ନଥିଲା ।' ମୁଁ ମୋର ଜ୍ୱର ନେଇ ବିଛଣାରେ ପଡ଼ି ରହିଲି, ଏହା ଖୁବ୍ ଭୟଙ୍କର ଜ୍ୱର ଥିଲା । ସର୍ବଦା ମୁଁ ନିଜକୁ ପଚାରୁଥିଲି, 'ପ୍ରକୃତରେ ଏ ରୋଗଟି କ'ଣ ? ଏହା କାହିଁକି ହେଲା ? ଏହାର ପଶ୍ଚାତରେ କ'ଣ ରହିଛି ?'... ଦ୍ୱିତୀୟ ଦିନ ଶେଷରେ ମୁଁ ଶୋଇ ରହିଥିବା ସମୟରେ ସ୍ୱଷ୍ଟଭାବେ ଏକ ସତ୍ତାକୁ ଦେଖି ପାରିଲି, ତା'ର ମୁଣ୍ଡରୁ ଫାଳେ କଟି ଯାଇଥିଲା । ସେ ସାମରିକ ପୋଷାକ ପିନ୍ଧିଥିଲା (କିଂବା ସେମିତି କିଛି ପୋଷାକ ପିନ୍ଧିଥିଲା) । ସେ ତା'ର ସେଇ ଅଧା ମୁଣ୍ଡ ନେଇ ମୋ ନିକଟକୁ ଆସି ରକ୍ତ ଶୋଷିବା ଲାଗି ମୋ ବକ୍ଷ ଉପରକୁ ଲମ୍ଫ ଦେଲା । ମୁଁ ସ୍ୱଷ୍ଟ ଭାବରେ ଏହା ଦେଖି ପାରୁଥିଲି ଏବଂ ତତ୍‌କ୍ଷଣାତ୍ ହୃଦୟଙ୍ଗମ କଲି ଯେ ମୁଁ ମରିବାକୁ ଯାଉଛି । ସେ ମୋ ବକ୍ଷ ଉପରେ ବସି ମୋର ସମସ୍ତ ପ୍ରାଣ ଶକ୍ତିକୁ ଶୋଷି ନେଉଥିଲା । (ମୁଁ ତୁମକୁ ଆଗରୁ କହିଛି ଯେ ଏହି ଜ୍ୱରରେ ଆକ୍ରାନ୍ତ ବ୍ୟକ୍ତିମାନେ ତିନି ଦିନରେହିଁ ମରି ଯାଉଥିଲେ ।) ମୁଁ ବିଛଣାରେ ପୂରାପୂରି ସ୍ଥିର ନିଶ୍ଚଳ ହୋଇ ପଡ଼ି ରହିଥିଲି । କୌଣସି ପ୍ରକାରେ ଶରୀରଟିକୁ ହଲଚଲ ନକରି ଗଭୀର ଏକ ସମାଧିସ୍ଥ ଅବସ୍ଥାରେ ଥିଲି ।... ସେହି ସତ୍ତାଟି ରକ୍ତ ଶୋଷୁ ଥିଲା । ମୁଁ ଭାବିଲି, 'ଏହାହିଁ ଶେଷ ।' ତା'ପରେ ମୁଁ ମୋର ଗୁହ୍ୟ ଶକ୍ତିକୁ ଆହ୍ୱାନ ପୂର୍ବକ ତା' ସହିତ ବିରାଟ ସଂଘର୍ଷଟିଏ କରି ତାକୁ ମୋ ଉପରୁ ଏମିତି ଭାବରେ ଦୂରକୁ ଫିଙ୍ଗି ଦେଲି ଯେ ସେ କୁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲା । ତା'ପରେ ମୁଁ ନିଦରୁ ଉଠିଲି ।...

''... ଯେଉଁମାନେ ଏହି ପ୍ରକାର ସତ୍ତା ଦ୍ୱାରା ଆକ୍ରାନ୍ତ ହେଉଥିଲେ ସେମାନେ ସାଧାରଣତଃ ମୃତ୍ୟୁ ମୁଖରେ ପଡୁଥିଲେ, ସେମାନେ ପ୍ରତିରୋଧ କରିପାରୁ ନଥିଲେ ।... ଏହାର ପ୍ରତିରୋଧ କରିବାକୁ ମୋତେ ଗଭୀର ଜ୍ଞାନ ଓ ଶକ୍ତି ପ୍ରୟୋଗ କରିବାକୁ ହୋଇଥିଲା । ଏହା ଥିଲା ଏକ ଅଦମ୍ୟ ଶକ୍ତି ପ୍ରୟୋଗ ।...

''ତା'ପରେ ମୋର ଜଣେ ସୁହୃଦ୍ ଜାପାନୀ ବନ୍ଧୁ ମୋତେ ଆସି କହିଲେ, 'ଓଃ, ତୁମେ ଅସୁସ୍ଥ ! ତା'ହେଲେ ମୁଁ ଯାହା ଭାବିଥିଲି, ତା' ସତ୍ୟ ।... ଭାବି ପାରୁଛ, ଏଇ ଦୁଇ, ତିନି ଦିନ ଧରି ସହରରେ ଗୋଟିଏ ବି ନୂଆ ରୋଗୀ ନାହାନ୍ତି ଆଉ ଯେଉଁମାନେ ଅସୁସ୍ଥ ଥିଲେ ପ୍ରାୟ ସମସ୍ତେ ରୋଗମୁକ୍ତ ହୋଇଛନ୍ତି ଏବଂ ମୃତ ବ୍ୟକ୍ତିଙ୍କ ସଂଖ୍ୟା ପ୍ରାୟ ନଗଣ୍ୟ । ବର୍ତ୍ତମାନ ଏହି ମହାମାରୀ ଶେଷ । ରୋଗଟି ସମ୍ପୂର୍ଣ୍ଣ କରାୟତ୍ତକୁ ଆସିଯାଇଛି ।' ତା'ପରେ ମୋର ଅଭିଜ୍ଞତାଟି ତାଙ୍କୁ ବର୍ଣ୍ଣନା କଲି ଏବଂ ସେ ଯାଇ ସମସ୍ତଙ୍କୁ ଏକଥା କହିଥିଲେ ଏବଂ ଏପରିକି ବିଭିନ୍ନ ଖବର କାଗଜରେ ଏହା ପ୍ରକାଶ କରିଥିଲେ ।...''

ଶ୍ରୀମା ୧୯୨୦ ମାର୍ଚ୍ଚରେ ଜାପାନରୁ ତାଙ୍କର ବହୁ ପ୍ରତୀକ୍ଷିତ ଭାରତ ଭୂମିକୁ ଶ୍ରୀଅରବିନ୍ଦଙ୍କ ନିକଟ ସାନ୍ନିଧ୍ୟ ନିମିତ୍ତ ପଣ୍ଡିଚେରୀକୁ ଯାତ୍ରାରମ୍ଭ କଲେ ଏବଂ ଠିକ୍ ତିନି ମାସ ପରେ ପବିତ୍ର ଭଗବାନଙ୍କ ନିମିତ୍ତ ତାଙ୍କର ଉତ୍ସର୍ଗୀକୃତ ଜୀବନରେ ତାଙ୍କର ପଥପ୍ରଦର୍ଶକ ଗୁରୁଙ୍କର ଅନ୍ୱେଷଣରେ ଜାପାନରେ ଆସି ପହଞ୍ଚିଲେ । ପବିତ୍ରଙ୍କ ନିଜସ୍ୱ ଉକ୍ତିରେ : ''ଆନୁଷଙ୍ଗିକ ଭାବେ, ମୁଁ ମା'ଙ୍କ ସମ୍ବନ୍ଧେ ଶୁଣିବାକୁ ପାଇଲି । ସେଠାରେ ମୋର ଯେଉଁ କେତେଜଣ ଅତି ଆପଣାର ହୋଇ ଉଠିଥିଲେ, ସମସ୍ତଙ୍କ ମୁହଁରୁ ମା'ଙ୍କ ସମ୍ବନ୍ଧେ ଯେଉଁସବୁ କଥା ଶୁଣିଲି, ସେଥିରେ ମୁଁ ଅତ୍ୟନ୍ତ ଆଗ୍ରହାନ୍ୱିତ ହୋଇ ଶେଷରେ ସିଦ୍ଧାନ୍ତ ନେଲି ମା'ଙ୍କ ପାଖକୁ ପତ୍ର ଲେଖିବି । ତେଣୁ ପଣ୍ଡିଚେରୀକୁ ପତ୍ର ଲେଖିଲି । କୌଣସି ଉତ୍ତର ନାହିଁ । ପୁଣି ଥରେ ଲେଖିଲି । କୌଣସି ଉତ୍ତର ନାହିଁ । ତା'ପରେ ଭାବିଲି, ମା ବୋଧହୁଏ କୌଣସି ଉତ୍ତର ଦେବାକୁ ଚାହାନ୍ତି ନାହିଁ ।...''

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❑

ନୂତନ ବିକ୍ରମ-ବେତାଳ କାହାଣୀ :

# ଋଷିଙ୍କ ଅସଂହତ ଆଚରଣ

ନିଶା ଗରଜୁ ଥାଏ । ଆଦିଗନ୍ତ କଳା ମେଘ ଆଚ୍ଛାଦିତ ଆକାଶ ଚମକାଇ ଘନ ଘନ ବିଜୁଳି ଝଟକୁ ଥାଏ ଏବଂ ପରେ ପରେ ବଜ୍ରପାତ ଧ୍ୱନିରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହେଉଥାଏ । ବଣବୁଦା ଭିତରୁ କେବେ କେବେ ଶୁଭୁଥାଏ ନାନାଦି ଶ୍ୱାନ ଶ୍ୱାପଦଙ୍କ ଚିତ୍କାର ।

କିନ୍ତୁ ସେଭଳି ଭୟାବହ ପରିସ୍ଥିତିରେ ମଧ୍ୟ ରାଜା ବିକ୍ରମ ତିଳେ ମଧ୍ୟ ବିଚଳିତ ବୋଧ ନକରି ଶ୍ମଶାନର ଶେଷ ପ୍ରାନ୍ତରେ ଦଣ୍ଡାୟମାନ ମହୀରୁହ ଆରୋହଣ କରି ମୃତ ଦେହଟିକୁ ଉତାରି ଆଣିଲେ । କିନ୍ତୁ ତାକୁ କାନ୍ଧରେ ପକାଇ ସେ ଅଗ୍ରସର ହେବାକୁ ଆରମ୍ଭ କରିବା ମାତ୍ରେ ଶବସ୍ଥିତ ବେତାଳ କହିଲା, ''ରାଜା, ସାଧାରଣ ମଣିଷମାନଙ୍କର ଆଚରଣରେ ଅନେକ ସମୟରେ ସଂହତି ନଥାଏ, ଯୁକ୍ତି ନଥାଏ । ସେମାନେ ଅଧିକାଂଶ ସମୟରେ ନାନାଦି ଜଣା ଅଜଣା ଶକ୍ତି ଦ୍ୱାରା ପ୍ରଭାବିତ ହେଉଥା'ନ୍ତି । କିନ୍ତୁ ବିଡ଼ମ୍ବନାର ବିଷୟ ହେଲା, ଥରେ ଥରେ ସାଧୁ-ସନ୍ଥମାନେ ମଧ୍ୟ ଅଯୌକ୍ତିକ ବ୍ୟବହାର କରିବାର ଦେଖାଯାଏ । ତାହା କିପରି ସମ୍ଭବ ହୁଏ ? ମୋ ସନ୍ଦେହଟି ବୁଝାଇ ଦେବା ନିମନ୍ତେ ମୁଁ ଗୋଟାଏ ଘଟଣା କହୁଛି; ମନ ଦେଇ ଶୁଣ । ଶୁଣିଲେ ଶ୍ରମଭାର ଲାଘବ ମନେ ହେବ ।''

ବେତାଳ ଗପିଲା :

ଏକଦା ପ୍ରାଚୀ ନଦୀକୂଳବର୍ତ୍ତୀ ଗୋଟିଏ ପାର୍ବତ୍ୟ ଉପତ୍ୟକାରେ ଦେବାଚାର୍ଯ୍ୟ ନାମକ ଜଣେ ଋଷି ରହୁଥିଲେ । ସେ ଯେପରି ଜ୍ଞାନୀ, ସେହିପରି ବୁଦ୍ଧିମାନ୍ ମଧ୍ୟ । ଅର୍ଥାତ୍, ସେ ଯେମିତି ଜିଜ୍ଞାସୁମାନଙ୍କୁ ଶାସ୍ତ୍ର, ଆଧ୍ୟାତ୍ମିକତା ଇତ୍ୟାଦି ବିଷୟ ସୁନ୍ଦର ଭାବରେ ବୁଝାଇ ଦେଇ ପାରୁଥିଲେ, ସେମିତି ଉପତ୍ୟକା ନିକଟବର୍ତ୍ତୀ ପୁରପଲ୍ଲୀର ଲୋକେ ତଥା ସେ ରାଜ୍ୟର ରାଜଧାନୀରେ ଥିବା ଅମାତ୍ୟବର୍ଗ, ଏପରିକି ରାଜା ମଧ୍ୟ କୌଣସି ସାମାଜିକ ବା ରାଜନୀତିକ ସମସ୍ୟା ସାମନା କରି ଯଦି ତାଙ୍କ ପାଖକୁ ଆସୁଥିଲେ, ସେ ଅବଲୀଳାକ୍ରମେ ସେସବୁ ସମସ୍ୟାର ସମାଧାନ ଦିଗରେ ବାଟ ବତାଇ ଦେଉଥିଲେ ।

ଦେବାଚାର୍ଯ୍ୟଙ୍କ ପାଖରେ, ତାଙ୍କ ଛୋଟ ଆଶ୍ରମରେ, ଆଠ, ଦଶ ଜଣ ଶିଷ୍ୟ ରହୁଥିଲେ । ସେମାନେ ଜ୍ଞାନ ପିପାସୁ । ଦୁଇ, ତିନି ବର୍ଷ ତାଙ୍କ ପାଖରେ ରହି, ଶାସ୍ତ୍ରମାନ ଅଧ୍ୟୟନ କରି ଯିଏ ତାଙ୍କ ଆଶୀର୍ବାଦ ନେଇ ଫେରି ଯାଉଥିଲେ, ସମାଜରେ ସେ ବିଦ୍ୱାନ୍‌ର ପ୍ରତିଷ୍ଠାର ଅଭାବ ହେଉ ନଥିଲା । ସେମାନେ ରାଜାଙ୍କ ଦରବାରରେ କିଂବା ବିଭିନ୍ନ ବିଦ୍ୟାଳୟରେ ପଦାସୀନ ହେଉଥିଲେ ।

କିନ୍ତୁ ଦେବାଚାର୍ଯ୍ୟ ସହଜରେ କାହାକୁ ହେଲେ ଶିଷ୍ୟ ଭାବରେ ଗ୍ରହଣ କରୁ ନଥିଲେ । ସେ ପାଇଁ ଦଶ ଜଣ ପ୍ରାର୍ଥୀ ହେଲେ ଜଣେ ହୁଏତ ଗୃହୀତ ହେଉଥିଲେ । ପ୍ରଥମେ ଜଣେ ପ୍ରାର୍ଥୀକୁ ଆଶ୍ରମରେ ମାସେ, ଦୁଇ ମାସ ରହିବାକୁ ପଡ଼ୁଥିଲା ଏବଂ ଆଶ୍ରମ ଉଦ୍ୟାନ, ଗୋଶାଳା ବା ଜମିଜମାରେ କିଛି କିଛି କାମ କରିବାକୁ ପଡ଼ୁଥିଲା । ସକାଳେ ଓ ସନ୍ଧ୍ୟାବେଳେ ଦେବାଚାର୍ଯ୍ୟ ସେମାନଙ୍କ ସହ ଗପସପ ହେଉଥା'ନ୍ତି । ତାଙ୍କ ସହ ସେମାନଙ୍କର ପ୍ରଶ୍ନୋତ୍ତର ମଧ୍ୟ ହେଉଥାଏ । କିଛି ଦିନ ପରେ ଦେବାଚାର୍ଯ୍ୟ ଜଣାଇ ଦେଉଥିଲେ ତାଙ୍କ ସିଦ୍ଧାନ୍ତ । ଯେଉଁମାନଙ୍କୁ ଫେରିଯିବାକୁ ପଡ଼ୁଥିଲା, ସେମାନେ କିନ୍ତୁ ହୃଷ୍ଟ ଚିତ୍ତରେ ଯାଉଥିଲେ । କାରଣ ଦେବାଚାର୍ଯ୍ୟଙ୍କର ଅଳ୍ପ କେତେ ଦିନର ସାନ୍ନିଧ୍ୟ ଲାଭ ମଧ୍ୟ ସେମାନଙ୍କ ସକାଶେ କମ୍ ମଙ୍ଗଳପ୍ରଦ ନଥିଲା ।

ଥରେ ପ୍ରସନ୍ନ ଓ ସୁମନ୍ତ ନାମକ ଦୁଇ ତରୁଣ ଋଷିଙ୍କ ଶିଷ୍ୟ ହେବା ମାନସରେ ତାଙ୍କ ଆଶ୍ରମରେ ଯାଇ ପ୍ରାର୍ଥୀ ଭାବରେ ରହିଲେ । କିଛି ଦିନ ପରେ ଜୟ କୁମାର ନାମକ ଜଣେ ଯୁବକ ଯାଇ ସେମାନଙ୍କ ସହ ଯୋଗ ଦେଲେ । ଜୟ କୁମାରଙ୍କ ପିତା ସହରରେ ଜଣେ ପ୍ରତିପତ୍ତିଶାଳୀ ବ୍ୟକ୍ତି ଥିଲେ । ପୁତ୍ରଟି ଦେବାଚାର୍ଯ୍ୟଙ୍କ ନିକଟରେ ଅଧ୍ୟୟନ କରି ଫେରିଲେ ସମାଜରେ ବିଶେଷ ସମ୍ମାନିତ ହେବ ବୋଲି ସେ ଜାଣୁଥିଲେ । ଜୟ କୁମାର କମ୍ ବୁଦ୍ଧିମାନ୍ ନଥିଲେ । ପିତାଙ୍କ ବିଶ୍ୱାସ ଥିଲା ପୁତ୍ରଟି ନିଶ୍ଚୟ ଋଷିଙ୍କୁ ତା' ବୁଦ୍ଧି ଦ୍ୱାରା ପ୍ରଭାବିତ କରି ତାଙ୍କ ଶିଷ୍ୟ ରୂପେ ଗୃହୀତ ହେବ ।

ପ୍ରତ୍ୟହ ଦେବାଚାର୍ଯ୍ୟ ପ୍ରାତଃଭ୍ରମଣରେ ବହିର୍ଭୂତ ହୁଅନ୍ତି । ତିନି ତରୁଣ ତାଙ୍କୁ ଅନୁସରଣ କରନ୍ତି । ଋଷି ସେମାନଙ୍କୁ ନାନା ବିଷୟରେ ଜ୍ଞାନ ପ୍ରଦାନ କରନ୍ତି । ସନ୍ଧ୍ୟାବେଳେ ନିୟମିତ ଆଶ୍ରମବାସୀ ଛାତ୍ରମାନଙ୍କ ସହ ସେ ତିନିଜଣ ମଧ୍ୟ ଋଷିଙ୍କ

ପ୍ରବଚନ ଶୁଣିବାର ସୁଯୋଗ ପାଆନ୍ତି । ସୁମନ୍ତ ନାମକ ଯୁବକଟି ଋଷିଙ୍କ ଅନୁମତି ନେଇ ତାଙ୍କ ବ୍ୟକ୍ତିଗତ ସେବା କରିବା ସଙ୍ଗେ ସଙ୍ଗେ ଋଷି ଯେତେବେଳେ ତାକୁ ଯେଉଁ କର୍ମରେ ନିଯୁକ୍ତ କରୁଥା'ନ୍ତି, ବିନା ବାକ୍ୟବ୍ୟୟରେ ସେ ତାହା ନିର୍ବାହ କରୁଥାଏ । ପ୍ରସନ୍ନ ରୋଷେଇ ଘରେ କାମ କରୁଥାଏ ଏବଂ ଜୟ କୁମାର ଉଦ୍ୟାନରେ କର୍ମରତ ଶିଷ୍ୟମାନଙ୍କୁ ସହାୟତା ଦେଉଥାଏ ।

ପ୍ରାତଃଭ୍ରମଣ ବେଳେ ଜୟ କୁମାର ଋଷିଙ୍କୁ ନାନା ଜ୍ଞାନଗର୍ଭକ ପ୍ରଶ୍ନ କରେ । ପ୍ରସନ୍ନକୁ ମଧ୍ୟେ ମଧ୍ୟେ ଋଷି କିଛି ପ୍ରଶ୍ନ କଲେ ସେ ଉତ୍ତର ଦିଏ ବିନୟଭରେ । କିନ୍ତୁ ସୁମନ୍ତ ନା ଗୁରୁଙ୍କୁ କିଛି ପ୍ରଶ୍ନ କରେ ନା ଗୁରୁ ତାକୁ କିଛି ପ୍ରଶ୍ନ କରନ୍ତି । ସେ ପ୍ରାୟଶଃ ନୀରବ ରହେ । କିନ୍ତୁ କାମ କରେ ମନ, ପ୍ରାଣ ଢାଳି ।

ଦିନେ ପ୍ରାତଃଭ୍ରମଣ ଅବସରରେ ଗୁରୁ ଉପତ୍ୟକାର ଗୋଟାଏ ପ୍ରାନ୍ତରେ ଥିବା ସରୋବର ପାଖରେ ପହଞ୍ଚିଲେ । ବିଶାଳ ସରୋବରର ବିପରୀତ ପ୍ରାନ୍ତରେ କେତୋଟି ପଦ୍ମ ଫୁଲ ଫୁଟିଥିଲେ । ଗୁରୁ ସେସବୁକୁ କେଇ ମୁହୂର୍ତ୍ତ ନିରୀକ୍ଷଣ କରି ଗମ୍ଭୀର କଣ୍ଠରେ କହିଲେ, ''ଏମିତି ଗାଢ଼ ଲାଲ ପଦ୍ମ ମୁଁ ବହୁ ଦିନରୁ ଦେଖି ନଥିଲି !''

''ବାସ୍ତବିକ, ଚମତ୍କାର ଲାଲ !'' ଉତ୍ସାହଭରେ ସମର୍ଥକସୂଚକ ମନ୍ତବ୍ୟ ଦେଲା ଜୟ କୁମାର ।

''ତୁମକୁ କେମିତି ଦିଶୁଛି ?'' ଋଷି ସୁମନ୍ତକୁ ପ୍ରଶ୍ନ କଲେ ।

''ଆଜ୍ଞା ! ମୋତେ ଲାଗୁଛି ଯେମିତି ପଦ୍ମଗୁଡ଼ିକ କ୍ରମେ ଅଧିକରୁ ଅଧିକ ଲାଲ ହୋଇ ଉଠିଲେ !'' ମୃଦୁ କଣ୍ଠରେ ଉତ୍ତର ଦେଲା ସୁମନ୍ତ ।

''ଆଉ ତୁମକୁ ?'' ଋଷି ପ୍ରଶ୍ନ କଲେ ପ୍ରସନ୍ନକୁ । ସେ ଅଳ୍ପ ସମୟ ନୀରବ ରହି କହିଲା, ''ବୁଝିପାରୁ ନାହିଁ । ମୋ ଆଖିରେ କିଛି ସମସ୍ୟା ଉପୁଜିଛି ନିଶ୍ଚୟ । ମୁଁ ରଙ୍ଗ ବାରିବାରେ ଅକ୍ଷମ । ସତେ ଯେମିତି ପଦ୍ମ ସବୁ ଧଳା !'' ଉତ୍ତର ଦେଲା ପ୍ରସନ୍ନ ।

ଭ୍ରମଣ ଶେଷ କରି ସେମାନେ ଆଶ୍ରମକୁ ଲେଉଟି ଆସିଲେ ।

ପରଦିନ ପ୍ରଭାତରେ ଋଷି ଜୟ କୁମାରକୁ କହିଲେ, ''ବାପା, ତୁମେ ଏଥର ପ୍ରତ୍ୟାବର୍ତ୍ତନ କରିପାର । ମୁଁ ତୁମର କଲ୍ୟାଣ କାମନା କରୁଛି !''

ଜୟ କୁମାରର କିଛି କହିବାର ନଥିଲା । ସେ ବିଦାୟ ନେଲା । ଆଉ ଦୁଇ ଦିନ ପରେ ଋଷି ଉଭୟ ପ୍ରସନ୍ନ ଏବଂ ସୁମନ୍ତକୁ ଶିଷ୍ୟ ଭାବରେ ଗ୍ରହଣ କଲେ । ପ୍ରସନ୍ନ ଶାସ୍ତ୍ର ଅଧ୍ୟୟନ କଲା । ସୁମନ୍ତକୁ ଋଷି ଯୋଗ ଶିକ୍ଷା ଦେଲେ । ଋଷିଙ୍କ ମହାପ୍ରୟାଣ ପରେ ସୁମନ୍ତହିଁ ହେଲେ ସେ ଆଶ୍ରମର ଅଧ୍ୟକ୍ଷ । ଜଣେ ଗୁରୁ ଓ ମହତ୍-ହୃଦୟ ଅଭିଭାବକ ରୂପେ ସେ ମଧ୍ୟ ସେ ମୂଳକରେ ଶ୍ରଦ୍ଧାଭାଜନ ହେଲେ ।

କାହାଣୀଟି ଏହିଠାରେ ଶେଷ କରି ବେତାଳ ହଠାତ୍ କଣ୍ଠସ୍ୱର ତୀବ୍ର କରି ପ୍ରଶ୍ନ କଲା, ''ରାଜା ! ମୋତେ କିନ୍ତୁ ଦେବାଚାର୍ଯ୍ୟଙ୍କ ସିଦ୍ଧାନ୍ତ ଖାମଖିଆଲ ଭଳି ଲାଗୁଛି । ଉଭୟ ଜୟ କୁମାର ଓ ସୁମନ୍ତ ତାଙ୍କ ପ୍ରଶ୍ନର ସମାନ ଉତ୍ତର ଦେଇଥିବା ସତ୍ତ୍ୱେ, ଅର୍ଥାତ୍ ଉଭୟେ ସରୋବରସ୍ଥିତ ପଦ୍ମକୁ ଲାଲ କହିବା ସତ୍ତ୍ୱେ, ଋଷି ସୁମନ୍ତକୁ ଶିଷ୍ୟ ଭାବରେ ଗ୍ରହଣ କଲେ ଅଥଚ ଜୟ କୁମାରକୁ ବିଦାୟ କରି ଦେଲେ କାହିଁକି ? ପ୍ରସନ୍ନ ଭିନ୍ନ ଉତ୍ତର ଦେବା ସତ୍ତ୍ୱେ ତାକୁ ମଧ୍ୟ ଶିଷ୍ୟ ରୂପେ ଗ୍ରହଣ କଲେ କିପରି ? ରାଜା ! ପାରିଲେ ମୋ ପ୍ରଶ୍ନର ଉତ୍ତର ଦିଅ । ଉତ୍ତର ଜଣାଥିବା ସତ୍ତ୍ୱେ ଯଦି ନୀରବ ରହିବ, ତେବେ ତୁମ ଶିର ହେବ ସ୍କନ୍ଧଚ୍ୟୁତ !''

ମୁହୂର୍ତ୍ତେ ମଧ୍ୟ ବିଳମ୍ବ ନକରି ରାଜା ବିକ୍ରମ ଦେଲେ ଉତ୍ତର, ''ବେତାଳ, ଋଷି ଦେବାଚାର୍ଯ୍ୟଙ୍କ ଆଚରଣ ଋଷିସୁଲଭ । ସେ ବୁଝିଥିଲେ, ଯେଉଁ ମୁହୂର୍ତ୍ତରେ ସେ ପଦ୍ମଗୁଡ଼ିକୁ ଲାଲ ବୋଲି ଅଭିହିତ କଲେ – ସେଗୁଡ଼ିକ ପ୍ରକୃତରେ ଧଳା ହୋଇଥିବା ସତ୍ତ୍ୱେ – ସେହି ମୁହୂର୍ତ୍ତରେ ସୁମନ୍ତ ଆଖିକୁ ସେଗୁଡ଼ିକ ଲାଲ ହୋଇ ଉଠିବାକୁ ଲାଗିଲେ । ସୁମନ୍ତ ଏଭଳି ମାତ୍ରାରେ ଋଷିଗତ ପ୍ରାଣ ଥିଲା ଯେ ଋଷି ଯାହା କହିବେ ତାହାହିଁ ସତ୍ୟ ବୋଲି ତା'ର ସମଗ୍ର ଚେତନା ଗ୍ରହଣ କରି ନେବ ଏବଂ ତା' ଦର୍ଶନେନ୍ଦ୍ରିୟ ମଧ୍ୟ ଅନୁରୂପ ଅନୁଭୂତି ଲାଭ କରିବ । ଏହା ଆଧ୍ୟାତ୍ମିକ ଉପଲବ୍ଧିର ସତ୍ୟ । କହିବା ବାହୁଲ୍ୟ, ସୁମନ୍ତର ଚେତନା ବିକଶିତ ।

''କିନ୍ତୁ ଜୟ କୁମାର ଏକହିଁ ଉତ୍ତର ଦେଲା ଋଷିଙ୍କୁ ଖୁସି କରିବା ନିମନ୍ତେ । ସେଭଳି ମାମୁଲି ଚାତୁର୍ଯ୍ୟର ଦୃଷ୍ଟାନ୍ତ ସମାଜରେ ଅନବରତ ଦେଖିବାକୁ ମିଳେ ।

ପ୍ରସନ୍ନ କିନ୍ତୁ ତା'ର ଯାହା ବାସ୍ତବ ଇନ୍ଦ୍ରିୟାନୁଭୂତି, ତାହାହିଁ କହିଲା; ଅର୍ଥାତ୍ ସତ୍ୟ କହିଲା । ତା'ର ଅନ୍ୟାନ୍ୟ ସଦ୍‌ଗୁଣ ସମେତ ଏ ସତ୍ୟବାଦିତା ଯୋଗୁଁ ସେ ଋଷିଙ୍କର ଶିଷ୍ୟ ହେବାର ଯୋଗ୍ୟତା ପ୍ରତିପାଦିତ କଲା ।''

ରାଜାଙ୍କ ଉତ୍ତର-ପ୍ରଦାନ ଶେଷ ହେବା ମାତ୍ରେ ଶବ ସହ ଶବସ୍ଥିତ ବେତାଳ ଯାଇ ପୁନର୍ବାର ବୃକ୍ଷ ଡାଳରେ ଲଟକି ପଡ଼ିଲା ।

(ଉତ୍ସ : ସୁପ୍ରାଚୀନ କାହାଣୀ ।
ନବବିନ୍ୟାସ : ଦେବପ୍ରିୟ)❑

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୧୯)


## ମହେନ୍ଦ୍ର ନାଥ ସ୍ୱାଇଁ


### ଅଦ୍ଭୁତ ଯାଦୁକର

ମାର୍ଚ୍ଚ ୧୭, ୧୯୧୪ ପ୍ରାର୍ଥନାଟିରେ ରହିଛି ଦୁଇଟି ବିଭାଗ । ପ୍ରଥମ ଭାଗଟିରେ ଦିବ୍ୟ-ଜନନୀ ଶ୍ରୀମା ଶରୀରର ସମସ୍ୟା ଏବଂ ଏହା ଉପରେ ବିଜୟ ସମ୍ପର୍କରେ ଏକ ଆଲୋକିତ ମନ୍ତବ୍ୟ ପ୍ରକାଶ କରିଛନ୍ତି । ଦ୍ୱିତୀୟ ଭାଗରେ ବିନମ୍ର ଆତ୍ମ-ନିବେଦନର ଅପୂର୍ବ ଭାବ ଉଲ୍ଲେଖ କରିଛନ୍ତି ଏହାର ଉପସଂହାରରେ । ମା "ବିଶ୍ୱାସ" ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଅନ୍ୟତ୍ର ଏହି "ବିଶ୍ୱାସ" ସମ୍ପର୍କରେ ମନ୍ତବ୍ୟ ଦେବାକୁ ଯାଇ କହିଛନ୍ତି, "ବିଶ୍ୱାସ" ହେଉଛି ଚୈତ୍ୟ ପୁରୁଷଙ୍କ ଭିତରେ ସ୍ଥିତ ଏକ ସ୍ୱୟଂକ୍ରିୟ ଜ୍ଞାନ (Faith is spontaneous knowledge in the psychic) । ଏହି ସ୍ୱୟଂକ୍ରିୟ-ଜ୍ଞାନଟି ଉକ୍ତ ପ୍ରାର୍ଥନାଟିରେ ଶାରୀରିକ ଅସୁସ୍ଥଭାବର ବୈଶିଷ୍ଟ୍ୟକୁ ପ୍ରକାଶ କରିଅଛି ।

ଶ୍ରୀଅରବିନ୍ଦଙ୍କ ଯୁଗ ଆରମ୍ଭ ହେବା ପର୍ଯ୍ୟନ୍ତ ଯୋଗ କ୍ଷେତ୍ରରେ ଶରୀରକୁ ଅଣଦେଖା କରାଯାଉଥିଲା । କିନ୍ତୁ ପୂର୍ଣ୍ଣଯୋଗରେ ଶରୀରକୁ ଏକ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଇଛି । ମା' ଉକ୍ତ ପ୍ରାର୍ଥନାରେ ଶରୀରକୁ ଏକ ଚମତ୍କାର ଯନ୍ତ୍ର, "The body is a marvellous tool,..." ବୋଲି ଉଲ୍ଲେଖ କରିଛନ୍ତି । ସୁତରାଂ ଶରୀରର ବିପଦ-ଆପଦ ସମୟରେ ଆମକୁ ତା'ର ଯତ୍ନ ନେବାକୁ ହେବ ।

ପ୍ରାର୍ଥନାଟିର ପ୍ରଥମ ଅନୁଚ୍ଛେଦରେ ସମସ୍ୟାଟିର ସମାଧାନର ସାରାଂଶ ପ୍ରଦାନ କରାଯାଇଅଛି । ତାହା ଏହିପରି – "When physical conditions are a little difficult and some discomfort follows, if one knows how to surrender completely before Thy will, caring little for life or death, health or illness, the integral being enters immediately into harmony with Thy law of love and life, and all physical indisposition ceases giving place to a calm well-being, deep and peaceful."

(March 17, 1914)

"ଯେତେବେଳେ ଶାରୀରିକ ଅବସ୍ଥାରେ ସାମାନ୍ୟ ଅସୁବିଧା ହୋଇଥାଏ ଏବଂ ଏହା ଲାଗି ରହେ, ସେତିକିବେଳେ ଯଦି ଜଣେ ଜାଣିଥାଏ କିପରି ଜୀବନ, ମୃତ୍ୟୁ ଏବଂ ସ୍ୱାସ୍ଥ୍ୟ, ରୋଗ-ବୈରାଗ୍ୟ ସମ୍ବନ୍ଧରେ କିଛି ବି ଚିନ୍ତା ନକରି ନିଜକୁ ସମ୍ପୂର୍ଣ୍ଣ ଭାବରେ ତୁମ ନିକଟରେ ସମର୍ପିତ କରି ଦେବାକୁ ହୁଏ, ତାହାହେଲେ ପ୍ରେମ ଏବଂ ଜୀବନ ଆପଣଙ୍କ (ପ୍ରଭୁଙ୍କ) ନୀତିନିୟମ ସହିତ ତତ୍‌କ୍ଷଣାତ୍ ପୂର୍ଣ୍ଣାଙ୍ଗ ପରିପୂର୍ଣ୍ଣ ସତ୍ତା ଓ ସଙ୍ଗତି ମଧ୍ୟକୁ ପ୍ରବେଶ କରିଯାଏ, ଏବଂ ସକଳ ପ୍ରକାର ଶାରୀରିକ ଅସୁସ୍ଥତାରେ ପୂର୍ଣ୍ଣଚ୍ଛେଦ ପଡ଼ିଯାଏ । ଏହି ଅବସ୍ଥା ଏକ ନୀରବ, ନିଶ୍ଚଳତାପୂର୍ଣ୍ଣ ମଙ୍ଗଳମୟ, ଗଭୀରତା ଏବଂ ପ୍ରଶାନ୍ତି ଆଡ଼କୁ ରାସ୍ତା ପରିଷ୍କାର କରିଦିଏ ।"

ଆମେ ପରିଶ୍ରମ କଲାବେଳେ ଶରୀରରେ "ସହନଶୀଳତାର ଆବଶ୍ୟକତା ଓ କ୍ଳାନ୍ତି କାହିଁକି ଆସେ ।", "ମନ ଏବଂ ପ୍ରାଣ ଶରୀରକୁ କିପରି ବ୍ୟବହାର କରନ୍ତି" ଇତ୍ୟାଦି ସମ୍ପର୍କରେ ମା ଉକ୍ତ ପ୍ରାର୍ଥନାଟିର ଦ୍ୱିତୀୟ ଅନୁଚ୍ଛେଦରେ ଉଲ୍ଲେଖ କରିଛନ୍ତି । ମା କହୁଛନ୍ତି – ମୁଁ ଲକ୍ଷ୍ୟ କରିଛି ଯେତେବେଳେ ବ୍ୟକ୍ତି ନିଜକୁ କର୍ମରେ ନିୟୋଜିତ କରେ ସେତେବେଳେ ତା'ର ବହୁ ପରିମାଣରେ ଶାରୀରିକ ସହନଶୀଳତାର ଆବଶ୍ୟକତା ହୋଇଥାଏ । କର୍ମରେ ଲିପ୍ତ ହେବା ପୂର୍ବରୁ ସେ ସେଥିରେ କି କି ଅସୁବିଧାମାନ ଆସିବ ସେ ସମ୍ବନ୍ଧରେ ଗୁଡ଼ାଏ ପ୍ରାକ୍ ଚିନ୍ତା କରି ପକାଏ । ଫଳରେ ଏହାହିଁ କର୍ମଜନିତ କ୍ଳାନ୍ତିର କାରଣ ହୋଇଥାଏ । କିନ୍ତୁ ଏହା ଅଧିକ ବିଜ୍ଞତାର ପରିଚାୟକ ହେବ ଯଦି ବ୍ୟକ୍ତି କର୍ମ କଲାବେଳେ ସମ୍ମୁଖୀନ ହେଉଥିବା ଅସୁବିଧାମାନଙ୍କୁ ଲକ୍ଷ୍ୟ କରିବ ଏବଂ ତା'ର ସମାଧାନର ବାଟ ଖୋଜିବ – ଯାହାକୁ କୁହାଯାଏ ସେହି ସମୟର ଅସୁବିଧା (difficulty of the present instant) । ଏହିପରି ଭାବରେ ଚିନ୍ତାକଲେ କର୍ମ-ପ୍ରଚେଷ୍ଟା ଅଧିକତର ସୁଗମ ଓ ସହଜ ହେବ, କାରଣ କର୍ମ-ପଥରେ ଆସୁଥିବା ପ୍ରତିରୋଧକୁ ସମ୍ମୁଖୀନ ହେବା ପାଇଁ ସମାନୁପାତରେ ଶକ୍ତି ମଧ୍ୟ ପ୍ରାପ୍ତ ହେଉଥିବ । ପ୍ରତିରୋଧ ଏବଂ ଶକ୍ତି ନିଜ ଅକ୍ତିଆରରେ ହାତମୁଠାରେ ରହିଥିବେ ।"

ଶରୀର ସମ୍ପର୍କରେ ମା କହନ୍ତି – ‘‘ଶରୀର ଏକ ଚମତ୍କାର ଯନ୍ତ୍ର । ଆମ ମନ, ଶରୀରକୁ କିପରି ବ୍ୟବହାର କରାଯାଏ ତାହା ଜାଣି ନାହିଁ । ଶରୀରର କୋମଳତା ଓ ନମନୀୟତା (suppleness and plasticity)ର ଯତ୍ନନେବା ପରିବର୍ତ୍ତେ ସେ ତା’ ଉପରେ କେତେକ ନିର୍ଦ୍ଦିଷ୍ଟ କାମ ଲଦିଦିଏ । ଏହି ଲଦିଦେବା ଅଭ୍ୟାସଟିକୁ ମନ ତା’ର ପୂର୍ବ ପରମ୍ପରାଗତ ଧାରଣାମାନଙ୍କରୁ, ସଂସ୍କାରରୁ ଏବଂ ତାକୁ ସୁହାଉ ନଥିବା ମତାମତ (preconceived ideas and unfavourable suggestions)ମାନଙ୍କରୁ ପ୍ରାପ୍ତ ହୋଇଥାଏ ।’’

ପୁନଶ୍ଚ ମା କହୁଛନ୍ତି, ‘‘ହେ ପରମ ପ୍ରଭୁ, ଆପଣଙ୍କ ସହ ମିଳିତ ହେବା, ଏକାକାର ହୋଇଯିବା, ଆପଣଙ୍କ ଭିତରେ ବାସ କରିବା ହେଉଛି ସର୍ବୋତ୍ତମ ବିଜ୍ଞାନ; ତତ୍‌ପରେ ମନୁଷ୍ୟ ପାଖରେ କୌଣସି କଥା ଅସମ୍ଭବ ହୋଇ ରହିବ ନାହିଁ, ଯେଉଁ ମଣିଷ ଆପଣଙ୍କ ସର୍ବଶକ୍ତିମାନ୍ ବିଭବଟିକୁ ପ୍ରକାଶିତ କରିବାରେ ସର୍ବଦା ଲାଗି ରହିଛି ।’’

‘‘ହେ ପ୍ରଭୁ ! ଏକ ଶାନ୍ତ ନୀରବ ସଙ୍ଗୀତ ସଦୃଶ ମୋର ଆସ୍ପୃହା ଆପଣଙ୍କ ଅଭିମୁଖେ ଉଠିଚାଲିଛି ଏବଂ ଆପଣଙ୍କ ଦିବ୍ୟପ୍ରେମ ମୋର ହୃଦୟକୁ ଆଲୋକିତ କରୁଅଛି ।’’

‘ହେ ମୋର ଦିବ୍ୟପ୍ରଭୁ ! ମୁଁ ଆପଣଙ୍କ ସମ୍ମୁଖରେ ମସ୍ତକ ଅବନତ କରୁଅଛି ।’’

ଆଲୋଚିତ ପ୍ରାର୍ଥନାଟିକୁ ମା ଲେଖିଛନ୍ତି ମାର୍ଚ୍ଚ ୧୭, ୧୯୧୪ ତାରିଖରେ । ଶ୍ରୀଅରବିନ୍ଦଙ୍କ ସହିତ ତାଙ୍କର ଐତିହାସିକ ସାକ୍ଷାତ୍‌କାର ଆହୁରି ବାର ଦିନ ବାକି ଅଛି; ତାହା ହେଉଛି ମାର୍ଚ୍ଚ ୨୯, ୧୯୧୪ । କିନ୍ତୁ ଏହି ପ୍ରାର୍ଥନାରେ ଶ୍ରୀଅରବିନ୍ଦଙ୍କ ଶରୀର ସମ୍ପର୍କୀୟ ନୂତନ କଥାବସ୍ତୁମାନ ପ୍ରତିଧ୍ୱନିତ ହୋଇଅଛି । ମାର୍ଚ୍ଚ ୧୮, ୧୯୧୪ ତାରିଖ ପ୍ରାର୍ଥନାରେ ମା କହୁଛନ୍ତି –

‘‘ଆପଣହିଁ ପୂର୍ଣ୍ଣଜ୍ଞାନ ପରିପୂର୍ଣ୍ଣ ଅଦ୍ୱିତୀୟ ଚେତନା । ଆପଣଙ୍କ ସହିତ ଯିଏ ମିଳିତ ହୋଇଯାଏ ତାକୁ ସର୍ବଦର୍ଶୀ ବା ସର୍ବଜ୍ଞ କୁହାଯାଏ – ଅବଶ୍ୟ ମିଳନର ସର୍ବଶେଷ ପାବଚ୍ଛରେ । ଏପରିକି ଏହି ଅବସ୍ଥାରେ ପହଞ୍ଚିବା ପୂର୍ବରୁ, ଯିଏ ତା’ର ସମଗ୍ର ସତ୍ତାକୁ ସାମଗ୍ରିକ ଇଚ୍ଛାଶକ୍ତି ସହିତ ଐକାନ୍ତିକ ଭାବରେ ଆପଣଙ୍କୁ ନିବେଦିତ କରି ଦେଇଥିବ, ଯିଏ ପ୍ରତିଜ୍ଞା କରିଥିବ, ଏହି ସୃଷ୍ଟିର ପରିପ୍ରକାଶରେ ତା’ର ସକଳ ସାମର୍ଥ୍ୟକୁ ପ୍ରୟୋଗ କରି ସାହାଯ୍ୟ କରିବ ଏବଂ ନିଜ ଭିତରେ ଆପଣଙ୍କ ଦିବ୍ୟ-ପ୍ରେମର ନିୟମକୁ ପ୍ରାପ୍ତ ହୋଇ ସେସବୁକୁ ଧରି ରଖିବ, ଏବଂ ଯେଉଁ ଯେଉଁ କ୍ଷେତ୍ରରେ ତା’ର ପ୍ରଭାବ ଥିବ ଶେଷରେ ସେହି ଦିବ୍ୟପ୍ରେମର ନିୟମକୁ ସେଠାରେ ପ୍ରତିଷ୍ଠିତ କରାଇବ; ତା’ର ଜୀବନ ପରିସରରେ ଯେଉଁସବୁ ବିଷୟମାନ ଦେଖା ଦେବ ସେସବୁ ଯେପରି ବଦଳିଯିବେ, ପରିବର୍ତ୍ତିତ ହୋଇଯିବେ ସେଥିପ୍ରତି ମଧ୍ୟ ଦୃଷ୍ଟି ଦେଉଥିବ । ସକଳ ପରିସ୍ଥିତି ଯେପରି ଆପଣଙ୍କ ନିୟମକୁ ପ୍ରକାଶ କରନ୍ତି ଏବଂ ତା’ର ଆତ୍ମ-ନିବେଦନରେ ତାକୁ ସାହାଯ୍ୟ କରନ୍ତି ସେଥିପ୍ରତି ମଧ୍ୟ ଲକ୍ଷ୍ୟ ରଖିଥିବ । କାରଣ ତା’ ପାଇଁ ଏହାହିଁ ସର୍ବୋତ୍ତମ ମାର୍ଗ, ସବୁବେଳେ ସର୍ବୋତ୍ତମହିଁ ଘଟିବ, ଏବଂ ଯଦି ତା’ର ପ୍ରଜ୍ଞା ମଧ୍ୟରେ ତଥାପି କିଛି ଅନ୍ଧକାର ବା ଅବୋଧଗମ୍ୟ ସ୍ଥାନ ରହିଯାଇଥାଏ, କିଛି ଅଜ୍ଞ କାମନା-ବାସନା ଯାହାସବୁ ବେଳେବେଳେ ତାକୁ ସେମାନଙ୍କ ସମ୍ବନ୍ଧରେ ତତ୍‌କ୍ଷଣାତ୍ ସଚେତନ ହେବାକୁ ଦିଅନ୍ତି ନାହିଁ, ପ୍ରତିବନ୍ଧକ ସୃଷ୍ଟି କରନ୍ତି; ସେତିକିବେଳେ ସେ (ସାଧକ) ଶୀଘ୍ର ହେଉ ବା ପରେ ହେଉ ଜାଣିପାରେ ଯେ ତାକୁ ଏକ ଫଳପ୍ରଦ ଶକ୍ତି ସୁରକ୍ଷା ପ୍ରଦାନ କରୁଛନ୍ତି ଏପରିକି ତା’ ନିଜଠାରୁ ବି ତାକୁ ସୁରକ୍ଷିତ ରଖିଛନ୍ତି ଏବଂ ସିଏ ପ୍ରସ୍ଫୁଟିତ ହେବା ପାଇଁ, ଖୋଲିଯିବା ପାଇଁ, ରୂପ ବଦଳାଇ ଦେବା ପାଇଁ, ସାମଗ୍ରିକ ଭାବରେ ରୂପାନ୍ତରିତ ହୋଇଯିବା ପାଇଁ ଏବଂ ବ୍ୟବହାର ଉପଯୋଗୀ ହେବା ପାଇଁ ତା’ ନିମନ୍ତେ ଅନୁକୂଳ ପରିସ୍ଥିତି ଏବଂ ସର୍ବୋତ୍ତମ ଭାବେ ସୁହାଇବା ଭଳି ଅବସ୍ଥା ସୃଷ୍ଟି କରୁଛନ୍ତି ।’’

ଆମେ ଉପରୋକ୍ତ ବିଷୟଟି ସମ୍ପର୍କରେ ସଚେତନ ହେବା ମାତ୍ରକେ ଏବଂ ସେ ସମସ୍ତଙ୍କୁ ବୁଝିଯିବା ମାତ୍ରେ ଭବିଷ୍ୟତ୍ ଅବସ୍ଥା ସମ୍ପର୍କରେ ଆଉ ବ୍ୟସ୍ତ ହେବା ନାହିଁ ଅଥବା ଘଟଣାମାନେ ଯଦି ପରିବର୍ତ୍ତିତ ହୋଇଯା’ନ୍ତି ତେବେ ବି କିଛି ଅସୁବିଧା ହେବ ନାହିଁ । ଆମେ ଯାହା ସର୍ବୋତ୍ତମ ମନେକରୁ ସେହି କାର୍ଯ୍ୟଟିକୁ ଯଦି ସମ୍ପୂର୍ଣ୍ଣ ନୀରବତା ଓ ପ୍ରଶାନ୍ତି ମଧ୍ୟରେ କରିଥାଉ ତାହାହେଲେ ଆମେ ବୁଝିଯାଇଥାଉ ଯେ ସେଥିରୁ ନିଶ୍ଚିତ ଭାବରେ ସବୁଠାରୁ ଭଲ ଫଳ ମଧ୍ୟ ପ୍ରାପ୍ତ ହେବ । ଯଦିଓ ଆମେ ଆମର ସୀମିତ ଭାବନା ମଧ୍ୟରେ ଏତେ ଭଲ ଫଳ ମିଳିବ ବୋଲି ଭାବି ନଥାଉ । ଏହା ଅପ୍ରତ୍ୟାଶିତ ଭାବରେ ପ୍ରାପ୍ତ ହୋଇଥାଏ ।

ଉକ୍ତ ପ୍ରାର୍ଥନାର ଶେଷ ଚାରି ଧାଡ଼ିରେ ମା କହୁଛନ୍ତି, ‘‘ହେ ପ୍ରଭୁ ! ସେହି କାରଣରୁ ଆମମାନଙ୍କର ହୃଦୟ ହାଲୁକା ହୋଇଯାଉଛି, ଆମର ଚିନ୍ତା ବିଶ୍ରାମ ପ୍ରାପ୍ତ ହୋଇଛି । ସେଥିପାଇଁ ଆମେମାନେ ସମସ୍ତେ ଆପଣଙ୍କ ଆଡ଼କୁ ମୁଖ ଫେରାଇଛୁ –

ଚାହିଁ ରହିଛୁ – ଆସ୍ଥା ସ୍ଥାପନ କରିପାରିଛୁ । କୁହାଯାଇପାରେ ଯେ ଆମେ ସମ୍ପୂର୍ଣ୍ଣ ଶାନ୍ତ ବାତାବରଣ ଭିତରେ ବାସ କରିପାରିଛୁ ।''

''ହେ ପ୍ରଭୁ ! ଆପଣଙ୍କ ଇଚ୍ଛା ପୂର୍ଣ୍ଣ ହେଉ, ଏହାରି ଭିତର ଦେଇ ପ୍ରକୃତ ସଙ୍ଗତି ଅନୁଭୂତ ହେଉ ।''

ମାର୍ଚ୍ଚ ୧୯, ୧୯୧୪ ପ୍ରାର୍ଥନାଟିର ମଧ୍ୟ ଭାଗରେ ଦିବ୍ୟ-ଜନନୀ ଶ୍ରୀମା ତାଙ୍କର ଅପୂର୍ବ ଅନୁଭୂତି କଥା ବର୍ଣ୍ଣନା କରିଛନ୍ତି । ତାହା ହେଲା, ''ମୋର ହୃଦୟ ଭିତରେ ଆପଣ ଅବସ୍ଥାନ କରି ତାକୁ ପୂର୍ଣ୍ଣ କରି ଦେଇଛନ୍ତି, ମନେ ହେଉଛି ତାହା ଅସୀମ ଅନନ୍ତ ଭିତରକୁ ପ୍ରସାରିତ ହୋଇଯାଉଛି ଏବଂ ମୋର ସକଳ ପ୍ରଜ୍ଞା ଆପଣଙ୍କ ଉପସ୍ଥିତିରେ ଜାଜ୍ୱଲମାନ ହୋଇ ଉଠୁଛନ୍ତି – ଏକ ବିଶୁଦ୍ଧ ହୀରକ ଖଣ୍ଡ ସଦୃଶ ଜ୍ୟୋତିଃ ବିକିରଣ କରୁଛନ୍ତି ।

ପୁନଶ୍ଚ ''ଆପଣ ହେଉଛନ୍ତି ଏକ ଅଦ୍ଭୁତ ଯାଦୁକର, ଯିଏ ସବୁକିଛିର ରୂପ ବଦଳାଇ ଦେଉଛନ୍ତି, କୁତ୍ସିତତା ଭିତରୁ ସୌନ୍ଦର୍ଯ୍ୟକୁ ଟାଣି ଆଣୁଛନ୍ତି – ଅନ୍ଧକାର ଭିତରୁ ଆଲୋକ, ପଙ୍କ ଭିତରୁ ସ୍ୱଚ୍ଛଜଳ, ଅଜ୍ଞାନତା ମଧ୍ୟରୁ ଜ୍ଞାନ ଏବଂ ଅହଂକାର ଭିତରୁ ସର୍ବ ମଙ୍ଗଳମୟ ଭାବକୁ ବାହାର କରି ଆଣୁଛନ୍ତି ।''

''ଆପଣଙ୍କ ଭିତରେ, ଆପଣଙ୍କ ଦ୍ୱାରା, ଆପଣଙ୍କ ପାଇଁ ଆମେମାନେ ଏଠାରେ ବଞ୍ଚି ରହିଛୁ ଏବଂ ଆପଣ ତିଆରି କରିଥିବା ନିୟମ ଆମ ଜୀବନର ସର୍ବୋତ୍ତମ ପ୍ରଭୁ ହୋଇଉଠୁ ।''

''ସବୁ ସ୍ଥାନରେ ଆପଣଙ୍କ ଇଚ୍ଛା ପୂର୍ଣ୍ଣ ହେଉ । ଆପଣଙ୍କ ପ୍ରଶାନ୍ତି ସମଗ୍ର ପୃଥିବୀରେ ରାଜତ୍ୱ କରୁ ।''

(କ୍ରମଶଃ)

❑❑❑

**ତଥ୍ୟ ନିର୍ଦ୍ଦେଶିକା**

(୧) ଧ୍ୟାନ ଓ ପ୍ରାର୍ଥନା - ଶ୍ରୀମା; (୨) Notes on The Prayers and Meditations : Goutam Ghosal


**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyala, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Bhubaneswar Contact
Phone/Whatsapp: 9937786512

Mfr: **Ayurlabs India,** Pondicherry 605001.Ph: 0413-2224935,2339477 Email: ayurlabs@gmail.com

# ବିଶ୍ୱଜନନୀ ଶ୍ରୀମା

## ଶିଶିର କୁମାର ମିତ୍ର

### ନଭେମ୍ବର ୧୯୩୯

ମୁଁ ପଣ୍ଡିଚେରୀରେ ପହଞ୍ଚିବା ପରଠାରୁ, ମୋ ଭିତରେ ଏକ ପରିବର୍ତ୍ତନ ଅନୁଭବ କରିବା ଆରମ୍ଭ କଲି । ମୁଁ ଯେଉଁ ପୃଥିବୀକୁ ପଛରେ ଛାଡ଼ି ଆସିଥିଲି, ତାହା ପ୍ରାୟ ମୋ ମସ୍ତିଷ୍କରୁ ବିଲୀନ ହୋଇଯାଇଥିଲା; ଏବଂ ମୁଁ ଏକ ଭିନ୍ନ ପୃଥିବୀରେ ପାଦ ଥାପିଥିଲି – ଯାହା ମୁଁ ଅନୁଭବ କରୁଥିଲି ତାହା ଏକ ସକ୍ରିୟ ଆଧ୍ୟାତ୍ମିକ ସ୍ପନ୍ଦନ ଭଳି ପ୍ରତୀୟମାନ ହେଉଥିଲା । ଯଦି ଜଣେ ଯଥେଷ୍ଟ ଗ୍ରହଣଶୀଳ ହୋଇଥାଏ, ତେବେ ଆଶ୍ରମ ବାତାବରଣରୁ ସୂକ୍ଷ୍ମଭାବେ ଯେଉଁ ଆଧ୍ୟାତ୍ମିକ ଦୀପ୍ତି ବିକୀର୍ଣ୍ଣ ହେଉଥିଲା ତାହା ନିଶ୍ଚିତଭାବେ ଅନୁଭବ କରିପାରିବ ଏବଂ ଉଲ୍ଲସିତ ହେବ । ତଥ୍ୟାତ୍ମକ ଭାବେ ମୋର ଚୀନଦେଶୀୟ ବନ୍ଧୁ ଜଣକ ମନ୍ତବ୍ୟ ଦେଇଥିଲେ ଯେ, ‘‘ଆଶ୍ରମ, ପଣ୍ଡିଚେରୀର ଅନ୍ତର୍ଭୁକ୍ତ ନୁହେଁ ବରଂ ପଣ୍ଡିଚେରୀ ଆଶ୍ରମ ଅନ୍ତର୍ଭୁକ୍ତ ।’’

...ମୁଁ ଶ୍ରୀମା’ଙ୍କୁ ଦର୍ଶନ କଲି ଏବଂ ହୃଦୟ ଭରି ଅନୁଭବ କରିଥିଲି ଯେ ପ୍ରକୃତରେ ଶ୍ରୀମା ହେଉଛନ୍ତି ବିଶ୍ୱଜନନୀ । ସେହି ସନ୍ଧ୍ୟାରେ ମୋର ଆନନ୍ଦ ଥିଲା ଅପରିସୀମ, ଅବର୍ଣ୍ଣନୀୟ । ମୁଁ ଅତିରିକ୍ତଭାବେ ପରମାନନ୍ଦଙ୍କ ଆବେଗପୂର୍ଣ୍ଣ ଭାବାବେଗରେ ମୋର ଅସ୍ତିତ୍ୱ ହରେଇ ବସିଥିଲି । ଏଭଳିଭାବେ ସେହି ପୁଲକରେ ମୁଁ ଅଭିଭୂତ ହୋଇ ପଡ଼ିଲି ଯେ ଯାହା ମୋତେ ବିସ୍ମିତ କରିଥିଲା । ମୋ ହୃଦୟର ଭାବାବେଶମୟ ରୋମାଞ୍ଚକାରୀ ପୁଲକ ଆନ୍ତର ପ୍ରଶାନ୍ତି ଦ୍ୱାରା ଅଧିକୃତ ହେବା ପର୍ଯ୍ୟନ୍ତ ତାହା ସେହିପରି ରହିଥିଲା ।

ମୋର ଏହିପରି ଅନୁଭୂତି ଶହେଗୁଣ ବଢ଼ିଯାଇ ତା’ର ଚରମ ସୀମାରେ ପହଞ୍ଚି ଯାଇଥିଲା, କିଛିଦିନ ପରେ ଯେତେବେଳେ ଶ୍ରୀମା କୃପା ପରବଶ ହୋଇ ତାଙ୍କ ପାଦପଦ୍ମ ନିକଟରେ ବସିବା ପାଇଁ, ସେହି ପଦଯୁଗଳକୁ ସ୍ପର୍ଶ କରିବା ପାଇଁ, ତାଙ୍କ ସହିତ ଆଳାପ କରିବା ପାଇଁ ଏବଂ ଧ୍ୟାନ କରିବା ପାଇଁ ମୋତେ ସଦୟ ଅନୁମତି ଦେଇଥିଲେ । ଶ୍ରୀମା’ଙ୍କର ସେହି ପଦଯୁଗଳ ମୋ ପାଇଁ ଥିଲା ତୀର୍ଥସ୍ଥାନ, ଶ୍ରୀମା ଯେକି ଦିବ୍ୟ-ଆଲୋକରେ ପରିପୂର୍ଣ୍ଣା । ମୁଁ ଅନୁଭବ କରୁଥିଲି ଯେ ସମଗ୍ର ଆଲୋକମୟ ଜଗତ୍ ଅବତରି ଆସିଛି ଓ ଆମର ଏ କ୍ଷୁଦ୍ର ପୃଥିବୀକୁ ପ୍ଲାବିତ କରି ଦେଉଛି ଏବଂ ଏହି ପୃଥିବୀର ପ୍ରତ୍ୟେକ ବସ୍ତୁ ସେହି ପବିତ୍ର ରୂପାନ୍ତରକାରୀ ଆଲୋକର ଦୀପ୍ତିକୁ ଊର୍ଦ୍ଧ୍ୱ ଦୃଷ୍ଟିରେ ଦେଖୁଛି ଏବଂ ସେଥିରେ ସ୍ନାତ ହେଉଛି । ତାଙ୍କର କଣ୍ଠ ସ୍ୱର କେତେ ମଧୁର ! ତାଙ୍କର ସ୍ପର୍ଶ ସତେ ଅବା ସମ୍ମୋହନକାରୀ ! ଏବଂ କିଏ ବା ଅନୁଭବ ନ କରିପାରିବ ଊର୍ଦ୍ଧ୍ୱରୁ ଅବତରି ଆସୁଥିବା ଦିବ୍ୟଶକ୍ତିର ଚାପକୁ ? ତାହା କ’ଣ ସ୍ୱର୍ଗର ଐଶ୍ୱର୍ଯ୍ୟ ନୁହେଁ ଯାହା ପୃଥିବୀକୁ ଅବତରଣ କରିଥିଲା ତା’ର ସନ୍ତାନମାନଙ୍କୁ ସର୍ବୋତ୍ତମ ଅଦୃଷ୍ଟ ନିୟତି ଦିଗରେ ପରିଚାଳିତ କରିବାକୁ ? କିଏ କହେ ଶ୍ରୀମା ପରିଣତ ବୟସ୍କା ବୋଲି ? ସେ କାଳଜୟୀ, ଏବଂ ଶାଶ୍ୱତ ତାରୁଣ୍ୟର ପ୍ରତିନିଧିତ୍ୱ କରୁଛନ୍ତି । ପ୍ରକୃତରେ ସେ **ରାଜରାଜେଶ୍ୱରୀ** । ସେ ପ୍ରଭୁମାନଙ୍କ ଊର୍ଦ୍ଧ୍ୱସ୍ଥ ପ୍ରଭୁଙ୍କର ଦିବ୍ୟ-ସଙ୍ଗିନୀ, ପ୍ରତି ନିୟତ ନିଜର ଯନ୍ତ୍ରଣା କାତର ସନ୍ତାନମାନଙ୍କୁ **ଅଭୟ** ପ୍ରଦାନ କରନ୍ତି, ଏବଂ ସ୍ୱର୍ଗୀୟ-ସ୍ମିତ ହାସ୍ୟରେ ସେମାନଙ୍କୁ ତାହା ଗ୍ରହଣ କରି ଅମର ରହିବାକୁ ଆହ୍ୱାନ କରନ୍ତି ।

କି ପ୍ରକାର ଆଶା, କି ପ୍ରକାର ଆନନ୍ଦ ଯାହା ମା ତାଙ୍କର ସନ୍ତାନମାନଙ୍କୁ ଦେଉଛନ୍ତି ! ଯେଉଁ ବ୍ୟକ୍ତି ଥରେ ଶ୍ରୀମା’ଙ୍କ ଅଧର ନିଃସୃତ ଅମ୍ଳାନ ସ୍ମିତହାସ୍ୟ ଦେଖିଛି, ତା’ର କୌଣସି ଭୟ କରିବାର ନାହିଁ, – ସେହି ମା ଯିଏକି ସର୍ବ-ଶକ୍ତିମୟୀ, ସର୍ବ-ସୌନ୍ଦର୍ଯ୍ୟମୟୀ ଏବଂ ଅଫୁରନ୍ତ ସ୍ନେହମୟୀ ।

(Ref : The Glory of Darshan, p. 29 - 30)

ଅନୁବାଦ : ପ୍ରୀତି ପଟ୍ଟନାୟକ

❑❑❑

# ଭଗିନୀ ନିବେଦିତା

## (୩)

### ନୀରଦବରଣ

ସ୍ୱାମିଜି ଅସୁସ୍ଥ, ରୋଗ ଓ କର୍ମଚାପରେ ଶରୀର ଦୁର୍ବଳ, ତଦୁପରି ଅର୍ଥାଭାବ, ନିବେଦିତାଙ୍କୁ ଦେଶକୁ ପଠାଇ ଦେବାର କଳ୍ପନା ମଧ୍ୟ ବାଦ୍ ଯାଉନି । ଏପରି ସମୟରେ ଆମେରିକାର ମହିଳା ଭକ୍ତଙ୍କ ନିମନ୍ତ୍ରଣ ଆସି ପହଞ୍ଚିଲା । ନିବେଦିତାଙ୍କୁ ନେଇ ଗୁରୁ ୟୁରୋପ ଯାତ୍ରାକଲେ, ଯଦି ସେଠାରେ ଅର୍ଥ ସାହାଯ୍ୟ ମିଳିପାରେ ଏବଂ ଶରୀର ଅବା ବିଶ୍ରାମ ପାଇପାରେ । ଗୁରୁ ଶିଷ୍ୟାଙ୍କୁ କହିଲେ, ''ଭୁଲିଯାଅ ନାହିଁ ଯେ ତୁମେ ମା କାଳୀଙ୍କର ସନ୍ତାନ । ତୁମର ସମସ୍ତ ଭୂତ, ଭବିଷ୍ୟତ୍ ମୁଁ ସ୍ପଷ୍ଟ ଦେଖିପାରୁଛି, କିନ୍ତୁ ବର୍ତ୍ତମାନ ତୁମେ ବାଧ ଶିଶୁ ବିନା ଆଉ କିଛି ନୁହଁ'' । ଯାତ୍ରା ପୂର୍ବରୁ ଦକ୍ଷିଣେଶ୍ୱରର ପଞ୍ଚବଟୀରେ ବସି ନିବେଦିତା ପ୍ରାର୍ଥନା କଲେ, ''ମା, ମୋ ଗୁରୁଙ୍କୁ ଶାନ୍ତି ଦିଅ, ତାଙ୍କର କ୍ଲେଶ ମୋତେ ଦିଅ, ତୁମେ ତ ଜାଣ ତାଙ୍କର କଷ୍ଟ ମୋତେ କେତେ ଅସ୍ଥିର କରେ, ତାଙ୍କ ପ୍ରତି ମୋର ଭକ୍ତି, ପ୍ରେମ ତୁମକୁ ଅଜଣା ନାହିଁ । ତାଙ୍କରି କାର୍ଯ୍ୟ ଲାଗି, ତାଙ୍କରି ଶାନ୍ତି ପାଇଁ ମୁଁ ମୋ ଦେହର ଶେଷ ରକ୍ତବିନ୍ଦୁ ପର୍ଯ୍ୟନ୍ତ ଢାଳିଦେବି । ତୁମେ ତାଙ୍କୁ ରକ୍ଷା କର ।''

ସାମୁଦ୍ରିକ ଜଳବାୟୁରେ ସ୍ୱାମିଜିଙ୍କର ଆଶୁ ପରିବର୍ତ୍ତନ ଦେଖାଗଲା, ଶିଷ୍ୟା ଉତ୍‌ଫୁଲ୍ଲ । ଗୁରୁଙ୍କର ନିବିଡ଼ ସାନ୍ନିଧ୍ୟରେ ସେ ଧନ୍ୟା । ସବୁବେଳେ ତାଙ୍କ ପାଖରେ ନୀରବରେ ବସିବା, ଡେକ୍ ଉପରେ ତାଙ୍କ ସହ ବୁଲିବା, ତାଙ୍କର ସେବା, ତାଙ୍କର ଅତଳ ଜ୍ଞାନସମୁଦ୍ରରୁ ମଣିମୁକ୍ତା ସଂଗ୍ରହ କରିବା, ଏପରି ସୌଭାଗ୍ୟ କେତେ ଜଣଙ୍କର ହୁଏ ! ସର୍ବୋପରି ତାଙ୍କ ସାନ୍ନିଧ୍ୟର ନୀରବ ଆଧ୍ୟାତ୍ମିକ ପ୍ରଭାବ, ସେ ତ ଅବାଙ୍‌ମାନସଗୋଚର । ଗୁରୁ ମଧ୍ୟ ଶିଷ୍ୟା ପ୍ରତି ତାଙ୍କର ସମସ୍ତ ମନୋଯୋଗ ଢାଳିଦେଲେ, ଶିଷ୍ୟାର ମନ ତଳର ତ୍ରୁଟି, କାର୍ଯ୍ୟ ମଧ୍ୟସ୍ଥ ସୂକ୍ଷ୍ମ ଆସକ୍ତି, ଚିନ୍ତା ଓ ପ୍ରାଣତଳର ପଳାତକ ବାସନା ! ଏମାନଙ୍କ କବଳରୁ ମୁକ୍ତ ହେବାର ଏହାହିଁ ସୁବର୍ଣ୍ଣ ସୁଯୋଗ । ଗୁରୁଙ୍କୁ ସେ ବାରଂବାର ପ୍ରଶ୍ନ କରିଛନ୍ତି କିପରି ଅବ୍ରଣ, ଅକ୍ଷତ ରହି ହେବ, କିପରି ଭାବେ ଉଚ୍ଚତର ଶାନ୍ତିର ଅବତରଣ ହେବ । ଗୁରୁଙ୍କର ଏକହିଁ ଉତ୍ତର – ଆବେଶ-ଲେଶହୀନ ହୁଅ; ଏହାହିଁ ଗୂଢ଼ତମ ରହସ୍ୟ । ତା'ଛଡ଼ା ଚିନ୍ତା ନୁହେଁ, ଅନୁକରଣ ନୁହେଁ, ଚାଞ୍ଚଲ୍ୟ ନୁହେଁ, ନିଜ ପୌରୁଷ ସତ୍ତାରେ ପ୍ରତିଷ୍ଠିତ ହୁଅ, ମୁକ୍ତି ଆସିବ, ସର୍ବତ୍ୟାଗୀ ହୁଅ ।'' ଏହି ପ୍ରସଙ୍ଗ କ୍ରମେ ଶ୍ରୀଅରବିନ୍ଦଙ୍କ ଉପଦେଶ ମୋର ମନେ ପଡୁଛି – ମମତା ଦରକାର, ଏପରି ମମତା ଯାହା ଭୂମିକମ୍ପରେ ମଧ୍ୟ ଲେଶମାତ୍ର କମ୍ପିତ ହେବ ନାହିଁ । ଏହି ଛ' ସପ୍ତାହ ମଧ୍ୟରେ ଗୁରୁଙ୍କ ଅଗାଧ ବିଚିତ୍ର ଜ୍ଞାନ-ସମ୍ପଦ ଯେପରି ଶିଷ୍ୟାଙ୍କ ପାଇଁ ଉନ୍ମୁକ୍ତ ହୋଇଗଲା । ଦର୍ଶନ, ଇତିହାସ, ଧର୍ମ, ସଂସ୍କୃତି, ଗୁରୁବାଦ, ତପସ୍ୟା, ଶିକ୍ଷା, ମନୁଷ୍ୟତ୍ୱର ସାଧନା କୌଣସି କିଛିର ଚର୍ଚ୍ଚା ବାଦ୍ ଯାଇ ନାହିଁ, କିନ୍ତୁ ସମୁଦ୍ରର ଗମ୍ଭୀର ଧ୍ୱନି ପରି ସମସ୍ତଙ୍କୁ ଅତିକ୍ରମ କରି ଏକମାତ୍ର ଉଦାର ସୁର ଧ୍ୱନିତ ହୋଇଉଠେ ''ଅଭି'' । ଉପନିଷଦର ଗୋଟିଏ ମନ୍ତ୍ର ମୁଁ ସର୍ବଦା ଉଚ୍ଚାରଣ କରିଛି, ଗୁରୁ କହିଛନ୍ତି, ''କୁହ Strength ! ନାୟମାତ୍ମା ବଳହୀନେନ ଲଭ୍ୟଃ !'' ମୋର ନିଜର ଆଦର୍ଶ ସେଇ ସାଧୁପୁଙ୍ଗବ, ସିପାହି-ବିଦ୍ରୋହ ସମୟରେ ଯାହାଙ୍କୁ ହତ୍ୟା କରିବା ମୁହୂର୍ତ୍ତରେ ଶୁଣାଗଲା ''ତୁମେ ସେଇ'' । ଏଇ ଛଅ ସପ୍ତାହର ଅନ୍ତରଙ୍ଗତା ଶିଷ୍ୟାଙ୍କ ପ୍ରଶାନ୍ତ ଆକାଶରେ ତାରା ପରି ଉଜ୍ଜ୍ୱଳ ହୋଇ ରହିଲା ।

ଷ୍ଟିମର ଲଣ୍ଡନରେ ପହଞ୍ଚିଲା । କିଛିଦିନ ପରେ ସ୍ୱାମିଜି ଏକା ଆମେରିକା ଗଲେ । କିଛିଦିନ ପରେ ନିବେଦିତା ମଧ୍ୟ ସେଠାରେ ଉପସ୍ଥିତ ହେଲେ । ପୁଣି ଗୁରୁଶିଷ୍ୟାଙ୍କର ମିଳନ । ସେଠାରେ ଶିଷ୍ୟାଙ୍କର କଠିନ କାର୍ଯ୍ୟ, ବକ୍ତୃତା ଦେଇ ଟଙ୍କା ଆଦାୟ କରିବା । ପାଶ୍ଚାତ୍ୟ ମହଲରେ ନିବେଦିତାଙ୍କ ସମ୍ବନ୍ଧରେ ବେଶ୍ ଔତ୍ସୁକ୍ୟ ସୃଷ୍ଟି ହୋଇଛି । ଭାରତବର୍ଷ ସମ୍ବନ୍ଧରେ ବିଦେଶୀ ମହିଳାଙ୍କର କ'ଣ ଧାରଣା, ସେମାନେ ତାହା ଜାଣିବା ପାଇଁ ଚାହାନ୍ତି । ନିବେଦିତାଙ୍କର ମାନସିକ ଅସ୍ଥିରତା ଗୁରୁ ଭଲ ଭାବେ ଲକ୍ଷ୍ୟ କରିଛନ୍ତି । ଷ୍ଟିମରରେ ଥିବା ସମୟରେ ପଚାରିଥିଲେ ''ଟଙ୍କା ଆଦାୟ କରିପାରିବ ବୋଲି ଭାବୁଛ ?'' ଶିଷ୍ୟାଙ୍କର ନିର୍ଭୀକ ପ୍ରତ୍ୟୁତ୍ତର ''– ମନେହୁଏ କ'ଣ ? ମୁଁ ପାରିବି । ସେଇ ମୁହୂର୍ତ୍ତ ଆଗତ ।''

ପ୍ରାୟ ମାସେ କାଳ ନାନା କାର୍ଯ୍ୟ ମଧ୍ୟରେ ଗୁରୁ ନିବେଦିତାଙ୍କୁ ବିଭିନ୍ନ ବିଷୟରେ ଶିକ୍ଷା ଦେଉଥିଲେ । ଦିନେ

କହିଲେ, ''ଦେଖ, ଦୁଇଟି ଜିନିଷ, ଗୋଟିଏ ପ୍ରେମ, ଅନ୍ୟଟି ଏକତ୍ୱ । ପ୍ରେମଠାରୁ ଏକତ୍ୱ ଶ୍ରେଷ୍ଠ । ମୁଁ ଯାହା ଭଲପାଏ ତାହା ମୋଠାରୁ ପୃଥକ୍ ଅନ୍ୟ ଏକ ବସ୍ତୁ । ଭକ୍ତି ଏବଂ ଜ୍ଞାନ ମଧ୍ୟରେ ଏଇ ତଫାତ ।'' ଏହି ଉକ୍ତିର ପ୍ରତିଧ୍ୱନି ଆମେ ଶ୍ରୀଅରବିନ୍ଦଙ୍କ ପାଖରୁ ଶୁଣିଛୁ, ''Unity of consciousness is the root, love is its fine flower'' । ଗୁରୁଙ୍କ ବାକ୍ୟରେ ନିବେଦିତା ଗୋଟିଏ ଦିଗରେ ଅନୁଭବ କଲେ ଶକ୍ତି ଏବଂ ଅନ୍ୟ ଦିଗରେ ଅଜଣା ଭୟର କମ୍ପନ, ଗୁରୁ ବିନା ସେ ଯେପରି ଅସହାୟା । କିନ୍ତୁ ଗୁରୁଙ୍କ ସାନ୍ନିଧ୍ୟରେ ତାଙ୍କର ପ୍ରେମ ପବିତ୍ର ଏବଂ ବୃହତ୍ ହୋଇଛି । ସେଥିରେ ତୀବ୍ରତା ଅଛି କିନ୍ତୁ ଆସକ୍ତି ନାହିଁ । ସେ କହିଛନ୍ତି, ''ବର୍ତ୍ତମାନ ସେହିଁ ମୋର ଜୀବନମରଣ । ତାଙ୍କର ସାମାନ୍ୟତମ ଇଚ୍ଛା ପୂରଣରେ ମୋର ସାର୍ଥକତା । ତାଙ୍କ କଥା ଯେତେ ଭାବେ, ଆସକ୍ତି ପରିବର୍ତ୍ତେ ପାଏ ସେତିକି ମୁକ୍ତି । ଗୁରୁ ଚାହିଁଛନ୍ତି ମୋର ପ୍ରେମ ହେବ ନୈର୍ବ୍ୟକ୍ତିକ, ଅଥଚ ତାଙ୍କ ବ୍ୟକ୍ତିତ୍ୱର ଅସୀମତାରେ ମୁଁ କ୍ରମଶଃ ବୁଡ଼ିଯାଉଛି ।''

ଆମେରିକା ଜୀବନର ନାନା ବିଚିତ୍ର କର୍ମରତ ଅଭିଜ୍ଞତା ମଧ୍ୟରେ ସ୍ୱାମିଜିଙ୍କ ଶରୀର ଭାଙ୍ଗି ପଡ଼ିଛି । ସେ ଯେପରି ନିଜ ଦେଶର ଡାକ ଶୁଣି ପାରୁଛନ୍ତି । ହଠାତ୍ ଶିଷ୍ୟାଙ୍କୁ ପଚାରିଲେ ''ଆଉ କେତେ ଦିନ ତୁମେ ଏଠାରେ ପଡ଼ି ରହିଥିବ ? ତୁମର ପ୍ରକୃତ କାର୍ଯ୍ୟ କେବେ ଆରମ୍ଭ କରିବ ?'' ଶିଷ୍ୟା ଅବାକ୍ ! ଶାନ୍ତ କଣ୍ଠରେ ସେ କହିଲେ, ''ସ୍ୱାମିଜି, ଆପଣଙ୍କ ଆଦେଶରେ ତ ମୁଁ ଏଠାରେ ରହିଛି, ମୁଁ ବର୍ତ୍ତମାନ ଯିବା ପାଇଁ ପ୍ରସ୍ତୁତ ।''

ଗୁରୁ ଚିକାଗୋ ଯିବେ, ଜିନିଷପତ୍ର ବନ୍ଧାବନ୍ଧି ହେଉଛି, ହଠାତ୍ ନିବେଦିତାଙ୍କୁ ନେଇ ସେ ଶ୍ରୀମତୀ ବୁଲ୍ (Mrs. Bull)ଙ୍କ ଘରେ ପଶି କବାଟ ବନ୍ଦ କରି ଦେଲେ । ଶିଷ୍ୟଗଣ ହତବାକ୍ । ଗୁରୁଙ୍କର ପ୍ରଶାନ୍ତ, ପ୍ରୋଜ୍ଜ୍ୱଳ ଆନନ । ଦୁଇ ବାହୁ ପ୍ରସାରିତ କରି ଗୁରୁ କହିଲେ, ''ମୁଁ ଆସିଛି, ମୁଁ ଆସିଛି ।'' ତା'ପରେ Mrs. Bullଙ୍କ ଅଣ୍ଡାରେ ଖଣ୍ଡେ ଶାଲ ବାନ୍ଧି ତାଙ୍କୁ ସନ୍ନ୍ୟାସିନୀ ନାମରେ ଅଭିହିତ କଲେ । ପରମୁହୂର୍ତ୍ତରେ ନିବେଦିତାଙ୍କ ମୁଣ୍ଡରେ ହାତ ରଖି କହିଲେ ''ଆଜି ମୁଁ ମୋ ଗୁରୁପ୍ରଦତ୍ତ ସମସ୍ତ ଶକ୍ତି ତୁମକୁ ଦେଲି । ବର୍ତ୍ତମାନ ମୋର ଶାନ୍ତି, ମୋର ମୁକ୍ତି ।'' ନିବେଦିତା ଗୁରୁଙ୍କ ପାଦପଦ୍ମରେ ପ୍ରଣତ ହେଲେ । ଏକ ବିଶାଳ ସର୍ବଗ୍ରାସୀ ଶକ୍ତି ତାଙ୍କ ମଧ୍ୟକୁ ଉତରି ଆସିଲା, ତାଙ୍କ ଶରୀର, ଯୁକ୍ତି, ବୁଦ୍ଧି, ବାହ୍ୟଚେତନା ସମସ୍ତ ଲୋପ ହୋଇଗଲା । ତାଙ୍କ ମୁଣ୍ଡରେ ଗୁରୁଙ୍କ ହାତ, ତପ୍ତ, ଭାରୀ ଏବଂ ପ୍ରଚଣ୍ଡ ଶକ୍ତିବାହୀ । "She felt the high Transcendent's sun-like hands." ''ତାଙ୍କର ଅନୁଭୂତି ହେଲା ସେ ବ୍ରହ୍ମଚାରିଣୀ !'' ଗୁରୁ ତାଙ୍କୁ କହିଥିଲେ, ''ଆଜୀବନ ବ୍ରହ୍ମଚାରିଣୀ ରହିବ ।''

ଆମର ମନେପଡ଼େ ଶ୍ରୀରାମକୃଷ୍ଣଙ୍କ କଥା, ସେ ମଧ୍ୟ ଶିଷ୍ୟଙ୍କୁ କହିଥିଲେ, ''ଆଜି ତୋତେ ସବୁ ଦେଇ ମୁଁ ଫକିର ହେଲି ।''

ଏହି ପ୍ରସଙ୍ଗରେ ନିବେଦିତା ଲେଖିଛନ୍ତି, ''ମୋର ଆନନ୍ଦର ସୀମା ନାହିଁ, କିନ୍ତୁ ଦୁଃଖ ମଧ୍ୟ ମୋତେ କାତର କରୁଛି । ଶ୍ରୀରାମକୃଷ୍ଣ ତାଙ୍କ ଶିଷ୍ୟଙ୍କୁ ଏହିପରି ଧାରାରେ ଶକ୍ତି ଦେଇ ମାତ୍ର ଦେଢ଼ବର୍ଷ ଲାଗି ଆୟୁ ରଖିଥିଲେ । ମୋ ଗୁରୁଙ୍କର କ'ଣ ସେହି ସଙ୍କେତ ? ମୁଁ ଜାଣେ ଗୁରୁ କିପରି କଷ୍ଟ ପାଉଛନ୍ତି । ଯଦି ଏହାହିଁ ତାଙ୍କର ଇଚ୍ଛା ହୁଏ, ତେବେ ଆମର ସାମାନ୍ୟ ତୁଷ୍ଟି ଲାଗି ତାଙ୍କୁ ବାଧା ଦେବି ନାହିଁ, କିନ୍ତୁ ଭଗବାନଙ୍କ ପାଖରେ ଆମର ଏହାହିଁ ପ୍ରାର୍ଥନା ହେଉ ଯେପରି ମୋ କାର୍ଯ୍ୟର ଫଳ ସ୍ୱରୂପ ଗୁରୁପାଦରେ କିଛି ଅର୍ଘ ଅର୍ପଣ କରିପାରେ ।''

ବର୍ତ୍ତମାନ ଗୁରୁଙ୍କୁ ନେଇ ନିବେଦିତାଙ୍କ ସତ୍ତା ତନ୍ମୟ । ଏକମାତ୍ର ସ୍ୱପ୍ନ ହେଲା ତାଙ୍କ କାର୍ଯ୍ୟରେ ସାହାଯ୍ୟ । କିନ୍ତୁ ଆମେରିକାର ଧନୀ ସମାଜର ଦୁଆର ସହଜରେ ଖୋଲେ ନାହିଁ । ମଝିରେ ମଝିରେ ନିରାଶା ଦେଖାଦିଏ, ସେତେବେଳେ ଗୁରୁଙ୍କର ଉତ୍ସାହବାଣୀ ମନେପଡ଼େ, ''ନିଜ ଶକ୍ତି ଉପରେ ଠିଆ ହୁଅ, ଯାହାର ନିଜର କିଛି ବକ୍ତବ୍ୟ ଅଛି ମନେରଖ, ତାକୁ ଲୋକ ନିଶ୍ଚୟ ଶୁଣିବେ'' । ଶିଷ୍ୟାଙ୍କ ଉପରେ ଗୁରୁଙ୍କର ଅଟଳ ବିଶ୍ୱାସ । ସକଳ ବାଧାବିଘ୍ନ ଅତିକ୍ରମ କରି ନିବେଦିତାଙ୍କ ନାମ ସହରେ ସହରେ ବିଚ୍ଛୁରିତ । ଅର୍ଥର ଭଣ୍ଡାର ମଧ୍ୟ ଖୋଲିଗଲା, ଶିଷ୍ୟାଙ୍କର ଏକମାତ୍ର ବକ୍ତୃତାରେ ଗୁରୁ ଉପସ୍ଥିତ ଥିଲେ : ସରଳ, ସୁନ୍ଦର ଦୀପ୍ତ ଭାଷଣ । ହିନ୍ଦୁଠାରୁ ବଳି ହିନ୍ଦୁ, ଭାରତ ଆତ୍ମାର ବାଣୀ ନିବେଦିତା । ଗୁରୁଙ୍କ ଆଖିରେ ଆନନ୍ଦର ଅଶ୍ରୁ ।

କାର୍ଯ୍ୟ ଶେଷରେ ନିବେଦିତା ଫ୍ରାନ୍ସ ଯାଇ ଗୁରୁଙ୍କ ସହ ମିଳିତ ହେଲେ । ତାଙ୍କର ଆହୁରି ଆନନ୍ଦର ବିଷୟ ହେଲା ସେଠାରେ ଜଗଦୀଶ ଚନ୍ଦ୍ର ବୋଷଙ୍କ ସହ ଦେଖା ହେବ । ବିଜ୍ଞାନ କଂଗ୍ରେସରେ ବୋଷଙ୍କ ପ୍ରବନ୍ଧ ପଢ଼ା ହେବ । ଏପଟେ ସ୍ୱାମିଜି ଦେଶକୁ ଫେରି ଆସିବା ପାଇଁ ବ୍ୟସ୍ତ, ଆଉ ନିବେଦିତା ବୋଷଙ୍କ ପାଇଁ ବ୍ୟସ୍ତ । ପ୍ୟାରିସରେ ସ୍ୱାମିଜିଙ୍କର ଗୋଟିଏ ବ୍ୟବହାରରେ ନିବେଦିତା ଭୟାନକ କ୍ଷୁଣ୍ଣ, ମର୍ମାହତ ହେଲେ । ଗୁରୁଙ୍କୁ ଭୁଲ୍ ବୁଝି ମତଭେଦ ମନୋମାଳିନ୍ୟରେ ପରିଣତ ହେଲା । କୁହାଯାଇପାରେ ଅବଚେତନାର ସର୍ବଶେଷ ବିଦ୍ରୋହ । ପ୍ୟାରିସ

ଥିଏଟରରେ ପୂର୍ବପରିଚିତା ଅପେରା ଗାୟିକା ଏମା କାଲ୍‌ଭେ (Emma Calve)ଙ୍କ କାରମେନ୍ (carmen) ସଂଗୀତ ଶୁଣିବା ପାଇଁ ବିବେକାନନ୍ଦ ଯିବେ, ଏଥିରେ ଶିଷ୍ୟାଙ୍କର ଭୟଙ୍କର ଆପତ୍ତି, ତାଙ୍କର ନୀତିବାଦୀ ମନ ଉତ୍ତପ୍ତ କଣ୍ଠରେ କହିଲା, ''ସ୍ୱାମିଜି, ଏହା ଅସମ୍ଭବ, ଆପଣଙ୍କୁ ଅପେରା ହାସ୍ୟରସ ଦଳରେ ଦେଖିଲେ ସମାଜରେ ଖୁବ୍ ସମାଲୋଚନା ହେବ ।'' ସ୍ୱାମିଜି ବିସ୍ମିତ ହେଲେ । ଉତ୍ତରରେ ଖାଲି ମୃଦୁ ସ୍ନିଗ୍ଧ ହାସ୍ୟ ।

କିଛିଦିନ ପରେ କାଲ୍‌ଭେ ଯେତେବେଳେ ସ୍ୱାମିଜିଙ୍କ ସହ ଦେଖା କରିବା ପାଇଁ ଆସିଲେ, ସେତେବେଳେ ତାଙ୍କ ଅପୂର୍ବ କଣ୍ଠରେ ଫରାସୀ ଜାତୀୟ ସଙ୍ଗୀତ La Marseillaise ଶୁଣିବା ପାଇଁ ସ୍ୱାମିଜି ଆଗ୍ରହ ପ୍ରକାଶ କଲେ । ଶିଷ୍ୟା ପୁଣି ଆପତ୍ତି କଲେ, ''La Masreillaise ? କିନ୍ତୁ ସ୍ୱାମିଜି, ଏହା ଯେ ଯୁଦ୍ଧ ସଙ୍ଗୀତ, କମାଣର ଗର୍ଜନ, ସୈନ୍ୟର ଚିତ୍କାର... ।''

''ମୁଁ ତ ତାହାହିଁ ଚାହେଁ'' ଜବାବ ଦେଲେ ଗୁରୁ । ''ଏଇ ସଙ୍ଗୀତରେ କେତେ ବୀରତ୍ୱ, କେତେ ଦେଶପ୍ରେମ ଉନ୍ମାଦନା ରହିଛି ତୁମେ କ'ଣ ଶୁଣି ପାରୁନା ? ମୁଁ ମୋ ମଠର ସନ୍ନ୍ୟାସୀମାନଙ୍କୁ ଏଇ ଗୀତ ଶିଖାଇବି ।'' ପ୍ୟାରିସରେ ଗୁରୁଙ୍କର ଏହି ବାଳସୁଲଭ ବ୍ୟବହାର ନିବେଦିତାଙ୍କୁ ବିଷ ପରି ଲାଗିଲା । ଗୁରୁ-ଶିଷ୍ୟାଙ୍କ ସାକ୍ଷାତ୍ ହେଲା ବେଦନାଦାୟକ, ଶିଷ୍ୟାର ସମସ୍ତ କାର୍ଯ୍ୟରେ ମଧ୍ୟ ଗୁରୁ ଉଦାସ ଭାବ ଦେଖାଇଲେ । ସେ କହିଲେ, ''ବର୍ତ୍ତମାନ ମୁଁ ପୂର୍ଣ୍ଣ ସ୍ୱାଧୀନ, ମୋର କୌଣସି ଦାୟିତ୍ୱ ନାହିଁ, ମୁଁ ସେଇ ଶିଶୁ ଭିନ୍ନ ଆଉ କିଛି ନୁହେଁ, ହସିବି, ଖେଳିବି, ଗାଇବି ।''

ଆହୁରି ଅନେକ ଛୋଟ ଛୋଟ ବିଷୟ ନେଇ ମତଭେଦ ଭୟଙ୍କର ଆକାର ଧାରଣ କଲା, ଯେପରି ଗୁରୁ ସେପରି ଶିଷ୍ୟା । ଶେଷରେ ଗୁରୁ କହିବା ପାଇଁ ବାଧ୍ୟ ହେଲେ, ''ତୁମେ ମୋ ପରି ଭୟାନକ ଅବାଧ୍ୟ, ଜିଦ୍‌ଖୋର । ବର୍ତ୍ତମାନ ସୁଦ୍ଧା ତୁମେ ତୁମ ଇଚ୍ଛାରେ ଚାଲିଛ । ମା'ଙ୍କ ହାତରେ ନିଜକୁ ସମ୍ପୂର୍ଣ୍ଣ ଛାଡ଼ିଦିଅ । ବର୍ତ୍ତମାନ ସୁଦ୍ଧା ତୁମ ଭିତରେ ଭଲ-ମନ୍ଦର ଯେଉଁ ବିଚାର ରହିଛି ତାକୁ ବିନାଶ କରିବା ପାଇଁ ହେବ । ଭିତରେ ନିଜ ଆତ୍ମା ମଧ୍ୟରେ ବୁଡ଼ିଯାଅ, ସମସ୍ତ ନାମ-ରୂପ ଭେଦାଭେଦ ନଗଲେ ଆତ୍ମାର ପୂର୍ଣ୍ଣ ବିକାଶ ଅସମ୍ଭବ ।''

ଏଇ କଠୋର ଆଘାତରେ ଶିଷ୍ୟାଙ୍କର ଆଖି ଫିଟିଲା, ସେ ବୁଝିପାରିଲେ ବର୍ତ୍ତମାନ ସୁଦ୍ଧା ତାଙ୍କ ମନରେ କେଉଁଠି ଗୁରୁଙ୍କ ପାଇଁ ସୂକ୍ଷ୍ମ ଆସକ୍ତି, ପୂର୍ବ ସଂସ୍କାର ବସା ବାନ୍ଧି ରହିଛି, ସେଥିପାଇଁ ଭଗବାନଙ୍କ ତୃପ୍ତି ନଖୋଜି ନିଜ ତୃପ୍ତି ଖୋଜୁଛନ୍ତି । ଗୁରୁଙ୍କୁ ତୁଷ୍ଟ କରିବାର ଛଦ୍ମ ନାମରେ ନିଜକୁ ତୁଷ୍ଟ କରିବା ପାଇଁ ଚାହୁଁଛନ୍ତି । ଫଳରେ ଗୁରୁଙ୍କୁ ବିଚାର କରିବା ସ୍ପର୍ଦ୍ଧା ମୁଣ୍ଡ ଟେକିଛି । ଏଇ ଗୁରୁ ତାଙ୍କର ଆମେରିକା-ସାଫଲ୍ୟ, ପ୍ୟାରିସର କାର୍ଯ୍ୟ ନିଷ୍ଠୁର ଭାବେ ପ୍ରତ୍ୟାଖ୍ୟାନ କଲେ, ଅନ୍ୟ ଏକ ପ୍ରସଙ୍ଗରେ ଗୁରୁ ଲେଖିଲେ, ''ତୁମେ ଭାବୁଛ ଯେ ତୁମର ନୂତନ ବନ୍ଧୁମାନଙ୍କ ପ୍ରତି ମୁଁ ରୁଷ୍ଟ ? ଗୋଟିଏ କଥା କହି ରଖୁଛି, ଆଉ ଯାହା ଦୋଷ ମୋର ଥାଉ ନା କାହିଁକି ଈର୍ଷା, ଦ୍ୱେଷ, ଲୋଭ ମୋର ରକ୍ତବିରୁଦ୍ଧ; ତୁମେ ମୁକ୍ତ, ସ୍ୱାଧୀନ, ତୁମ କାର୍ଯ୍ୟ, ତୁମ ପସନ୍ଦ ତୁମର । ମୁଁ ସେଥିରେ ବିନ୍ଦୁମାତ୍ର ଅନ୍ତରାୟ ହେବି ନାହିଁ ।''

ଆମମାନଙ୍କର ପ୍ରଶ୍ନ ହେଲା ନିବେଦିତାଙ୍କ ପରି ଗୁରୁଗତ-ପ୍ରାଣା ଶିଷ୍ୟା କିପରି ଗୁରୁଙ୍କୁ ବିଚାର କଲେ, ତାଙ୍କ ସ୍ନେହ ପ୍ରତି ସନ୍ଦେହ ପ୍ରକାଶ କଲେ ? ପ୍ରଥମତଃ ଗୁରୁ ପ୍ରଚୁର ସ୍ୱାଧୀନତା ଦେଇ ଶିଷ୍ୟାଙ୍କୁ ଗଢ଼ିଛନ୍ତି, ଯେପରି ତାଙ୍କୁ କରିଛନ୍ତି ତାଙ୍କର ଗୁରୁ, ସ୍ୱାଧୀନତା ବିନା ମଣିଷ ଆତ୍ମୋନ୍ନତି ଲାଭ କରି ପାରେନା । ଏହା ଶ୍ରୀଅରବିନ୍ଦଙ୍କର ମତ ମଧ୍ୟ, ସେଥିପାଇଁ ସେ କେତେକ ରାଜନୈତିକ ମତ ଓ ଶାସନର ଭୟାନକ ବିରୋଧୀ । ଦ୍ୱିତୀୟ କାରଣ, ନିବେଦିତାଙ୍କ ପ୍ରେମ, ଭକ୍ତି ଯେତେ ଗଭୀର ହେଉ ନା କାହିଁକି ତାଙ୍କ ଚେତନା ଗୁରୁଙ୍କ ଚେତନାର ସାଦୃଶ୍ୟ ଲାଭ କରିନି । ଶ୍ରୀଅରବିନ୍ଦଙ୍କ ଭାଷାରେ 'Unity of consciousness' ହୋଇ ନାହିଁ, ବିବେକାନନ୍ଦ ତାଙ୍କୁ ଜ୍ଞାନ ବୋଲି ଛାଡ଼ି ଦେଇଛନ୍ତି, ଯେଉଁ ଜ୍ଞାନ ହେଲେ ଜଣଙ୍କର ଚେତନା ଅନ୍ୟର ଚେତନାରେ ମିଶିଯାଏ । ଏହି କାରଣରୁ ନିବେଦିତାଙ୍କ ଚେତନା ଭଲ-ମନ୍ଦ, ସତ୍-ଅସତ୍ ମଧ୍ୟରେ ଆବଦ୍ଧ ଥିଲା । ସେଥିପାଇଁ ଶ୍ରୀଅରବିନ୍ଦ ଚାହାନ୍ତି ପ୍ରକୃତିର ରୂପାନ୍ତର ।

ଅନ୍ୟ ପକ୍ଷରେ ଗୁରୁଙ୍କ ବ୍ୟବହାର ମଧ୍ୟ ଆମର ଆଧୁନିକ ମନକୁ ଅସଙ୍ଗତ ଲାଗିପାରେ । କିନ୍ତୁ ଯୋଗୀର ବ୍ୟବହାର ବିଚାର କରିବାର ଧୃଷ୍ଟତା ମୋର ନାହିଁ । ଶିଷ୍ୟା ନିଜର ଭୁଲ୍ ବୁଝି ପାରିଛନ୍ତି, ଗୁରୁ ମଧ୍ୟ ପାରିବେ, ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ? ତା' ଛଡ଼ା ମୋର ବିଶ୍ୱାସ ବିବେକାନନ୍ଦ ଯେପରି ବୁଝି ପାରିଥିଲେ ତାଙ୍କର କାର୍ଯ୍ୟ ଶେଷ ହୋଇଯାଉଛି । ସେ ତା'ର ଆଭାସ ଦେଇଛନ୍ତି । ଶିଷ୍ୟାଙ୍କୁ ବିଶୁଦ୍ଧ ହେବାକୁ ହେବ ।

ସେ ଯାହାହେଉ, ଏହି ଚିଠି ପଢ଼ି ନିବେଦିତାଙ୍କ ଲଜ୍ଜାର ସୀମା ନାହିଁ । ସେ ଅନୁତାପର ଅଗ୍ନିରେ ଦଗ୍ଧ ହେବାକୁ ଲାଗିଲେ । କିନ୍ତୁ Phoenix ପକ୍ଷୀ ପରି ଏହି ଆତ୍ମାହୁତିରୁ ତାଙ୍କର ନବଜନ୍ମ ହେଲା । ତାଙ୍କରି ଆନ୍ତରିକତା ତାଙ୍କୁ ରକ୍ଷା କଲା ।

ସେ ଏକ ଭିନ୍ନ ସହରକୁ ଚାଲିଗଲେ, ଦେଶକୁ ଫେରିବା ଆଗରୁ ଶିଷ୍ୟାଙ୍କୁ ଆଶୀର୍ବାଦ ଦେଇ ଗୁରୁ କହିଲେ, ''କର୍ମୀ ତିଆରି ଶେଷ ହେଲେ ମହତ୍ ନେତାଙ୍କୁ ଅନ୍ୟତ୍ର ଚାଲିଯିବା ପାଇଁ ହୁଏ । ନହେଲେ ଶିଷ୍ୟମାନେ ସ୍ୱାଧୀନ ଭାବରେ କାର୍ଯ୍ୟ କରି ପାରନ୍ତି ନାହିଁ । ମୁଁ ଆଉ ତୁମର କେହି ନୁହେଁ । ମୋର ସକଳ ଶକ୍ତି ତୁମକୁ ଅର୍ପଣ କରିଛି । ବର୍ତ୍ତମାନ ତୁମ ସମ୍ମୁଖରେ ବିପୁଳା ପୃଥ୍ୱୀ, ସେଥିରେ ଝାସ ଦିଅ । ଯଦି ମୁଁ ତୁମକୁ ତିଆରି କରିଥିବି ତା'ହେଲେ ତୁମର ବିନାଶ ହେବ, ଯଦି ମା ଭବାନୀ ତିଆରି କରିଥା'ନ୍ତି ତେବେ ତୁମକୁ କିଏ ଧ୍ୱଂସ କରିପାରିବ ?''

ଶିଷ୍ୟାଙ୍କର ଏହାହିଁ ଶେଷ ଅବାଧତା । ତା'ପରେ ମନ୍ତ୍ର ଶାନ୍ତ ଭୁଜଙ୍ଗିନୀ, ପ୍ରେମ ତାଙ୍କର ନିକଷିତ ହେମ ।

ବର୍ତ୍ତମାନ ୟୁରୋପରେ ନିବେଦିତା ଏକା । ଜଗଦୀଶ ଚନ୍ଦ୍ର ବୋଷ ମଧ୍ୟ ଲଣ୍ଡନରେ, ରୟାଲ୍ ସୋସାଇଟି (Royal Society)ରେ ତାଙ୍କ ପ୍ରବନ୍ଧ ପଢ଼ାହେବ । ସେତେବେଳେ ନିବେଦିତାଙ୍କ ସାହାଯ୍ୟ ତାଙ୍କ ପାଇଁ ଭଗବାନଙ୍କ ଆଶୀର୍ବାଦ, ତାଙ୍କର କାର୍ଯ୍ୟ, ଅସୁସ୍ଥତାରେ ନିବେଦିତାଙ୍କ ଆଗ୍ରହ, ଉତ୍ସାହ ଓ ଯତ୍ନ ସର୍ବଜନବିଦିତ । ରମେଶ ଦତ୍ତଙ୍କ ସହ ମଧ୍ୟ ତାଙ୍କର ବନ୍ଧୁତ୍ୱ ହେଲା, ଧୀରେ ଧୀରେ ରାଜନୀତିର ହାଲଚାଲ ମଧ୍ୟ ସେ ବୁଝିପାରିଲେ, ବିଶେଷ କରି ଭାରତ ପ୍ରତି ବ୍ରିଟିଶ ସରକାରଙ୍କ ମନୋଭାବ, ଖାଲି ଧର୍ମ ଓ ନାରୀ ଶିକ୍ଷା ତାଙ୍କର ଲକ୍ଷ୍ୟ ନୁହେଁ, ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ହେବ ରାଜନୀତି, ଏଇ ପ୍ରତୀତି ନେଇ ଭାରତ ଫେରିଲେ, ଯେତେବେଳେ ଖବର ପାଇଲେ ଗୁରୁ ଅସୁସ୍ଥ ।

ତାଙ୍କୁ ପାଖରେ ପାଇ ଗୁରୁ ଅତ୍ୟନ୍ତ ଆନନ୍ଦିତ ହେଲେ । ସେ ଯୋଗଦୃଷ୍ଟିରେ ଦେଖିଲେ ଶିଷ୍ୟାର ଚକ୍ଷୁର ମଣିରେ ଆତ୍ମାର ଆଲୋକ ଉଦ୍ଭାସିତ । ଆଦର କରି ଗୁରୁ ତାଙ୍କୁ ଡାହାଣ ପାଖେ ବସାଇଲେ ।

ଏହି ସମୟରେ କଲିକତାରେ କଂଗ୍ରେସ ଅଧିବେଶନ, ଜଣ ଜଣ କରି ସମସ୍ତ କର୍ମୀ ସ୍ୱାମିଜିଙ୍କ ସହ ଦେଖା କରିବା ପାଇଁ ଆସିଲେ । ସେମାନଙ୍କ ସହ ସମାଜ, ରାଜନୀତି ସମ୍ବନ୍ଧରେ ଦୀର୍ଘ ଆଲୋଚନା ଚାଲିଲା । ସ୍ୱାମିଜିଙ୍କ ପାଖରେ ଯେପରି ଏକ ଛୋଟ କଂଗ୍ରେସ ଗଢ଼ିଉଠିଲା । ଗୁରୁଙ୍କ ପାଖରେ ବସି ନିବେଦିତା ବିବିଧ ଆଲୋଚନା ମନଦେଇ ଶୁଣନ୍ତି, ମଝିରେ ମଝିରେ ଗୁରୁ ତାଙ୍କର ମତାମତ ଲୋଡ଼ନ୍ତି । ଏହିପରି ଭାବରେ ଦେଶର ନେତାମାନଙ୍କ ସହ ଶିଷ୍ୟାଙ୍କର ପରିଚୟ କରାଇ ଦିଅନ୍ତି ଯେପରି ଭବିଷ୍ୟତ୍ ରାଜନୀତି କ୍ଷେତ୍ରରେ ସେ ଦୀକ୍ଷା ନେବେ ।

ଶେଷ ଦିନ, ନିବେଦିତା ବେଲୁଡ଼ ଆସିଛନ୍ତି । ସ୍ୱାମିଜି ତାଙ୍କୁ ନିଜ ହାତରେ ଖୁଆଇ ଦେଲେ, ନିଜେ ତାଙ୍କ ହାତ ଧୋଇଦେଲେ । ଆଶ୍ଚର୍ଯ୍ୟ ହୋଇ ଗୁରୁଙ୍କୁ ଚାହିଁ ରହିଲେ ଶିଷ୍ୟା । ଅପାର ପ୍ରେମପୂର୍ଣ୍ଣ ଗୁରୁଙ୍କ ଦୃଷ୍ଟି । ସେସବୁର ଅର୍ଥ ବୁଝି ମଧ୍ୟ ହୃଦୟ ବୁଝିବା ପାଇଁ ଚାହେଁନା । ଗଭୀର ଶାନ୍ତି ଓ ନୀରବତା ନେଇ ସେ ଫେରି ଆସିଲେ । ସାରାଦିନ ଅନୁଭବ କଲେ ଗୁରୁଙ୍କ ସାନ୍ନିଧ୍ୟ – ଆକାଶ, ପବନ, ଗଛପତ୍ର, ଶବ୍ଦ, ନୀରବତା, ସବୁଥିରେ ଯେପରି ଗୁରୁଙ୍କ ସତ୍ତା ଭରି ରହିଛି । ଯେତେବେଳେ ଆନନ୍ଦରେ ଆତ୍ମହରା, ଦେଖିଲେ ଅଶ୍ରୁରେ ଆନନ ସିକ୍ତ ।

ଦୁଇଦିନ ପରେ ନିଦାରୁଣ ସମ୍ବାଦ । ନିବେଦିତା ବେଲୁଡ଼ରେ ପହଞ୍ଚିଲେ । ଶାନ୍ତ ସମାହିତ ଭାବ । ''Immobile in herself she gathered force'', ଗୁରୁଙ୍କ ମଥା କୋଳରେ ନେଇ ବସି ରହିଲେ । ତାଙ୍କର ଶେଷ ପ୍ରାର୍ଥନା, ''ଗୁରୁ, ମୋର ସକଳ କାର୍ଯ୍ୟ ଯେପରି ତୁମରି ଇଚ୍ଛା ବହନ କରି ଚାଲେ ।'' ଅନ୍ତ୍ୟେଷ୍ଟିକ୍ରିୟା ସମୟରେ ଗୁରୁଙ୍କର ଅର୍ଦ୍ଧଦଗ୍ଧ ଗୈରିକ ପୋଷାକର ଛିନ୍ନ ଅଂଶ ଆସି ଶିଷ୍ୟାଙ୍କ କୋଳରେ ପଡ଼ିଲା ।

ବର୍ତ୍ତମାନ ନିବେଦିତା ଏକା, ଆଗରେ ବିଶାଳ କର୍ମକ୍ଷେତ୍ର, ଶିଷ୍ୟା ଉପରେ ଗୁରୁ ନିଜର ସମସ୍ତ ଅସମ୍ପୂର୍ଣ୍ଣ କାର୍ଯ୍ୟଭାର ଦେଇ ଚାଲି ଯାଇଛନ୍ତି । କିନ୍ତୁ କେତେ କୋମଳ କଠୋର ପ୍ରକାଶ୍ୟ ଅନ୍ତରାଳରେ ଯତ୍ନକରି କେବେ ଦୂରରେ, କେବେ ପାଖରେ ରଖି ତିଆରି କରିଛନ୍ତି । କେତେବେଳେ ଗୁରୁ ନିର୍ମମ, ଉଦାସୀନ, କେତେବେଳେ ପରମ ପ୍ରିୟ ବନ୍ଧୁ, ପିତା । ଏପରି ଭାବରେ ଅନେକ ଭଙ୍ଗାଗଢ଼ାର ବେଦନାଦାୟକ ପଥରେ ଏଇ ଆଧୁନିକ ଶିଷ୍ୟାଙ୍କୁ ଗଢ଼ିଛନ୍ତି ମହାନ୍ ଶିଳ୍ପୀର ମୂର୍ତ୍ତିପରି । ଆଧ୍ୟାତ୍ମିକ ଇତିହାସରେ ଏପରି ଦୃଷ୍ଟାନ୍ତ ବିରଳ ।

ଶିଷ୍ୟା ଏକା ସତ, କିନ୍ତୁ ଅସହାୟା ନୁହନ୍ତି, ଗୁରୁଙ୍କର ଶକ୍ତି ଓ ସୂକ୍ଷ୍ମ ସାନ୍ନିଧ୍ୟରେ ତାଙ୍କ ସତ୍ତା ଓ ଚିନ୍ତା ଓତପ୍ରୋତ । ଗୁରୁ ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି, କେବଳ ନାରୀମଙ୍ଗଳ ନୁହେଁ ଭାରତର ଜନସେବା ତାଙ୍କର କାର୍ଯ୍ୟ ଓ ସାଧନା, ସେଇ ସୂତ୍ରରେ ସେ ଧୀରେ ଧୀରେ ରାଜନୀତି-କ୍ଷେତ୍ରରେ ଅବତରଣ କଲେ ଓ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଲେ ।

ପ୍ରକାଶ୍ୟ ବକ୍ତୃତାରେ, ଲେଖାରେ ଜାତୀୟତାର ବାଣୀ ପ୍ରଚାର କରି ଗୋପନରେ ବିପ୍ଳବୀ ଦଳରେ ଯୋଗଦେଇ ସେ ଭାରତର ସର୍ବତ୍ର ଘୁରି ବୁଲିଲେ । ବାଧ୍ୟହୋଇ ତାଙ୍କୁ ମିଶନ ସହ ସବୁ ସମ୍ପର୍କ ଛିନ୍ନ କରିବା ପାଇଁ ହେଲା । ଭାରତର

ସ୍ୱାଧୀନତା, ଜାତୀୟତା ହେଲା ତାଙ୍କର ଧ୍ୟାନ, ଜ୍ଞାନ । ନେଭିନ୍‌ସନ୍ (Nevinson) କହିଛନ୍ତି, ''She was drunk with India.'' ସ୍ୱାମୀ ବ୍ରହ୍ମାନନ୍ଦଙ୍କ ମତରେ, ବିବେକାନନ୍ଦଙ୍କ ପରେ ଭାରତକୁ ଆଉ କେହି ଏତେ ଭଲପାଇ ନାହାନ୍ତି । ରବୀନ୍ଦ୍ରନାଥ କହିଛନ୍ତି, ''ନିବେଦିତାଙ୍କୁ ଜନସାଧାରଣଙ୍କ ଜନନୀ ରୂପେ ଦେଖିଲି ।''

ନାନା ବେଶ, ନାନା ରୂପରେ ସେ ଆମର ସୁପ୍ତ ଶକ୍ତିକୁ ଜାଗ୍ରତ୍ କରିଛନ୍ତି । ବିବେକାନନ୍ଦ ଜାଣିଥିଲେ ଯେ ନିବେଦିତା ହିନ୍ଦୁମାନଙ୍କର ଜାତୀୟତା ଜାଗ୍ରତ୍ କରିବେ ଏବଂ ସେଇ ଉଦ୍ଦେଶ୍ୟରେ ତାଙ୍କୁ ଆତ୍ମାହୁତି ଦେବାର ବିଧାନ ଦେଇଥିଲେ । ତାଙ୍କର ଗୁରୁଭାଇମାନଙ୍କୁ ସାବଧାନ କରାଇ ଦେଇଥିଲେ, କେହି ଯେପରି ନିବେଦିତାଙ୍କ ସ୍ୱାଧୀନତାରେ ହସ୍ତକ୍ଷେପ ନକରନ୍ତି ।

ଆମେ ତାଙ୍କୁ ଦେଖିବାକୁ ପାଉ କେତେବେଳେ ବୃଦ୍ଧ ନରମପନ୍ଥୀଙ୍କ ଦଳରେ, କେତେବେଳେ ଜାତୀୟଦଳର ଓଜସ୍ୱିନୀ ବକ୍ତା ଭାବରେ ଅଥବା ଯୁବକ ମଣ୍ଡଳୀର ଭଗ୍ନୀ ଭାବରେ, କେତେବେଳେ ଖବରକାଗଜରେ ଜାତୀୟତା ସପକ୍ଷରେ ପ୍ରଦୀପ୍ତ ଲେଖିକା ଭାବରେ, ସ୍ୱଦେଶୀ ପ୍ରଚାରରେ, ଡନ୍ ସୋସାଇଟି (Dawn Society)ର କର୍ମୀ ଭାବରେ ଅଥବା ବନ୍ୟା ପ୍ରପୀଡ଼ିତ ଦୁର୍ଭିକ୍ଷ ଦୁଃସ୍ଥଙ୍କ ଦୁଆରେ ମାତୃ ରୂପେ, ଭଗିନୀ ରୂପେ ଭାରତୀୟ ବୈଜ୍ଞାନିକର ପରୀକ୍ଷାଗାରରେ, ଭାରତୀୟ ଶିଳ୍ପୀର ମର୍ମବେଦନାରେ ତାଙ୍କର ପ୍ରସାରିତ ଦକ୍ଷିଣ ହସ୍ତର ଦାନ, ପ୍ରତ୍ୟେକ ସଂସ୍କୃତି ମୂଳରେ ତାଙ୍କ ପ୍ରେରଣାର ଶେଷ ନାହିଁ । ସେ ଏକାହିଁ ସହସ୍ର । ଭାବିଲେ ଆଶ୍ଚର୍ଯ୍ୟ ଲାଗେ ଏତେ ଅଫୁରନ୍ତ ପ୍ରାଣଶକ୍ତି, ଏପରି ଅକୁଣ୍ଠ ଆତ୍ମଭୋଳା ବିଶାଳତା, ଏସବୁ କ'ଣ ଏତେ ଦିନର ରୁଦ୍ଧ ଆୟତ ଆତ୍ମଶକ୍ତିର ପ୍ରକାଶ ନୁହେଁ ? ଏକ ମଧ୍ୟରେ ଅନେକ ବୈଚିତ୍ର୍ୟ ବା ସମ୍ଭବ ହେଲା କିପରି ?

କିନ୍ତୁ ସବୁଠାରୁ ବେଶୀ ଆଶ୍ଚର୍ଯ୍ୟ ଲାଗେ ଯେତେବେଳେ ତାଙ୍କୁ ଦେଖୁ ଗୁପ୍ତ ସମିତିର ସଭ୍ୟା ଭାବରେ । ଏହା କ'ଣ ଉତ୍ତରାଧିକାରୀ ସୂତ୍ରରେ ପ୍ରାପ୍ତ ସୁପ୍ତ ବିଦ୍ରୋହ ବହ୍ନିର ପ୍ରସ୍ଫୁରଣ ? ଏହି ସମିତି କାର୍ଯ୍ୟରେ ଭାରତର ଉତ୍ତର, ଦକ୍ଷିଣ, ପୂର୍ବ ଓ ପଶ୍ଚିମାଞ୍ଚଳ ଭ୍ରମଣ କରି ସେ ବଙ୍ଗାଳୀ, ପଞ୍ଜାବୀ, ରାଜପୁତ, ମରହଟ୍ଟା ସମସ୍ତଙ୍କୁ ଏକସୂତ୍ରରେ ବାନ୍ଧିଥିଲେ । ବରୋଦା ମହାରାଜାଙ୍କୁ ଦୀକ୍ଷା ଦେବା ପାଇଁ ସେ ଗୁଜୁରାଟ ଯାଇଥିଲେ । ସେଇ ସମୟରେ ଶ୍ରୀଅରବିନ୍ଦ ବରୋଦାରେ ଗୁପ୍ତ ସମିତିର ଦଳଭୁକ୍ତ । ଶ୍ରୀଅରବିନ୍ଦ ନୀରବରେ ଦେଶକାମ ପାଇଁ ପ୍ରସ୍ତୁତ ହେଉଥିଲେ ଏବଂ ନାନା ଜାଗାରେ, ବିଶେଷ କରି ବଙ୍ଗ ଦେଶରେ ଦଳ ଗଠନ କରୁଥିଲେ । ନିବେଦିତାଙ୍କୁ ଅଭ୍ୟର୍ଥନା କରିବା ପାଇଁ ଶ୍ରୀଅରବିନ୍ଦ ବରୋଦା ଷ୍ଟେସନରେ ଉପସ୍ଥିତ ହେଲେ ।

ଦୁଇଜଣଙ୍କର ପ୍ରଥମ ସାକ୍ଷାତ୍, ଅଥଚ ଦୁଇଜଣ ପରସ୍ପରର ପରିଚିତ । ଶ୍ରୀଅରବିନ୍ଦ ନିବେଦିତାଙ୍କର 'Kali, the Mother' ବହି ପଢ଼ି ତାଙ୍କ ପ୍ରତି ଅନୁରକ୍ତ । ନିବେଦିତା ଶ୍ରୀଅରବିନ୍ଦଙ୍କର ହିନ୍ଦୁରେ ପ୍ରକାଶିତ ରାଜନୈତିକ ପ୍ରବନ୍ଧଗୁଡ଼ିକ ପଢ଼ି ନିଶ୍ଚିତ ଯେ ଶ୍ରୀଅରବିନ୍ଦହିଁ ଜାତିର ଭବିଷ୍ୟତ୍ ନେତା । ପ୍ରଥମ ସାକ୍ଷାତ୍‌ରେ ସେ ଶ୍ରୀଅରବିନ୍ଦଙ୍କୁ ପ୍ରଶ୍ନ କରିଥିଲେ, ''ମି. ଘୋଷ, ଆପଣ କାଳୀଙ୍କର ଉପାସକ (ଅର୍ଥାତ୍ ବିପ୍ଳବୀ) ?'' ଶ୍ରୀଅରବିନ୍ଦ ତାଙ୍କୁ ଗାଇକୱାଡ଼ଙ୍କ ପାଖକୁ ନେଇ ଗଲେ । ବିପ୍ଳବରେ ଯୋଗଦେବା ଲାଗି ମହାରାଜାଙ୍କୁ ସେ ସିଧାସଳଖ ଅନୁରୋଧ କଲେ । ଶ୍ରୀଅରବିନ୍ଦ ଆମମାନଙ୍କୁ କହନ୍ତି, ''ନିବେଦିତାଙ୍କ ମଧ୍ୟରେ କୌଣସି ଗୋପନୀୟତା ନଥିଲା, ସେ ପ୍ରକାଶ୍ୟରେ ବିପ୍ଳବବାଦ ପ୍ରଚାର କରୁଥିଲେ ।''

ଲେସିଲ ରେମୋ (Liselle Reymond) ତାଙ୍କ ବହିରେ ଲେଖିଛନ୍ତି ଯେ ଏହି ସାକ୍ଷାତ୍ ସମୟରେ ନିବେଦିତା ଶ୍ରୀଅରବିନ୍ଦଙ୍କୁ ବଙ୍ଗଳା ଚାଲିଯିବା ପାଇଁ ଅନୁରୋଧ କରିଥିଲେ । ଉତ୍ତରରେ ଶ୍ରୀଅରବିନ୍ଦ କହିଥିଲେ, ''ବର୍ତ୍ତମାନ ସୁଦ୍ଧା ସମୟ ଆସିନି, ମୁଁ କ୍ଷେତ୍ର ପ୍ରସ୍ତୁତ କରୁଛି ।'' ତାଙ୍କର କର୍ମପଦ୍ଧତି ଶୁଣି ନିବେଦିତା କହିଲେ, ''ମୋତେ ମଧ୍ୟ ତୁମ ଦଳରେ ଜଣେ ବୋଲି ଗଣନା କର, ମୁଁ ସବୁବେଳେ ପ୍ରସ୍ତୁତ ।''

ଏହାପରେ ରାଜନୀତି ଆନ୍ଦୋଳନରେ ଶ୍ରୀଅରବିନ୍ଦଙ୍କ ସହ ନିବେଦିତା ଯୁକ୍ତ ହେଲେ ପ୍ରକାଶ୍ୟ ଭାବେ ବିପ୍ଳବୀ ଦଳରେ । ଯଦିଓ ସେମାନଙ୍କ ମଧ୍ୟରେ ପ୍ରକାଶ୍ୟ ଯୋଗାଯୋଗ ଖୁବ୍ କମ୍ ଥିଲା, ଆଦର୍ଶଗତ ସାଦୃଶ୍ୟବଶତଃ ସେମାନଙ୍କର ଅନ୍ତରର ମିଳନବୋଧ ନିବିଡ଼ ଓ ଅକ୍ଷୁଣ୍ଣ ଥିଲା । ଶ୍ରୀଅରବିନ୍ଦଙ୍କ ଚରିତ୍ର, ଶିକ୍ଷାଦୀକ୍ଷା ଓ ଆଦର୍ଶରେ ଯେ ନିବେଦିତା ବିବେକାନନ୍ଦଙ୍କର ସ୍ପର୍ଶ ପାଇଥିଲେ, ଏହା ମଧ୍ୟ ମନେହୁଏ । ଶ୍ରୀରାମକୃଷ୍ଣ, ବିବେକାନନ୍ଦଙ୍କ ପ୍ରଭାବ ଶ୍ରୀଅରବିନ୍ଦ ମୁକ୍ତ କଣ୍ଠରେ ସ୍ୱୀକାର କରିଛନ୍ତି । ଶ୍ରୀଅରବିନ୍ଦ ଯେତେବେଳେ କହିଛନ୍ତି, ଜାତୀୟତା ମୋର ଧର୍ମ, ଆମେମାନେ ପ୍ରତ୍ୟେକେ ଭଗବାନଙ୍କର ଯନ୍ତ୍ରବିଶେଷ, ନିଜର ବ୍ୟକ୍ତିଗତ ସ୍ୱାର୍ଥତ୍ୟାଗ କରି ମାତୃଭୂମିର ସେବା ଆମ ଜୀବନର ଉଦ୍ଦେଶ୍ୟ, ଏହି ଯେଉଁ ଆଧ୍ୟାତ୍ମିକ ଜାତୀୟତା ଏହା ବିବେକାନନ୍ଦଙ୍କ ପ୍ରାଣର ସୁର । ତେଣୁ କାର୍ଯ୍ୟରେ

ନିବେଦିତା ଯେ ସମଗ୍ର ଭାବେ ଶ୍ରୀଅରବିନ୍ଦଙ୍କ ସହକର୍ମିଣୀ ହେବେ ଏଥିରେ ଆମେମାନେ ଆଶ୍ଚର୍ଯ୍ୟାନ୍ୱିତ ନୋହୁଁ । ତାଙ୍କର ସଂଯୁକ୍ତ ଆନ୍ଦୋଳନ କି ପ୍ରବଳ ରୂପ ନେଇଥିଲା ତାହା ଅନ୍ୟ ଏକ ଇତିହାସ ।

ନିବେଦିତାଙ୍କ ପ୍ରତି ଶ୍ରୀଅରବିନ୍ଦଙ୍କର କେତେ ଶ୍ରଦ୍ଧା ଥିଲା, ଆମମାନଙ୍କ ସହ ସାମାନ୍ୟ କଥାବାର୍ତ୍ତାରେ ତାହା ପ୍ରକାଶ ପାଇଛି । ଆମେମାନେ ପଚାରିଥିଲୁ, ''ନିବେଦିତା ପରା ଏକ ଧରଣର ବିପ୍ଳବୀ ଥିଲେ ନା କ'ଣ ?''

ବିସ୍ମିତ କଣ୍ଠରେ ଶ୍ରୀଅରବିନ୍ଦ କହିଲେ, ''ଏକ ଧରଣର ମାନେ ? ସେ ଥିଲେ ବିପ୍ଳବୀ ନେତା, ନାନା ସ୍ଥାନରେ ଘୂରି ବୁଲନ୍ତି, ଲୋକମାନଙ୍କ ସଂସ୍ପର୍ଶରେ ଆସିବା ସୁଯୋଗ ଖୋଜୁଥା'ନ୍ତି ଏବଂ ବିପ୍ଳବ ସମ୍ବନ୍ଧରେ ସର୍ବତ୍ର ଖୋଲାଖୋଲି ଆଲୋଚନା କରନ୍ତି । ତାଙ୍କ ମଧ୍ୟରେ କୌଣସି ଲୁଚାଛପା ନଥିଲା । ମୁକ୍ତ ଖୋଲା ସ୍ୱଭାବ । ଯେତେବେଳେ ବିପ୍ଳବ ସମ୍ବନ୍ଧରେ କହନ୍ତି, ତାଙ୍କର ସମସ୍ତ ଆତ୍ମା ବାହାରି ଆସେ । ଯୋଗ ଯାହା ହେଉନା କାହିଁକି ବିପ୍ଳବୀର କାର୍ଯ୍ୟ ଯେପରି ତାଙ୍କର ସ୍ୱଧର୍ମ । ତାଙ୍କ ବହି 'Kali, the Mother', ଅଦ୍ଭୁତ ଉତ୍ତେଜନାପୂର୍ଣ୍ଣ, କିନ୍ତୁ ଏକେବାରେ ବିଦ୍ରୋହ-ବ୍ୟଞ୍ଜକ, ଅହିଂସାର ନାମ ଗନ୍ଧ ନାହିଁ ।''

''ରାଜପୁତାନାର ଠାକୁରମାନଙ୍କ ମଧ୍ୟରେ ବିପ୍ଳବର ବାଣୀ ସେ ପ୍ରଚାର କରୁଥିଲେ । ସେତେବେଳେ ଅବଶ୍ୟ ସାରା ଦେଶରେ ବିପ୍ଳବର ପବନ ବହୁଥିଲା । ମୁଁ ନିଜେ ବହୁ ଠାକୁରମାନଙ୍କ ସହ ମିଶିଛି, ସରକାରଙ୍କ ଅଜ୍ଞାତରେ ସେମାନେ ବିପ୍ଳବୀ ମନୋଭାବ ପୋଷଣ କରୁଥିଲେ ।

''ନିବେଦିତାଙ୍କର ସୌନ୍ଦର୍ଯ୍ୟବୋଧ ମଧ୍ୟ ଥିଲା, ତାଙ୍କୁ ଆଣିବା ପାଇଁ ଆମେ ଯେତେବେଳେ ଷ୍ଟେସନ ଯାଇଥିଲୁ, ବରୋଦାର ଅତିଥିଭବନ ଦେଖି ସେ ଉଚ୍ଛ୍ୱସିତ ହୋଇ କହିଥିଲେ, କି ସୁନ୍ଦର । ପର ମୁହୂର୍ତ୍ତରେ କଲେଜ କୋଠା ଦେଖି କହିଲେ, କି କଦର୍ଯ୍ୟ । ପରେ ମୋ ବନ୍ଧୁ କହିଲେ, 'ଝିଅଟିର ମୁଣ୍ଡରେ ବୋଧେ ଟିକେ ଦୋଷ ଅଛି ।' ''

ଆଶ୍ଚର୍ଯ୍ୟର କଥା ଯେ ବଡ଼ ବଡ଼ ଲୋକମାନେ ମଧ୍ୟ ନିବେଦିତାଙ୍କୁ ବୁଝି ପାରି ନାହାନ୍ତି, ତାଙ୍କୁ ତରଳମତି ବୋଲି କହିବାକୁ ସେମାନଙ୍କୁ ବାଧିନି, ନିବେଦିତାଙ୍କ ପ୍ରତି ଶ୍ରୀଅରବିନ୍ଦଙ୍କ ଶ୍ରଦ୍ଧା, ତାଙ୍କର ଗୋଟିଏ ମାତ୍ର କଥାରୁ ଜଣାଯାଏ । ଦିନେ କୌଣସି ଜଣେ ବିପ୍ଳବୀ ନେତାଙ୍କ ପ୍ରସଙ୍ଗରେ ଆମେ କହିଲୁ, ''ସେ ବହ୍ନିତୁଲ୍ୟ ଥିଲେ (She was a fire) !'' ଗୁରୁ ଚୁପ୍‌କରି ଶୁଣିଲେ, ପରେ ଯେବେ ନିବେଦିତାଙ୍କ ପ୍ରସଙ୍ଗ ଆସିଲା, ସେ କହିଲେ, ''That was fire, if you like'' ! ଏହି fire, ବହ୍ନି, ବିବେକାନନ୍ଦଙ୍କ ଭାଷାରେ ସିଂହିନୀ ମୂର୍ତ୍ତୀ ନିବେଦିତାଙ୍କ ସ୍ୱରୂପ, ଜଣେ ଚିରକୁମାରୀ, ଏକ ଅପ୍ରତିହତ ସୌନ୍ଦର୍ଯ୍ୟ (A virgin, formidable in beauty) । ସେ ଯେଉଁ ସ୍ଥାନକୁ ଯାଇଛନ୍ତି, କି ଭାରତ, କି ୟୁରୋପୀୟ ସମାଜ, ସବୁଠାରେ ତାଙ୍କୁ ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଛନ୍ତି, ତାଙ୍କର ତେଜସ୍ୱୀ ପ୍ରତିଭା ନିକଟରେ ଅନ୍ୟ ପ୍ରତିଭା ମ୍ଳାନ ହୋଇଯାଇଛି । ତାଙ୍କର ପୂତ, ନିରାଭରଣ ସୌନ୍ଦର୍ଯ୍ୟ ନିକଟରେ ଲାଟସେଭାସ୍ଥ ସାଳଂକାରା ନାରୀଶୋଭା ନିଷ୍ପ୍ରଭ ହୋଇଯାଇଛି ।

ପୁଣି ଅପର ଦିଗରେ ସେ ତୃଣାଦପି କୋମଳ, ଯେ ଜାତୀୟ ନେତାମାନଙ୍କୁ, ଯୁବକମାନଙ୍କୁ ଉଦ୍ଦୀପ୍ତ କରି କହିଛନ୍ତି, ''England yields nothing without bombs !... Where are your heroes produced by your generation... Fight as they would fight in your place.''

ତାଙ୍କର ପୁଣି କି ଦୁଃଖ, ଯେତେବେଳେ କାରାରୁଦ୍ଧ ବିପ୍ଳବୀମାନଙ୍କର ସ୍ତ୍ରୀ, ପୁତ୍ର ଅନାହାରରେ – କି ଉତ୍କଣ୍ଠା ତାଙ୍କର ଶେଷ କପର୍ଦ୍ଦକ ମଧ୍ୟ ସେମାନଙ୍କ ପାଇଁ ଶେଷ କରି ଦେଇଛନ୍ତି । କହିବା ବାହୁଲ୍ୟ, ତାଙ୍କର ଏଇ ଦୁଃସାହସିକ ଭାରତପ୍ରୀତି ସରକାରଙ୍କର ଶ୍ୟେନଦୃଷ୍ଟି ଏଡ଼ାଇ ପାରିଲା ନାହିଁ । କିନ୍ତୁ ସେଥିପାଇଁ ତାଙ୍କର କୌଣସି ଭ୍ରୂକ୍ଷେପ ନାହିଁ । ବିବେକାନନ୍ଦଙ୍କର ମାନସକନ୍ୟା ଅଦ୍ୱୈତ ସାଧନାରେ ଦୀକ୍ଷିତା ପୁଣି ଶ୍ରୀଅରବିନ୍ଦଙ୍କର ସହକର୍ମିଣୀ ନିବେଦିତା କ'ଣ ଶୃଙ୍ଖଳ କିଂବା ମୃତ୍ୟୁଭୟଭୀତା ?

ଗୋଟିଏ ଦିଗରେ 'ଯୁଗାନ୍ତର', 'ବନ୍ଦେ ମାତରମ୍'ରେ ଶ୍ରୀଅରବିନ୍ଦଙ୍କର ଅନଳବର୍ଷୀ ଭାଷା, ଅନ୍ୟ ଦିଗରେ ନିବେଦିତାଙ୍କର ଜ୍ୱାଳାମୟୀ ବକ୍ତୃତା ଓ ଲେଖା – ଏହି ଦୁଇ ରାଜଯୋଗରେ ବଙ୍ଗଳା ତଥା ଭାରତର ସ୍ତିମିତ ପ୍ରାଣ ଉଦ୍ଦୀପ୍ତ ହେଲା । ଉଭୟଙ୍କର ଏହି ସମ୍ମିଳିତ ଆନ୍ଦୋଳନରୁ ଅନେକ ପରିଚିତ ବନ୍ଧୁ ଦୂରେଇ ଗଲେ, କିନ୍ତୁ ଆଗେ ଦେଶ, ନିବେଦିତାଙ୍କର ରକ୍ତପତାକା ସେହିପରି ଅଟଳ, ଅକମ୍ପିତ । ଜଗଦୀଶ ଚନ୍ଦ୍ର ବୋଷ ଏବଂ ପ୍ରଫୁଲ୍ଲ ରାୟଙ୍କ ପାଖକୁ ସ୍ୱଦେଶରୁ ଯୁବକମାନଙ୍କୁ ପଠାଉଛନ୍ତି ବୋମା ନିର୍ମାଣ ଶିଖିବା ପାଇଁ, ବିଦେଶରେ ଅସ୍ତ୍ର ଯୋଗାଡ଼ କରିବା ପାଇଁ ।

ସରକାରଙ୍କ ଦମନନୀତି ଭୀଷଣ ମୂର୍ତ୍ତି ଧାରଣ କଲା, ଶ୍ରୀଅରବିନ୍ଦ ଜେଲରେ । ମୁକ୍ତି ପରେ ପୁଣି ଗ୍ରେପ୍ତାରର ଷଡ଼ଯନ୍ତ୍ର

କଥା ଶୁଣି ନିବେଦିତା ଶ୍ରୀଅରବିନ୍ଦଙ୍କୁ ସେ ଖବର ଦେଇ ଅନ୍ୟତ୍ର ଯାଇ ଆନ୍ଦୋଳନ ଚଳାଇବାକୁ ଅନୁରୋଧ କରିଥିଲେ । ଇତି ମଧ୍ୟରେ ଶ୍ରୀଅରବିନ୍ଦ ଭଗବାନଙ୍କ ଆଦେଶରେ ବଙ୍ଗ ଦେଶ ତ୍ୟାଗ କଲେ, ଏବଂ ନିବେଦିତାଙ୍କୁ 'କର୍ମଯୋଗୀନ୍'ର ଭାର ଦେଇଗଲେ । ପୁଣି ତାଙ୍କୁ ଅନ୍ୟର ଅସମ୍ପୂର୍ଣ୍ଣ ଭାର ନେବାକୁ ହେଲା ।

ଆଶ୍ଚର୍ଯ୍ୟ ଓ ପରିତାପର ବିଷୟ, ସରକାରଙ୍କ ଦମନ-ନୀତି ଓ ଶ୍ରୀଅରବିନ୍ଦଙ୍କ ଦେଶତ୍ୟାଗ ଫଳରେ ଅଳ୍ପ ସମୟ ମଧ୍ୟରେ ସ୍ୱାଧୀନତା ଆନ୍ଦୋଳନ ମ୍ଳାନ ହୋଇଗଲା ଏବଂ ବିପ୍ଳବର ଶେଷ ଶିଖା ଲିଭିଗଲା ଯତୀନ ମୁଖାର୍ଜୀଙ୍କ ନିର୍ବାଣ ସଙ୍ଗେ, ଦମନ-ନୀତି ଯେତେଦୂର ନୁହେଁ, ଗୁରୁତର କାରଣ ହେଲା ଶ୍ରୀଅରବିନ୍ଦଙ୍କ କଥାରେ ''The force had with drawn.''

ନିବେଦିତାଙ୍କ ମଧ୍ୟରେ ଦେଖାଗଲା ଅଭାବନୀୟ ପରିବର୍ତ୍ତନ, ସେଇ ଜ୍ୱଳନ୍ତ ଉତ୍ସାହ ଆଉ ନାହିଁ । ନୈରାଶ୍ୟ ନୁହେଁ, ଦୁର୍ବଳତା ନୁହେଁ, ତାଙ୍କ ମଧ୍ୟକୁ ଉତରି ଆସିଲା ନୈର୍ବ୍ୟକ୍ତିକ ନିର୍ବିକାର ମୁକ୍ତିର ଭାବ, ଯେପରି ବିବେକାନନ୍ଦଙ୍କର ଶେଷ ଜୀବନ । ସେ ନିଶ୍ଚୟ ଭଗବାନଙ୍କ ଇଙ୍ଗିତ ବୁଝିପାରିଥିଲେ ଯେ ତାଙ୍କର କାର୍ଯ୍ୟ ଶେଷ, ସ୍ୱୟଂ ଭଗବାନ୍ ଦେଶ ସ୍ୱାଧୀନତାର ଭାର ଗ୍ରହଣ କରିଛନ୍ତି, ଯେପରି ଶ୍ରୀଅରବିନ୍ଦ ବୁଝିଥିଲେ । ତେଣୁ ନିବେଦିତା କ୍ରମଶଃ ଅନ୍ତର୍ମୁଖୀ ହୋଇ ନିଜ ଆତ୍ମାର ମନ୍ଦିରକୁ ଫେରି ଆସିଲେ । ଧୀରେ ଧୀରେ ବିଲୀନ ହୋଇ ଗଲେ ଶିବ ସତ୍ତାରେ ।

ଆମେମାନେ ଯେତେବେଳେ ଶ୍ରୀଅରବିନ୍ଦଙ୍କୁ ପଚାରୁ, ନିବେଦିତା କିପରି ତାଙ୍କର ଆଧ୍ୟାତ୍ମିକ ଉଦ୍ଦେଶ୍ୟ ତ୍ୟାଗ କରି ଭାରତର ସ୍ୱାଧୀନତା ଲାଭକୁ ବ୍ରତ କରି ନେଲେ, ଶ୍ରୀଅରବିନ୍ଦ କହନ୍ତି, ''ଗୁରୁଙ୍କ ଆଦେଶ, ସେ କାର୍ଯ୍ୟ ତାଙ୍କୁ ବିବେକାନନ୍ଦ ଦେଇ ଯାଇଥିଲେ ।'' ''ତାଙ୍କର ଆଧ୍ୟାତ୍ମିକ ଉପଲବ୍ଧି ସମ୍ବନ୍ଧରେ କିଛି ଜାଣନ୍ତି ?'' ଆମମାନଙ୍କର ଏହି ଦ୍ୱିତୀୟ ପ୍ରଶ୍ନରେ କହନ୍ତି, ''ନା, ଆମମାନଙ୍କ ମଧ୍ୟରେ ସେସବୁ ଆଲୋଚନା ହେଉ ନଥିଲା; ତେବେ ତାଙ୍କର ଆଖି ଦେଖି ଜଣା ଯାଉଥିଲା ଯେ ସମାଧିରେ ତାଙ୍କର ସହଜ ଅଧିକାର ଥିଲା ।''

ନିବେଦିତାଙ୍କ ସ୍ମୃତି ବୋଧହୁଏ ଭାରତରେ ଲୁପ୍ତ ପ୍ରାୟ । କିନ୍ତୁ ଭାରତବର୍ଷ ଆଧ୍ୟାତ୍ମିକତାର ଦେଶ । ହିନ୍ଦୁଧର୍ମ ଯେତେ ଜୀର୍ଣ୍ଣ ହେଉ ନା କାହିଁକି, ବର୍ତ୍ତମାନ ସୁଦ୍ଧା ତା'ର ଜୀର୍ଣ୍ଣ ଦେବାଳୟରେ ଭଗବାନଙ୍କର ଦର୍ଶନ ମିଳେ । ଦ୍ରୁତ ଗତିରେ ଚକ୍ର ଘୂରି ଚାଲିଛି । ସେଦିନର ତୂର୍ଯ୍ୟନାଦ ଶୁଣାଯାଉଛି, ଯେଉଁଦିନ ଭାରତର ଆଧ୍ୟାତ୍ମିକ ମହାତ୍ମା ଉଚ୍ଚଶିରରେ ପର୍ବତଶିଖର ଉପରେ ଦଣ୍ଡାୟମାନ ହୋଇ କହିବେ, ''ବେଦାହମେତଂ ପୁରୁଷଂ ମହାନ୍ତମ୍, ଆଦିତ୍ୟବର୍ଣ୍ଣଂ ତମସଃ ପରସ୍ତାତ୍'' । ପୁଣି ଯେତେବେଳେ ଭାରତ ଜଗତର ଦୀକ୍ଷା ଗୁରୁର ସ୍ଥାନ ନେବ, ବିବେକାନନ୍ଦଙ୍କର ସ୍ୱପ୍ନ ସଫଳ ହେବ, ସେଦିନ ଆମେ ପୁଣି ସ୍ମରଣ କରିବୁ ଶ୍ରୀରାମକୃଷ୍ଣ, ବିବେକାନନ୍ଦ, ନିବେଦିତାଙ୍କୁ ।

ନିବେଦିତାଙ୍କର ଗୁରୁ ପ୍ରଦତ୍ତ ଆଧ୍ୟାତ୍ମିକ ଶକ୍ତି ଭାରତର ଘୁମନ୍ତ କୁଣ୍ଡଳିନୀ ଶକ୍ତିକୁ ଜାଗ୍ରତ୍ କରିଛି, ଭାରତୀୟ ଶିଳ୍ପକଳାକୁ ତା'ର ସ୍ୱକୀୟ ମହିମାରେ ପ୍ରତିଷ୍ଠିତ କରିଛି, ଭାରତୀୟ ବୈଜ୍ଞାନିକଙ୍କ ନାମ ଜଗତ୍‌ସଭାରେ ସ୍ଥାନ ପାଇଛି, ନାରୀ ଶିକ୍ଷା ମନ୍ଦିର ଗଢ଼ିଛି, ଭାରତୀୟ ସାମ୍ବାଦିକ ତା'ର ନୂତନ ପଥ ଖୋଲିଛି, ଦେଶ-ବିଦେଶରେ ଭାରତୀୟ ସଭ୍ୟତା, ସଂସ୍କୃତି ଓ ଧର୍ମ ବିଷୟ ସଭ୍ୟ ସମାଜକୁ ଅବହିତ କରିଛି । ସର୍ବୋପରି ଭାରତର ସ୍ୱାଧୀନତା ସଂଗ୍ରାମରେ ଏହି ଗରୀୟସୀ ମହିଳାଙ୍କର ବିଭୂତି ଦାନ ଆମେମାନେ ଭୁଲିଗଲେ ମଧ୍ୟ ଦେବଶିଳା ବକ୍ଷରେ ସ୍ୱର୍ଣ୍ଣାକ୍ଷରେ ଲିପିବଦ୍ଧ ରହିବ । ସ୍ୱାର୍ଥର ଗନ୍ଧ ନାହିଁ, ନାମର ଲିପ୍ସା ନାହିଁ, ରହିଛି ଖାଲି ଆତ୍ମାର ବିଶାଳତା ଓ ଅଜସ୍ରତା ।

କଳ୍ପନା ଚକ୍ଷୁରେ ଦେଖିଲି ଅବନୀନ୍ଦ୍ରନାଥଙ୍କ ଦ୍ୱାରା ଅଙ୍କିତ ଭାରତ ଜନନୀଙ୍କ ଛବି । ତାଙ୍କର ବକ୍ଷସ୍ଥଳରେ ଦଣ୍ଡାୟମାନା ନିବେଦିତା, ନିବେଦିତାଙ୍କ ଶୀର୍ଷରେ ବିବେକାନନ୍ଦ ଏବଂ ତାଙ୍କ ଶୀର୍ଷରେ ଶ୍ରୀରାମକୃଷ୍ଣ, ଯୁଗଳ ଧ୍ୟାନ ମୂର୍ତ୍ତି, ନିବେଦିତାଙ୍କ ଦୁଇ-ପାର୍ଶ୍ୱରେ ବିଜ୍ଞାନାଚାର୍ଯ୍ୟ ଜଗଦୀଶ ଚନ୍ଦ୍ର ବୋଷ, ଶିଳ୍ପାଚାର୍ଯ୍ୟ ଅବନୀନ୍ଦ୍ରନାଥ, ସାମ୍ବାଦିକ ରାମାନନ୍ଦ, ମତିଲାଲ, ରାଜନୈତିକ ବ୍ୟକ୍ତି ତିଳକ, ଗୋଖଲେ ପ୍ରଭୃତି – ସମ୍ମୁଖରେ ବିପ୍ଳବୀ ଯୁବଶକ୍ତି ।

ମୁହୂର୍ତ୍ତକ ଲାଗି ଯବନିକା ଅପସାରିତ ହେଲା । ମା ଦେଖାଇଲେ ଧ୍ୟାନାବିଷ୍ଟା, ନିମୀଳିତ ଚକ୍ଷୁ, ଅପରୂପ ଶାନ୍ତ ଶ୍ରୀସମନ୍ୱିତା ନିବେଦିତା । ମନେ ପଡ଼ିଲା ଶ୍ରୀଅରବିନ୍ଦଙ୍କ କଥା, ''There is no measure of our indebtedness to Nivedita'' – ନିବେଦିତାଙ୍କ ପାଖରେ ଆମ ଋଣର ଶେଷ ନାହିଁ ।

(ସମାପ୍ତ)

(*Mother India*, ଅକ୍‌ଟୋବର, ୧୯୬୭ରୁ ଗୃହୀତ ।)

ଅନୁବାଦ : ଜ୍ୟୋତ୍ସ୍ନା ମହାନ୍ତି ❑

# ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ

## (୪୮)

## ସାହାନା ଦେବୀ

**ସାହାନା :** ମୁଁ ଲକ୍ଷ୍ୟ କରି ଦେଖୁଛି ମୋର ନିଜ ଲେଖା ଉପରେ ଖୁବ୍ ଏକ ମମତା ରହିଛି । ଏଇ ମମତା ବୋଧଟି ମୋତେ ଏତେଟା ଭଲ ବୋଲି ମନେ ହେଉ ନାହିଁ । ତେଣୁ ଲେଖାଲେଖି କରିବା ଛାଡ଼ି ଦେବି ବୋଲି ସ୍ଥିର କଲି । ଏତେ ଆସକ୍ତି ଜନ୍ମ ନେବ ବା କାହିଁକି ? ହୁଏତ କେବେ କେବେ ଲେଖା ହୋଇ ବି ପାରେ ଅବା ନହୋଇ ବି ପାରେ । କ'ଣ ଆଉ ଅଧିକା ହେବ ଯଦି ବହିଟି ଶେଷ ନହୁଏ । ବହି ଲେଖିବାକୁ ତ ମୁଁ ସତରେ ଏଠାକୁ ଆସିନି । ଯାହା ହେଉ ଆଜି ମୋର ମନ ପୂରା ହାଲୁକା ହୋଇଗଲା । ଭଲ କରୁଛି କି ମନ୍ଦ କରୁଛି ମୋତେ ଦୟା କରି ଲେଖ ମା ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ମୋର ମନେ ହୁଏ ତୁମେ ଠିକ୍‌ହିଁ କରିଛ । କର୍ମରେ କୌଣସି ଆସକ୍ତି ରହିବା ଉଚିତ ନୁହେଁ — ଯଦି ତାହା କରିବାକୁ ହୁଏ ତେବେ ବର୍ତ୍ତମାନ ଯେପରି କରା ହେଉଛି ପରେ ମଧ୍ୟ ସେହିପରି ହେବ । (୪.୫.୩୪)

**ସାହାନା :** ଦୁଇ, ଚାରି ଦିନ ହେବ, ମା ଗୋ ପୁଣି ଏକ ଶୁଷ୍କତାର ଭାବ ଦେଖା ଦେଇଛି, ନିଜର ଆସ୍ପୃହା ସମ୍ବନ୍ଧରେ ଯେମିତି ଏକ ଅତୃପ୍ତ ଭାବ । ଯଦିବା ଆସ୍ପୃହା ଆସେ ତା'ର ସ୍ଥାୟିତ୍ୱ କେତେ ଟିକିଏ ଅବା ! ବେଳେ ବେଳେ ମନେ ହୁଏ ଜୀବନରେ ଭଗବାନଙ୍କୁ ଯଦି ବି ନପାଏ, ତେବେ ବି ତୁମମାନଙ୍କ ଆଶ୍ରୟରେ, ସ୍ପର୍ଶରେ, ତୁମମାନଙ୍କର ଆଶୀର୍ବାଦରେ ଏବଂ ତୁମ ଚରଣଧୂଳି ମଥାରେ ମାରି ଜୀବନଟା କଟିଯିବ — ଏହା କ'ଣ କମ୍ ବଡ଼ କଥା ! ଯଦିଓ ଏହା ଆସ୍ପୃହାର ଲକ୍ଷଣ ନୁହେଁ ତେବେ ମନକୁ ଖୁବ୍ ବେଶୀ ଖରାପ ହେବାକୁ ନଦେବାଠାରୁ, ତାକୁ ଗୋଟିଏ ଆଶ୍ରୟ ଦେବା ଭଲ । କିନ୍ତୁ ତୃପ୍ତି ବର୍ତ୍ତମାନ ସୁଦ୍ଧା ବି ମିଳୁ ନାହିଁ । ନିରାସକ୍ତିର ଲକ୍ଷଣ ତ କେଉଁ ଦିଗରୁ ବି ଦେଖୁ ନାହିଁ । ହୁଏତ ଏସବୁକୁ ଅବା ଚାହୁଁ ନାହିଁ ଆନ୍ତରିକ ଭାବେ — କି ଉପାୟ କରି ଯେ ଚାହିଁବାକୁ ହୁଏ ତାହା କେବଳ ଭାବୁଛି ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ଏଇ ଧରଣର ଚିନ୍ତାକୁ ଆଦୌ ପ୍ରଶ୍ରୟ ଦେବ ନାହିଁ — ଏମାନେ ଆସନ୍ତି ଅବସ୍ଥାକୁ ନିମ୍ନାଭିମୁଖୀ କରିବାକୁ ଅଥବା ଏସବୁକୁ ଅବଦମିତ କରି ରଖିବାକୁ । ଯେତେବେଳେ ବିରତି, ଶୁଷ୍କତା ଅବା ଯାହାକୁ ବାଧା ବୋଲି ବୁଝାଯାଏ ସେସବୁ ଆସେ, ସେତେବେଳେ କିଛି ଗୋଟାଏ ଉପରକୁ ଉଠି ଆସେ ଯାହାକୁ ବଦଳାଇବାକୁ ହେବ । ସେତେବେଳେ ଶାନ୍ତ ହୋଇ ରୁହ, ଏବଂ ଉର୍ଦ୍ଧ୍ୱ ଶକ୍ତିକୁ ଡାକ ତାକୁ ପରିବର୍ତ୍ତନ କରିବାକୁ । (୧୨.୫.୩୪)

**ସାହାନା :** ନିଜକୁ ସବୁଥିରୁ ଅଲଗା କରି ନେବି ନା ନିଜକୁ ଯେତେପାରେ ବିସ୍ତାରି ଦେବି । ସବୁକିଛିକୁ ଏବଂ ସମସ୍ତଙ୍କଠାରୁ ଯଦି ମୋର ଅନ୍ତରଟିକୁ ବିଚ୍ଛିନ୍ନ କରି ଆଣିପାରେ, ନିଜକୁ ପୂରାପୂରି ଏକୁଟିଆ କରି ଭାବି ପାରେ, ତେବେ ହୁଏତ ଯାହା କରିବାକୁ ଆସିଛି ତାହା ଐକାନ୍ତିକ ଭାବରେ କରି ପାରିବି । ମୋର କ୍ଷୁଦ୍ର ମନ କେବଳ କ୍ଷୁଦ୍ର, କ୍ଷୁଦ୍ର ଜିନିଷ ନେଇ ମଗ୍ନ ରହିବାକୁ ଚାହେଁ, ସେସବୁ ଦିଗକୁ ବାରଂବାର ଫେରି ଚାହୁଁଥାଏ — ଏହି ସବୁ ଦେଖି ମନଟା ନିରାଶାରେ ଭରି ଯାଉଛି ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ତୁମେ ନିଜକୁ ତୁମ ଅନ୍ତର ଭିତରକୁ ଆହୁରି ଦୃଢ଼ ଭାବେ ଫେରାଇ ଆଣିବାକୁ ହେବ । କ୍ରମାଗତଭାବେ ତୁମେ ନିଜକୁ ଯଦି ବିସ୍ତାର କରିଚାଲ, ଆନ୍ତର ମନୋଭାବରୁ ଦୂରେଇ ଯାଅ ତା'ହେଲେ ତୁମେ ଅନବରତ ବିଚରଣ କରିବ ସାଧାରଣ ବହିଃ-ପ୍ରକୃତିର ସେଇସବୁ କ୍ଷୁଦ୍ରତା ମଧ୍ୟରେ ଏବଂ ତାହାରି ପ୍ରଭାବରେ ଯେଉଁ ଆଡ଼କୁ ସେହି ବହିଃ ପ୍ରକୃତି ଖୋଲି ଯାଇଛି ସେଇ ଆଡ଼କୁ ତୁମେ ଖୋଲିଯିବ । ଅନ୍ତର ଭିତରେ ବାସ କରିବାକୁ ଶିଖ, ଏବଂ ସେହିଠାରେ ରହି ସର୍ବଦା ସବୁ କର୍ମ ମାଆଙ୍କ ସଙ୍ଗେ ଅବିରାମ ଯୁକ୍ତ ରହି କରିବାକୁ ଶିଖ । ଆରମ୍ଭରୁ ଏଇ ଭାବେ ସଦାସର୍ବଦା ଏବଂ ସମ୍ପୂର୍ଣ୍ଣ ରୂପେ କରିବା କଠିନ ହୋଇପାରେ, କିନ୍ତୁ ଏହା କରିବା ସମ୍ଭବ ହେବ ଯଦି ନିରନ୍ତର ତୁମେ ଏଥିରେ ଲାଗି ରହିବ —ଏବଂ ଏଇ ମୂଲ୍ୟବୋଧକୁ ନେଇ, ଏଇଭାବେ ଶିକ୍ଷା ଗ୍ରହଣ କରି ଯୋଗ ପଥରେ ସିଦ୍ଧି ଲାଭ କରାଯାଇପାରେ । (୫.୬.୩୪)

**ସାହାନା :** ଆଉ ଏକ ଘଟଣା ଲକ୍ଷ୍ୟ କରୁଛି, ମୋର ପାରିବାରିକ ଆସକ୍ତି ଏଥର ମୋର ଚେତନାର ସାମନାକୁ ଅର୍ଥାତ୍ ଉପରିଭାଗକୁ ଉଠି ଆସିଛି, ବୁଝି ମଧ୍ୟ ପାରୁଛି ଏଥର

ଏହା ଚାଲିଯିବା ଆବଶ୍ୟକ । ମୁଁ ଦେଖିଛି ଭିତରୁ ଏମିତି କିଛି ଉପରକୁ ଆସେ, ତା'ପରେ ମୁଁ ସେ ବିଷୟରେ ସଚେତନ ହୁଏ, ପରେ ସଂକଳ୍ପ ଆସେ, କିନ୍ତୁ ସେଇ ସଂକଳ୍ପକୁ ପାଳନ କରି ଚାଲିବାକୁ ସମୟ ଲାଗେ । ଅନେକ କ୍ଷେତ୍ରରେ ମୁଁ ଏହା ଲକ୍ଷ୍ୟ କରିଛି । ଏଥର ବୁଝି ପାରିଛି ମୋତେ ତାହା ଛାଡ଼ିବାକୁହିଁ ହେବ, ଇଚ୍ଛା ଅଛି, ସଂକଳ୍ପ ବି ଆସୁଛି, ତେବେ କାର୍ଯ୍ୟରେ ଠିକ୍ ରୂପେ ପରିଣତ କରା ହେଉ ନାହିଁ । ହୁଏତ କିଛି ସମୟ ଲାଗିବ ଅନ୍ୟଗୁଡ଼ିକରେ ଯେପରି ସମୟ ଲାଗିଥିଲା – ତାହାହିଁ କି ?

**ଶ୍ରୀଅରବିନ୍ଦଙ୍କ ପତ୍ର :** ଅଭ୍ୟାସଗତ ଗତିବୃତ୍ତି ଯାହା ଚେତନା ମଧ୍ୟରେ ଲାଖି ରହିଥାଏ ଅଥବା ସମୟ ସମୟରେ ଫେରି ଆସେ, ତାକୁ ତା'ର ଦଖଲ ଛାଡ଼ିବାକୁ ହେବ ଏବଂ ଅନ୍ତର୍ହିତ ହେବାକୁ ହେବ ।

(୬.୬.୩୪)

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ

❑❑❑

## ଶ୍ରୀଅରବିନ୍ଦଙ୍କ ନାମରେ ଥିବା 'ଶ୍ରୀ'

(ନଳିନୀକାନ୍ତ ଗୁପ୍ତ ଏହି ପତ୍ରଟିରେ ଦର୍ଶାଇଛନ୍ତି ଶ୍ରୀଅରବିନ୍ଦଙ୍କ ନାମରେ ରହିଥିବା 'ଶ୍ରୀ' କେବଳ ଏକ ପ୍ରଚଳିତ ଭାଷାର ପ୍ରୟୋଗ ନୁହେଁ; ଏହାର ଗଭୀରତର ତାତ୍ପର୍ଯ୍ୟ ରହିଛି)

ଛୋଟ ଭଉଣି,

ମା'ଙ୍କୁ ଲେଖିଥିବା ତୁମର ପତ୍ରଟି ସେ ମୋତେ ଦେଖାଇଛନ୍ତି, ଯେଉଁଥିରେ 'ଶ୍ରୀ' ଶବ୍ଦଟିର ସମସ୍ୟାକୁ ନେଇ ତୁମେ କିପରି ଅଡୁଆରେ ପଡ଼ିଛ ବୋଲି ଉଲ୍ଲେଖ କରିଛ । ଏବିଷୟରେ ମୋର ବିଚାର ଓ ଦୃଷ୍ଟିକୋଣ କ'ଣ, ତାହା ତୁମକୁ ଜଣାଇବା ପାଇଁ ମା ଇଚ୍ଛା ପ୍ରକାଶ କରିଛନ୍ତି । ବେଶ୍, ତା'ହେଲେ ମୁଁ ସ୍ୱଷ୍ଟ ଓ ସାଧାସିଧା ଭାବରେ ତାହା ବ୍ୟକ୍ତ କରୁଛି । ମୂଳ ନାମ 'ଅରବିନ୍ଦ' ପୂର୍ବରୁ ଯେଉଁ 'ଶ୍ରୀ' ରଖାଯାଇଛି ତାହା କେବଳ ଜଣେ ସମ୍ମାନାସ୍ପଦ ବ୍ୟକ୍ତିଙ୍କୁ ସୂଚିତ କରିବା ଅର୍ଥରେ କରାଯାଇଛି ବୋଲି ଭାବିଲେ ଭୁଲ୍ ହେବ । ଏଠାରେ, ଏହାର ଅର୍ଥ ମିଷ୍ଟର୍, ମସିଁଓ ବା ସାର୍ ଆଦି ନୁହେଁ । ଏହା ହେଉଛି ପୂରା ନାମଟିର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଶ୍ରୀଅରବିନ୍ଦ ଏକ ଅବିଭାଜିତ ଶବ୍ଦ ରୂପେ ଗଠିତ । ସ୍ୱୟଂ ଶ୍ରୀଅରବିନ୍ଦହିଁ ନିଜ ନାମରେ ଏହି ଚୂଡ଼ାନ୍ତ ରୂପ ଦେଇଥିଲେ । ଏବଂ ମୁଁ ତୁମକୁ କହିପାରେ ଯେ ତାଙ୍କ ନାମର ଏହି ରୂପ ଭିତରେ ଏକ ମନ୍ତ୍ର ଶକ୍ତିର ପ୍ରଭାବ ଓ ଫଳ ରହିଛି ।

ଅନ୍ୟାନ୍ୟ ଅନେକ ଭାରତୀୟ ବା ଇଉରୋପ-ଆମେରିକୀୟ ବର୍ଣ୍ଣମାଳା ଭଳି 'ଶ୍ରୀ'ର ଉଚ୍ଚାରଣ ଆଦୌ କଷ୍ଟକର ନୁହେଁ । ଏବଂ ମୁଁ ଭାବୁଛି, ଏହି ଆଳ ନେଇ ସାଧାରଣ ଇଉରୋପୀୟ ଓ ଆମେରିକାବାସୀମାନଙ୍କ ଚଳଣିର ସ୍ତରକୁ ଓହ୍ଲାଇ ଯିବାହିଁ ସେମାନଙ୍କୁ ପ୍ରବର୍ତ୍ତାଇବାର ସବୁଠୁ ଭଲ ବାଟ – ଏପରି ବିଚାର ସବୁ ସମୟରେ ସୁସ୍ଥ ମନୋଭାବ ନୁହେଁ । ମୋର ଭୟ ହୁଏ ଏହା ଏକ ବୃଥା ଭ୍ରମ ମାତ୍ର । ବରଂ ଉତ୍ତମ ହେବ ସେଠାକାର ଲୋକଙ୍କୁ ସାଧାରଣ ଏଭଳି ପ୍ରେରଣା ଦେଖାଇବା ଯାହା ଫଳରେ ସେମାନେ ଆହୁରି ଉପରକୁ ଉଠିଯାଇ ଯଥାର୍ଥ ସତ୍ୟଟିକୁ ତା'ର ନିଜ ସ୍ୱରୂପରେ ଧରିପାରିବା ପାଇଁ ସଚେଷ୍ଟ ହେବେ ।

ତୁମକୁ ଲିଖିତ ମୋର ଏହି ମୃଦୁ ଭର୍ତ୍ସନା ମିଶ୍ରିତ ପତ୍ରଟି ମା ଦେଖିଛନ୍ତି ଓ ସଂପୂର୍ଣ୍ଣ ଅନୁମୋଦନ କରିଛନ୍ତି । ମୋର ଏହି ପତ୍ରରେ ସମ୍ଭବତଃ ଏକ ଅଯଥା ପାଣ୍ଡିତ୍ୟପୂର୍ଣ୍ଣ ସ୍ୱର ଥିବାର ତ୍ରୁଟି ମାର୍ଜନା କରିବ ।

(*Mother India* 2007, April, P. 273)

ତୁମର ଏକାନ୍ତ ସ୍ନେହାନୁଗତ

ବଡ଼ ଭାଇ

ନଳିନୀ କାନ୍ତ ଗୁପ୍ତ

# ଶ୍ରୀଅରବିନ୍ଦ ପାଠଚକ୍ରର ପ୍ରାସଙ୍ଗିକତା

## ଜ୍ୟୋସ୍ନା ପଟ୍ଟନାୟକ

ଆମେ ସ୍ୱପ୍ନ ଦେଖୁ କି ସତ୍ୟ, ଶିବ, ସୁନ୍ଦରଙ୍କ ପରିପ୍ରକାଶ ଏହି ଧରାଧାମରେ ସଂଘଟିତ ହେଉ । ପୁଣି ଆସ୍ପୃହା ରଖୁଛୁ ଏକ ସୁନ୍ଦର ନୂତନ ସୃଷ୍ଟିର ଆଗମନୀ ପାଇଁ ଯେଉଁଠି ଅହଂର ରାଜତ୍ୱ ନଥିବ, ଥିବ ଆତ୍ମ-ଦାନର ନିଷ୍ପାପରତା, ଯେଉଁଠି ମିଥ୍ୟା ଓ ଛଳନାର ଆସୁରିକ ପ୍ରବୃତ୍ତି ନଥିବ, ଥିବ ସତ୍ୟ ଓ ନ୍ୟାୟର ଦୃଢ଼ତା, ଯେଉଁଠି ହିଂସା, ଦ୍ୱେଷ ଓ ଘୃଣାର ବର୍ବରତା ନଥିବ, ଥିବ ଶ୍ରଦ୍ଧା, ଶାନ୍ତି ଓ ପ୍ରେମର ମଧୁରତା । ଏହି ଦିବ୍ୟସ୍ୱପ୍ନର ସୁନ୍ଦର ରାଜ୍ୟରେ ଯେଉଁମାନେ ବିଚରଣ କରୁଥା'ନ୍ତି, ସେମାନଙ୍କ ପାଇଁ ଶ୍ରୀଅରବିନ୍ଦ ପାଠଚକ୍ର ଉଦ୍ଦିଷ୍ଟ । ସମଗ୍ର ମାନବସମାଜ ପାଇଁ ସୌନ୍ଦର୍ଯ୍ୟ, ସଙ୍ଗତି ଓ ପୂର୍ଣ୍ଣତାର ଏହି ମଧୁମୟ ଜଗତର ସ୍ୱପ୍ନ ଶ୍ରୀଅରବିନ୍ଦ ଦେଖୁଥିଲେ ଓ ତାହା କିପରି ପୃଥିବୀପୃଷ୍ଠରେ ସମ୍ଭବପର ହୋଇପାରିବ ସେଥିପାଇଁ ଦୀର୍ଘ ଅର୍ଦ୍ଧ-ଶତାବ୍ଦୀ କାଳ ପ୍ରଗାଢ଼ ସାଧନା କରି ପଥ ପ୍ରସ୍ତୁତ କରିଥିଲେ ଏବଂ ଦିବ୍ୟ-ଅତିମାନସ ଶକ୍ତିର ଅବତରଣ କରାଇ ଥିଲେ । ଶ୍ରୀଅରବିନ୍ଦ କୁହନ୍ତି, ଶାଶ୍ୱତଙ୍କ ଅନୁସନ୍ଧାନ ଓ ତାଙ୍କର ପରିପ୍ରକାଶ ଏବଂ ମାନୁଷୀ ଚେତନାର ରୂପାନ୍ତର ଦ୍ୱାରାହିଁ ଏହି ମର୍ତ୍ତ୍ୟଧାମରେ ଦିବ୍ୟଜଗତର ଅବତରଣ ସମ୍ଭବପର ହୋଇପାରିବ । ଶ୍ରୀଅରବିନ୍ଦ ପାଠଚକ୍ରରେ ମଧୁମୟୀ ଜନନୀ ଶ୍ରୀମାଙ୍କ ଉପସ୍ଥିତି ଓ ଦିବ୍ୟ-ଅତିମାନସ ଶକ୍ତିର କ୍ରିୟା ସାହାଯ୍ୟରେ ଉପର୍ଯ୍ୟୁକ୍ତ ଦ୍ୱିବିଧ ଲକ୍ଷ୍ୟ ସାଧିତ ହୋଇଥାଏ । ତେଣୁ ସାମ୍ପ୍ରତିକ ଅଜ୍ଞାନ ଓ ଅନ୍ଧକାରର ଯୁଗ ପାଇଁ ଶ୍ରୀଅରବିନ୍ଦ ପାଠଚକ୍ରର ପ୍ରାସଙ୍ଗିକତା ରହିଛି, ଯାହା ଆମ ପାଇଁ ଆଣି ଦେଇଥାଏ ସତ୍ୟ, ଜ୍ଞାନ, ଆନନ୍ଦ ଓ ଆଲୋକର ଏକ ଅନୁପମ ନୂତନ ଜଗତ୍ ।

ଶାଶ୍ୱତଙ୍କ ସଫଳ ଅନ୍ୱେଷଣର ଫଳାଫଳ ଯେତେ ମଧୁର, ତାଙ୍କ ଅନୁସନ୍ଧାନର ପଥ ସେତେ ବନ୍ଧୁର । ତେଣୁ ଏହି ପଥକୁ 'କ୍ଷୁରସ୍ୟଧାର' ବୋଲି କୁହା ଯାଇଥାଏ । ଉପନିଷଦରେ ଉଲ୍ଲେଖ ରହିଛି ବିହଙ୍ଗଟିର ପଥ ଆକାଶମାର୍ଗରେ ଯେପରି ହଜିଯାଏ, ଜଳପଥରେ ପହଁରିଲାବେଳେ ମତ୍ସ୍ୟର ମାର୍ଗ ଯେପରି ଅଦୃଶ୍ୟ ହୋଇଯାଏ, ସେହିପରି ଶାଶ୍ୱତଙ୍କ ଅନୁସନ୍ଧାନର ଦୁରୂହ ମାର୍ଗରେ ବ୍ୟକ୍ତିକୁ ଏକାକୀ ଯାତ୍ରା କରିବାକୁ ହୋଇଥାଏ । ଅବଶ୍ୟ ସାଥିରେ ରହିଥାଏ ମଧୁର ଓ ଅମୋଘ ଭଗବତ୍ କୃପା ଓ ସଦ୍‌ଗୁରୁଙ୍କ ଉପସ୍ଥିତି ଓ ମାର୍ଗଦର୍ଶନ । ସଦ୍‌ଗୁରୁଙ୍କ ଭୂମିକା ସମ୍ପର୍କରେ ସ୍ୱାମୀ ନିଗମାନନ୍ଦଙ୍କ ଉକ୍ତି ପ୍ରଣିଧାନଯୋଗ୍ୟ : ''ସଦ୍‌ଗୁରୁଙ୍କ ବିଦ୍ୟାଳୟରେ ଯେଉଁମାନେ ପ୍ରବେଶ କରନ୍ତି ସେମାନେ ସମସ୍ତେ ସଫଳତା ଲାଭ କରିବେ । ଏଥିରେ ବିନ୍ଦୁମାତ୍ର ସନ୍ଦେହ ନାହିଁ । କେବଳ ଏହି ବିଶ୍ୱାସ ଥିଲେ ହେଲା ଯେ ତୁମ ଠାକୁର ସଦ୍‌ଗୁରୁ ।'' ମା କୁହନ୍ତି, ଯେଉଁ କ୍ଷେତ୍ରରେ ପରମେଶ୍ୱର ଓ ସଦ୍‌ଗୁରୁ ଏକାକାର ହୋଇଥାଆନ୍ତି, ସେହି ସାଧକମାନେ ପରମ ସୌଭାଗ୍ୟବାନ୍ ଓ ସେମାନଙ୍କ ନିୟତି ଅତ୍ୟନ୍ତ ଉଜ୍ଜ୍ୱଳ ହୋଇଥାଏ । ଆମର ସୌଭାଗ୍ୟ ପରମପ୍ରଭୁ ଶ୍ରୀଅରବିନ୍ଦ ଓ ଦିବ୍ୟଜନନୀ ମା ଏକାଧାରରେ ଅବତାର ଓ ସଦ୍‌ଗୁରୁଙ୍କ ଭୂମିକା ନିର୍ବାହ କରିଛନ୍ତି ଓ ଆମକୁ ମାର୍ଗଦର୍ଶନ ଦେବା ପାଇଁ ଯୁଗ୍ମ ଅବତାର ରୂପେ ପୃଥିବୀରେ ଆବିର୍ଭୂତ ହୋଇଛନ୍ତି ।

ଶ୍ରୀଅରବିନ୍ଦଙ୍କ ରଚିତ 'Invitation' (ଆମନ୍ତ୍ରଣ) କବିତାରେ ଶାଶ୍ୱତଙ୍କ ଅନ୍ୱେଷଣର ଦୁଃସାଧ ମାର୍ଗର ଇଙ୍ଗିତ ଦେଖିବାକୁ ମିଳେ :

'With wind and the weather beating round me<br>
Up to the hill and the moorland I go.<br>
Who will come with me ?<br>
Who will climb with me ?<br>
Wade through the brook and tramp<br>
through the snow ?'

(CWSA - Vol. 2, P. 201)

ଜାନୁଆରୀ ୨୪ ତାରିଖ ୧୯୧୪ ମସିହାର ଏକ ସୁନ୍ଦର ପ୍ରାର୍ଥନାଟିଏ **ଧ୍ୟାନ ଓ ପ୍ରାର୍ଥନା** ପୁସ୍ତକରେ ସନ୍ନିବେଶିତ ହୋଇଛି ଯେଉଁଠି ସଚ୍ଚିଦାନନ୍ଦ ପରମେଶ୍ୱରଙ୍କୁ ଦିବ୍ୟପ୍ରେମର ମହାନ୍ ପ୍ରଭୁ, ଜୀବନର ତ୍ରାଣକର୍ତ୍ତା, ନିଜ ଜୀବନର ଏକମାତ୍ର ବାସ୍ତବ ସତ୍ୟ ରୂପେ ମା ବର୍ଣ୍ଣନା କରିଛନ୍ତି ଓ ତାଙ୍କୁ ଅନ୍ୱେଷଣ କରିବା ଏକ ଦୁଃସାଧ ବ୍ୟାପାର ବୋଲି କହିଛନ୍ତି । ସେ ନିଜକୁ ଏକ କ୍ଷୁଦ୍ର, ଭୟାଳୁ ବିହଙ୍ଗମ ସହିତ ତୁଳନା କରିଛନ୍ତି ଯେ କି ନିଜର ପକ୍ଷଦ୍ୱୟର ପାରଙ୍ଗମତା ସମ୍ପର୍କରେ ସଂପୂର୍ଣ୍ଣ ସନ୍ଦିହାନ : "I am like a timid bird not yet sure of its

wings and hesitating to take its flight; let me soar to reach definitive identity with Thee."

ଶ୍ରୀଅରବିନ୍ଦ ପାଠଚକ୍ରରେ ଆନ୍ତରିକ ଯୋଗଦାନ ଶାଶ୍ୱତଙ୍କ ଅନୁସନ୍ଧାନ ଓ ତାଙ୍କ ସହିତ ମିଳନକୁ ଏକ ସହଜସାଧ୍ୟ ବ୍ୟାପାର କରି ଗଢ଼ି ତୋଳି ଥାଏ, କାରଣ ସେଠାରେ ଦିବ୍ୟଜନନୀ ଚିନ୍ମୟୀ ମାତୃଶକ୍ତିଙ୍କ ପ୍ରତ୍ୟକ୍ଷ ଉପସ୍ଥିତି ଥାଏ । ସେତେବେଳେ ସତ୍ୟ, ସଙ୍ଗତି, ଆନନ୍ଦ ଓ ଆଲୋକ ଏକ ଅପହଞ୍ଚ ଦୂରତ୍ୱରେ ନରହି ମାନବ ପକ୍ଷରେ ସେସବୁ ସହଜରେ ଉପଲବ୍ଧ ହୋଇଥାଏ ।

ପାଠଚକ୍ରରେ ଦିବ୍ୟଜନନୀ ମା'ଙ୍କ ପ୍ରତ୍ୟକ୍ଷ ଉପସ୍ଥିତିର ସ୍ୱାକ୍ଷର ବହନ କରୁଥିବା ଏକ ବାସ୍ତବ ଘଟଣା ଏଠାରେ ଉଲ୍ଲେଖ କରାଯାଇପାରେ ।

ସଞ୍ଜ ନଇଁ ଆସିଲାଣି, ଜନୈକ ବ୍ୟକ୍ତିଙ୍କ ବାସ ଗୃହରେ ପାଠଚକ୍ରଟିଏ ଅନୁଷ୍ଠିତ ହେଉଥାଏ । ବିଜୁଳିବତି ଚାଲିଗଲା, ଚତୁର୍ଦ୍ଦିଗରେ ଅନ୍ଧକାରର ରାଜୁତି । ହଠାତ୍ ପିଲାମାନେ ଓ ପାଠଚକ୍ରର ସଭ୍ୟସଭ୍ୟା ପାଟି କରି ଉଠିଲେ, ମା'ଙ୍କ ଫଟୋ ନିକଟରେ ସୁନେଲି ଆଲୋକର ଏକ ବାର୍‌ଲାଇଟ୍ ଦୃଶ୍ୟମାନ ହେଉଛି । ଜଣେ ମାତୃସ୍ଥାନୀୟା ବୟସ୍କା ମହିଳା ପଚାରିଲେ, ''ମା'ଙ୍କ ଫଟୋ ପାଖେ କ'ଣ ଲାଇଟ୍ ଖଞ୍ଜା ଯାଇଛି କି ?'' କିନ୍ତୁ ପାଠଚକ୍ରର ସମ୍ପାଦିକା ସ୍ପଷ୍ଟ କଲେ ଯେ ସେଠାରେ ପୂର୍ବରୁ କୌଣସି ଲାଇଟ୍‌ର ବ୍ୟବସ୍ଥା ନଥିଲା । କରୁଣାମୟୀ ଜନନୀଙ୍କ କେତେ କୃପା ସତେ, ଏ ଅଧମ ମାନବସମାଜ ପ୍ରତି !

'She is the golden bridge, the wonderful fire',

(ସ୍ୱର୍ଣ୍ଣିମ ସେତୁ ସେ ଯେ ବହ୍ନି ଅନୁପମ)

(Savitri, p. 314)

ଶ୍ରୀଅରବିନ୍ଦ କୁହନ୍ତି, ସୁନେଲି ଆଲୋକ ହେଲା ଦିବ୍ୟଜନନୀ ମା'ଙ୍କ ଆଲୋକ ଓ ଅତିମାନସ ଶକ୍ତିର ପ୍ରତୀକ । ଉପରୋକ୍ତ ଘଟଣାରୁ ଏହା ସ୍ପଷ୍ଟ ହେଉଛି ଯେ, ମା' ତାଙ୍କ ଶାଶ୍ୱତ ଚେତନା ଓ ଦିବ୍ୟ-ଉପସ୍ଥିତି ସହ ପ୍ରତ୍ୟେକ ପାଠଚକ୍ରର ହୃତ୍‌କେନ୍ଦ୍ର ରୂପେ ବିରାଜିତା ଥା'ନ୍ତି ଓ ସେ ଆମକୁ ସଚ୍ଚିଦାନନ୍ଦଙ୍କ ମଧୁର ସ୍ପର୍ଶ ଆଣି ଦିଅନ୍ତି । କାରଣ ସତ୍ୟ, ଜ୍ଞାନ, ଆନନ୍ଦ ଓ ଅତିମାନସ ଚେତନାର ଅବତାର ରୂପେ ଏହି ଅଜ୍ଞାନ ଜଗତ୍ ମଧ୍ୟକୁ ସେ ଓହ୍ଲାଇ ଆସିଛନ୍ତି ଓ ମାନବସମାଜକୁ ତା'ର ଦିବ୍ୟନିୟତି ଦିଗରେ ନେଇ ଚାଲିଛନ୍ତି ।

ପାଠଚକ୍ରରେ ଦିବ୍ୟଜନନୀଙ୍କ ମଧୁର ଉପସ୍ଥିତି ଆମକୁ ଶାଶ୍ୱତଙ୍କ ଉପଲବ୍ଧି ସହିତ ଅନ୍ୟ ଏକ 'ଦୁଃସାହସିକ ଅଭିଯାନ'ରେ ଅଂଶ ଗ୍ରହଣ କରିବା ପାଇଁ ସୁଯୋଗ ଆଣି ଦେଇଥାଏ, ଯଥା – ମାନୁଷୀ ଚେତନାର ରୂପାନ୍ତର । ପାଠଚକ୍ର କାମନାବାସନା ବା ନାମଯଶଃର ଲାଳସାର ତୃପ୍ତି ପାଇଁ ଉଦ୍ଦିଷ୍ଟ ନୁହେଁ, ଏହା ଚେତନାର ଉତ୍ତରଣ ଓ ରୂପାନ୍ତରର ଏକ ମହାନ୍ ଗବେଷଣାଗାର କହିଲେ ଅତ୍ୟୁକ୍ତି ହେବ ନାହିଁ । ବାବାଜି ମହାରାଜଙ୍କ ଭାଷାରେ ଏହା ଏକ 'ବିଦ୍ୟୁତ୍‌କେନ୍ଦ୍ର' ଯେଉଁଠି ପରମେଶ୍ୱରୀଙ୍କ ଆଲୋକ ଓ ଶକ୍ତିକୁ ଆବାହନ କରାଯାଇଥାଏ; ଯେଉଁଠାରେ ମନ, ପ୍ରାଣ, ଶରୀରର ସମସ୍ତ ତମିସ୍ରା ଓ ଦୋଷ ଦୁର୍ବଳତାକୁ ରୂପାନ୍ତରିତ କରାଯାଇପାରିବ ଏବଂ ଆମ ଅନ୍ତରର ଶାଶ୍ୱତ ଅଂଶରେ ଚୈତ୍ୟପୁରୁଷଙ୍କ ଜାଗରଣ ହୋଇ ପାରିବ । ବଟବୃକ୍ଷର ବିଶାଳ ବପୁ ଯେପରି କ୍ଷୁଦ୍ର ବୀଜଟିଏ ମଧ୍ୟରେ ସନ୍ନିବେଶିତ ହୋଇ ରହିଥାଏ, ସେହିପରି ମନୁଷ୍ୟ ମଧ୍ୟରେ ଉଚ୍ଚତର ଚେତନାକୁ ଉନ୍ନୀତ ହେବା ପାଇଁ ସମସ୍ତ ସମ୍ଭାବନା ଅନ୍ତର୍ନିହିତ ହୋଇ ରହିଛି । ମା ମନୁଷ୍ୟର ଦୋଷ ଦୁର୍ବଳତା ଉପରେ ଦୃଷ୍ଟି ନିବଦ୍ଧ ନକରି ତା' ଭିତରେ ଲୁକ୍‌କାୟିତ ରହିଥିବା ଦେବତ୍ୱର ସମ୍ଭାବନା ସକଳକୁ ଜାଗ୍ରତ୍ କରିବା ପାଇଁ ଅହରହ ପ୍ରୟାସ କରୁଥା'ନ୍ତି । ସେହି ମହାନ୍ ଯାଦୁକର, ତାଙ୍କ କୁହୁକ ବିଦ୍ୟା ବଳରେ ଆମର ବୋଧି (Intuition)ର ପରିସ୍ଫୁରଣ ଘଟାଇବେ ଓ ବିବର୍ତ୍ତନ ଧାରାରେ ମାନୁଷୀ ପ୍ରକୃତିର ରୂପାନ୍ତର କରିବେ, ଯେପରି ସାଧାରଣ ହୀରା ଖଣ୍ଡଟିଏ କାରିଗରର ହସ୍ତର ସ୍ପର୍ଶରେ ଦୀପ୍ତିମାନ୍ ଅମୂଲ୍ୟ ସୁନ୍ଦର ହୀରାଖଣ୍ଡରେ ପରିଣତ ହୋଇଥାଏ, ସେପରି ରୂପାନ୍ତରକାରିଣୀ ଅତିମାନସ ଶକ୍ତିର ସ୍ପର୍ଶରେ ମା ଆମ ମାଟିର ସତ୍ତାକୁ ଦିବ୍ୟସତ୍ତାରେ ରୂପାନ୍ତରିତ କରିବେ :

''The cosmic Worker set his secret hand
To turn this frail mud-engine to heaven-use.''

(Savitri, p. 24 - 25)

ମଧୁମୟୀ ଜନନୀ ଶ୍ରୀମା'ଙ୍କ ଦିବ୍ୟ-ଉପସ୍ଥିତି ପାଠଚକ୍ରକୁ ଏକ ମହାନ୍ ସତ୍‌ସଙ୍ଗରେ ପରିଣତ କରିଥାଏ । ଋଷିପ୍ରବର ବଶିଷ୍ଠଙ୍କ କ୍ଷଣିକ ସାନ୍ନିଧ୍ୟ ଓ ସତ୍‌ସଙ୍ଗରେ 'ରାଜର୍ଷି' ବିଶ୍ୱାମିତ୍ର 'ବ୍ରହ୍ମର୍ଷି'ରେ ରୂପାନ୍ତରିତ ହୋଇଥିଲେ । ଯେତେବେଳେ ବିଶ୍ୱାମିତ୍ର ବଶିଷ୍ଠଙ୍କୁ ବ୍ରହ୍ମଜ୍ଞାନ ପ୍ରାପ୍ତି ପାଇଁ ପ୍ରାର୍ଥନା କଲେ ବଶିଷ୍ଠ ତାଙ୍କୁ ଅନନ୍ତଦେବଙ୍କ ନିକଟକୁ ଯିବା ପାଇଁ କହିଥିଲେ । ବିଶ୍ୱାମିତ୍ର ଋଷି ଅନନ୍ତଦେବଙ୍କ ନିକଟରେ ନିଜ ଅଭିପ୍ରାୟ ବ୍ୟକ୍ତ କଲେ । ଅନନ୍ତଦେବ କହିଲେ, ''ତୁମେ ଯଦି ଏହି ପୃଥିବୀକୁ ମସ୍ତକରେ ଧାରଣ କରିପାର ତେବେ ମୁଁ ତୁମକୁ ବ୍ରହ୍ମଜ୍ଞାନ ଶିକ୍ଷା

ଦେଇପାରେ ।'' ତପୋବଳରେ ଗର୍ବିତ ବିଶ୍ୱାମିତ୍ର କହିଲେ, ''ଆପଣ ପୃଥିବୀକୁ ତ୍ୟାଗ କରନ୍ତୁ, ମୁଁ ମସ୍ତକରେ ଧାରଣ କରୁଛି ।'' ଶତ ଚେଷ୍ଟା ସତ୍ତ୍ୱେ ବିଶ୍ୱାମିତ୍ର ପୃଥିବୀକୁ ଧାରଣ କରିବାକୁ ସମର୍ଥ ହୋଇ ପାରିଲେ ନାହିଁ, ସେତେବେଳେ ବିଶ୍ୱାମିତ୍ରଙ୍କୁ ଅନନ୍ତଦେବ ପ୍ରଶ୍ନ କଲେ, ''ତୁମେ କସ୍ମିନ୍‌କାଳେ କିଛି ସତ୍‌ସଙ୍ଗ କରିଛ କି ?'' ବିଶ୍ୱାମିତ୍ର ଉତ୍ତର ଦେଲେ, ''କ୍ଷଣିକ ପାଇଁ ମୁଁ ଋଷି ବଶିଷ୍ଠଙ୍କ ସତ୍‌ସଙ୍ଗ ଲାଭ କରିଛି'' । ଅନନ୍ତଦେବ କହିଲେ, ''ତେବେ ସେହି ଫଳ ଅର୍ପଣ କର ।'' ବିଶ୍ୱାମିତ୍ର କହିଲେ, ''ମୁଁ ସେହି ଫଳ ଅର୍ପଣ କରୁଛି ।'' ଧୀରେ ଧୀରେ ପୃଥିବୀ ସ୍ଥିର ହେଲା ଓ ପୃଥିବୀକୁ ନିଜ ମସ୍ତକରେ ଧାରଣ କରିବା ପାଇଁ ସେ ସମର୍ଥ ହୋଇ ପାରିଲେ । ମହାପୁରୁଷଙ୍କ କ୍ଷଣିକ ସତ୍‌ସଙ୍ଗର ମହିମା ଯେ କେତେ ସୁଦୂର ପ୍ରସାରୀ, ତାହା ଉପର୍ଯ୍ୟୁକ୍ତ ଉପାଖ୍ୟାନରୁ ଦିବାଲୋକ ଭଳି ସ୍ୱଷ୍ଟ ହୋଇଥାଏ । ପାଠଚକ୍ର ଏକ ଶକ୍ତିଶାଳୀ ସତ୍‌ସଙ୍ଗ ଓ ମହାନ୍ ଶକ୍ତିପୀଠ ଯେଉଁଠି ଦିବ୍ୟଜନନୀ ମା ଓ ପରମପ୍ରଭୁ ଶ୍ରୀଅରବିନ୍ଦଙ୍କ ଦିବ୍ୟ-ଉପସ୍ଥିତି ଯୋଗୁଁ ମାନବ ସତ୍ୟ ଓ ବିଜ୍ଞାନମୟ ଚେତନା ଦ୍ୱାରା ପରିଚାଳିତ ହୋଇ ଦେବମାନବରେ ପରିଣତ ହୋଇପାରେ ।

ମା କୁହନ୍ତି, ''If you want to change the world, change yourself first'', ''ତୁମେ ଯଦି ପୃଥିବୀକୁ ପରିବର୍ତ୍ତିତ କରିବାକୁ ଚାହଁ, ପ୍ରଥମେ ନିଜକୁ ପରିବର୍ତ୍ତନ କର'' । ଏହି ପରିପ୍ରେକ୍ଷୀରେ ପାଠଚକ୍ର ସଭ୍ୟସଭ୍ୟାମାନଙ୍କ ଭୂମିକା କ'ଣ ରହିବା ଉଚିତ, ତାହା ଅନୁଧ୍ୟାନଯୋଗ୍ୟ । ପ୍ରଥମତଃ ନୂତନ ସୃଷ୍ଟିର ଆଗମନୀ ପାଇଁ ସତ୍ୟ ଓ ସଙ୍ଗତି ନିମନ୍ତେ ଅନ୍ତରରେ ଗଭୀର ଅଭୀପ୍ସା ପୋଷଣ କରିବା ଓ ପୂର୍ଣ୍ଣଶ୍ରଦ୍ଧା ଓ ଆନ୍ତରିକତାସହ ଏହି ଯଜ୍ଞଶାଳାରେ ଯୋଗଦାନ କରିବା ବାଞ୍ଛନୀୟ । କାରଣ ଆନ୍ତରିକତାହିଁ ଭଗବତ୍ ଦ୍ୱାରର ଅସଲ ଚାବିକାଠି । ପାଠଚକ୍ର ପୂର୍ଣ୍ଣ ନିଷ୍ଠାର ଏକ ପବିତ୍ର ଯଜ୍ଞକୁଣ୍ଡ ହୋଇଉଠିବା ଉଚିତ । ଏଠାରେ ମା'ଙ୍କ ବାଣୀକୁ ଉଦ୍ଧୃତ କରାଯାଇ ପାରେ :

''To open a centre is not sufficient in itself. It must be the pure hearth of a perfect sincerity in a total consecration to the Divine.''

(15 Aug. 1952)

ନୂତନ ଯୁଗର ଅଭୀପ୍ସୁ ସାଧକ ପୂର୍ଣ୍ଣରୂପେ ନିଜକୁ ଭଗବତୀ ଜନନୀଙ୍କ ପାଦପଦ୍ମରେ ସମର୍ପିତ ରଖିବେ । ସ୍ୱାଧ୍ୟାୟ ଓ ସତ୍ୟ ପ୍ରତି ନିଷ୍ଠା ରହିବ । ସମଚିତ୍ତତା ଓ ଦିବ୍ୟଶକ୍ତିର କ୍ରିୟା ଉପରେ ପୂର୍ଣ୍ଣ ବିଶ୍ୱାସ ଓ ଭରସା ରହିଥିବ । ଶ୍ରୀଅରବିନ୍ଦ କୁହନ୍ତି, ''ଦିବ୍ୟଜ୍ୟୋତିଃର ବିଜୟ ଉପରେ ଦୃଢ଼ ବିଶ୍ୱାସ ରଖ ଏବଂ ଜଡ଼ବସ୍ତୁ ତଥା ମାନବର ବ୍ୟକ୍ତିତ୍ୱର ରୂପାନ୍ତର ପଥରେ ଯେଉଁ ବିରୋଧ ଦେଖାଯାଉଛି, ସେଥି ନିମନ୍ତେ ସ୍ଥିର ଓ ସମଚିତ୍ତତା ସହିତ ତାହାର ସମ୍ମୁଖୀନ ହୁଅ ।'' ଅହଂପ୍ରଣୋଦିତ ଚେତନା ପରିବର୍ତ୍ତେ ଦିବ୍ୟ-ପ୍ରେମର ଚେତନା ସେଠାରେ କାର୍ଯ୍ୟ କରିବ । ସମସ୍ତଙ୍କ ପ୍ରତି ନିଃସର୍ତ୍ତ ଭଲପାଇବା ରହିବ, ''ଅପରୂପ ଦୁର୍ଦ୍ଦମନୀୟ ପ୍ରେମର'' ଆବଶ୍ୟକତା ରହିଛି ସମଗ୍ର ପୃଥିବୀ ପାଇଁ । ଦିବ୍ୟପ୍ରେମ ସମ୍ପର୍କରେ ମା'ଙ୍କ ଲିଖିତ ଏକ ସୁନ୍ଦର ହୃଦୟସ୍ପର୍ଶୀ ପ୍ରାର୍ଥନାଟିଏ ମନେ ପଡ଼େ :

''To be the divine love, love powerful, infinite, unfathomable, in every activity, in all the worlds of being – it is for this I cry to Thee, O Lord. Let me be consumed with this love divine, love powerful, infinite, unfathomable, in every activity, in all the worlds of being! Transmute me into that burning brazier so that all the atmosphere of earth may be purified with its flame.

Oh, to be Thy Love infinitely. . . .''

(CWM - Vol. 1, P. 233)

ସର୍ବୋପରି ଦିବ୍ୟଜନନୀ ମା'ଙ୍କ ପ୍ରତି ଆମର ଗଭୀର ଭଲପାଇବା ରହିଥିବ ଯାହା ସମସ୍ତ ସଫଳତା, ସିଦ୍ଧି ଓ ସୁରକ୍ଷା ଆଣି ଦେଇଥାଏ । ଶ୍ରୀଅରବିନ୍ଦ କୁହନ୍ତି, ''ତୁମେ ମା'ଙ୍କୁ ଭଲପାଅ, ସେ ତୁମର ସମସ୍ତ ଦାୟିତ୍ୱ ନେଇଯିବେ'' । ଆମର ଭୂମିକା ହେଉଛି କେବଳ ଶ୍ରଦ୍ଧା, ସହଯୋଗ ଓ ସ୍ୱୀକୃତିର ଭୂମିକା । ପାଠଚକ୍ରରେ ମା'ଙ୍କ ଦିବ୍ୟ-ଉପସ୍ଥିତି, ତାଙ୍କ ଦିବ୍ୟଦୃଷ୍ଟି ଓ ଦିବ୍ୟସ୍ପର୍ଶ ଆମ ଆଭ୍ୟନ୍ତରୀଣ ଦେବତ୍ୱର ସମସ୍ତ ସମ୍ଭାବନାକୁ ଅଚିରେ ପ୍ରସ୍ଫୁଟିତ କରିବ । ଆମ ପାଇଁ ଆଣିଦେବ ଭଗବତ୍ ଉପଲବ୍ଧି ଓ ସାମୂହିକ ରୂପାନ୍ତର । ଆମର ଏହି ଜଡ଼ ଓ ଅପୂର୍ଣ୍ଣ ସତ୍ତାକୁ ଦ୍ୟୁତି ଝଟକୁଥିବା ହୀରାଖଣ୍ଡରେ ରୂପାନ୍ତର କରିବାହିଁ ମା'ଙ୍କର ପ୍ରୟାସ । ସେତେବେଳେ ଏହି ମୃତ୍ୟୁ ଓ ବେଦନାପୂର୍ଣ୍ଣ ଧରାଧାମରେ ଅବତରି ଆସିବ ପୂର୍ଣ୍ଣତା, ଆନନ୍ଦ ଓ ଏକତ୍ୱର ସ୍ୱର୍ଗରାଜ୍ୟ । ❑

# ଅଲୌକିକ ଶକ୍ତି ପ୍ରଦର୍ଶନ

ଏକଦା ବୁଦ୍ଧଦେବ ନାଳନ୍ଦା ନଗରୀର ପଭରିକା ଉଦ୍ୟାନରେ ବାସ କରୁଥିଲା ବେଳେ କେଭଦ୍ଧ ନାମକ ଜଣେ ବ୍ୟକ୍ତି ତାଙ୍କ ସମୀପକୁ ଯାଇ ତାଙ୍କୁ ପ୍ରଣାମ ଜଣାଇ ପ୍ରଶ୍ନକଲେ, ‘‘ହେ ମହାପ୍ରଭୁ, ନାଳନ୍ଦା ଏକ ସମୃଦ୍ଧିଶାଳୀ ନଗରୀ । ନାଳନ୍ଦାରେ ବାସ କରୁଥିବା ଲୋକମାନେ ସୌଭାଗ୍ୟବନ୍ତ ଓ ସେମାନଙ୍କର ଆପଣଙ୍କ ପରି ମହାତ୍ମାଙ୍କଠାରେ ପୂର୍ଣ୍ଣ ଆସ୍ଥା ରହିଛି । ମହାପ୍ରଭୁ ! ଆପଣ ଯଦି ଜଣେ ଭିକ୍ଷୁଙ୍କୁ ନିଯୁକ୍ତ କରନ୍ତେ ଯେ କି କିଛି ଏକ ଅଲୌକିକ ଅସାଧାରଣ କ୍ରିୟା ପ୍ରକଟ କରନ୍ତା ଯାହା ଫଳରେ ନାଳନ୍ଦାବାସୀ ଆପଣଙ୍କ ପ୍ରତି ଅଧିକ ଆସ୍ଥାବାନ୍ ହୁଅନ୍ତେ ।’’

ବୁଦ୍ଧଦେବ ଉତ୍ତର ଦେଲେ, ‘‘କେଭଦ୍ଧ, ମୁଁ ଭିକ୍ଷୁମାନଙ୍କୁ ମୋର ଆଦର୍ଶ ସେପରି ଭାବରେ ଶିକ୍ଷା ଦିଏ ନାହିଁ ।’’ ଦ୍ୱିତୀୟ ଓ ତୃତୀୟ ଥର ସେହିପରି ପ୍ରଶ୍ନ ହେବାରୁ ସେ ଏକା କଥା କହିଥିଲେ । ତୃତୀୟ ପ୍ରଶ୍ନ ପରେ ବୁଦ୍ଧଦେବ କହିଲେ ଯେ ତିନି ପ୍ରକାର ଅସାଧାରଣ(Supernormal) ଅବସ୍ଥା ରହିଛି :

୧. ଏପରି ଅଲୌକିକ ଅସାଧାରଣ ପ୍ରକ୍ରିୟା ଦେଖା ଦେବ ଯାହାଫଳରେ କି ଅନେକ ବ୍ୟକ୍ତି ପ୍ରାଚୀର ମଧଦେଇ ଚାଲିଯାଇ ପାରିବେ; ଆକାଶରେ ଉଡ଼ିଯାଇ ପାରିବେ, ଜଳ ଉପରେ ଚାଲିଯାଇ ପାରିବେ । ଏହିସବୁ ହେଉଛି ସ୍ଥୂଳ ପ୍ରକ୍ରିୟା ଯାହାକି ସାଧାରଣ ଲୋକେ କରି ପାରିବେ ନାହିଁ ।
୨. ଅସାଧାରଣ ଶକ୍ତି ବଳରେ ଅନ୍ୟ ବ୍ୟକ୍ତିଙ୍କର ମନର ଅବସ୍ଥାକୁ ନିରୀକ୍ଷଣ କରିବା ।
୩. ଅସାଧାରଣ ଶକ୍ତି ବଳରେ ଲୋକମାନଙ୍କର ନିଜର ମାନସିକ ଅଭିବୃଦ୍ଧି ଅନୁପାତରେ ସେମାନଙ୍କର ମଙ୍ଗଳ ପାଇଁ ସେମାନଙ୍କୁ ଉପଦେଶ ଦିଆଯାଇ ପାରେ । ଏହିପରି ବ୍ୟକ୍ତିମାନଙ୍କ ପାଇଁ ଉପଯୁକ୍ତ ପଦ୍ଧତି ନିର୍ଦ୍ଧାରଣ କରାଯାଇ ପାରେ ।

ପ୍ରଥମ ଦୁଇ ପ୍ରକାର ଅସାଧାରଣ ଶକ୍ତି ଯଦି ପ୍ରଦର୍ଶନ କରାଯାଇ ଅନ୍ୟମାନଙ୍କୁ ପ୍ରଭାବିତ କରିବାର ଲକ୍ଷ୍ୟ ରଖାଯାଏ ତେବେ ତାହା ଯାଦୁକରର ଐନ୍ଦ୍ରଜାଲିକ କ୍ରିୟା ପ୍ରଦର୍ଶନଠାରୁ ଭିନ୍ନ ହେବ ନାହିଁ । ଯଦି କେହି ଭିକ୍ଷୁ ଏହିପରି ଜାଗତିକ ଅଲୌକିକ କ୍ରିୟା ପ୍ରଦର୍ଶନ କରୁଥା’ନ୍ତି ତେବେ ତାହା ହେବ ଲଜ୍ଜା, ଅପମାନ ଓ ବିରକ୍ତିକର ପରିସ୍ଥିତିର ମୂଳ ହେତୁ । ଏତାଦୃଶ କାର୍ଯ୍ୟାବଳୀ ପ୍ରଭାବ ବିସ୍ତାର କରି ଅନୁଗାମୀମାନଙ୍କୁ ସ୍ୱପକ୍ଷକୁ ଟାଣି ଆଣିବାରେ ସଫଳତା ଆଣିଦେଇ ପାରେ କିନ୍ତୁ ସେସବୁ ଜ୍ଞାନାଲୋକ ଆଣିଦେଇ ପାରେ ନାହିଁ ଯାହା ଫଳରେ କି ବ୍ୟକ୍ତି ନିଜ ଦୁଃଖ, ଯନ୍ତ୍ରଣାର ପରିସମାପ୍ତି ଘଟାଇବାରେ ସହାୟତା ପାଇବାରେ ସକ୍ଷମ ହୁଅନ୍ତା ।

ତୃତୀୟ ପ୍ରକାର ଅଲୌକିକ କ୍ରିୟାର ଶକ୍ତି, ଯାହାକୁ ଐନ୍ଦ୍ରଜାଲିକ ବୋଲି ମଧ କୁହାଯାଇ ପାରେ, ତାହା ବ୍ୟକ୍ତିକୁ ତା’ର ନିଜର ଦୁଃଖ ଯନ୍ତ୍ରଣାରୁ ରକ୍ଷା ପାଇବାରେ ସାହାଯ୍ୟ କରେ । ଏହା ହେଉଛି ଏକମାତ୍ର ଅଲୌକିକ କାର୍ଯ୍ୟର ଶକ୍ତି ଯାହାକୁ ଅଭ୍ୟାସ କରାଯାଇ ପାରେ ।

ଯେଉଁସବୁ ଅଲୌକିକ ଅଦ୍ଭୁତ କ୍ରିୟା ପ୍ରଦର୍ଶନ କରାଯିବା ଉଚିତ ସେସବୁ ହେଲା ଏହିପରି : ଯେତେବେଳେ ତୁମେ ଦେଖ ଯେ କେହି ବ୍ୟକ୍ତି ଗାଢ଼ ଅନୁରାଗ ବା ବିକାର-ଗ୍ରସ୍ତ, ଅଭିଳାଷ ଓ ଲୋଭ ଦ୍ୱାରା ଆକ୍ରାନ୍ତ ସେତେବେଳେ ତୁମେ ସେସବୁରୁ ମୁକ୍ତି ପାଇବା ପାଇଁ ତାଙ୍କୁ ଶିକ୍ଷାଦେଇ ପାର: ଯେତେବେଳେ ତୁମେ ଦେଖ ଯେ କେହି ବ୍ୟକ୍ତି ଘୃଣା ଓ କ୍ରୋଧର ଦାସ ହୋଇଛି ସେତେବେଳେ ତୁମେ ତୁମର ଶକ୍ତି ପ୍ରୟୋଗ କରି ତାଙ୍କର ଘୃଣା ଓ କ୍ରୋଧକୁ ନିୟନ୍ତ୍ରଣ ବା ଦମନ କରିବାରେ ସାହାଯ୍ୟ କରିପାର; ଯେତେବେଳେ ତୁମେ ଏପରି ବ୍ୟକ୍ତିଙ୍କୁ ଭେଟ ଯେ କି ସମ୍ପୂର୍ଣ୍ଣ ଅଜ୍ଞ ଓ ପୃଥିବୀର ଯଥାର୍ଥ ଅବସ୍ଥାର (ଏ ଜଗତର ସବୁକିଛି ଅସ୍ଥାୟୀ, ଦୁଃଖଦାୟକ ଓ ଅହଂପୂର୍ଣ୍ଣ) ସ୍ୱରୂପକୁ ଦେଖିପାରୁ ନାହିଁ, ସେତେବେଳେ ତୁମେ ତୁମର ଶକ୍ତି ପ୍ରୟୋଗ କରି ସେ ବ୍ୟକ୍ତିଙ୍କୁ ଏହିସବୁ ଅଜ୍ଞାନତାକୁ ଅତିକ୍ରମ କରିଯିବାରେ ସାହାଯ୍ୟ କରିପାର । ଏହି ସବୁ ହେଉଛି ପ୍ରୟୋଜନୀୟ ଅସାଧାରଣ କ୍ରିୟା ଯାହାକି ତୁମେ ପ୍ରୟୋଗ କରିପାର ।’’

ଏହିପରି ଅଲୌକିକ ଶକ୍ତି ପ୍ରଦର୍ଶନ ବିଷୟରେ ଶ୍ରୀଅରବିନ୍ଦଙ୍କ ଉକ୍ତି ପ୍ରଣିଧାନ ଯୋଗ୍ୟ ।

‘‘ଯଦି ଅବତାରଙ୍କୁ ସର୍ବଦା ପୂରାପୂରି ଏକ ଅସାଧାରଣ, ଅଲୌକିକ ଢଙ୍ଗରେ କାର୍ଯ୍ୟ କରିବାକୁ ହୁଅନ୍ତା, ତେବେ ଏହି ଉଦ୍ଦେଶ୍ୟ ପୂର୍ଣ୍ଣ ହୁଅନ୍ତା ନାହିଁ । କେବଳ ଏକ

ଅତି-ପ୍ରାକୃତ ବା ଅଲୌକିକ ଅବତାର ଏକ ଅର୍ଥହୀନ ଓ ଅସଂଗତିର ବିଷୟ । ଅବଶ୍ୟ ଏହାର ଅର୍ଥ ନୁହେଁ ଯେ ଅବତାରମାନଙ୍କ ପାଇଁ ଅଲୌକିକ ଶକ୍ତି ପ୍ରୟୋଗ କରିବା ସଂପୂର୍ଣ୍ଣ ନିଷିଦ୍ଧ ବା ଯିଶୁଖ୍ରୀଷ୍ଟଙ୍କର ଯେପରି ଅଲୌକିକ ଆରୋଗ୍ୟକାରୀ ଶକ୍ତି ଥିଲା ବୋଲି କଥିତ ଅଛି ସେପରି କୌଣସି ଅଲୌକିକ କ୍ଷମତାର ପ୍ରୟୋଗ ରହିବ ନାହିଁ । କାରଣ ମନୁଷ୍ୟ-ପ୍ରକୃତି ପକ୍ଷେ ଏହିପରି ଅସାଧାରଣ ଶକ୍ତିର ପ୍ରୟୋଗ ବେଶ୍ ସମ୍ଭବ । ତେଣୁ ସେପରି କିଛି କଥା ନାହିଁ ଓ ତାହା ବିଷୟଟିର ମୂଳ କଥା ନୁହେଁ, କିନ୍ତୁ ଯଦି ଅବତାରଙ୍କ ଜୀବନ ହୁଏ କେବଳ ଅଲୌକିକ ଘଟଣାର ଆତସବାଜି ପ୍ରଦର୍ଶନ, ତେବେ ତା'ହେଲେ ମଧ୍ୟ ଚଳିବ ନାହିଁ । ଅବତାର ଜଣେ ଅଲୌକିକ ଶକ୍ତି ଦେଖାଉଥିବା ଐନ୍ଦ୍ରଜାଲିକ ପରି ଆସନ୍ତି ନାହିଁ, ସେ ଆସନ୍ତି ମାନବଜାତିର ଦିବ୍ୟନେତା ରୂପରେ ଏବଂ ଦିବ୍ୟମାନବତାର ଆଦର୍ଶ ଦୃଷ୍ଟାନ୍ତ ରୂପରେ ।''

(*ଗୀତାନିବନ୍ଧମାଳା*, ପୃଷ୍ଠା - ୧୯୭)

ସଂଗ୍ରହ ଓ ଉପସ୍ଥାପନା : ପଞ୍ଚାନନ ମହାନ୍ତି ❑

# ମାଆ ଭାଷା ମୋ ଯାଇଛି ହଜି

## ନିର୍ମଳା ମହାପାତ୍ର

ମାଆ ଭାଷା ମୋ ଯାଇଛି ହଜି,
ଶ୍ରୀଚରଣେ ତବ କିବା ଅରପିବି,
ପାଉନି ତ ଖୋଜି ଖୋଜି ।
ମାଆ ଭାଷା ମୋ ଯାଇଛି ହଜି ।

ଦିନ ଥିଲା ଯେବେ ମନଅଗଣାରେ
ଖେଳୁ ଥିଲେ ଶବ୍ଦ ପୁଞ୍ଜ,
ବେଳା-ଅବେଳାରେ ଅଳି କରୁଥିଲେ
ସକାଳ ହେଉ କି ସଞ୍ଜ,
ଆଦରେ, ସାଦରେ ତୋଳି ଧରୁଥିଲି
ଲେଖନୀ ମୁନରେ ଖଞ୍ଜି ।
ମାଆ କାହାନ୍ତି ସେମାନେ ଆଜି ?

ଶ୍ରୀଚରଣେ ତବ କିବା ଅରପିବି,
ପାଉନି ତ ଖୋଜି ଖୋଜି ।

ଚାନ୍ଦରୁ ଚାନ୍ଦିନୀ ଝରେ ନାହିଁ ଆଉ
କୋଇଲି ଭୁଲିଛି କୁହୁ,
ମଳୟ ପବନେ ମାଦକତା ନାହିଁ
ଖାଲି ବ୍ୟଥାଭରା ଉହୁ,
କଣ୍ଟକିତ ବନେ ବନ୍ଦିନୀ ଗୋଲାପ
ଆଖିରୁ ଝରୁଛି ଲହୁ ।



ହଜିଥିଲେ କିଛି ଖୋଜି ଦିଅ ମା
ଭାଙ୍ଗି ଥିଲେ ଗଢ଼ି ଦିଅ,
ଅନ୍ତରତଳର ଅକୁହା ଦୁଃଖ ମା
କେମିତି ପାରୁନ ବୁଝି ?
ମା' ଭାଷା ମୋ ଯାଇଛି ହଜି ...

ବିଷ ଦୁନିଆରେ ପୀୟୂଷ ଠିକଣା
ଖୋଜି ଖୋଜି ଗଲି ଥକି,
ଜାଣେ ନାହିଁ ମାଆ ଜୀବନରେ ଆଉ
କେତେ ଚଲାପଥ ବାକୀ,
ଅନନ୍ତ କୃପାର ପାରାବାର ତୁମେ
ମୁଁ ଯେ ଏକ ଛୋଟ ନଦୀ,
ଶିଳା ବନ୍ଧୁରିତ ଜୀବନ ଜଞ୍ଜାଳ
ପଥରେ ହୋଇଛି ବନ୍ଦୀ ।

ଭରସା ରଖିଛି କୃପାମୟୀ ନିଶ୍ଚେ
ଡାକି ନେବେ ଖୋଜିଖୋଜି ।
ତାଙ୍କ କୋଳେ ଯିବି ହଜି
ମା ଭାଷା ମୋ ଯାଇଛି ହଜି ।

ଶ୍ରୀଚରଣେ ତବ କିବା ଅରପିବି,
ପାଉନି ତ ଖୋଜି ଖୋଜି ।... ❑

ଭାରତର ଅମର ଗାଥା :

# ଶ୍ରୀକୃଷ୍ଣ କାହାଣୀ

## (୯)

## ସବୁଜ ଉପତ୍ୟକାର ଡାକ ଓ କୁହୁକ

### ମନୋଜ ଦାସ

[**କାହାଣୀ ଏଯାବତ୍ :** ମଥୁରାର ଦାନବ ରାଜା ଶୁଣିଥାଏ ଏକ ଦୈବବାଣୀ । ଭଉଣୀ ଦେବକୀଙ୍କ ଅଷ୍ଟମ ସନ୍ତାନ ହାତରେ ହେବ ତା'ର ନିଧନ । ତେଣୁ ଦେବକୀ ସନ୍ତାନଟିଏ ଜନ୍ମ ଦେବା ମାତ୍ରେ ସେ ତାକୁ ମାରି ପକାଉଥାଏ । ତେବେ, ତା' ଅଗୋଚରରେ ଅଷ୍ଟମ ସନ୍ତାନଟି ଯାଇ ଗୋପପୁରରେ ନନ୍ଦରାଜାଙ୍କ ଘରେ ବଢୁଥାଏ । କିନ୍ତୁ ଅଚିରେ କଂସର ସନ୍ଦେହ ହେଲା, କୃଷ୍ଣ ନାମଧାରୀ ସେହି ଶିଶୁହିଁ ହେବ ତା'ର କାଳ । ଶିଶୁଟିକୁ ମାରିଦେବା ନିମନ୍ତେ ଜଣକ ପରେ ଜଣେ ଦାନବ, ଦାନବୀଙ୍କୁ ପ୍ରେରଣ କଲା । ସେମାନେ ନାନା ଛଦ୍ମବେଶରେ ଗଲେ, କିନ୍ତୁ ସଭିଏଁ ମଲେ । ତା'ପରେ...]

ନଈ ସେପାରିରେ ବିସ୍ତୃତ ଥାଏ ବ୍ୟାପକ ସବୁଜ ଉପତ୍ୟକା – ବୃନ୍ଦାବନ । ତା'ର ଏକ ପ୍ରାନ୍ତରେ ଠିଆ ହୋଇଥାଏ – ଜଣେ ପ୍ରବୀଣ ଅଭିଭାବକ ଭଳି – ଏକ ଅନୁଚ୍ଚ ପର୍ବତ । ନାମ ତା'ର ଗୋବର୍ଦ୍ଧନ ।

ସେ ଉପତ୍ୟକା ଥିଲା ନନ୍ଦରାଜାଙ୍କ ମୁଲକର ଅନ୍ତର୍ଭୁକ୍ତ । ଗୋପପୁରରେ ଘଟୁଥାଏ ନାନାଦି ଦୁର୍ଘଟଣା । ପୁଣି ପାଖ ଅରଣ୍ୟରୁ ଆସି ଗାଁ-ଗଣ୍ଡାରେ ମାତୁଥିଲେ ଦଳେ ବାଘ । ନଈ ସେପାରି ବୃନ୍ଦାବନ ଖାଲି ମନୋରମ ସ୍ଥାନ ନୁହେଁ, ନିରାପଦ ମଧ୍ୟ । ନିଜ ଗ୍ରାମଟି ସେଠାକୁ ଉଠାଇ ନେବାର ସିଦ୍ଧାନ୍ତ କଲେ ନନ୍ଦ । ତାଙ୍କ ନିର୍ଦ୍ଦେଶରେ ସେଠାରେ ଘରଦ୍ୱାର ନିର୍ମାଣ ଆରମ୍ଭ ହୋଇଗଲା ।

ଦିନକର ଶୁଭ ପ୍ରଭାତରେ ସେଠାକୁ ଯାତ୍ରାରମ୍ଭ କଲେ ଗୋପବାସୀମାନେ । ଗୋରୁପଲ ସହ ଆଗରେ ଚାଲିଥା'ନ୍ତି ପୁରୁଷମାନେ । ସେମାନଙ୍କୁ ଅନୁସରଣ କରୁଥାଏ ଶକଟ ଶୋଭାଯାତ୍ରା । ସେସବୁ ଯାନରେ ବସିଥା'ନ୍ତି ଘର ସଂସାରର ଜିନିଷପତ୍ର ଧରି ନାରୀ ଓ ଶିଶୁମାନେ । କେତେ ପୁରୁଷର ଭିଟାମାଟି ଛାଡ଼ି ଚାଲିଯିବା ସେମାନଙ୍କୁ ଦୁଃଖ ଦେଉଥିଲା ନିଶ୍ଚୟ, କିନ୍ତୁ ଏକ ସୁନ୍ଦର ଉପତ୍ୟକାର ଆହ୍ୱାନ, ଏକ ନୂତନ ଜୀବନର ପ୍ରତିଶ୍ରୁତି ସେମାନଙ୍କୁ ଶିହରିତ କରୁଥିଲା ।

ଯମୁନା ଉପରେ ଭାସମାନ ଥାଏ ପ୍ରଶସ୍ତ ଓ ଶକ୍ତ କାଠର ଭେଳା । ତାହାରି ଉପର ଦେଇ ଶକଟସବୁ ନଈ ପାରି ହେଲେ । ଗୋରୁଗାଈ ଥିଲେ ସନ୍ତରଣରେ ଅଭ୍ୟସ୍ତ । ସେମାନଙ୍କ ଉପରେ ବସିଥା'ନ୍ତି କିଶୋରମାନେ । ସେ ଆରୋହୀମାନଙ୍କୁ ବଡ଼ ମଜା ଲାଗୁଥାଏ ଏ ଯାତ୍ରା ।

ବିନା ବିଘ୍ନରେ ସଭିଏଁ ନଈ ପାରି ହେଲେ ।

ଏକ ସୁସଜ୍ଜିତ ଶକଟ ଭିତରେ ମାତା ଯଶୋଦାଙ୍କ ଉପରକୁ ଆଉଜି ବସିଥା'ନ୍ତି କୃଷ୍ଣ ଏବଂ ବଳରାମ । ଆନନ୍ଦ ଓ ବିସ୍ମୟଭରେ ସେମାନେ ଦେଖୁଥା'ନ୍ତି ଚାରି ଦିଗର ପ୍ରାକୃତିକ ଦୃଶ୍ୟ । ''କେଡ଼େ ସୁନ୍ଦର !'' ସବୁଜ ଗଛଲତା ଆଡ଼େ ଅନାଇ ସେମାନେ କହିବା ବେଳକୁ ପବନରେ ଦୋହଲି ଦୋହଲି ଗଛଲତାମାନେ ବି ସତେ ଯେମିତି ସେମାନଙ୍କୁ ସ୍ୱାଗତ କରି କହୁଥା'ନ୍ତି, ''ତୁମେ ଦୁହେଁ କ'ଣ କମ୍ ସୁନ୍ଦର !''

ନୂତନ ବସତି ବୃନ୍ଦାବନ କୃଷ୍ଣ ଏବଂ ବଳରାମଙ୍କୁ ଭାରି ଭଲ ଲାଗିଲା । ଗୋବର୍ଦ୍ଧନ ପର୍ବତର ପାଦ ଦେଶରେ କେତେ କିସମର କୋଳି-ଲତାମାନ ବଡ଼ ବଡ଼ ପଥର ଖଣ୍ଡ ଓ ବୁଦାମାନଙ୍କ ଦେହରେ ଛନ୍ଦି ହୋଇ ରହିଥା'ନ୍ତି । ବଡ଼ମାନେ ଘର-ଦ୍ୱାର, ରାସ୍ତାଘାଟ ଓ ଜଳାଶୟ ଇତ୍ୟାଦି ନିର୍ମାଣରେ ବ୍ୟସ୍ତ ରହିବା ବେଳେ ବାଳକମାନେ ପ୍ରାନ୍ତର ଭିତରେ ଲୁଚକାଳି ଖେଳରେ ମାତି ରହୁଥା'ନ୍ତି । ନଈ କୂଳେ କୂଳେ ଅସଂଖ୍ୟ କଦମ୍ବ ଗଛ । ସେସବୁ ଯେମିତି ପିଲାମାନଙ୍କୁ ନୂଆ ନୂଆ ଖେଳରେ ପ୍ରବୃତ୍ତ ହେବା ନିମନ୍ତେ ମନ୍ତ୍ରଣା ଦେଉଥିଲେ । ସେମାନେ

କେତେବେଳେ କୋମଳ ସବୁଜ ଘାସ ଉପରେ ଗଡ଼ାଗଡ଼ି ହେଉଥିଲେ ତ କେତେବେଳେ କଦମ୍ବ ଶାଖାରୁ ଦୋଳି ଝୁଲାଇ ସେଥିରେ ଉଡ଼ିଗଲା ପ୍ରାୟେ ଯାଇ ନଦୀ ଜଳକୁ ଝାମ୍ପ ଦେଉଥିଲେ ।

ଆଉ ଯେତେବେଳେ ସେ ଉପତ୍ୟକା ଭିତରକୁ ହେଲା ବସନ୍ତ ଋତୁର ଆଗମନ, କିଏ ବା ବର୍ଣ୍ଣନା କରିପାରିବ ତା'ର ସୁଷମା ! କେତେ କିସମର ଫୁଲର ମଧୁର ମହକ ଚହଟି ଯାଏ ଜନପଦ ବ୍ୟାପୀ ! କେତେ ବର୍ଣ୍ଣ, କେତେ ବିଚିତ୍ର କଳା ଫୁଟି ଉଠେ ନାନା ଜାତିର ଅସଂଖ୍ୟ ଜଣା, ଅଜଣା ଫୁଲରେ ! ସତେଅବା ଆକାଶରୁ ଖସି ତଳେ ପଡ଼ିଛି ଶତେକ ଇନ୍ଦ୍ରଧନୁ ! ସେମାନଙ୍କୁ ଦେଖି ଉଲ୍ଲାସରେ ଆତ୍ମହରା ପକ୍ଷିକୁଳ । ସେମାନଙ୍କ ମଧୁର କଳରବରେ ବିରାମ ନାହିଁ ।

ବସନ୍ତରେ ବୃନ୍ଦାବନ ପାଲଟିଲା ସତେ ଅବା ସ୍ୱର୍ଗର ନନ୍ଦନକାନନ !

ଅଚାନକେ ଦିନେ ସେ ମଧୁମୟ ମୁହୂର୍ତ୍ତସବୁ ବହୁ ଅଧିକ ମଧୁର ହୋଇ ଉଠିଲେ । ଯେମିତି କି ମର୍ତ୍ତ୍ୟର ବାତାବରଣରେ ଅବତରଣ କଲା ସ୍ୱର୍ଗଠୁଁ ବଳି କୌଣସି ଅଭିନବ ସ୍ୱର୍ଗର ପୁଲକ । ନଦୀକୂଳ ବ୍ୟାପ୍ତ ବନସ୍ତର ଗହନ କୋଳରୁ ଭାସି ଆସୁଥିଲା ଏକ ବଂଶୀସ୍ୱନ । କେହି କେବେ ଶୁଣି ନଥିଲେ ସେମିତି ସୁର – ସୁର ପୁଣି ସେମିତି ଉତ୍ତାଳ ମଧୁର ହୋଇପାରେ ବୋଲି କେହି କେବେ କଳ୍ପନା ମଧ କରି ନଥିଲେ ।

ସେମାନେ ସ୍ତବ୍ଧ ହୋଇ ସେ ଧ୍ୱନି ଅମୃତ ଉପଭୋଗ କଲେ । ଭୁଲିଗଲେ କାମ-ଦାମ; ଭୁଲିଗଲେ କଥାବାର୍ତ୍ତା, ଭୁଲିଗଲେ ନିଜ ନିଜର ସୁଖ-ଦୁଃଖ । ହୃଦୟରେ ସେମାନଙ୍କର ଅପୂର୍ବ ସ୍ପନ୍ଦନ । ସେ ବଂଶୀସ୍ୱନ ସତେଅବା ସେମାନଙ୍କୁ ଉଡ଼ାଇ ନେଇ ହଠାତ୍ କୌଣସି ଅଜଣା ଆନନ୍ଦଲୋକରେ ପହଞ୍ଚାଇ ଦେଇଛି !

ଦେଖାଗଲା, ଚୁମ୍ବକ ଦ୍ୱାରା ଆକର୍ଷିତ ହେବା ପ୍ରାୟେ ବୃନ୍ଦାବନର ତରୁଣୀମାନେ ନିଜ ନିଜ ଘରୁ ବାହାରି ସେ ସୁରର ଉତ୍ପତ୍ତିସ୍ଥଳ ଆଡ଼େ ଚାଲିଲେ । କ୍ରମେ ସେମାନଙ୍କ ଗତି ହେଲା ଦ୍ରୁତ ।

ଯିଏ ସବୁଠୁଁ ଆଗେ ଆଗେ ଚାଲିଥିଲେ, ନାମ ତାଙ୍କର ରାଧା । ଅନ୍ୟ ସବୁରିଠୁଁ ସେ ଥିଲେ ଭିନ୍ନ । କୌଣସି କବି, କୌଣସି ଚାରଣ ତାଙ୍କ ରୂପର ବର୍ଣ୍ଣନା ଦେଇ ପାରି ନଥା'ନ୍ତା; କୌଣସି ଚିତ୍ରକର ତାହା ଅଙ୍କନ କରିପାରି ନଥା'ନ୍ତା ।

ସେ ବଂଶୀସ୍ୱନ ଯେପରି ସଭିଙ୍କୁ ସ୍ମରଣ କରାଇ ଦେଉଥିଲା – କାହିଁ କେତେ ଦୂରରେ ସେମାନେ ଭୁଲ୍ କ୍ରମେ ଛାଡ଼ି ଆସିଛନ୍ତି କୌଣସି ଅମୂଲ୍ୟ ସମ୍ପଦ; ତାକୁହିଁ ସେମାନେ ଖୋଜି ଚାଲିଛନ୍ତି ନିଜ ନିଜର ସମସ୍ତ କାର୍ଯ୍ୟକଳାପ ଭିତରେ, ସମସ୍ତ କଳ୍ପନା ଓ ସ୍ୱପ୍ନ ଭିତରେ !

ନଦୀକୂଳରେ ପହଞ୍ଚିବା ମାତ୍ରେ ରାଧା ଦୌଡ଼ିବାକୁ ଲାଗିଲେ । ତାଙ୍କୁ ଅନୁସରଣ କଲେ ଅନ୍ୟମାନେ । ବଂଶୀ ସ୍ୱନ କ୍ରମେ ଅଧିକରୁ ଅଧିକ ସ୍ପଷ୍ଟ ହେଉଥିଲା । ଆଉ ଶ୍ରୋତାମାନଙ୍କୁ ତାହା କରୁଥିଲା ଅଧିକରୁ ଅଧିକ ଉଚ୍ଛନ୍ନ ।

ବାୟୁ ଚଳାଚଳ ପ୍ରାୟ ବନ୍ଦ ହୋଇ ଯାଇଥାଏ । ସତେ ଯେପରି ତାହା ସେ ଧ୍ୱନିକୁ ତିଳେ ମଧ ହଲଚଲ ହେବାକୁ ଦେବ ନାହିଁ । ପକ୍ଷୀମାନେ ଥିଲେ ନୀରବ, ଗୋରୁମାନେ ନିଶ୍ଚଳ ।

ଅବଶେଷରେ ରାଧା ଯାଇ ପହଞ୍ଚିଲେ ଠିକ୍ ସ୍ଥାନରେ – ଯେଉଁଠି ବୃକ୍ଷଟିଏ ଉପରକୁ ଆଉଜି କୃଷ୍ଣ କରୁଥିଲେ ତାଙ୍କ ବଂଶୀବାଦନ; ତାଙ୍କ ପଛରେ ନାଚୁଥିଲେ ଦଳେ ମୟୂର – ସେ ସୁର ତରଙ୍ଗର ତାଳେ ତାଳେ ।

ସେ ଅପୂର୍ବ କିଶୋରଟି ଆଗରେ ବସି ପଡ଼ିଲେ ରାଧା – ବସି ପଡ଼ିଲେ ଗୋପବାଳାମାନେ ।

ସେମାନେ ବସିଥିଲେ ନିର୍ବାକ୍, ନିସ୍ପନ୍ଦ ହୋଇ । କ'ଣ ଅନୁଭବ କରୁଥିଲେ ସେମାନେ ? ପ୍ରଶାନ୍ତି ? ପୁଲକ ? ନିଶ୍ଚୟ; କିନ୍ତୁ ସେସବୁଠାରୁ ବହୁତ ବହୁତ ଅଧିକ କୌଣସି ଶିହରଣ – ଯାହା ସେମାନେ ବୁଝାଇ ପାରି ନଥା'ନ୍ତେ ।

ଆକାଶବ୍ୟାପୀ ଘୋଟି ଆସୁଥିଲା କଳାମେଘ । କିନ୍ତୁ ସେସବୁ ମଧ ଦିଶୁଥିଲେ ମୁଗ୍ଧ । ଯମୁନା ମଧ ତା'ର କୁଳୁକୁଳୁ ଧ୍ୱନିକୁ ଯଥାସମ୍ଭବ ମୃଦୁ କରିଥିଲା – ଶୁଣୁଥିଲା ସେ ଅନବଦ୍ୟ ସଂଗୀତ ।

ସୂର୍ଯ୍ୟ ଅସ୍ତ ଗଲେ । କୃଷ୍ଣ ବଂଶୀବାଦନରୁ କ୍ଷାନ୍ତ ହୋଇ ତାଙ୍କ ଶ୍ରୋତାମାନଙ୍କ ଆଡ଼େ ଅନାଇ ହସି ଦେଲେ । ସେତେବେଳେ ଯାଇ ମେଘମାଳା ଭିତରୁ ଶୁଭିଲା ଗର୍ଜନ; ତହିଁ ଖେଳିଗଲା ସୁନାର ବିଦ୍ୟୁତ୍ । ଗଛଡ଼ାଳମାନେ ଉତ୍ତାଳ ଭାବେ ଦୋହଲିବାକୁ ଲାଗିଲେ । ଯମୁନା ଜଳରେ ଦେଖାଦେଲେ ଉନ୍ମାଦପ୍ରାୟ ଢେଉମାଳା । ଉପତ୍ୟକା ଉପରେ ବହିବାକୁ ଲାଗିଲା ତୁହାକୁ ତୁହା ଶୀତଳ ବାଆ ।

କୃଷ୍ଣ ନିଜ ଘର ଆଡ଼େ ଦୌଡ଼ିବାକୁ ଆରମ୍ଭ କଲେ ।

ଯଶୋଦା ମାତା ଆସି ତାଙ୍କ ଅନ୍ୱେଷଣରେ ପ୍ରାନ୍ତର ମଝିରେ ପହଞ୍ଚି ଯାଇଥିଲେ । ସେ କୃଷ୍ଣଙ୍କୁ କୋଳ କରି ନେଲେ ।

ଆରମ୍ଭ ହେଲା ବର୍ଷା । କୃଷ୍ଣଙ୍କୁ ଧରି ଯଶୋଦା ଯଥା ଶୀଘ୍ର ଜନପଦ ଭିତରକୁ ଲେଉଟି ଆସିଲେ । କିନ୍ତୁ ବର୍ଷା ପ୍ରବଳ ହେବା ସତ୍ତ୍ୱେ ଗୋପକନ୍ୟାମାନେ ସେମାନଙ୍କ ଗତିରେ ଥିଲେ ମନ୍ଥର । କ୍ରମେ ବର୍ଷା ସେମାନଙ୍କୁ ସମ୍ପୂର୍ଣ୍ଣ ସ୍ନାନ କରାଇଦେଲା । ତଥାପି ସେମାନେ ସେ ସମ୍ପର୍କରେ ସଚେତନ ମଧ୍ୟ ହେଲେ ନାହିଁ ।

କାରଣ ସେମାନେ ଅନୁଭବ କରୁଥିଲେ ଏକ ଭିନ୍ନ ଧରଣର ସ୍ନାନର ଶାନ୍ତି । ଯେପରି ସେ ବଂଶୀ ଧ୍ୱନି ସେମାନଙ୍କ ଅନ୍ତରକୁ ସ୍ନାନ କରାଇ ଦେଇଥିଲା; ଧୋଇନେଇ ଯାଇଥିଲା କେତେ କିସମର ଗ୍ଲାନି, କେତେ ଦୁଃଖ ଓ ମାନ-ଅଭିମାନ । ସେମାନେ ପାଇଥିଲେ ନବଜୀବନର ଶିହରଣ – ଯେଉଁ ଜୀବନଧାରା ସ୍ୱଚ୍ଛ ଓ ଗରିମମୟ ।

ସେମାନେ ଭୁଲିଯାଇଥିଲେ ଏକ ଗୂଢ଼ ସତ୍ୟ । ସେମାନେ ସଭିଏଁ ମହତ୍ ଆତ୍ମା; ପୂର୍ବଜନ୍ମର ତପସ୍ୱିନୀ ବର୍ଗ । କୃଷ୍ଣଙ୍କ ସମ୍ପର୍କରେ ଆସିବାର ସୁଯୋଗ ଲାଭ ସକାଶେହିଁ ସେମାନେ ଜନ୍ମ ନେଇଥିଲେ ମର୍ତ୍ତ୍ୟର ସେ ପବିତ୍ର ଭୂଖଣ୍ଡରେ ।

(କ୍ରମଶଃ) ❑

# ତୁମ ଆସିବାର ବେଳ

## ହୃଷୀକେଶ ପଣ୍ଡା

ଝରକା ଖୋଲିଲେ କପଟ ଦୁନିଆ
ଝରକା କିଳିଲେ ନିବୁଜ ଅନ୍ଧାର
ମଝିରେ ଝୁଲୁଛି ଅସୁମାରି ପ୍ରଶ୍ନ
କିଏ ଦେବ ତା'ର ଉତ୍ତର,
ମୋତେ ଆବୋରି ବସିଲେ
କିଛି ଲୋମଶ ଲୋଲୁପତା
ଚିପି ଧରିଲେ ବିବେକର ତଣ୍ଟି
କିଏ କରିବ ମୋତେ ଉଦ୍ଧାର ?

ବନ୍ଦ ପାଚେରି ଭିତରେ
ଯେବେ ଛିଟିକି ଆସେ
ଗୋଟେ ବିବଶତା
ପରାଜୟର ଦୀର୍ଘଶ୍ୱାସ,
ଘୁମୁରି ଘୁମୁରି କାନ୍ଦେ
ମୋର ଅସହାୟ ସତ୍ତା
ଯୁଦ୍ଧର ଘନଘଟା ଭିତରେ
ତୋତେ ଖୋଜିବାକୁ ବାହାରିଯାଏ
ଏକ ଅଟଳ ବିଶ୍ୱାସ ।

ଆତ୍ମାର ବିକଳ ପ୍ରାର୍ଥନା ଶୁଣି
ପ୍ରକମ୍ପିତ ହୁଏ ଅନ୍ତର, ବାହାର
କେଉଁଠୁ ପୁଣି ଶୁଭେ ଦୃପ୍ତ ହୁଙ୍କାର
ଜଣାଇ ଦିଏ ତୁମ ଆସିବାର ବେଳ ।

ଅସରପାମାନଙ୍କର ଔଦ୍ଧତ୍ୟ ପାଇଁ
ଝିଟିପିଟିମାନଙ୍କର ଧ୍ୟାନ ଭଗ୍ନ ପାଇଁ
ତୁମ ଆସିବା ଜରୁରୀ ହୁଏ ସେତେବେଳେ
ଶୂନ୍ୟଚାରୀ ପକ୍ଷୀ ପରି
ଘେରା କାଟି ମୋ ଅଗଣାକୁ;
ତୁମ ଚଞ୍ଚୁରେ ଥାଏ
ପୃଥିବୀଯାକର ସାମର୍ଥ୍ୟ
ତୁମ ପ୍ରଶାନ୍ତ ଡେଣା ବିସ୍ତାରରେ
ଘର ହୁଏ ପୂର୍ଣ୍ଣ ଆଲୋକିତ ।

ମୁଁ ଅବାକ୍ ହୋଇ ଚାହିଁ ରହେ
ଫର୍ଚ୍ଚା ଆକାଶକୁ
ସନ୍ଦେହର କପାଳରୁ ନିଗିଡ଼ି ପଡ଼େ
ବୁନ୍ଦା ବୁନ୍ଦା ଝାଳ,
ତ୍ରସ୍ତ ହରିଣଟେ ପରି
ମୁଁ କବାଟ ଖୋଲି ଦେଖେଁ
ଆଶ୍ୱସ୍ତ ହୁଏ
ତୁମେ ଅଛ, ତୁମେ ଥିବ
ମୋ ଭିତରେ ଧ୍ୟାନସ୍ଥ ଆତ୍ମସ୍ଥ
ଯୁଗ-ଯୁଗ କାଳ-କାଳ । ❑

# ତତ୍ତ୍ୱମସି

## ଝରଣା ଘୋଷାଲ

ଅନ୍ତହୀନ ଶୂନ୍ୟତା ଭିତରେ
ତୁମେ ମୋ ଆକାଂକ୍ଷାର ନଭଶ୍ଚୁମ୍ବୀ ଉଦାର ଆକାଶ
ଜୀବନ ସହିତ ଯୁଦ୍ଧ କରି ହୃଦୟର ବ୍ୟାକୁଳ ଆବେଗ
ଅନୁଭବର ଗାଢ଼ ଗଭୀର ସ୍ପନ୍ଦନ ମାନସ ଭୂଇଁରୁ
ଭାବାକାଶକୁ ସ୍ନିଗ୍ଧ ଆଭାରେ ଚିତ୍ରିତ କରି ଦେଲା –
ନୀରବତାର ଡେଣା ତଳେ ଜାକିଜୁକି
ବସିଥିବା ଶବ୍ଦମାନଙ୍କୁ ସାଉଁଟି
ହୃଦୟର ଉପକଣ୍ଠରୁ ତୁମ ପାଦଦୁଇଟି ଯାଏ ।

ଶ୍ରଦ୍ଧାସ୍ନାତ ଚେତନାର ଶୁଭ୍ରନୀଳ ଦୀପ୍ତିରେ ପ୍ରସରି ଦେଲି –
ଆଖିର ଦିଗ୍‌ବଳୟରେ ତୁମ ଦୃଷ୍ଟିର ସଜଫୁଟା ସତେଜ ମୁହୂର୍ତ୍ତ
ସର୍ବାଙ୍ଗରେ ବୋଳିଦେଲା ଅମୃତର ପେଲବ ପୁଲକ –
ମେରୁଦଣ୍ଡରେ ବିଜୁଳିର ଚମକ

ଶିରା ଉପଶିରାରେ ଆନନ୍ଦର ମର୍ମରିତ ଶିହରଣ
ସତ୍ତାର ଗବାକ୍ଷଗୁଡ଼ିକ ଆପେ ଆପେ ଖୋଲିଗଲା
ଅନନ୍ତ ସମ୍ଭାବନାର ହେତୁହୀନ ପ୍ରତ୍ୟୟରେ –
ହଜିଗଲା ବର୍ତ୍ତମାନ, ଭବିଷ୍ୟତ୍ ଆଉ ଅତୀତର ସ୍ମୃତି
ତୁମ ଅଲଂଘନୀୟ ନିର୍ଦ୍ଦେଶରେ ।

ତାଳୁରୁ ତଳିପା ଯାଏ କୁଳୁ କୁଳୁ ନାଦରେ
ପ୍ଲାବିତ ହେଲା ପୂତ ସଲୀଳା ମନ୍ଦାକିନୀ
ମାତୃରୂପୀ ଗୁରୁ ତୁମେ
ବ୍ୟାପ୍ତ ମୋ ସତ୍ତାର ଊର୍ଦ୍ଧ୍ୱରୁ ଅଧଯାଏ
ଗହ ଗହ ଅନ୍ଧାରରେ ଶବ୍ଦହୀନ ଗୁହାରୁ
ଉଚ୍ଚାରିତ ହେଉଥିଲା ନିରବଚ୍ଛିନ୍ନ ଓଁକାରର
ମୃଦୁ ମନ୍ତ୍ର ଧ୍ୱନି । ❑

# ନିଜକୁ ପଢ଼ି ସାରିଲା ପରେ

## ହରପ୍ରିୟା ସାହୁ

ନିଜକୁ ପଢ଼ି ସାରିଲା ପରେ
ଅନୁଭବ କରି ହେବ
ଦେହ ଦେହଳୀର ଦାହକୁ
ବୁଝି ହୋଇଯିବ ଜୀବନ-କବିତାର
ନିଃଶବ୍ଦ ପଣକୁ ॥

ଛାଡ଼ିବାକୁ ହେବ ନିଜସ୍ୱ ଅଭିମତ
ଉତାରିବାକୁ ହେବ ଅହଂର
ଜରିଲଗା ବାସ
ଦର୍ପିତ ନିଃଶ୍ୱାସ ॥

ସେଇ ତ ମୋ ଉତ୍ତରଣ ପଥ
ହଠାତ୍ ଉନ୍ମୁକ୍ତ ॥



ଅପସରି ଯିବ ଉଦାତ୍ତ ମଧ୍ୟାହ୍ନ
ମୋହାଚ୍ଛନ୍ନ ହେବ ଗୋଧୂଳି ଲଗ୍ନ
ସଞ୍ଜ ସଳିତା ପରି କରିବ ସେ
ଆତ୍ମନିବେଦନ ॥

ପ୍ରତିଶ୍ରୁତି ରଖିଛି ଜୀବନ
ଅଧାଲେଖା କାଗଜ ଫର୍ଦ୍ଦରେ
ଆଉ ପାଦ ଥାପିବିନି
ସମୟର ଚୋରାବାଲି ପରେ ॥
ନିର୍ଜନ, ନୀରବତାକୁ କରିବି ସର୍ବସ୍ୱ
ପରମଙ୍କ ସାଥେ
ଆତ୍ମା ମୋର ରଚୁଥିବ
ନିତ୍ୟ ପ୍ରେମରାସ ॥ ❑

# ହାରାଧନ

## (୩)

ବର୍ତ୍ତମାନ ହାରାଧନଙ୍କର 'ଡାଏରି'ରୁ କିଛି ପ୍ରକାଶ କରିବୁ । ଏଥିରେ ସେ ମୁଖ୍ୟତଃ ଶ୍ରୀମାଶ୍ରୀଅରବିନ୍ଦଙ୍କ ସହିତ ହୋଇଥିବା ତାଙ୍କର କଥୋପକଥନର ବିବରଣୀ ଲିପିବଦ୍ଧ କରିଛନ୍ତି । ପୁନଶ୍ଚ ପ୍ରକାଶ ଥାଉ କି, ସେତେବେଳେ 'ଅରବିନ୍ଦ ଘୋଷ' (ଏ. ଜି.), 'ମୀରା ଦେବୀ', 'ଶ୍ରୀ ମୀରା ଦେବୀ', 'ଦେବୀ', 'ମା ମୀରା' ଆଦିର ପ୍ରଚଳନ ଥିଲା – ପରବର୍ତ୍ତୀକାଳରେ 'ଶ୍ରୀଅରବିନ୍ଦ' ଏବଂ 'ଶ୍ରୀମା' ସମ୍ବୋଧନର ସ୍ୱାଭାବିକ ରୂପ ନେଇଥିଲା । ଏବେ ସେହି ଡାଏରିରୁ କେତୋଟି ପୃଷ୍ଠା ଉପରେ ଦୃଷ୍ଟିପାତ କରିବୁ :

**୨୪ ସେପ୍ଟେମ୍ବର ୧୯୨୬**

୧୫ ଅଗଷ୍ଟରେ ମୁଁ ଆପଣଙ୍କ (ଶ୍ରୀଅରବିନ୍ଦଙ୍କ) କକ୍ଷରେ ମୀରାଦେବୀଙ୍କ ପାଦପଦ୍ମରେ ପ୍ରଣତି ଜଣାଇ ବାହାରକୁ ବାହାରି ଆସିବା ପରେ ପରେହିଁ ସଚେତ ହୋଇ ଉଠିଲି ଯେ ମୋ ମନରେ ଏବଂ ମନ ମାଧ୍ୟମରେ ଚୈତ୍ୟସତ୍ତାର କିଛି କାର୍ଯ୍ୟ ଚାଲିଛି । ସେହିଦିନୁହିଁ ମୋ ମନରେ ଚୈତ୍ୟଗତ କିଛି ବସ୍ତୁର କ୍ରମଶଃ ବିକଶିତ ହେବାକୁ ଲାଗିଛି ।

**୭ ନଭେମ୍ବର ୧୯୨୬**

ଊର୍ଦ୍ଧ୍ୱରୁ ଦିବ୍ୟ-ଚେତନା ଓ ଶକ୍ତିର ଅବତରଣ ଘଟି ସମଗ୍ର ଆଧାରରେ ଭେଦି ପରିବ୍ୟାପ୍ତ ହୋଇ ଉଠିଲା । ବେଶ୍ କିଛି ସମୟ ଧରି ମନ ଏକ ନୂତନ କିଛିର ଅବତରଣ ଘଟୁଥିବାର ତୀବ୍ର ଅନୁଭୂତିରେ ସଚେତନ ହୋଇ ଉଠିଲା । ୧୫ ଅଗଷ୍ଟ ୧୯୨୬ରୁ ଏ ବିଷୟରେ ଏକ ତୀବ୍ର ପ୍ରକ୍ରିୟାର ପ୍ରସ୍ତୁତି ଚାଲୁ ରହିଛି । ଏଇ କେତେ ଦିନ ଧରି ବେଶ୍ ଅନୁଭୂତ ହେଉଛି ଯେ ଏଇ ଅବତରଣର ମୁହୂର୍ତ୍ତ ଉପସ୍ଥିତ । କିନ୍ତୁ ମନର ଯଥେଷ୍ଟ ଜ୍ଞାନାଲୋକ ନାହିଁ ଏହା କ'ଣ ଏବଂ ଏହାର ତାତ୍ପର୍ଯ୍ୟ କ'ଣ ବୁଝିବାକୁ । ତେଣୁ ଏହି ଅବତରଣଟି ଘଟିବା ସକାଶେ ମନ ସ୍ତରରେ ଭୀଷଣ ପ୍ରତିବନ୍ଧକ ସୃଷ୍ଟି ହେଉଛି । ଏହି ବିଷୟଟି ସମ୍ବନ୍ଧେ ଅଧିକ ଜାଣି ପାରିବାକୁ ଓ ଅଧିକ ଜ୍ଞାନାଲୋକ ସକାଶେ ପ୍ରାର୍ଥନା ଜଣାଉଛି ।

**୮ ନଭେମ୍ବର ୧୯୨୬**

(ଶ୍ରୀଅରବିନ୍ଦଙ୍କ ସହିତ କଥୋପକଥନରୁ ଲିପିବଦ୍ଧ)

**ହାରାଧନ :** ମୋ ସକାଶେ ମୀରା ଦେବୀଙ୍କଠାରୁ ପ୍ରତ୍ୟକ୍ଷ ସାହାଯ୍ୟ ପାଇବା ଲାଗି କ'ଣ ଏବେ ବି ସମୟ ହୋଇନି ?

**ଶ୍ରୀଅରବିନ୍ଦ :** ତାଙ୍କଠାରୁ ପ୍ରତ୍ୟକ୍ଷ ସାହାଯ୍ୟ ପାଇବା ସକାଶେ ତୁମକୁ କେତେକ ସର୍ତ୍ତ ପୂରଣ କରିବାକୁ ହେବ । ତାଙ୍କର ସାହାଯ୍ୟ ରୂପାନ୍ତର ସକାଶେ । ଏହା ଏମିତି ବି ହୋଇପାରେ ଯେ ତାଙ୍କର ନିକଟ ସାନ୍ନିଧ୍ୟରେ ଥିବା କତିପୟ ବ୍ୟକ୍ତି ଯେଉଁମାନଙ୍କୁ କେତେକ ଭିନ୍ନ ଉଦ୍ଦେଶ୍ୟରେ ତାଙ୍କ ନିକଟ ସାନ୍ନିଧ୍ୟରେ ରହିବାକୁ ଅନୁମତି ଦିଆଯାଇଛି – ସେମାନେ ସେହି ସୁଯୋଗ ଲାଭ କରି ନିଜକୁ ବେଶ୍ ଉଚ୍ଚକୋଟୀର ସାଧକ ବୋଲି ଭାବି ପାରନ୍ତି ଏବଂ ସେହି ଅନୁଭୂତିରୁ ବେଶ୍ ଆନନ୍ଦ ପାଇ ପାରନ୍ତି – କିନ୍ତୁ ଏହା ମୁଖ୍ୟତଃ ନିର୍ଭର କରେ ତୁମେ ଯେତେବେଳେ ସେହି ପ୍ରତ୍ୟକ୍ଷ ସାହାଯ୍ୟ ଲାଭ କରିବା ସକାଶେ ନିଜକୁ ଉନ୍ମୀଳିତ ରଖିପାର ଏବଂ ପ୍ରସ୍ତୁତ ହୋଇ ଉଠିଥାଅ । ଏବଂ ପୁନଶ୍ଚ (ସ୍ମିତହାସ୍ୟ ସହ) ଏଥିନିମିତ୍ତ ତୁମକୁ ତୁମ ଚେତନାରେ ତାଙ୍କ ସହିତ ଏକ ବ୍ୟକ୍ତିଗତ ସମ୍ପର୍କ ସ୍ଥାପନ କରିବାକୁ ହେବ ।

ଠିକ୍ ଅଛି । ମୁଁ ତାଙ୍କୁ ଏ ବିଷୟରେ କହିବି । କିନ୍ତୁ ଏହାର ଅର୍ଥ ଏପରି ନୁହେଁ ଯେ ସେ ତୁମ ଉପରେ ନଜର ରଖି ନାହାନ୍ତି ।...

**ହାରାଧନ :** ପକ୍ଷାନ୍ତରେ, ମୁଁ ଏ ବିଷୟରେ ସଚେତ ଯେ ମୀରା ଦେବୀ ମୋ ଉପସ୍ଥିତି ସମ୍ବନ୍ଧେ ବେଶ୍ ସଚେତ ଥା'ନ୍ତି ଏବଂ ମୁଁ ମଧ୍ୟ ତାଙ୍କ ପ୍ରତି ଉନ୍ମୀଳିତ ରହିଥାଏ । କିନ୍ତୁ ଏ ବିଷୟରେ ଉପଯୁକ୍ତ ମୁହୂର୍ତ୍ତଟିକୁ ବିବେଚନା କରି ଜାଣିବାରେ ମୁଁ ଅକ୍ଷମ ।

**ଶ୍ରୀଅରବିନ୍ଦ :** ହଁ, ଠିକ୍ । ଉପଯୁକ୍ତ ମୁହୂର୍ତ୍ତରେ ସେ ତୁମକୁ ଡାକିବେ । ତଥାପି ମୁଁ ଏ ସମ୍ବନ୍ଧରେ ତାଙ୍କୁ କହିବି, କାହିଁକି ନା ଏସବୁ ବ୍ୟାପାରରେ ସେ ମୋଠାରୁ ଅଧିକ ଜାଣନ୍ତି,

ବିଷୟବସ୍ତୁଟିକୁ ପ୍ରତ୍ୟକ୍ଷ ଭାବରେ ପରିଚାଳନା ଓ ନିୟନ୍ତ୍ରଣ କରିବାର ଶକ୍ତି ତାଙ୍କର ରହିଛି ।

କିନ୍ତୁ ତା' ପୂର୍ବରୁ, ତୁମେ ତୁମର ପ୍ରାଣିକ ବ୍ୟକ୍ତିତ୍ୱଟି ସମ୍ବନ୍ଧେ ଯେଉଁ କଥା ମୋତେ ଉଲ୍ଲେଖ କରିଛ, ସେଇଟି ତୁମ ମଧ୍ୟରୁ ବାହାରି ଯିବାକୁ ନିଶ୍ଚିତ ରୂପେ ଇଚ୍ଛାକୃତ ସମ୍ମତି ଦେବା ଉଚିତ ।

**ହାରାଧନ :** ଏହା ଊର୍ଦ୍ଧ୍ୱତର ଶକ୍ତି ପ୍ରତି ଉନ୍ମୀଳିତ ହେବାକୁ ଆରମ୍ଭ କରିଛି; ଏବେ ଏହା ମୋର ଜୀବନଧାରାରେ କେନ୍ଦ୍ରୀୟ ବ୍ୟକ୍ତିତ୍ୱ ହୋଇ ରହି ନାହିଁ; ଏହା ସମ୍ପୂର୍ଣ୍ଣ ରୂପେ ବହିଃସ୍ଥ ହୋଇ ରହିଛି । ମୁଁ କେବଳ ଏତିକି ଭାବୁଛି ଯେ ଏହି ବହିଃସ୍ଥ ପ୍ରାଣିକ ବ୍ୟକ୍ତିତ୍ୱଟି ସମ୍ପୂର୍ଣ୍ଣ ରୂପେ ନିଶ୍ଚିହ୍ନ ହୋଇଯିବା ପରେ ମୁଁ ତାଙ୍କର ନିକଟ ସାନ୍ନିଧ ଲାଭ କରିବାକୁ ଯିବି ନା ଏବେ ଯିବି ।

**ଶ୍ରୀଅରବିନ୍ଦ :** ମୁଁ ତାଙ୍କୁ ଏସବୁ କଥା କହିବି ଏବଂ ସେହିଁ ସିଦ୍ଧାନ୍ତ ନେବେ ।

**ହାରାଧନ :** ଦୟାପୂର୍ବକ ଆପଣ ତାଙ୍କୁ ସବୁ କଥା କହିବେ ଏବଂ କେବେ ମୋର ସେଇ ଉପଯୁକ୍ତ ମୁହୂର୍ତ୍ତ ଆସିବ, ମୋତେ ଜଣାଇବେ ।

## ୧୪ ନଭେମ୍ବର ୧୯୨୬

**ଶ୍ରୀଅରବିନ୍ଦ :** ମୀରା ମୋତେ ତୁମକୁ କହିବାକୁ କହିଛନ୍ତି ଯେ ସେ ତୁମକୁ ପ୍ରଥମେ ଆସନ୍ତା ଗୁରୁବାର ଦିନ ଦେଖିବେ । ସାଧିକାମାନଙ୍କ ସହିତ ତାଙ୍କର ସମବେତ ଧ୍ୟାନ ପରେ ସେଦିନ ବାରୀନ୍ ତାଙ୍କୁ ସାକ୍ଷାତ୍ କରିବା ସକାଶେ ସ୍ଥିରୀକୃତ ହୋଇଛି । ସାଧିକାମାନେ ସ୍ୱସ୍ଥାନକୁ ଚାଲିଯିବା ପରେ ବାରୀନ୍ ତାଙ୍କୁ ଭେଟିବେ ଏବଂ ବାରୀନ୍ ତଳ ମହଲାକୁ ଓହ୍ଲାଇ ଆସିବା ପରେହିଁ ତୁମେ ମୀରାଙ୍କୁ ଯାଇ ସାକ୍ଷାତ୍ କରିବ । ତାଙ୍କ ସାଥିରେ ତୁମକୁ ଦଶ, ପନ୍ଦର ମିନିଟ ଧ୍ୟାନ କରିବାକୁ ହେବ – ଏକ ମାନସକୃତ ଧ୍ୟାନ ଧାରଣା ନୁହେଁ – କିନ୍ତୁ ଏକ ସ୍ଥିର ଓ କୌଣସି ପ୍ରତିରୋଧ ନକରି ଏକେବାରେ ନିଷ୍କ୍ରିୟ (passive) ରହିବ, ଯଦ୍ୱାରା ସେ ତୁମ ମଧ୍ୟରେ ସେହି ନିର୍ଦ୍ଦିଷ୍ଟ ଅଂଶରେ କ'ଣ ସବୁ ବସାବାନ୍ଧି ରହିଛି ସେସବୁକୁ ଦେଖି ପାରିବେ ଏବଂ ତୁମ ସକାଶେ କେଉଁ ପ୍ରକାରର ତାଙ୍କ ସାହାଯ୍ୟ ଦରକାର ସେ ସମ୍ବନ୍ଧେ ସେ ଜାଣି ପାରିବେ । ଦୂରରୁ ନଜର ରଖିବା ଏବଂ ନିକଟ ସାନ୍ନିଧରେ ଦେଖିବା କେବେ ହେଲେ ସମାନ କଥା ନୁହେଁ । ତା'ପରେ ସେ ତୁମକୁ ତୁମର କର୍ତ୍ତବ୍ୟ ସମ୍ବନ୍ଧେ ଜଣାଇବେ ।

## ୧୯ ନଭେମ୍ବର ୧୯୨୬

(ଗୁରୁବାର, ୧୮ ନଭେମ୍ବରର ଘଟଣା
ସହିତ ସମ୍ପର୍କିତ ବର୍ଣ୍ଣନା)

**ଶ୍ରୀଅରବିନ୍ଦ :** ମୀରାଙ୍କ ସହିତ ଧ୍ୟାନସ୍ଥ ହେବା ବେଳେ ତୁମେ କ'ଣ ଅନୁଭବ କଲ ?

**ହାରାଧନ :** ମୋର ଅନୁଭବ ହେଲା ଯେ ସେ ମୋର ମାନସିକ ଓ ପ୍ରାଣିକ ଚେତନାକୁ ତୀବ୍ର ଭାବରେ ନିରୀକ୍ଷଣ କରୁଥିଲେ ।

**ଶ୍ରୀଅରବିନ୍ଦ :** ବାସ୍, ଏତିକି ?

**ହାରାଧନ :** ହଁ ।

**ଶ୍ରୀଅରବିନ୍ଦ :** କିନ୍ତୁ ସେ ତୁମର ମନ ଓ ପ୍ରାଣକୁ ନିରୀକ୍ଷଣ କରିବା ଅପେକ୍ଷା ଆହୁରି ଗଭୀରତର ଅନେକ କିଛିକୁ ଲକ୍ଷ୍ୟ କରୁଥିଲେ । ସର୍ବପ୍ରଥମେ ସେ ତୁମ ଉପରେ ତାଙ୍କର ଦୃଷ୍ଟି ନିବଦ୍ଧ କରିବା ମାତ୍ରେ ବିଭିନ୍ନ ଶକ୍ତିର ପ୍ରଚଣ୍ଡ ଆକ୍ରମଣ ଘଟିଲା । ତା'ପରେ ତୁମର ଅତୀତ ଜୀବନକୁ ପ୍ରବେଶ କରିବା ସକାଶେ କିଛି ଉନ୍ମୀଳନ ଘଟିଲା । ଯେଉଁଠି ସେ ଦେଖିବାକୁ ପାଇଲେ ଯେ ତୁମେ ତୁମର କୌଣସି ଏକ ଅତୀତ ଜୀବନରେ ଗୂଢ଼ ରହସ୍ୟାଦିରେ କିଛି ବିଶ୍ୱାସୀ ଥିଲ, ଜଣେ ଐନ୍ଦ୍ରଜାଲିକ ସଦୃଶ ଥିଲ, – କିନ୍ତୁ ଖୁବ୍ ସମ୍ଭବତଃ ଇଉରୋପର କୌଣସି ଏକ ସ୍ଥାନରେ, – ଏହାର ଅର୍ଥ ଏପରି ନୁହେଁ ଯେ ସେପରି କ୍ରିୟାକଳାପ ଭାରତରେ ହୁଏ ନାହିଁ – କିନ୍ତୁ ଖୁବ୍ ସମ୍ଭବତଃ ଏହା ଇଉରୋପରେ ଥିଲା । ତୁମର ପ୍ରଚଣ୍ଡ ପ୍ରାଣଶକ୍ତି ଥିଲା – ସେ କ୍ଷେତ୍ରରେ ତୁମେ ବୋଧହୁଏ ସେହିସବୁ ଅତିଭୌତିକ ଶକ୍ତିର ଅପବ୍ୟବହାର କରିଥିଲ ଏବଂ ତୁମେ ତୁମର ପ୍ରାଣରେ ସେହି ଅନ୍ତରାୟଟିକୁ ପୋଷଣ କରିଥିଲ, ସେଇଟି ତୁମକୁ ତୁମର ଅତୀତ ଜୀବନରେ ବେଶ୍ ହଇରାଣରେ ପକାଇଥିଲା ଏବଂ ଏ ଜୀବନରେ ମଧ୍ୟ ସେମିତି ହଇରାଣ କରାଇବାରେ ଲାଗିଛି ।

ତା'ପରେ ସେ ସେହି ଅନ୍ତରାୟଟି ସମ୍ବନ୍ଧେ ପୁଙ୍ଖାନୁପୁଙ୍ଖ ଭାବରେ ଜାଣିବାକୁ ଚାହିଁଲେ । ଏହା ତୁମ ହୃତ୍‌କେନ୍ଦ୍ରର ପଶ୍ଚାତରେ ରହିଥିବାରୁ ସେ ସେଇଟିକୁ ଠିକ୍ ଠିକ୍ ଦେଖି ପାରିଲେ ନାହିଁ କି ତାକୁ ନିଜ କରାୟତ୍ତରେ ଆଣି ପାରିଲେ ନାହିଁ । ତା'ପରେ ସେ ତୁମର ଚୈତ୍ୟସତ୍ତା ମଧ୍ୟରେ ପ୍ରବେଶ କଲେ ଏବଂ ସେଇ ବାଧାଟିକୁ ଅନୁସରଣ କରି ତା'ର ଏକେବାରେ ମୂଳ ଉତ୍ସରେ

ପହଞ୍ଚି ଦେଖିଲେ ଯେ ତା'ର ଚେରମୂଳସବୁ ତୁମ ଶରୀରରେ ଖୁବ୍ ଦୃଢ଼ ଭାବରେ ଛନ୍ଦି ହୋଇ ଲାଖି ରହିଛି । ସେଇଠୁ ସେ ତାକୁ ଉପାଡ଼ିବାକୁ ଚାହିଁଲେ, କିନ୍ତୁ ତାଙ୍କ ସକାଶେ ଏହା ବେଶ୍ ଶକ୍ତ ଥିଲା । ସେ ତାଙ୍କର ଶିବ-ଶକ୍ତିକୁ ଆବାହନ କଲେ, ତଥାପି ତାହାକୁ ଉପାଡ଼ି ପାରିଲେ ନାହିଁ । ସେ ତାଙ୍କର ବିଷ୍ଣୁ-ଶକ୍ତିକୁ ଆବାହନ କଲେ ଏବଂ ସେଇ ଶକ୍ତିର ପ୍ରୟୋଗରେ ତାକୁ ସମୂଳେ ଉପାଡ଼ି ପାରିଲେ ଏବଂ ତୁମ ଚୈତ୍ୟସତ୍ତାକୁ ଆଣି ତାକୁ ସମ୍ପୂର୍ଣ୍ଣ ବିନାଶ କଲେ; ତା'ର ଅସ୍ତିତ୍ୱ ପର୍ଯ୍ୟନ୍ତ ଆଉ ରହିଲା ନାହିଁ । ଯେଉଁଠୁ ସେ ତାକୁ ଉପାଡ଼ି ଆଣିଲେ, ସେ ସ୍ଥାନରେ ଏବେ ବି ଏକ କ୍ଷତ ଚିହ୍ନ ରହିଛି ।

ତା'ପରେ ସେ ତୁମର ମନ-ସ୍ତରକୁ ଆସିଲେ । ଏ ସ୍ତରରେ ସେ କୌଣସି ପ୍ରତିବନ୍ଧକ ପାଇଲେ ନାହିଁ ଏବଂ ଏହା ଏକ ସୁବ୍ୟବସ୍ଥିତ ପରିଚ୍ଛନ୍ନ ମନ ଏବଂ ସେ ଏହା ବି ଅନୁଭବ କଲେ ଯେ ଊର୍ଦ୍ଧ୍ୱରୁ ଅବତରି ଆସୁଥିବା ଜ୍ଞାନାଲୋକକୁ ନିଜ ଭିତରକୁ ଅବତରଣ କରାଇ ଆଣିବା ସକାଶେ, ସେଇଟିକୁ ସର୍ବାନ୍ତଃକରଣରେ ଗ୍ରହଣ କରିବା ସକାଶେ ପୂର୍ଣ୍ଣମାତ୍ରାରେ ଯେଉଁ ଉଦାରତା ବା ପ୍ରସାରତା ଆବଶ୍ୟକ, ସେଇଟି ତୁମ ମନରେ ରହିଛି ।

ତୁମ ହୃତ୍‌କେନ୍ଦ୍ରରେ ମଧ୍ୟ କୌଣସି ବାଧାବିପତ୍ତି ନାହିଁ । ନିମ୍ନ ପ୍ରାଣରେ ଯେଉଁଠି ଚେତନା (consciousness)ର କ୍ରମଶଃ ଓ ଅଲକ୍ଷିତ ଭାବରେ ଅନୁପ୍ରବେଶ ଘଟିବାକୁ ଆରମ୍ଭ କରିଛି, ସେଇ ସ୍ତରଟି ଏବେ ବି ଖୁବ୍ ଦୃଢ଼, ଦୁର୍ବୋଧ ରହିଛି । ତେଣୁ ସେ ତା' ଭିତରକୁ ପ୍ରବେଶ କଲେ ନାହିଁ ।

ତେଣୁ ତୁମର ପରବର୍ତ୍ତୀ କାର୍ଯ୍ୟ ହେଉଛି ତୁମକୁ ତୁମର ସେହି ନିମ୍ନ ପ୍ରାଣ ଓ ଶାରୀର ଚେତନାକୁ ଉନ୍ମୀଳିତ ରଖିବାକୁ ହେବ ଏବଂ ଅପଶକ୍ତିର ଯେଉଁ ସତ୍ତାକୁ ମୀରା ତୁମ ଭିତରୁ ଉତ୍ପାଟନ କରିଛନ୍ତି, ସେଇଟି ତୁମ ଜୀବନଧାରାର କୌଣସି ଅଂଶରେ ବା କୌଣସି ସ୍ତରରେ ରହି ଯାଇଥିବ ବୋଲି ତୁମ ମନରେ ବା ଭାବନାରେ ରହି ଯାଇଥିବା କୌଣସି ଭାବନାକୁ ବା ଅସ୍ପଷ୍ଟ ଓ ଭ୍ରାନ୍ତ ବିଶ୍ୱାସକୁ ଏକେବାରେ ପ୍ରତ୍ୟାଖ୍ୟାନ କରିବାକୁ ହେବ ।

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା ❑


A single occupation, a single aim, a single joy – the Divine.

*(MCW, Vol.-14, p. 14)* – The Mother

**One and Two BHK Apartment for Sale**

Sovereign Apartments, Ahana Complex, Padmini Tottam,
Kuruchikuppam, Pondicherry.

* Gated community of people connected to Sri Aurobindo's Integral Yoga.
* 800 meters from Sri Aurobindo Ashram.
* 150 meters from Seashore
* 1 km from Pondicherry main market.
* Car parking and Lift with power back-up.
* RCC frame structure with pile foundation.

*For more information contact : 08870271127, 09443459321*

# ଆମ ଶରୀର

## (୬)

## ଭୋଳେଶ୍ୱର ଭୂୟାଁ

### ଶରୀର ରୂପାନ୍ତର କ'ଣ ?

ଆମେ ଆମ ଶରୀରର ବହୁ କଥା 'ଭବିଷ୍ୟତର ମଣିଷ' ପୁସ୍ତକରେ ଆଲୋଚନା କରି ସାରିଛୁ । ସୂକ୍ଷ୍ମ ଶରୀର, ଗ୍ରନ୍ଥି ଚକ୍ର, ସୂକ୍ଷ୍ମ ଶରୀରରେ ବହିର୍ଗମନ, ରୋଗ ଓ ତା'ର କାରଣ, ଔଷଧ ବ୍ୟବହାରର କୁପରିଣାମ, ବିନା ଔଷଧରେ ରୋଗ ନିବାରଣର ଉପାୟ, ଶରୀର ଚର୍ଚ୍ଚା ଓ ରୋଗ ନିବାରଣ ବିଷୟରେ ବିଶେଷ ଭାବରେ ଆଲୋଚନା କରା ହୋଇଛି । ତଥା କେତେକ ରୋଗ ବିଷୟରେ ଯଥା : ରକ୍ତଚାପ, ମଧୁମେହ, ପେଟ ରୋଗ, ହୃଦ୍‌ରୋଗ ଆଦି ବିଷୟରେ ମଧ୍ୟ ଆଲୋଚନା କରାଯାଇଛି । ପୁଣି ଆମେ 'ଆମ-ଶରୀର' ବିଷୟରେ ଆଲୋଚନା କରିବା ପାଇଁ ଆଗଭର ହୋଇଛୁ । ଏହାର କାରଣ ହେଲା ଶରୀର ଜ୍ଞାନ କେବେ ହେଲେ ପୂର୍ଣ୍ଣାଙ୍ଗ ହେବ ନାହିଁ ଯେପର୍ଯ୍ୟନ୍ତ ଶରୀର ରୂପାନ୍ତର ନହୋଇଛି । ବର୍ତ୍ତମାନ ପୃଥିବୀପୃଷ୍ଠରେ ଅତିମାନସ ଶକ୍ତି କ୍ରିୟା କରୁଛି । ଏହାର ପ୍ରଧାନ କାମ ହେଲା ଶରୀର ରୂପାନ୍ତର କରିବା । ଅତିମାନସ ଶକ୍ତି ପ୍ରଥମେ ମା'ଙ୍କ ଶରୀରରେ ଅବତରଣ କରି ଶରୀର ରୂପାନ୍ତରର ପ୍ରାରମ୍ଭିକ କ୍ରିୟା କରି ମା'ଙ୍କ ଶରୀରକୁ ସୂକ୍ଷ୍ମ ଭୌତିକ ସ୍ତରରେ ରୂପାନ୍ତରିତ କରିପାରିଛି । ମା ତାଙ୍କର ପାର୍ଥିବ ଶରୀର ତ୍ୟାଗ କରି ଏହି ରୂପାନ୍ତରିତ ଶରୀରରେ ପ୍ରବେଶ କରି ତାଙ୍କର ଶତ ଶତ ସନ୍ତାନଙ୍କ ଭିତରେ ପ୍ରବେଶ କରିଗଲେ ସେମାନଙ୍କୁ ରୂପାନ୍ତର କରିବା ପାଇଁ । ଏହାହିଁ ଥିଲା ଭଗବତ୍ ଇଚ୍ଛା । ଭଗବାନ୍ ଚାହାନ୍ତି ଗୋଟିଏ ଶରୀର ରୂପାନ୍ତର କରିବା ବଦଳରେ ଏକ ସଙ୍ଗରେ ଦଳେ ଲୋକଙ୍କ ଶରୀର ରୂପାନ୍ତର କରିବା । ବର୍ତ୍ତମାନ ସମୟରେ ଯେଉଁମାନଙ୍କ ଶରୀର ରୂପାନ୍ତର ପାଇଁ ପ୍ରସ୍ତୁତ ହୋଇଛି ସେମାନଙ୍କ ଭିତରେ ମା'ଙ୍କର ଏହି ଅତିମାନସୀ-କରଣ ଶକ୍ତି ରୂପାନ୍ତର ନିମନ୍ତେ ଶରୀର ମଧ୍ୟରେ ପ୍ରବେଶ କରି ସେମାନଙ୍କ ଭିତରେ ଶରୀର ରୂପାନ୍ତର କ୍ରିୟା ସଙ୍ଗଠିତ କରିବ । ଶରୀରକୁ ବିଭିନ୍ନ ଦିଗରୁ କିପରି ପ୍ରସ୍ତୁତ କରାଯିବ ସେକଥା 'ଭବିଷ୍ୟତର ମଣିଷ' ପୁସ୍ତକରେ ବର୍ଣ୍ଣନା କରାଯାଇଛି । ବର୍ତ୍ତମାନ ଆମେ ଅସଲ ଶରୀର ରୂପାନ୍ତର ବିଷୟରେ ଜ୍ଞାନ ଆହରଣ କରିବା ପାଇଁ ପ୍ରୟାସ କରିବୁ । ତେଣୁ ଆମକୁ ପ୍ରଥମେ ଶରୀର ରୂପାନ୍ତର କ'ଣ ସେ ବିଷୟରେ ଜାଣିବାକୁ ହେବ ।

ଶ୍ରୀଅରବିନ୍ଦ 'ପୃଥିବୀପୃଷ୍ଠରେ ଅତିମାନସର ଅଭିବ୍ୟକ୍ତି' ପୁସ୍ତକରେ 'ଦିବ୍ୟ-ଶରୀର' ଅଧ୍ୟାୟରେ ଶରୀରର ରୂପାନ୍ତର ବିଷୟରେ ପ୍ରାଞ୍ଜଳଭାବେ ଆଲୋଚନା କରିଛନ୍ତି । ଏଠାରେ ଆମେ ତାଙ୍କର କିଛି ଉକ୍ତି ଉଦ୍ଧୃତ କରି ପାଠକଙ୍କ ସମ୍ମୁଖରେ ଉପସ୍ଥାପିତ କରିବା ପାଇଁ ଚେଷ୍ଟା କରିବୁ । ଶ୍ରୀଅରବିନ୍ଦ କହୁଛନ୍ତି : ''ଆମେ ଦେଖିଛୁ ଶରୀର ହେଉଛି ନିଶ୍ଚେତନାରହିଁ ଏକ ସୃଷ୍ଟି ଓ ତହିଁରୁ ଉତ୍ପନ୍ନ, ଏହା ସ୍ୱୟଂ ନିଶ୍ଚେତନ ବା ଅର୍ଦ୍ଧଚେତନ । ଏହାର ଆରମ୍ଭ ହୋଇଥିଲା ଅଚେତନ ଜଡ଼ର ଏକ ଆକୃତି ରୂପେ, ତା'ପରେ ଏହା ଜୀବନକୁ ବିକଶିତ କଲା ଏବଂ ଜଡ଼ ବସ୍ତୁ ଭିତରୁ ଏହାର ପରିଣତି ହେଲା ଏକ ଜୀବନ୍ତ ଅଭିବୃଦ୍ଧି । ତା'ପରେ ଏହା ନିଜ ଭିତରେ ସୃଷ୍ଟି କଲା ମନର ବିକାଶ ଏବଂ ଉଦ୍ଭିଦର ଅର୍ଦ୍ଧଚେତନା, ମନର ନିତାନ୍ତ ପ୍ରାରମ୍ଭିକ ଅବସ୍ଥା ଓ ପଶୁର ଅପୂର୍ଣ୍ଣ ବୁଦ୍ଧି ଭିତରୁ ବିକଶିତ ହେଲା ବୁଦ୍ଧିଗତ ମନ ଓ ମଣିଷର ପୂର୍ଣ୍ଣ ବିକଶିତ ବୁଦ୍ଧି । ବର୍ତ୍ତମାନ ଏହି ଶରୀରହିଁ ଆମ ସମଗ୍ର ଆଧ୍ୟାତ୍ମିକ ପ୍ରଚେଷ୍ଟାର ଭୌତିକ ଭୂମି, ଆଧାର ଓ ଅବଲମ୍ବନ ରୂପେ କାମ କରୁଛି । ଅବଶ୍ୟ ଏହାର ପଶୁ ସ୍ୱଭାବ ଓ ସ୍ଥୂଳ ସୀମା ଏବଂ ଅସାମର୍ଥ୍ୟ ଆମର ଆଧ୍ୟାତ୍ମିକ ପୂର୍ଣ୍ଣତା ଦିଗରେ ପ୍ରତିବନ୍ଧକ ସୃଷ୍ଟି କରୁଛି, କିନ୍ତୁ ଏହା ମଧ୍ୟ ସତ୍ୟ ଯେ ଏହା ନିଜ ଭିତରେ ଆତ୍ମାର ବିକାଶକୁ ସମ୍ଭବପର କରାଇଛି ଓ ନିଜେ ଯନ୍ତ୍ର ରୂପେ ତା'ର ସେବା କରିବାକୁ ସମର୍ଥ ହୋଇଛି । ସୁତରାଂ ଏଥିରୁ ଏହି ସୂଚନା ମିଳେ ଯେ ଏହି ଶରୀର ନିଜର ଆହୁରି ଅଧିକ ବିକାଶ ସାଧନ କରିବାକୁ ସମର୍ଥ ହେବ ଏବଂ ଆତ୍ମାକୁ ପୂର୍ଣ୍ଣଭାବେ ଅଭିବ୍ୟକ୍ତ କରିବ, ଶରୀର ଆତ୍ମାର ଏକ ମନ୍ଦିରରେ ପରିଣତ ହେବ, ଜଡ଼ ମଧ୍ୟରେ ଲୁକ୍କାୟିତ ଥିବା ଆଧ୍ୟାତ୍ମିକତାକୁ ସ୍ପଷ୍ଟ ରୂପେ ପ୍ରକାଶ କରିବ ଏବଂ ଆଉ ଅର୍ଦ୍ଧଚେତନ ନରହି ପୂର୍ଣ୍ଣ ଭାବରେ ସଚେତ ହୋଇ ଆତ୍ମା ସଙ୍ଗରେ ଏକପ୍ରକାର ଐକ୍ୟସ୍ଥାପନ କରିବାକୁ ସମର୍ଥ ହେବ ।

ଏତିକି ଏହାକୁ ନିଶ୍ଚିତ ରୂପେ କରିବାକୁ ହେବ, ଅନ୍ତତଃ ଏହାକୁ ନିଜର ମୂଳ ପାର୍ଥିବ ପ୍ରକୃତିକୁ ଅତିକ୍ରମ କରିବାକୁ ହେବ ଯଦି ଏହାକୁ ଦିବ୍ୟ-ଜୀବନର ପଥରେ ପ୍ରତିବନ୍ଧକ ନହୋଇ ସେ ଦିଗରେ ଏକ ପୂର୍ଣ୍ଣାଙ୍ଗ ଯନ୍ତ୍ର ହେବାକୁ ହୁଏ ।''

(ପୃଥିବୀପୃଷ୍ଠରେ ଅତିମାନସର ଅଭିବ୍ୟକ୍ତି, ପୃ. ୩୭ - ୩୮)

ପୁଣି ଶ୍ରୀଅରବିନ୍ଦ କହୁଛନ୍ତି : ''ତଥାପି ପଶୁଧର୍ମୀ ଶରୀର ଓ ତା'ର ପଶୁ ସୁଲଭ ସ୍ୱଭାବ ପ୍ରବୃତ୍ତିର ଯେଉଁ ସମସ୍ତ ବାଧାବିଘ୍ନ ରହିଥାଏ ଏବଂ ମାନବ ଶରୀରର ସର୍ବୋତ୍କୃଷ୍ଟ ଅବସ୍ଥାରେ ମଧ୍ୟ ଯେଉଁସବୁ ଅପୂର୍ଣ୍ଣତା ଓ ଦୋଷ ଦୁର୍ବଳତା ରହିଥାଏ, ପ୍ରାରମ୍ଭିକ ଅବସ୍ଥାରେ ସେ ସମସ୍ତହିଁ ରହିବ ଏବଂ ପୂର୍ଣ୍ଣ ମୌଳିକ ମୁକ୍ତି ନହେଲା ଯାଏ ଏହା ବରାବର ରହି ଚାଲିବ ।... ଦେହ-ପୁରୁଷଙ୍କୁ ଏହା ଭୌତିକ ଯନ୍ତ୍ରର ଦାସତ୍ୱରେ ଆବଦ୍ଧ କରିଛି, ମସ୍ତିଷ୍କ, ହୃଦୟ ଓ ଇନ୍ଦ୍ରିୟମାନଙ୍କ ଅଧୀନ ହୋଇ ରହିଛି, ସମସ୍ତ ପ୍ରକାର ଜଡ଼ତ୍ୱ ଓ ଭୌତିକତାର ଶୃଙ୍ଖଳ ପିନ୍ଧାଇ ଶରୀରର ଯାନ୍ତ୍ରିକତା ଓ ତାହାର ନାନାବିଧ ଚାହିଦା ଓ ପ୍ରୟୋଜନର ଅଧୀନ କରି ରଖିଛି । ଖାଦ୍ୟର ଅପରିହାର୍ଯ୍ୟ ଆବଶ୍ୟକତା ହେତୁ ଖାଦ୍ୟର ସଂଗ୍ରହ ତଥା ସଞ୍ଚୟହିଁ ହେଉଛି ଏହାର ସର୍ବପ୍ରଧାନ ଜୀବିକା, ପୁଣି ନିଦ୍ରା ଓ କ୍ଳାନ୍ତିର ଅଧୀନରେ ତଥା ଶାରୀରିକ କାମନା-ବାସନାର ଦାସତ୍ୱକୁ ମାନି ନେବା ଛଡ଼ା ଯେପରି ଏହାର ଅନ୍ୟ ଉପାୟ ନାହିଁ ।''

(ପୃଥିବୀପୃଷ୍ଠରେ ଅତିମାନସର ଅଭିବ୍ୟକ୍ତି, ପୃ. ୩୮ - ୩୯)

କିନ୍ତୁ ଏହିସବୁ ପ୍ରତିବନ୍ଧକରୁ ବାହାରି ଆସି ପାରିବାର କ୍ଷମତା ଶରୀରର ରହିଛି । ଏ ବିଷୟରେ ଶ୍ରୀଅରବିନ୍ଦ କହୁଛନ୍ତି : ''ଜଡ଼ୋତ୍ତର ଚେତନା ଓ ଅନୁଭୂତିର ବ୍ୟାପକ କ୍ଷେତ୍ରକୁ ଏହା ସମ୍ପୂର୍ଣ୍ଣ ଅବାସ୍ତବ ବୋଲି ମନେ କରେ ଏବଂ ମାନବତ୍ୱର ସୀମା ଭିତରୁ ଅତିମାନସ ସତ୍ୟ ଓ ଦିବ୍ୟ-ପ୍ରକୃତି ଦିଗରେ ଆତ୍ମାର ଉତ୍ତରଣକୁ ଏହା ଭୌତିକ ବନ୍ଧନ ଦ୍ୱାରା ଟାଣି ଧରେ । ଏହି ସମସ୍ତ ପ୍ରତିବନ୍ଧକକୁ, ଶରୀରର ସମସ୍ତ ପ୍ରତିରୋଧ ଓ ଅସ୍ୱୀକାରକୁ ଅତିକ୍ରମ କରିହେବ ଏବଂ ତାହାର ରୂପାନ୍ତର ମଧ୍ୟ ସମ୍ଭବପର । ଏପରିକି ଆମର ନିଶ୍ଚେତନା ଓ ପଶୁଧର୍ମୀ ଅଂଶକୁ ମଧ୍ୟ ଏପରି ପ୍ରଦୀପ୍ତ କରାଯାଇପାରେ ଯାହା ଦ୍ୱାରା କି ତାହା ଦିବ୍ୟ-ପ୍ରକୃତିକୁ ଅଭିବ୍ୟକ୍ତ କରିବାକୁ ସମର୍ଥ ହେବ,... ।''

(ପୃଥିବୀପୃଷ୍ଠରେ ଅତିମାନସର ଅଭିବ୍ୟକ୍ତି, ପୃ. ୩୯ - ୪୦)

ତେଣୁ ଶରୀରର ପୂର୍ଣ୍ଣ ରୂପାନ୍ତର ପାଇଁ ଶ୍ରୀଅରବିନ୍ଦ କହୁଛନ୍ତି : ''କିନ୍ତୁ ଏହି ପୂର୍ଣ୍ଣ ରୂପାନ୍ତର ପାଇଁ ପଶୁତ୍ୱର ଯେଉଁସବୁ ପ୍ରଭାବ ଅଧୀନରେ ଶରୀରକୁ ବାଧ୍ୟ ରହିବାକୁ ପଡ଼ୁଛି, ତାହାକୁ ଦୂର କରିବାକୁ ହେବ ଏବଂ ଏହାର ଜଡ଼ତ୍ୱକୁ ମଧ୍ୟ ଏପରି ଶୁଦ୍ଧ କରିବାକୁ ହେବ ଯାହା ଫଳରେ ସେହି ଜଡ଼ତ୍ୱହିଁ ଆମ ଦିବ୍ୟ-ପ୍ରକୃତିର ଅଭିବ୍ୟକ୍ତି ଦିଗରେ ଏକ ଦୃଢ଼ ଭୌତିକ ଭିତ୍ତିରେ ରୂପାନ୍ତରିତ ହେବ । କାରଣ ପୃଥିବୀ-ରୂପାନ୍ତରର ସାମଗ୍ରିକତାରୁ କୌଣସି ମୌଳିକ ବିଷୟକୁ ବାଦ୍ ଦେଲେ ଚଳିବ ନାହିଁ; ସ୍ୱୟଂ ଜଡ଼ହିଁ ଆଧ୍ୟାତ୍ମିକ ସତ୍ୟ ଓ ଭଗବାନଙ୍କ ପ୍ରକାଶ ଦିଗରେ ଏକ ଅବଲମ୍ବନରେ ପରିଣତ ହୋଇପାରେ ।''

(ପୃଥିବୀପୃଷ୍ଠରେ ଅତିମାନସର ଅଭିବ୍ୟକ୍ତି, ପୃ. ୪୦)

ଶରୀର ରୂପାନ୍ତରର ବାଧା ବିଷୟରେ ଶ୍ରୀଅରବିନ୍ଦ କହୁଛନ୍ତି : ''ଏ ଦିଗରେ ବାଧା ହେଉଛି ଦ୍ୱିବିଧ – ମାନସିକ ଓ ଶାରୀରିକ : ପ୍ରଥମଟି ହେଉଛି ଜୀବନ ଉପରେ ଅଶୁଦ୍ଧ ପଶୁତ୍ୱର ପ୍ରଭାବ, ବିଶେଷ କରି ଶରୀରର କାମନା, ଆବେଗ ଓ ସ୍ଥୂଳ ପ୍ରବୃତ୍ତି ଆଦିର ଜିଦ୍ ଏବଂ ଦ୍ୱିତୀୟଟି ହେଉଛି ଆମ ଶାରୀରିକ ଗଠନ ଓ ଅଙ୍ଗପ୍ରତ୍ୟଙ୍ଗର ଜୈବିକ କ୍ରିୟା, ଯାହା ଉଚ୍ଚତର ଦିବ୍ୟ-ପ୍ରକୃତିର ଗତିଶୀଳତା ଦିଗରେ ନାନା ପ୍ରତିବନ୍ଧକ ସୃଷ୍ଟି କରିଥାଏ । ଏହା ଭିତରୁ ପ୍ରଥମ ଅନ୍ତରାୟଟିକୁ ଜୟ କରିବା ଅପେକ୍ଷାକୃତ ସହଜ, କାରଣ ଏ କ୍ଷେତ୍ରରେ ଇଚ୍ଛାଶକ୍ତିର ହସ୍ତକ୍ଷେପ ସମ୍ଭବପର ଯେ କି ଶରୀର ଉପରେ ଉଚ୍ଚତର ଦିବ୍ୟ-ପ୍ରକୃତିର ଶକ୍ତିସବୁକୁ ସାବ୍ୟସ୍ତ କରିପାରେ । ଶରୀରର ଏହିସବୁ ଆବେଗ, ପ୍ରବୃତ୍ତି ମଧ୍ୟରୁ ଊର୍ଦ୍ଧ୍ୱକୁ ଉତ୍ତୋଳିତ ହେବାକୁ ଆଧ୍ୟାତ୍ମିକ ସାଧକମାନେ ବିଶେଷ ବିପଜ୍ଜନକ ବୋଲି ଉପଲବ୍ଧି କରିଛନ୍ତି, ଯାହା ଫଳରେ ଶରୀରର ବୈରାଗ୍ୟମୂଳକ ପ୍ରତ୍ୟାଖ୍ୟାନ ଯୁକ୍ତିଯୁକ୍ତ ବୋଲି ମନେ ହୋଇପାରେ । ଯୌନପ୍ରବୃତ୍ତି, କାମରୁ ଉଦ୍ଭୂତ ସବୁକିଛି ଏବଂ ଯାହାସବୁ ଆଧାରରେ କାମଭାବର ଅସ୍ତିତ୍ୱକୁ ସୂଚିତ କରେ ସେସବୁର ସମ୍ପୂର୍ଣ୍ଣ ବର୍ଜନ ଓ ନିଷେଧ ଆଧ୍ୟାତ୍ମିକ-ଜୀବନ ପାଇଁ ଅପରିହାର୍ଯ୍ୟ ବୋଲି ଗ୍ରହଣ କରାଯାଇଛି । ଏହା ଯଦିଓ କଷ୍ଟସାଧ୍ୟ କିନ୍ତୁ ଆଦୌ ଅସମ୍ଭବ ନୁହେଁ ଏବଂ ଆଧ୍ୟାତ୍ମିକ ସାଧକମାନଙ୍କ ପାଇଁ ଏହା ଏକ ପ୍ରଧାନ ସର୍ତ୍ତ । ସମସ୍ତ ପ୍ରକାର ସନ୍ନ୍ୟାସଗତ ସାଧନା ପାଇଁ ଏହି ନିଷେଧ ସ୍ୱାଭାବିକ ଏବଂ ଅପରିହାର୍ଯ୍ୟ, ଯଦିଓ ପ୍ରାରମ୍ଭିକ ଅବସ୍ଥାରେ ଏହି ସର୍ତ୍ତ ପାଳନ କରିବା ସହଜ ହୁଏ ନାହିଁ, କିଛିଦିନ ପରେ ବେଶ୍ ଆୟତ୍ତାଧୀନ ହୋଇଯାଏ ।'

(ପୃଥିବୀପୃଷ୍ଠରେ ଅତିମାନସର ଅଭିବ୍ୟକ୍ତି, ପୃ. ୪୦-୪୧)

ଶରୀର ରୂପାନ୍ତର ପାଇଁ ଏହି କାମ ପ୍ରବୃତ୍ତି ଓ କାମବାସନାର ପୂର୍ଣ୍ଣ ବିଲୟ ଏକାନ୍ତ ଆବଶ୍ୟକ । ତା'ହେଲେ

ଯାଇ ଅତିମାନସ ଶକ୍ତି ଆମ ଶରୀରରେ କ୍ରିୟା କରିବାର ଦ୍ୱାର ଉନ୍ମୁକ୍ତ କରେ । ଏ କାମରେ ଆମେ ଅକ୍ଷମ ହେଲେ ଆମ ଭିତରେ ଭୟଙ୍କର ଅସାମଞ୍ଜସ୍ୟତା ସୃଷ୍ଟି ହୁଏ ଓ ଆମେ କଠିନ ରୋଗର ଶିକାର ହୋଇଥାଉ । ଏଥିପାଇଁ ନିଜ ଚେଷ୍ଟା ଅପେକ୍ଷା ମାତୃଶକ୍ତିର ସାହାଯ୍ୟ ନେବା ଶ୍ରେୟସ୍କର ହୋଇଥାଏ । ଏଥିପାଇଁ ଭଗବାନଙ୍କ ଯୌଥ ଅବତାର ମନୁଷ୍ୟ ପାଇଁ ଏକାନ୍ତ ଆବଶ୍ୟକ । ଏ ବିଷୟରେ ଶ୍ରୀଅରବିନ୍ଦ ମଧ୍ୟ କହୁଛନ୍ତି : ''ଦିବ୍ୟ-ଜୀବନର କ୍ଷେତ୍ରରେ ମଧ୍ୟ ଏହି ଉଭୟ ଶକ୍ତିର (ପୁରୁଷ ଓ ପ୍ରକୃତି) ଅବତାର ଗ୍ରହଣ ବା ଅନ୍ତତଃ କୌଣସି ରୂପରେ ଉପସ୍ଥିତି ବା ସେମାନଙ୍କର ବିଭୂତି ଓ ପ୍ରତିନିଧିଙ୍କ ଜରିଆରେ ଉଭୟଙ୍କର ପ୍ରାରମ୍ଭିକ ପ୍ରଭାବ ନିତାନ୍ତ ଆବଶ୍ୟକ ଏବଂ କୌଣସି ନୂତନ ସୃଷ୍ଟିକୁ ସମ୍ଭବ କରିବାକୁ ହେଲେ ଏହା ନିତାନ୍ତ ଅପରିହାର୍ଯ୍ୟ ।''

(ପୃଥିବୀପୃଷ୍ଠରେ ଅତିମାନସର ଅଭିବ୍ୟକ୍ତି, ପୃ. ୪୨)

ଅତିମାନସ ସୃଷ୍ଟି ସର୍ଜନା ଯୌନ କ୍ରିୟା ମାଧ୍ୟମରେ ହେବ ନାହିଁ । ଅତିମାନବର ଯୌନ ଯନ୍ତ୍ର ମଧ୍ୟ ରହିବ ନାହିଁ, କ୍ରିୟା ତ ଦୂରର କଥା । ଯୌନ କ୍ରିୟା ଛଡ଼ା ସନ୍ତାନ ଉତ୍ପତ୍ତି କଥା ଆମ ପୁରାଣରେ ରହିଛି । ଶିବଙ୍କ ସବୁ ସନ୍ତାନ ପାର୍ବତୀଙ୍କ ଗର୍ଭରୁ ଉତ୍ପତ୍ତି ହୋଇ ନଥିଲେ । ତେବେ ଭବିଷ୍ୟତରେ ଏପରି ହେବ ନାହିଁ କାହିଁକି ? କିନ୍ତୁ ବର୍ତ୍ତମାନ କେତେକ ଲେଖକ ଅତିମାନବକୁ ମାତୃ ଗର୍ଭରୁ ଜନ୍ମ ଦେବା ବିଷୟରେ କଳ୍ପନା କରି ଲେଖାମାନ ଲେଖୁଛନ୍ତି । ଦଳେ ଲୋକଙ୍କ ଶରୀର ରୂପାନ୍ତର ହେଲେ ସେମାନଙ୍କର କୌଣସି ଅତିଭୌତିକ ପ୍ରକ୍ରିୟା ଦ୍ୱାରା ଅତିମାନବ ଜନ୍ମ ନେବ । ଏପରିକି ବର୍ତ୍ତମାନର ଲୋକଙ୍କ ଶରୀର ରୂପାନ୍ତର ହେଲେ ତାଙ୍କର ରୂପାନ୍ତରିତ ଶରୀରରେ ପାକଯନ୍ତ୍ର, ଯୌନ ଯନ୍ତ୍ର ଆଦି ରହିବ ନାହିଁ । ମା ତାଙ୍କର ସୂକ୍ଷ୍ମ ଭୌତିକ ସ୍ତରରେ ରୂପାନ୍ତରିତ ହୋଇଥିବା ଶରୀରକୁ ଦେଖି ଏହି କଥା କହିଥିଲେ ।

ସରଳ ଭାବେ କହିଲେ ବର୍ତ୍ତମାନର ଅର୍ଦ୍ଧ ପଶୁ, ଅର୍ଦ୍ଧ ଜ୍ଞାନ-ସମ୍ପନ୍ନ ମଣିଷ ପରି ଅତିମାନବ ହେବ ନାହିଁ । ଅତିମାନବ ପୂର୍ଣ୍ଣ ଜ୍ଞାନୀ ହେବ, ସେ ପୂର୍ଣ୍ଣ ଦେବତ୍ୱ ଲାଭ କରିବ । ତା' ଭିତରେ ନିମ୍ନ ପ୍ରକୃତି ଆଦୌ ନଥିବ । ସେ ରୋଗ, ଯନ୍ତ୍ରଣାରୁ ପୂର୍ଣ୍ଣ ମୁକ୍ତ ହୋଇ ପାରିବ । ସେ ମୃତ୍ୟୁର ଅଧୀନ ହେବ ନାହିଁ । ସେ ଇଚ୍ଛା କଲେ ଶରୀର ବଦଳାଇ ପାରିବ । ବଞ୍ଚିବା ପାଇଁ ତା'ର ଖାଦ୍ୟ-ପେୟ ଦରକାର ହେବ ନାହିଁ । ଅଜ୍ଞାନ ଓ ଅନ୍ଧକାର ଶକ୍ତିରୁ ଉତ୍ପନ୍ନ କୌଣସି ଦୁଃଖ, କଷ୍ଟ, ଯନ୍ତ୍ରଣା ଅତିମାନବର ରହିବ ନାହିଁ । ଅତିମାନବ ପ୍ରକୃତିର ଅଜ୍ଞାନ ଶକ୍ତି ଦ୍ୱାରା ପରିଚାଳିତ ହେବ ନାହିଁ । ସେ ସିଧା ଭାଗବତ ଶକ୍ତି ଦ୍ୱାରା ପରିଚାଳିତ ହେବ । ଏ ପୃଥିବୀ ସ୍ୱର୍ଗରେ ପରିଣତ ହେବ ।

ରୂପାନ୍ତର ବିଷୟରେ ଶ୍ରୀଅରବିନ୍ଦ କହୁଛନ୍ତି : ''ଆଲୋକ, ଆନନ୍ଦ, ସୌନ୍ଦର୍ଯ୍ୟ ଏବଂ ସମସ୍ତ ସତ୍ତାର ଏକ ସ୍ୱତଃସ୍ଫୂର୍ତ୍ତ ଅଭ୍ରାନ୍ତ କ୍ରିୟା ଓ ଆଚରଣ ହେଉଛି ଅତିମାନସ ସତ୍ୟ-ଚେତନାର ଏକ ସହଜାତ ଗୁଣ ଏବଂ ଏଗୁଡ଼ିକ ସେମାନଙ୍କର ସ୍ୱଭାବସୁଲଭ ଗୁଣ ଓ ଧର୍ମ ଅନୁଯାୟୀ ମନ, ପ୍ରାଣ ଓ ଶରୀରକୁ ରୂପାନ୍ତରିତ କରିବେ ଏହି ପୃଥିବୀ ଉପରେ ସତ୍ୟ ଚେତନମୟ ଆତ୍ମାର ଅଭିବ୍ୟକ୍ତିରୂପେ । ପୃଥିବୀର ଅଜ୍ଞାନ-ଅନ୍ଧକାର ଏହି ଅତିମାନସ ସତ୍ୟ-ଚେତନାକୁ ପ୍ରତିହତ କରିପାରିବ ନାହିଁ କାରଣ ଏହା ନିଜର ବିଜୟ ପାଇଁ ପୃଥିବୀ ଉପରକୁ ଯଥେଷ୍ଟ ପରିମାଣରେ ସର୍ବଶକ୍ତିମାନ୍ ସାମର୍ଥ୍ୟ ଓ ସର୍ବଜ୍ଞାନମୟ ଜ୍ୟୋତିଃ ଉତାରି ଆଣିପାରେ ।''

(ପୃଥିବୀପୃଷ୍ଠରେ ଅତିମାନସର ଅଭିବ୍ୟକ୍ତି, ପୃ. ୩୧)

ଯଦିଓ ଏହି ରୂପାନ୍ତର କାମ ଅତ୍ୟନ୍ତ କଠିନ, ଶ୍ରୀଅରବିନ୍ଦ ଆମମାନଙ୍କୁ ସାନ୍ତ୍ୱନା ଦେଇ କହୁଛନ୍ତି : ''ଏହାର ଜ୍ୟୋତିଃ ଓ ଶକ୍ତିର ପୂର୍ଣ୍ଣତା ଆଡ଼କୁ ସମସ୍ତେ ନିଜକୁ ଉନ୍ମୀଳିତ କରି ନ ପାରନ୍ତି କିନ୍ତୁ ଯାହାକିଛି ଏହା ପ୍ରତି ନିଜକୁ ଯେତିକି ପରିମାଣରେ ଉନ୍ମୁକ୍ତ କରିବ ତାହା ସେତିକି ପରିମାଣରେ ରୂପାନ୍ତରିତ ହେବା ସୁନିଶ୍ଚିତ । ରୂପାନ୍ତରର ତାହାହିଁ ହେବ ନିୟମ ।''

(ପୃଥିବୀପୃଷ୍ଠରେ ଅତିମାନସର ଅଭିବ୍ୟକ୍ତି, ପୃ. ୩୧)

(କ୍ରମଶଃ)

❑❑❑

ହେ ଦିବ୍ୟ ପରମ ଅଧୀଶ୍ୱର, ତୁମର ଆଲୋକ ଏହି ବିଶୃଙ୍ଖଳା ମଧ୍ୟରେ ପଡୁ ଏବଂ ଏହା ମଧ୍ୟରୁ ଜନ୍ମ ଦେଉ ଏକ ନୂତନ ଜଗତକୁ । ଯାହା ବର୍ତ୍ତମାନ ପ୍ରସ୍ତୁତି ପଥରେ ରହିଛି ସେସବୁକୁ ତୁମେ ସଂପାଦିତ କର ଏବଂ ସୃଷ୍ଟିକର ଏକ ନୂତନ ମାନବଜାତି ଯାହା ହେବ ତୁମ ଅଭିନବ ଦିବ୍ୟବିଧାନର ଏକ ପରିପୂର୍ଣ୍ଣ ପରିପ୍ରକାଶ ।

– ଶ୍ରୀମା

# ଇଷ୍ଟନାମ ସ୍ମରଣ

## କୃଷ୍ଣାଦେବୀ

ଆତ୍ମବିଶ୍ୱାସ ଓ ସାହସ ଆସେ ଦିବ୍ୟ-ସଂଯୋଗରୁ, କାରଣ ଆତ୍ମବଳ ଲାଭ କରିବା ପାଇଁ ପ୍ରଭୁଙ୍କ ଉପରେ ବିଶ୍ୱାସ ଓ ଭରସାହିଁ ସବୁଠାରୁ ଶ୍ରେଷ୍ଠ କବଚ । ଯୋଦ୍ଧା ଯେପରି ଯୁଦ୍ଧକୁ ଯିବା ଆଗରୁ କବଚରେ ଦେହକୁ ଆବୃତ କରେ, ସେଇପରି ଏଇ ସଂସାର-ରଣକ୍ଷେତ୍ରରେ ପ୍ରଭୁଙ୍କ ନାମ ସ୍ମରଣ, ମନରେ ତାଙ୍କର ଗୁଣାନୁବର୍ତ୍ତନ ଓ ସର୍ବକର୍ମ ନିବେଦନର ଭାବ ରଖିପାରିଲେ ବ୍ୟକ୍ତି ନିର୍ଭୟରେ ସବୁପ୍ରକାର ଆକ୍ରମଣର ସମ୍ମୁଖୀନ ହୋଇପାରେ । ଜୟ ବା ପରାଜୟର ଚିନ୍ତା ମନରୁ ଅପସାରିତ ହୋଇ ସେ ଜାଗାରେ ପ୍ରଭୁଙ୍କର ଇଚ୍ଛା ପୂର୍ଣ୍ଣହେଉ ଏଇ ଭାବନାହିଁ ମୁଖ୍ୟ ହୋଇଯାଏ । କିଛି ବି ଅଭାବ ବୋଧ ତାକୁ ସନ୍ତପ୍ତ କରେ ନାହିଁ ।

ବିଗତ ଶତାବ୍ଦୀରେ ଇଂରେଜ ଶାସନ କାଳରେ ଭାରତବର୍ଷର ହୋସାଙ୍ଗାବାଦ(ମଧ୍ୟପ୍ରଦେଶ)ରେ କରେନ୍ସି-ନୋଟ ଛପାଇବାର କାରଖାନା ଥିଲା । ସେଇ ସରକାରୀ ପ୍ରତିଷ୍ଠାନରେ ଭାରତୀୟ ଲୋକହିଁ ତାଲିମ ପାଇ କାମ କରୁଥିଲେ । ଅତି ବିଶ୍ୱସ୍ତ ଲୋକଙ୍କୁହିଁ ନିଯୁକ୍ତି ମିଳୁଥିଲା ସେଥିରେ । ଜଣେ ଯୁବକ ନୋଟଛପା କାଗଜ ଓ ନୋଟ ଛପା ହେବା ପରେ ତା'ର ଗଣତିର ଦାୟିତ୍ୱରେ ଥିଲା । ସେ ରାମଭକ୍ତ ଓ ସଦାସର୍ବଦା ପ୍ରଭୁଙ୍କର ନାମ ମନ ଭିତରେ ଗୁଣି ହେଉଥାଏ ଓ ନିଷ୍ଠାର ସହ କାମ କରୁଥାଏ । ନୋଟଛପାର କାଗଜ ବାହାରୁ ଆସେ, ସେଗୁଡ଼ିକୁ ସେ ଗଣତି କରେ ଓ ଛପା ହୋଇସାରିବା ପରେ ବି ଅନୁରୂପ ଭାବେ ଗଣି ଖାତାରେ ଟିପିରଖି ଦସ୍ତଖତ କରେ । ନୋଟ ଛପାହେବାର ପୂର୍ବ ଓ ପରବର୍ତ୍ତୀ ଛପା-ନୋଟଗୁଡ଼ିକର ଦାୟିତ୍ୱ ତା'ର । ଥରେ ଆସିଥିବା ନୋଟଛପା କାଗଜର ତାଡ଼ା ସବୁ ଖୋଲି ଗଣି ସେଇ ଯୁବକ ଦେଖିଲା ଯେଉଁ ପରିମାଣ କାଗଜ ରହିବା କଥା – ସେଥିରୁ କିଛି କମ୍ ରହିଛି । ଯୁବକ କର୍ମଚାରୀ ସେଇସବୁ ତାଡ଼ାକୁ ପୃଥକ୍ କରି ରଖିଦେଲା । ଉପରିସ୍ଥ ସାହେବ ହାକିମ ଆସନ୍ତି ପରିଦର୍ଶନକୁ, ସେ ଏହାର କୈଫିୟତ୍ ଚାହିଁଲେ – ଏଗୁଡ଼ିକ ଅଲଗା କରି ରଖାଯାଇଛି କାହିଁକି ? କର୍ମଚାରୀ ନିର୍ଭୀକ ଭାବେ କହିଲା, ''ଏଇ କାଗଜଗୁଡ଼ିକ ଗଣନା ପରେ ଦେଖାଗଲା ସଂଖ୍ୟାରେ ଯେତିକି ହେବା ଉଚିତ, ତା' ଅପେକ୍ଷା ଅଳ୍ପ କମ୍ ରହିଛି । ତେଣୁ ମୁଁ ସେଗୁଡ଼ିକୁ ଫେରସ୍ତ ଯିବ ବୋଲି ଅଲଗା ରଖିଦେଇଛି । ଏଥରର ପୂରା ନୋଟ-କାଗଜର ବଣ୍ଡଲ୍ ଫେରାଇ ଦେବାକୁ ହେବ । ସାହେବ ରାଗିଗଲେ, କହିଲେ, ''ଅଳ୍ପ କମ୍ ଅଛି ଯଦି ଅନ୍ୟ କାଗଜ ସହ ମିଶାଇ ଦିଅ । ଫେରସ୍ତ ଯିବ କାହିଁକି ?''

ରାମଭକ୍ତ କର୍ମଚାରୀ ଉତ୍ତର ଦେଲା ଅଡ଼ି ବସିଲା ଭଳି, ''ଆଜ୍ଞା, ସେପରି କରାଯାଇ ପାରିବ ନାହିଁ ନିର୍ଦ୍ଦିଷ୍ଟ ସଂଖ୍ୟାରୁ ଅଧିକ କିଂବା କମ୍ – ଉଭୟ କ୍ଷେତ୍ରରେ ଆମେ ସେଗୁଡ଼ିକୁ ଗ୍ରହଣ କରିବୁ ନାହିଁ, ଅନ୍ୟଥା ଛପାହୋଇ ନୋଟ ବାହାରିବା ପରେ ଆମର ହିସାବରେ ଭୁଲ୍ ବାହାରିବ ।''

ସାହେବ ଲୋକଟିର ସାହସରେ ଚକିତ ଓ ବିରକ୍ତ ହୋଇ ଧମକ ଦେଲେ, ''ସେଥିପାଇଁ କ'ଣ ଫେରସ୍ତ ଯିବ ? ମିଶାଇ ନିଅ ଆଗର ନୋଟଛପା କାଗଜ ସାଙ୍ଗରେ ।''

କର୍ମଚାରୀ ଜଣକ ଏପରି ଅନୁଚିତ ଆଦେଶ ଗ୍ରାହ୍ୟ ନ କରି ଜବାବ ଦେଲା – ''ଆଜ୍ଞା, ଏହିସବୁ ଭୁଲ୍ ସଂଖ୍ୟକ କାଗଜ ତାଡ଼ା ଫେରସ୍ତ ଗଲେ ସିନା ସେମାନେ ଭବିଷ୍ୟତରେ ସାବଧାନ ହୋଇ ନୋଟ-ଛପା କାଗଜ ଉଚିତ ସଂଖ୍ୟାରେ ବଣ୍ଡଲ୍‌ରେ ଦେବେ । ତା' ନ ହେଲେ ତ ବାରଂବାର ଏଇଭଳି ଭୁଲସଂଖ୍ୟକ କାଗଜ ଆସୁଥିବ ଓ ଆମକୁହିଁ ଶେଷରେ କୈଫିୟତ୍ ଦେବାକୁ ପଡ଼ିବ ଛପାନୋଟର ସଂଖ୍ୟା କମ୍ ବା ବେଶୀ ହେଲେ । ସେଥିପାଇଁ ମୋ ମତରେ... ।''

ଉପରିସ୍ଥ ସାହେବ ପୂରାକଥା ନ ଶୁଣି ଗଜ୍‌ଗଜ୍ କରି ମୁହଁରେ ବିରକ୍ତି ପ୍ରକାଶ କରି ଚାଲିଗଲେ । କର୍ମଚାରୀଟିର ବକ୍ତବ୍ୟର ଯଥାର୍ଥତା ବୁଝିଲେ କି ନାହିଁ ଜଣାଗଲା ନାହିଁ । ତଥାପି କର୍ମଚାରୀ ଯାହା କରଣୀୟ ବୋଲି ଭାବୁଥିଲା, ସେଇ ନିଷ୍ପତ୍ତିରେ ସେ ଅଟଳ ରହିଲା । ତା' ମନରେ ଥାଏ – ସବୁକିଛି ଶ୍ରୀରାମ ଦେଖୁଛନ୍ତି । ମୁଁ ତାଙ୍କୁହିଁ ଅନୁସରଣ କରିବି । ଯାହା ହେବାର ଥିବ ହେବ ।

ଘରକୁ ଗଲା । ଘରେ ବାପା ବୃଦ୍ଧ, ସେ ପୁଅର ମୁହଁରେ କିଛି ଚିନ୍ତାର ଚିହ୍ନ ଦେଖିବାକୁ ପାଇ ତା'ର କାରଣ ପଚାରିଲେ । ସବୁଶୁଣି ସେ ବି ଅସନ୍ତୁଷ୍ଟ ହେଲେ ପୁଅର ଆଚରଣରେ,

''ହାକିମ ତ ହାକିମ, ପୁଣି ସାହେବ ହାକିମ । ତାଙ୍କ ମୁହଁ ଉପରେ ଜବାବ ଦେଲୁ । ସେ ଯାହା କହିଲେ ମାନିନେଲୁ ନାହିଁ, ତୁ କିଏ ଫେରସ୍ତ ଯିବ କି ନାହିଁ ନିଷ୍ପତ୍ତି ନେବା ପାଇଁ ? ସାମାନ୍ୟ କର୍ମଚାରୀ, କର୍ମଚାରୀ ଭଳି ରହିଥା'ନ୍ତୁ । ଦେଖ ତୋ ନିଜ ଚାକିରି ଖଣ୍ଡକ ରହୁଛି କି ନାହିଁ – କମ୍ପାନୀର ଭଲମନ୍ଦ ଭାବିପାରୁଛୁ ଆଉ ନିଜର ଭଲମନ୍ଦ ଭାବି ପାରୁନୁ ? ହାକିମଙ୍କ ଆଦେଶ ମାନିନେବା ତୋର ଉଚିତ ଥିଲା ।''

ଚିନ୍ତାଗ୍ରସ୍ତ ଥିଲେ ମଧ୍ୟ ପୁଅର ସେଇ ଭଗବତ୍ ନିର୍ଭରତା ଟିକିଏ ବି ସଙ୍କୁଚିତ ବା ଦ୍ୱିଧାଗ୍ରସ୍ତ ହେଲା ନାହିଁ । ସେ କହିଲା, ''ବାପା, ମୁଁ ସର୍ବଦା ନାମଜପ ରତ, ଭଗବତ୍ ପରାୟଣ, ମୋ ମୁହଁରୁ କଲ୍ୟାଣକର କଥା ବାହାରିବା କ'ଣ ଭୁଲ୍ ହେଲା ? ନିଜର ନାମ, ଯଶଃ ପାଇଁ ତ ସାହେବଙ୍କ ଆଗରେ ମୁହଁ ଖୋଲି ନାହିଁ, ମୋତେ ଯେଉଁ କାମରେ ନିଯୁକ୍ତ କରାଯାଇଛି ତାହାର ଭଲ-ମନ୍ଦ ବିଚାର କରି ଏଥରର ପୂରା କାଗଜ ବଣ୍ଡଲ୍‌ତକ ଫେରସ୍ତ ଯିବା ଉଚିତ ବୋଲି କହିଛି । ତେଣିକି ସେ ବୁଝନ୍ତୁ । ମୋର ଚାକିରି ବା ପଦବୀ ରହିବା ନ ରହିବା ମୋ ଅନ୍ତରର ଭଗବାନ୍ ବୁଝିବେ । ମୁଁ ରାମଭକ୍ତ ହୋଇ ଯଦି ସତ କହିବାକୁ ଭୟ କରିବି ତେବେ ଅନ୍ୟମାନଙ୍କ ପାଖରୁ ସତ୍ୟ, ନ୍ୟାୟ ଆଶା କରିବି କେମିତି ?''

ଯାହା ବି ହେଉ, ସେଥରର ପୂରା ଗୋଛାକ ଯାକ କାଗଜ ଫେରସ୍ତ ଗଲା । ଯୁବକ କର୍ମଚାରୀ ପ୍ରତିଦିନ ଯେପରି କାମକୁ ଯାଉଥିଲା ସେହିପରି ଯାଏ । ନୀରବରେ ତା'ର କାମ କରିଚାଲେ, ଅନ୍ତରରେ ରାମନାମ ଜପ ଅନବରତ ଚାଲିଥାଏ । ସାହେବଙ୍କ ମୁହଁ ଉପରେ କଥା କହିଥିବାରୁ ତା'ର ଭବିଷ୍ୟତ୍ ନେଇ ଅନ୍ୟମାନେ ଭିନ୍ନ ଭିନ୍ନ ମନ୍ତବ୍ୟ କରି ଚାଲିଥା'ନ୍ତି – କେହି ତା' ମୁହଁରେ, କେହି ପଛଆଡ଼େ । ନୀରବରେ ହସିଦିଏ ସେ, ଯେମିତି ସବୁ ପରିସ୍ଥିତି ତା' ପାଇଁ ସନ୍ତୋଷଜନକ । ଏଇପରି ଭାବରେ କିଛିଦିନ ଚାଲିଗଲା । ସାଧକ କର୍ମଚାରୀ ଅପେକ୍ଷା ତା' ପିତା ବେଶୀ ଉଦ୍‌ବିଗ୍ନ ରହୁଥା'ନ୍ତି – ଆଉ ପୁଣି କି ଦଶା ରହିଛି ଦେଖିବାକୁ ତାଙ୍କ ବୁଢ଼ାକାଳକୁ ?

ସମସ୍ତେ ଅନେଇ ବସିଛନ୍ତି ଦୁର୍ବିନୀତ ଯୁବକର କ'ଣ ଘଟିବ ତାହା ଜାଣିବା ପାଇଁ । କ୍ରମଶଃ ଘଟଣାଟା ଶାନ୍ତ ହୋଇଗଲା । ଖବର ମିଳିଲା : କେତେମାସ ପରେ ଉପରୁ – କମ୍ପାନୀର ହେଡ୍ ଅଫିସ୍ ଅର୍ଥାତ୍ ସରକାରୀ ମହଲରୁ ଯେ କର୍ମଚାରୀଟିର ପଦୋନ୍ନତି ହୋଇଛି – ଏମିତି ସେମିତି ପଦୋନ୍ନତି ନୁହେଁ – ଗୋଟିଏ ପୂରା ବିଭାଗର ସୁପରିନ୍‌ଟେଣ୍ଡେଣ୍ଟ୍ ପଦବୀକୁ । ଆଗେ ସେ ଥିଲା ଗୋଟିଏ ଛୋଟିଆ ଉପବିଭାଗର କର୍ମଚାରୀ ମାତ୍ର ତା' ଉପରେ ଥିବା କୋଡ଼ିଏ ଜଣ ଅଧିକର୍ତ୍ତାଙ୍କୁ ଡେଇଁ ଗଲା ସିଏ ଏକାଥରେ ।

ନିଜର ପଦୋନ୍ନତିକୁ ବି ସେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କର ଅନୁକମ୍ପା ଭାବେ ଗ୍ରହଣ କରି ବୃଦ୍ଧ ପିତାଙ୍କ ଆଗରେ କହିଲା ଓ ସରକାରୀ ଆଦେଶପତ୍ର ଦେଖାଇଲା । ବୁଢ଼ା ଖୁସିହୋଇ ପୁଅକୁ ଆଶୀର୍ବାଦ କଲେ, ''କାଳେ କାଳେ ତୋର ସେଇ ଶ୍ରୀରାମଙ୍କ ପଦଯୁଗଳରେ ନିଷ୍ଠା ଥାଉ ଓ ତାହାରି ବଳରେ ତୁ ସତ୍‌ପଥ ବାଛିନେବାରେ ଭୁଲ୍ କରିବୁ ନାହିଁ ।''

ଏବେ ବି ଏଇଭଳି ନିର୍ଭୀକ ବ୍ୟକ୍ତି ଅଛନ୍ତି ଯିଏ ଭଗବତ୍ ସ୍ମରଣକୁହିଁ ନିଜର ଏକମାତ୍ର ଜୀବନର ପୁଞ୍ଜିକରି ସବୁକାମ କରନ୍ତି ।

❑❑❑



ପରିଶେଷରେ ନୈତିକ ସାହସ, ଯାହାର ଶକ୍ତିବଳରେ, ଯେତେ ବଡ଼ ଅନ୍ୟାୟ-ଅତ୍ୟାଚାରୀ ହୁଅନ୍ତୁ ନା କାହିଁକି, ମନୁଷ୍ୟ ସେମାନଙ୍କର ବିରୋଧରେ ଛିଡ଼ା ହୋଇପାରେ ଏବଂ ସେମାନଙ୍କୁ ସତ୍ୟ ଓ ନ୍ୟାୟର ବାଣୀ ଶୁଣାଇପାରେ ।

– ଶ୍ରୀମା

# ରାମଚନ୍ଦ୍ରଙ୍କ କୌତୁକ ସଂଖ୍ୟା

## ଧର୍ମ କୁମାର ଶତପଥୀ

ୟା ଭିତରେ ଝିଅ ଆମର ଖୁବ୍ ସିଆଣିଆ ହୋଇଗଲାଣି । ଗତ କେଇମାସ ମଧ୍ୟରେ ତା'ର ପାଠପଢ଼ାର ଅଗ୍ରଗତି ଦେଖିଲେ ଖୁସି ଲାଗୁଛି । ଏଇ କେତୋଟି କୌତୁକ ଅଙ୍କର ଯାଦୁକରୀ ଗୁଣ ତା' ମନରେ ଯାଦୁ କରିଛି । ପାଠପ୍ରତି ଆକୃଷ୍ଟ କରିଛି । ଖାଲି ଅଙ୍କ ନୁହେଁ ଅନ୍ୟାନ୍ୟ ବିଷୟରେ ମଧ୍ୟ ତା'ର ରୁଚି ବଢ଼ି ଗଲାଣି । ମୁଁ ମନେ ମନେ ଆଶ୍ୱସ୍ତ ହେଲି । ଖୁସି ବି ହେଲି ।

କୌତୁକ ଅଙ୍କ ମାଧ୍ୟମରେ ଝିଅ ମନରେ ପାଠର କୌତୁକ ଉଙ୍କିମାରିଛି, ଏହା ମୋ ପାଇଁ ବେଶ୍ ଗୌରବର କଥା ।

ସେଦିନ ଅଗଣାରେ ବସି ଝିଅ ତା'ର ପାଠପଢ଼ା କାମ ବେଶ୍ ଯତ୍ନଶୀଳ ଭାବରେ କରୁଥିଲା । ମୁଁ ତାକୁ କ'ଣ ପଚାରିବି ପଚାରିବି ହେଉଥିଲି । ଝିଅର ପାଠପ୍ରତି ଦୃଢ଼ ମନୋନିବେଶରେ କାଳେ ବ୍ୟାଘାତ ହେବ କି ? ଏଇ ଚିନ୍ତା ବି କରୁଥିଲି । ତଥାପି ଭାବାବେଗକୁ ଚାପି ନପାରି ପଚାରିଦେଲି – ''ଝିଅ, ତୋତେ ଏଇ କୌତୁକ ଅଙ୍କ ବିଷୟ ଭଲ ଲାଗୁଛି ନା ?''

ଝିଅ କହିଲା, – ''ଖାଲି ଭଲ ନୁହେଁ ବାପା । ମୋତେ ପାଠପ୍ରତି ଆଗ୍ରହୀ କରିଛି ଏଇ ଅଙ୍କମାନଙ୍କର କୌତୁକ ଗୁଣ । ସତରେ ବାପା ଏଇ କୌତୁକ ଗୁଣ କେମିତି ଜଣାପଡ଼େ ?''

ମୁଁ କହିଲି – ସଂଖ୍ୟାମାନଙ୍କ ସମ୍ପର୍କରେ ଗଭୀର ମନନଶୀଳ ହୋଇ ଅନୁଧ୍ୟାନ କଲେ ତହିଁରୁ ନୂଆ ନୂଆ କଥା ସାମନାକୁ ଆସେ । ତାହା ମନରେ ଜ୍ଞାନର ମାର୍ଗକୁ ପ୍ରଶସ୍ତ କରିଥାଏ । ନୂଆ ନୂଆ କଥାରୁ ନୂଆ ନୂଆ ତଥ୍ୟ ବାହାରେ । ଆର୍କିମିଡ଼ିସ୍, ପିଥାଗୋରାସ, ଅଏଲର, ୟୁକ୍ଲିଡ଼, ଗାଉସ ପ୍ରଭୃତି ବିଖ୍ୟାତ ଗାଣିତିକ ସୃଷ୍ଟି ହୋଇଛନ୍ତି ଗଣିତ ବିଷୟରେ ଏଇ ଦୃଢ଼ ମନନଶୀଳତାରୁ ।''

ଝିଅ ଏକ ଗାଣିତିକ-ସଂପନ୍ନ ଆଖିରେ ମୋତେ ଶୁଣୁଥିଲା ଏକ ଧ୍ୟାନରେ ।

ତା' ଧ୍ୟାନ ଭାଙ୍ଗିବାକୁ ଯାଇ କହିଲି : ''ଆଜି ମୁଁ ତୋତେ ଏକ କୌତୁକ ସଂଖ୍ୟା କଥା କହିବି ଶୁଣିବୁ ?''

ଝିଅର ଆଗ୍ରହ ଦେଖେ କିଏ । ସେ ''ହଁ'' ଭରିଲା ।

ମୁଁ ତା'କୁ କାମ ଦେଲି – ''ଏଇ ଦେଖ ଏକ ଚାରି ଅଙ୍କ ବିଶିଷ୍ଟ ସଂଖ୍ୟା ୩୪୩୫ । ଏ ସଂଖ୍ୟାରେ କି କି ମଜାଳିଆ ଗୁଣ ଅଛି କହିପାରିବୁ ?'' ପଚାରିଲି ।

ଝିଅ ଅଙ୍କଟିକୁ ନୀରବରେ କିଛି ସମୟ ଅନାଇଲା ଏକ ଗାଣିତିକ ସୁଲଭ ଭଙ୍ଗୀରେ । କହିଲା – ''ବାପା ଏଇ ସଂଖ୍ୟାଟି ୩, ୪ ଓ ୫ କୁ ନେଇ ଗଠିତ । ଏଇ ଅଙ୍କମାନଙ୍କୁ ନେଇ ଆମେ ୩୩, ୩୪, ୩୫ ପାଇ ପାରିବା । ଏକକ ଅଙ୍କଟି '୫' ଥିବାରୁ ଏ ସଂଖ୍ୟାଟି '୫' ଦ୍ୱାରା ବିଭାଜ୍ୟ ହେବ । ଏହାକୁ ୫ ଦ୍ୱାରା ଭାଗକଲେ ୬୮୭ ଭାଗଫଳ ମିଳିବ । ସୁତରାଂ ଏ ସଂଖ୍ୟା ସହିତ ୩, ୪, ୫, ୬, ୭ ଓ ୮ ଅଙ୍କ ନିବିଡ଼ ଭାବରେ ସମ୍ପର୍କିତ ଅଛନ୍ତି । ଏହାର ପ୍ରଥମ ତିନୋଟି ଅଙ୍କ ଦ୍ୱାରା ଗଠିତ ୩୪୩ ଏକ ପୂର୍ଣ୍ଣ ଘନ ସଂଖ୍ୟା ଅଟେ ।'' ଝିଅଟି ଏକା ନିଃଶ୍ୱାସକେ କହିଗଲା, କରମଣ୍ଡଳ ଏକ୍ସପ୍ରେସ୍ ଦ୍ରୁତଗତିରେ ମାଡ଼ିଚାଲିଲା ପରି ।

ମୁଁ ଫିକ୍ କରି ହସିଦେଲି – ମଜା କଲା ଭଙ୍ଗୀରେ ।

ଝିଅ ବିକଳିଆ ଦେଖାଗଲା । କହିଲା, ''ମୁଁ କ'ଣ କିଛି ଭୁଲ୍ କଲି ବାପା ?''

ମୁଁ ତା' ବିକଳଭାବ ଏଡ଼ାଇବା ପାଇଁ ସଙ୍ଗେ ସଙ୍ଗେ ଉତ୍ତର ଦେଲି – ''ନା, ତୁ କିଛି ଭୁଲ୍ କହି ନାହୁଁ ।''

ଝିଅର ପାଲଟା ପ୍ରଶ୍ନ, ''ତେବେ ତୁମେ ହସିଲ କାହିଁକି ?''

ମୁଁ ହସିଲି ଏଇଥି ପାଇଁ ଯେ, ''ତୁ ସଂଖ୍ୟାର ଭୌତିକ, ଉପରଠାଉରିଆ ରୂପକୁ ନେଇ ଯେଉଁ କ୍ଷିପ୍ର ଶୈଳୀରେ ଉତ୍ତର ଦେଲୁ ସେଇଥିପାଇଁ'' । ମୁଁ କୈଫିୟତ୍ ଦେଲି ।

''ଏଇ ସଂଖ୍ୟାରେ ଆଉ କି କୌତୁକ ରହିଛି ?'' ଝିଅ ଜିଜ୍ଞାସା କଲା ।

''ଆଚ୍ଛା ! ତୁ ଘାତରାଶି କଥା ଜାଣିଛୁ ? ଘାତରାଶି କ'ଣ କହିଲୁ ?'' ମୁଁ ଓଲଟି ପ୍ରଶ୍ନ କଲି ।

ଝିଅ କହିଲା – ''ହଁ'', ୩୪୩ ଏକ ଘାତରାଶି । ଏହା $୭^{୩}$ (୭ର ଘନ) ରୂପେ ମଧ୍ୟ ପ୍ରକାଶ କରାଯାଇଥାଏ । ଏଥିରେ ୭କୁ ଆଧାର ଓ ୩କୁ ଘାତ କହନ୍ତି ।'' ସେ କହିଗଲା ପୁଣି ଏକା ନିଃଶ୍ୱାସକେ ।

ମୁଁ ପୁଣି ପଚାରିଲି – ''ଘାତରାଶି ବାବଦରେ ଆଉ କ'ଣ ଜାଣିଛୁ ?''

ଝିଅ ନୀରବ ରହିଲା ।

''୭ଟି ୫ର ଯୋଗଫଳ ଯାହା, ୭ x ୫ ସେଇଆ କି ନୁହେଁ ?''

''ହଁ, ସେଇ ଏକା କଥା ।''

''ଠିକ୍ ସେହିପରି ୧୩ଟି ୯ର ଯୋଗଫଳ, ୧୩ x ୯, ସହିତ ସମାନ ହେବ କି ନାହିଁ ?''

ଝିଅର ସେଇ ଏକା ଉତ୍ତର – ''ହଁ, ହେବ ।''

''ଏଥିରୁ ତୁ କ'ଣ ବୁଝୁଛୁ ?''

ଝିଅ ପୁଣି ଚୁପ୍ ରହିଲା ।

''ଗୁଣନ ପ୍ରକ୍ରିୟାଟି ଯେପରି ଯୋଗ ପ୍ରକ୍ରିୟାର ସଂକ୍ଷିପ୍ତ ପରିପ୍ରକାଶ, ଠିକ୍ ସେହିପରି ଘାତ ପ୍ରକ୍ରିୟାଟି ଗୁଣନ ପ୍ରକ୍ରିୟାର ସଂକ୍ଷିପ୍ତ ପରିପ୍ରକାଶ ଅଟେ ।'' – ମୁଁ ବୁଝାଇଦେଲି ।

ତା' ମୁହଁଟି ଉଜ୍ଜ୍ୱଳ ଦେଖାଗଲା । ପୁଣି ପଚାରିଲି – ''କିପରି ?''

ଦେଖ୍ ! ୫ x ୫ x ୫ x ୫ କୁ ଆମେ ଅନ୍ୟପ୍ରକାରେ ୫$^{୪}$ ଲେଖିଥାଉ । ସେହିପରି 'x' ଟି 'a'ର ଗୁଣନକୁ ଆମେ ଘାତପ୍ରକ୍ରିୟା ମାଧ୍ୟମରେ $a^x$ ଲେଖି ପାରିବା । ବୁଝିଲୁ ?''

''ତେବେ ଏଇ ୩୪୩୫ ଏକ ଘାତରାଶି ?'' ଝିଅ ପୁଣି ଜିଜ୍ଞାସା କଲା ।

ମୁଁ କହିଲି – ''ନା, ଠିକ୍ ସେଇଆ ନୁହେଁ । ବରଂ ଆହୁରି ମଜା କଥା ରହିଛି ଏ ସଂଖ୍ୟାରେ ।''

''କ'ଣ ସେଇଟା ?''– ଝିଅର ଉତ୍ସୁକତା ବଢ଼ିଗଲା ।

– ''ଏଇ ୩୪୩୫ ସଂଖ୍ୟାରେ ଯେଉଁ ଅଙ୍କମାନ ଅଛି, ସେମାନଙ୍କର ସେଇ ଘାତକୁ ନେଇ ତା'ର ମୂଲ୍ୟକୁ ଯୋଗ କରିବୁ ଆଉ କହିବୁ । ଯୋଗଫଳ କେତେ ପାଇଲୁ ?''

ମୋ କହିବା ତତ୍ତ୍ୱକୁ ଝିଅ ଧରିପାରିଲା ନାହିଁ । ପୁଣିଥରେ ପ୍ରଶ୍ନଟିକୁ ଦୋହରାଇବାକୁ କହିଲା ।

ମୁଁ ବୁଝାଇଲି – ''୩୪୩୫ ସଂଖ୍ୟାର ଅଙ୍କମାନଙ୍କରୁ ୩ର ଘାତ ୩, ୪ର ଘାତ ୪, ୩ର ଘାତ ୩ ଓ ୫ର ଘାତ ୫ ନେଇ ଘାତ ରାଶି ତିଆରି କର । ସେ ସମସ୍ତଙ୍କର ମୂଲ୍ୟ ବାହାର କରି ମିଶାଣ କର । ମିଶାଣ ଫଳ କ'ଣ ପାଇବୁ ଜାଣିଛୁ ?'' – ମୁଁ ପୁଣି ପ୍ରଶ୍ନ କଲି ।

ମୋ କହିବା ଅନୁସାରେ ଝିଅ ୩$^{୩}$+୪$^{୪}$+୩$^{୩}$+୫$^{୫}$ ଘାତ ରାଶି ତିଆରି କରି ସେମାନଙ୍କୁ ମିଶାଇଲା ।

୩$^{୩}$+୪$^{୪}$+୩$^{୩}$+୫$^{୫}$ = ୨୭+୨୫୬+୨୭+୩୧୨୫ = ୩୪୩୫ ।

ସେ କହିଲା – ''ବାପା ମିଶାଣ ଫଳ ସେଇ ୩୪୩୫ ହେଉଛି ।''

ସେ ଆଶ୍ଚର୍ଯ୍ୟ ହେଲା ।

ମୁଁ କହିଲି – ''ଏଇ ତ ଏ ସଂଖ୍ୟାର କୌତୁକ ଗୁଣ ! ତୁ ଜାଣିଲେ ଆହୁରି ଆଶ୍ଚର୍ଯ୍ୟ ହେବୁ ଯେ, ସମଗ୍ର ସଂଖ୍ୟା ଜଗତରେ ଏ ସଂଖ୍ୟାଟିରେ କେବଳ ଏଇ ଗୁଣଟି ଛପି ରହିଛି । ଏ ବିଷୟ ପ୍ରଥମେ ବାହାର କରିଥିଲେ ଆମ ଭାରତର ମହାରାଷ୍ଟ୍ର ରାଜ୍ୟର ଜଣେ ଗଣିତ ବିଶାରଦ । ତାଙ୍କ ନାମ କହ୍ନେୟାଲାଲ ରାମଚନ୍ଦ୍ର । ସେଥିପାଇଁ ଏ ସଂଖ୍ୟାକୁ ''ରାମଚନ୍ଦ୍ରଙ୍କ ସଂଖ୍ୟା'' କୁହାଯାଏ ।

ଝିଅ ବଡ଼ ବଡ଼ ଆଖିରେ ମୋତେ ଆଉ ଅଙ୍କଟିକୁ ଚାହୁଁଥାଏ । ଏ ଭିତରେ ରୋଷେଇ ଘରୁ ତା' ମା ଡାକିଲେ ପାଠ ସାରି ଶୀଘ୍ର ଖାଇବାକୁ । ଝିଅ ଉଠିଗଲା ଆଜ୍ଞାବହ ହୋଇ ରୋଷେଇ ଘର ଆଡ଼କୁ । ❑


## ଶିକ୍ଷକ/ଶିକ୍ଷୟିତ୍ରୀ ଆବଶ୍ୟକ

ସଂପାଦକ, ଶ୍ରୀ ଗୋକୁଳାନନ୍ଦ ପାତ୍ର, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମଙ୍ଗୁରାଇ, ସା/ପୋ. ଗୋବିନ୍ଦପୁର, ଜି. କଟକ, ପିନ୍ – ୭୫୪ ୦୦୩, ମୋବାଇଲ୍ : ୯୪୩୭୨୯୭୮୫୭, ଜଣାଇଛନ୍ତି ଯେ ଏହି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ନିମନ୍ତେ I. A. C.T. / I. Sc. CT, B.A. B. Ed / BSc. B. Ed. ଶିକ୍ଷାଗତ ଯୋଗ୍ୟତା ଥିବା ମାତୃପ୍ରେମୀ ଶିକ୍ଷକ/ଶିକ୍ଷୟିତ୍ରୀ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀ ଉପରୋକ୍ତ ଠିକଣାରେ ଯଥାଶୀଘ୍ର ଯୋଗାଯୋଗ କରିବା ଲାଗି ଅନୁରୋଧ ।

# ଜିଜ୍ଞାସୁର ପୃଷ୍ଠା

*ପ୍ରଶ୍ନ : ଯଦି ଦୁଃଖ ନ ରହେ ତେବେ ସୁଖର ମୂଲ୍ୟ ରହିବ ନାହିଁ । ରାତ୍ରି ନ ଥିଲେ ଦିବସର ମୂଲ୍ୟ କ'ଣ ? ସଂସାର ଦୁଃଖ ଏବଂ ସୁଖରେ ଜଡ଼ିତ । ପୂର୍ଣ୍ଣଭାବରେ ଦୁଃଖର ନିବୃତ୍ତି ହେବ କିପରି ? ମନୁଷ୍ୟ ଦୁଃଖଛଡ଼ା ସୁଖରେ ରହିବ ବା କିପରି ?*

ଉତ୍ତର : ଯେଉଁ ଜ୍ଞାନୀ, ଭକ୍ତମାନଙ୍କୁ ଦୁଃଖ ସ୍ପର୍ଶ କରେ ନାହିଁ, ସେମାନେ କେବଳ ସୁଖରେ ରହୁଛନ୍ତି କିପରି ? କଙ୍କଡ଼ାବିଛା କାମୁଡ଼ିଲେ, ଶରୀରରେ ବଥ ହେଲେ କିଂବା କୌଣସି ହିଂସ୍ର ଜନ୍ତୁ ଦ୍ୱାରା ଆଘାତପ୍ରାପ୍ତ ହେଲେ ପୀଡ଼ା ହୁଏ । ସେଥିରୁ ମୁକ୍ତ ହେଲେ ବ୍ୟକ୍ତି ସୁଖ ଅନୁଭବ କରେ କିନ୍ତୁ ସୁଖ ରକ୍ଷା କରିବା ସକାଶେ କଙ୍କଡ଼ାବିଛା କାମୁଡ଼ିବା, ହିଂସ୍ରଜନ୍ତୁର ଆକ୍ରମଣ ବା ବଥ ହେବା କ'ଣ ବ୍ୟକ୍ତି ଚାହେଁ ? ଏହି ପୀଡ଼ା ଛଡ଼ା ସୁଖର କ'ଣ କୌଣସି ମୂଲ୍ୟ ନାହିଁ, ଏହା କ'ଣ ଯୁକ୍ତିଯୁକ୍ତ ?

ଯେଉଁମାନେ କିଂକର୍ତ୍ତବ୍ୟବିମୂଢ଼ ହୋଇ ସୁଖ ସହିତ ପାରିବାରିକ, ସାମାଜିକ ଦୁଃଖ, ଦୁର୍ଦ୍ଦଶା ଭୋଗୁଛନ୍ତି, ସେଥିରୁ ଉଦ୍ଧାର ହେବାର କୌଣସି ଉପାୟ ପାଉ ନାହାନ୍ତି ବା ପ୍ରଯତ୍ନ କରୁ ନାହାନ୍ତି ସେହିମାନେ ଏ ସିଦ୍ଧାନ୍ତକୁ ଆବିଷ୍କାର କରିଛନ୍ତି । କୌଣସି ବ୍ୟକ୍ତି ଦୁଃଖ ଚାହେଁ ନାହିଁ, ସମସ୍ତେ ଚାହାନ୍ତି ଦୁଃଖ-ଅମିଶ୍ରିତ ସୁଖ । ଯଦି ସୁଖଭୋଗ ସକାଶେ ଦୁଃଖର ଆବଶ୍ୟକ ହୁଅନ୍ତା ତେବେ ବ୍ୟକ୍ତି ସୁଖକୁ ଯେପରି ଚାହୁଁଛନ୍ତି ଦୁଃଖକୁ ମଧ୍ୟ ସେହିପରି ଚାହୁଁ ଥାଆନ୍ତେ; ଏପରି ତ ନୁହେଁ । ଫେର୍ ସାକେତ, ବୈକୁଣ୍ଠ, ଗୋଲୋକାଦି ଭଗବତ୍ ଦିବ୍ୟଲୋକରେ ଦୁଃଖ ନ ଥାଏ । ସେମାନେ କେବଳ ପରମସୁଖରେ ଥାଆନ୍ତି । ଦୁଃଖ ଛଡ଼ା ମନୁଷ୍ୟ ରହି ପାରିବ ନାହିଁ ଯଦି ଏହି ସିଦ୍ଧାନ୍ତ ମାନି ନିଆହୁଏ ତେବେ ସେମାନଙ୍କ ଜୀବନ ସଙ୍କଟପୂର୍ଣ୍ଣ ହୁଅନ୍ତା । ଘର ପରିବାରର ବିକୃତ ସୁଖଭୋଗ ତ୍ୟାଗ କରି, ସନ୍ନ୍ୟାସ ଗ୍ରହଣ କରି, ପରମ ସୁଖ ପ୍ରାପ୍ତ କରିବା ବ୍ୟକ୍ତି, ବହୁତ ଭୁଲ୍ କରିଥା'ନ୍ତେ । ଶୁକଦେବ, ଶଙ୍କରାଚାର୍ଯ୍ୟ, ଚୈତନ୍ୟ ମହାପ୍ରଭୁଙ୍କୁ ଆମେମାନେ ଆଜି ପୂଜା ନ କରି ଦୁଃଖ ଏବଂ ସୁଖ ଉଭୟ ଭୋଗ କରୁଥିବା ଚୋର, ଡକାୟତ, ଦୁରାଚାରୀ ବ୍ୟକ୍ତିଙ୍କ ପୂଜା କରନ୍ତୁ, ସମାଜରେ ସେହିମାନଙ୍କର ସମ୍ମାନ ହୁଅନ୍ତା । ଏହା ଏକେବାରେ ଭ୍ରମାତ୍ମକ ଯୁକ୍ତି ।

*ପ୍ରଶ୍ନ : ତୁମ ଯୁକ୍ତି ଏକେବାରେ ଯଥାର୍ଥ ବୋଧ ହେଉଛି । ମୋର ନିଜ ଅଭିଜ୍ଞତାରେ ମଧ୍ୟ ବାଲ୍ୟାବସ୍ଥାରୁ ଆଜି ପର୍ଯ୍ୟନ୍ତ ପଢ଼ିବା, ଚାକିରି କରିବା, ଦେଶସେବା କରିବା ଇତ୍ୟାଦି କର୍ମରେ ଶାନ୍ତି-ସନ୍ତୋଷ ପ୍ରାପ୍ତ କରି ନାହିଁ କିଂବା କୌଣସି ବ୍ୟକ୍ତିଙ୍କୁ ସଂସାର କାର୍ଯ୍ୟରେ ସୁଖ ପ୍ରାପ୍ତ କରିବା ଦେଖି ନାହିଁ । କିନ୍ତୁ ପରମ ସୁଖ, ପରମ ଶାନ୍ତି କେବଳ ଅଧ୍ୟାତ୍ମ ସାଧକ, ସାଧୁ, ମହାପୁରୁଷଙ୍କ ଜୀବନରେ ଦେଖାଯାଉଅଛି । ସୁତରାଂ ସେହି ସୁଖ, ଶାନ୍ତି, ଆନନ୍ଦ ପ୍ରାପ୍ତ କରିବାର ଉପାୟ କ'ଣ ?*

ଉତ୍ତର : ପରମ ସୁଖ, ପରମ ଶାନ୍ତି ପ୍ରାପ୍ତ କରିବାର ଏକମାତ୍ର ଉପାୟ ହେଲା ଭଗବାନଙ୍କ ସହିତ ନିଜ ଚେତନାକୁ ଏକ କରିଦେବା । କାରଣ ଭଗବାନ୍ ହେଉଛନ୍ତି ଶାଶ୍ୱତ ଶାନ୍ତି, ପରମ ଆନନ୍ଦ, ପରମ ଜ୍ଞାନ, ଅକଳ୍ପନୀୟ ଶକ୍ତିର ପୁଞ୍ଜୀଭୂତ ବିଗ୍ରହ । ସଂସାରରେ ଯେଉଁ ଆନନ୍ଦ, ଯେଉଁ ଜ୍ଞାନ, ଯେଉଁ ଶାନ୍ତି, ଯେଉଁ ଶକ୍ତି ପ୍ରକାଶିତ ହୋଇଅଛି, ତାହା ହେଉଛି ସେହି ଭଗବାନଙ୍କ ଜ୍ଞାନ, ଆନନ୍ଦ, ଶାନ୍ତି, ଶକ୍ତି, ସମୁଦ୍ର ମଧ୍ୟରୁ ଜଳକଣା ସଦୃଶ । ସେହି ଭଗବାନଙ୍କ ସହିତ ସମ୍ବନ୍ଧ ସ୍ଥାପନ କଲେ, ଭଗବାନଙ୍କର ସେହି ଦିବ୍ୟଗୁଣ କ୍ରମଶଃ ବ୍ୟକ୍ତି ମଧ୍ୟରେ ପ୍ରକାଶିତ ହୁଏ । ବ୍ୟକ୍ତି ଜୀବନ ସାର୍ଥକ ହୁଏ । ସେ ଦୁଃଖତାପରୁ ମୁକ୍ତ ହୋଇ ପରମାନନ୍ଦରେ ନିବାସ କରେ ।

ଯେପରି ଜ୍ୟେଷ୍ଠମାସ ରୌଦ୍ରତାପରେ ସମସ୍ତ କୃଷିକ୍ଷେତ୍ରସ୍ଥ ଶସ୍ୟ ଭସ୍ମୀଭୂତ ହୋଇଯାଏ । କିନ୍ତୁ ସେହି କୃଷିକ୍ଷେତ୍ରର ସମ୍ବନ୍ଧ ଯଦି କୌଣସି ସ୍ଥାୟୀ ଜଳସ୍ରୋତ ସହିତ ସ୍ଥାପନ କରାଯାଏ ତେବେ ତାହା ରୌଦ୍ରତାପ ଦ୍ୱାରା ଭସ୍ମୀଭୂତ ନ ହୋଇ ଶସ୍ୟ ଉତ୍ପାଦନ କରେ । ଠିକ୍ ସେହିପରି ଜ୍ଞାନ, ଆନନ୍ଦ, ଶାନ୍ତି ଓ ସୁଖର ସ୍ଥାୟୀ ସ୍ରୋତ ଭଗବାନ୍; ତାଙ୍କ ସଙ୍ଗେ ଜୀବନକୁ ଅର୍ଥାତ୍ ମନ, ପ୍ରାଣ, ଶରୀରକୁ ଯେପର୍ଯ୍ୟନ୍ତ ଏକ କରିଦିଆ ନ ହୁଏ ଅଥବା ତାଙ୍କ ସଙ୍ଗେ ଏକ ସ୍ଥାୟୀ ସମ୍ବନ୍ଧ ସ୍ଥାପନ କରା ନ ଯାଏ, ସେପର୍ଯ୍ୟନ୍ତ ଜ୍ୟେଷ୍ଠ ମାସର କୃଷିତୁଲ୍ୟ ଜୀବନକୁ ସଂସାର ବିଷୟକ ଘୋର ରୌଦ୍ରତାପରୁ ରକ୍ଷା କରି ଜ୍ଞାନ, ଆନନ୍ଦ ରୂପକ ଜଳରେ ପ୍ଲାବିତ କରାଯାଇପାରେ ନାହିଁ । ନିଜକୁ ଭଗବାନଙ୍କ ସଙ୍ଗେ ଏକ କରିଦେଲେ, ସଂସାର

ହୋଇଯାଏ ସ୍ୱର୍ଗ, ଜୀବନ ହୋଇଯାଏ ଆନନ୍ଦର ସମୁଦ୍ର । ବହୁତ ସାଧୁ, ସନ୍ଥ, ଋଷି, ମୁନି ଓ ଭକ୍ତଙ୍କ କଥା ଶୁଣିଥିବେ । ଲୋକଙ୍କ ଦୃଷ୍ଟିରେ ସେମାନେ ଦରିଦ୍ର ହୁଅନ୍ତୁ ବା ଧନୀ ହୁଅନ୍ତୁ, କିନ୍ତୁ ସେମାନେ ଆନନ୍ଦରେ ବିଭୋର ରହନ୍ତି । ସାଧାରଣ ଲୋକଙ୍କ ଦୃଷ୍ଟିରେ ଯାହା ସୁଖ, ଦୁଃଖ, ଆନନ୍ଦ, ନିରାନନ୍ଦ ସେମାନଙ୍କ ସକାଶେ ଉଭୟହିଁ ସମାନ ଥାଏ । ଉଭୟ ମଧ୍ୟରେ ସେ ସେହି ପରମାନନ୍ଦଙ୍କୁ ପ୍ରାପ୍ତ କରନ୍ତି । ସେମାନଙ୍କ ଚେତନାକୁ ଏହିସବୁ ଦୁଃଖ, ଦ୍ୱନ୍ଦ୍ୱ ସ୍ପର୍ଶ କରେ ନାହିଁ । ଭାଗବତରେ ପ୍ରହ୍ଲାଦ କଥା ଶୁଣିଥିବେ । ହିରଣ୍ୟକଶିପୁ ରାକ୍ଷସରାଜାର ଭୟରେ ଇନ୍ଦ୍ରାଦି ଦେବତା ତ୍ରସ୍ତ । କିନ୍ତୁ ବାଳକ ପ୍ରହ୍ଲାଦ ନିର୍ଭୀକ ଭାବରେ ତା ସମ୍ମୁଖରେ ଛିଡ଼ା ହୋଇ କହୁଥିଲେ, ''ପିତା, ଏକମାତ୍ର ଭଗବାନହିଁ ପ୍ରତ୍ୟେକ ପ୍ରାଣୀର ବନ୍ଧୁ ଓ ରକ୍ଷକ, ତୁମେ ତାଙ୍କୁହିଁ ଆରାଧନା କର ।'' ପ୍ରହ୍ଲାଦ ଭଗବତ୍ ଆଶ୍ରୟରୁ ଏପରି ନିର୍ଭୟତା ପ୍ରାପ୍ତ ହୋଇଥିଲେ ଯେ ସେ ମହାକାଳସ୍ୱରୂପ ଦୈତ୍ୟରାଜର ପ୍ରଚଣ୍ଡ ମୂର୍ତ୍ତି ସମ୍ମୁଖରେ ପରମ ହିତକାରକ ମିତ୍ରର ସାମୀପ୍ୟ ପ୍ରାପ୍ତ ହେବା ସଦୃଶ ଅବିକମ୍ପିତ ଭାବେ ଛିଡ଼ା ହୋଇଥିଲେ । କାରଣ ତାଙ୍କ ଚେତନା ଭଗବନ୍ମୟ ହୋଇଯାଇଥିଲା । ସେ ପ୍ରତ୍ୟେକ ବସ୍ତୁରେ ଭଗବାନଙ୍କୁ ଦେଖୁଥିଲେ । ତେଣୁ ଭଗବାନଙ୍କ ନିର୍ଭୟାଦି ଗୁଣ ତାଙ୍କ ମଧ୍ୟରେ ପ୍ରତିଷ୍ଠିତ ହୋଇଥିଲା । ବହୁତ ଦିନର କଥା ନୁହେଁ, ଏ ଯୁଗର କଥା । ମୀରାବାଈଙ୍କୁ ଅଧିକାଂଶ ଲୋକ ଜାଣନ୍ତି । ମହାପ୍ରତାପୀ ରାଣା* ବିକ୍ରମାଦିତ୍ୟ ତାଙ୍କ ନିଷ୍ଠାରୁ ତାଙ୍କୁ ତିଳେମାତ୍ର ବିଚଳିତ କରିପାରିଲେ ନାହିଁ । ଶେଷରେ ତାଙ୍କୁ ବିଷ ଦେଲେ, ମାତ୍ର ସେହି ବିଷ ମୀରାବାଈଙ୍କ ସକାଶେ ହୋଇଗଲା ଅମୃତ । ଭଗବାନ୍ ହାର୍ଦ୍ଦିକ ବିଶ୍ୱାସ ତଥା ଶୁଦ୍ଧ ଭାବରେ ପ୍ରାପ୍ତ ହୁଅନ୍ତି । ଯେଉଁମାନେ କେବଳ ନିରର୍ଥକ ଯୁକ୍ତିତର୍କ କରି ଭଗବାନଙ୍କୁ ଜାଣିବାକୁ ଚେଷ୍ଟା କରନ୍ତି, ସେମାନଙ୍କୁ ହତାଶ ହେବାକୁ ପଡ଼େ, କାରଣ ଭଗବାନ୍ ତର୍କର ବହୁ ଊର୍ଦ୍ଧ୍ୱରେ । ସେଠାରେ ମନ-ବୁଦ୍ଧି ପହଞ୍ଚି ପାରେ ନାହିଁ, ଫେର୍ ଯୁକ୍ତିତର୍କ ପହଞ୍ଚିବ କିପରି ? କେତେ ଲୋକ ଭଗବାନଙ୍କୁ ସର୍ବବ୍ୟାପୀ, ସର୍ବଦ୍ରଷ୍ଟା, ସର୍ବଶକ୍ତିମାନ୍, ସର୍ବଜ୍ଞ ବୋଲି ଯୁକ୍ତିରେ ପ୍ରମାଣ କରିଦିଅନ୍ତି, କିନ୍ତୁ କୌଣସି ଅସତ୍ କାର୍ଯ୍ୟ କରିବା ସମୟରେ ଭଗବାନଙ୍କ ପ୍ରତି ଟିକିଏ ବି ଭ୍ରୂକ୍ଷେପ କରନ୍ତି ନାହିଁ, ଅଳ୍ପଶକ୍ତି ପ୍ରାପ୍ତ ବ୍ୟକ୍ତିଙ୍କୁ ଭୟ କରି ସେମାନଙ୍କ ଦୃଷ୍ଟିର ପଶ୍ଚାତ୍‌ରେ ସେହି କାର୍ଯ୍ୟ କରନ୍ତି । ଏପରି ବ୍ୟକ୍ତିଙ୍କ ଦ୍ୱାରା ଭଗବାନଙ୍କ ଅସ୍ତିତ୍ୱ କିଂବା ଅସ୍ତିତ୍ୱହୀନତା ପ୍ରମାଣିତ ହେବାରେ କୌଣସି ମୂଲ୍ୟ ନ ଥାଏ । ଏସବୁ ବିଚାରରେ ନ ପଡ଼ି ଯେ ଯଥାର୍ଥ ନିଷ୍ଠାର ସହିତ (sincerely) ଭଗବାନଙ୍କୁ ଜାଣିବାକୁ ଚାହେଁ ଏବଂ ପ୍ରଯତ୍ନ କରେ, ସେ ନିଶ୍ଚୟ ତାଙ୍କୁ ଜାଣେ ଏବଂ ତାହାର ଜାଣିବାରେ ଭଗବାନ୍ ମଧ୍ୟ ସାହାଯ୍ୟ କରନ୍ତି । ସଦାଚାରୀ, ସତ୍ୟବାଦୀ ବ୍ୟକ୍ତିଙ୍କୁ ଭଗବାନ୍ କିପରି ପ୍ରାପ୍ତ ହୁଅନ୍ତି, ଆଜି ତାହା ଆର୍ଯ୍ୟସମାଜୀ ବାବାଙ୍କ ଚରିତ୍ରରୁ ହୃଦୟଙ୍ଗମ କରିପାରିବା । କାରଣ ସମସ୍ତ ଦିବ୍ୟଗୁଣର ମୂର୍ତ୍ତିମାନ ବିଗ୍ରହ ହେଉଛନ୍ତି ଭଗବାନ୍ । ସତ୍ୟ ଭାବରେ ବ୍ୟକ୍ତି ଦିବ୍ୟଗୁଣ ଗ୍ରହଣ କଲେ ଭଗବାନଙ୍କ ସହିତ ତାହାର ସମ୍ବନ୍ଧ ସ୍ଥାପିତ ହୁଏ । ସେ ଦିନେ ନା ଦିନେ ଭଗବାନଙ୍କୁ ପ୍ରାପ୍ତ କରିପାରେ ।

## ଆର୍ଯ୍ୟସମାଜୀ ବାବା

ଥରେ ଆର୍ଯ୍ୟସମାଜୀ ବାବାଙ୍କର ପ୍ରସିଦ୍ଧ ଓଡ଼ିଆବାବାଙ୍କ ସହିତ ଦେଖାହେଲା ।

ଉତ୍ତର ଭାରତରେ ଓଡ଼ିଆବାବା ନାମରେ ଜଣେ ପ୍ରସିଦ୍ଧ ମହାତ୍ମା ଥିଲେ । ସେ ଥିଲେ ବଡ଼ ତ୍ୟାଗୀ । ତାଙ୍କ ସକାଶେ ବୃନ୍ଦାବନରେ ଗୋଟିଏ ମଠ ତିଆରି କରି ଦିଆଯାଇଥିଲା । ସେଠାରେ ସେ ଶେଷ ଜୀବନ ବିତାଇଥିଲେ । ତା' ପୂର୍ବରୁ ସେ ବିଶେଷ ରୂପେ କନଖଳ ପାଖାପାଖି ଗଙ୍ଗାକୂଳରେ ଏବଂ ଅନ୍ୟାନ୍ୟ ସ୍ଥାନମାନଙ୍କରେ ବିଚରଣ କରୁଥିଲେ । ସେ ବଡ଼ ଏକାନ୍ତପ୍ରିୟ ମହାତ୍ମା; କିନ୍ତୁ ସେ ଯେଉଁଠି ପହଞ୍ଚନ୍ତି, ସେଠାରେ ବହୁତ ଲୋକ ଏକତ୍ର ହୋଇଯା'ନ୍ତି ଏବଂ ପ୍ରଶ୍ନ କରନ୍ତି । ତାଙ୍କଠାରୁ ଯେଉଁ ଉତ୍ତର ମିଳେ ସେସବୁ ଗୀତାପ୍ରେସରୁ ପ୍ରକାଶିତ ''କଲ୍ୟାଣ''ରେ ପ୍ରକାଶିତ ହୁଏ । ଦିନେ ସେ ସନ୍ଧ୍ୟା ସମୟରେ ଗୋଟିଏ ଗ୍ରାମରେ ପହଞ୍ଚିବା ମାତ୍ରେ ବହୁତ ଲୋକ ଏକତ୍ର ହୋଇଗଲେ । ସେହି ସମୟରେ ଜଣେ ତେଜସ୍ୱୀ ବ୍ୟକ୍ତି ଆସିଲେ, ତାଙ୍କ ହାତରେ ଥିଲା ଜପମାଳା, ମୁଖରେ ''ରାଧେଶ୍ୟାମ'' ନାମ ଜପ । ଦୂରରୁ ଦେଖି ତାଙ୍କ ଆଡ଼କୁ ଜଣେ ଅଙ୍ଗୁଳି ନିର୍ଦ୍ଦେଶ କରି କହିଲେ, ''ଆର୍ଯ୍ୟସମାଜୀ ବାବା ଆସୁଛନ୍ତି'' । ସେ ଆସି ମହାତ୍ମାଜିଙ୍କୁ ସଭକ୍ତି ପ୍ରଣାମ କରି

*ମୀରାବାଈଙ୍କର ପତିଙ୍କ ଛୋଟଭାଇଙ୍କ ନାମ ଥିଲା ବିକ୍ରମାଦିତ୍ୟ । ନାଭାଜିଙ୍କ ଭକ୍ତମାଳାର ପ୍ରସିଦ୍ଧ ଟୀକାରେ ଏହା ବର୍ଣ୍ଣିତ ହୋଇଅଛି ।

ତାଙ୍କ ନିର୍ଦ୍ଦେଶାନୁସାରେ ତାଙ୍କ ପାଖରେ ବସିଲେ । ଓଡ଼ିଆବାବା ପଚାରିଲେ, ''ତୁମକୁ ଆର୍ଯ୍ୟସମାଜୀ ବାବା ବୋଲି କାହିଁକି କହନ୍ତି ?'' ସେ କହିଲେ – ''ପ୍ରଥମେ ମୁଁ ଥିଲି ଆର୍ଯ୍ୟସମାଜୀ । ମୋର ଜନ୍ମ ହୋଇଥିଲା ଏକ ଆର୍ଯ୍ୟସମାଜ ପରିବାରରେ । ସଙ୍ଗ ପ୍ରଭାବରେ ଭଗବାନଙ୍କ ଅବତାର, ମନ୍ଦିର ଆଉ ପୂଜାରେ ମୋର ବିଶ୍ୱାସ ନ ଥିଲା । ମୋର କାମ ଥିଲା କସରତ କରିବା, କୁସ୍ତି ଲଢ଼ିବା । ପିଲାଦିନୁ ମାତାପିତାଙ୍କ ନିର୍ଦ୍ଦେଶରେ ସତ କହେ ଓ ବ୍ରହ୍ମଚର୍ଯ୍ୟ ପାଳନ କରେ । ଅସତ୍ କର୍ମରେ ମୋର ପ୍ରବୃତ୍ତି ନ ଥାଏ । ପିତାଙ୍କ ମୃତ୍ୟୁ ପରେ ପରିବାରର ଆବଶ୍ୟକତା ଯୋଗୁଁ ବନାରସରେ ଜଣେ ଶେଠଙ୍କ ଘରେ ଚାକିରି କଲି । ଶେଠଜି ଥିଲେ ଭକ୍ତ । ଘରେ ରାଧାକୃଷ୍ଣ ମୂର୍ତ୍ତି ସ୍ଥାପନା କରି ପୂଜା କରନ୍ତି, ସାଧୁସନ୍ଥ ଆସିଲେ ସେବା କରନ୍ତି । ମୋ ସ୍ୱଭାବର ପରିଚୟ ପାଇବା ପରେ ସେ ମୋତେ ଚାକର ମନେ ନ କରି ତାଙ୍କ ପରିବାରର ଜଣେ ବ୍ୟକ୍ତି ପରି ବ୍ୟବହାର କରିବାକୁ ଲାଗିଲେ । କେତେକ ବର୍ଷ ପରେ କିଛି ପରିମାଣରେ ଘରର ଭାର ମୋ ଉପରେ ଛାଡ଼ିଦେଲେ । ଏପରିକି ତାଙ୍କ ନିଜ ପିଲାଙ୍କୁ ମୁଁ ଶାସନ କରେ, ଧମକାଏ, କେବେ କେବେ ଅନ୍ୟାୟ ଦେଖିଲେ ମାଡ଼ଦିଏ । କିନ୍ତୁ ସେଥିରେ ସେ କେବେ ବି ହସ୍ତକ୍ଷେପ କରନ୍ତି ନାହିଁ । ଘରେ ଶ୍ରୀକୃଷ୍ଣଙ୍କ ପୂଜାହୁଏ, କିନ୍ତୁ ମୁଁ କେବେ ବି ମନ୍ଦିରକୁ ଯାଏ ନାହିଁ, ପ୍ରଣାମ କରେ ନାହିଁ, ପ୍ରସାଦ ଦୃଷ୍ଟିରେ ପ୍ରସାଦ ସେବନ କରେ ନାହିଁ । ଦିନେ ଶେଠଜି ଘରେ ନ ଥିଲେ । ତାଙ୍କ ପରିବାରର ଲୋକେ ବି ଜଣେ ବନ୍ଧୁଙ୍କ ଘରକୁ ନିମନ୍ତ୍ରଣରେ ଯାଇଥିଲେ । ଛୋଟ ପୁଅ ସ୍କୁଲକୁ ଯାଇଥିଲା । ମୁଁ ଥିଲି ଘରେ ଏକା । ମିଥ୍ୟା କଥା ଶୁଣିଲେ ମୋର ରାଗ ହୁଏ । ହଠାତ୍ ଦେଖିଲି ଶେଠଜିଙ୍କ ଛୋଟ ପୁଅ ହାତରେ ବହି ଧରି ସ୍କୁଲରୁ ଆସି ମୋ ଆଗରେ ଛିଡ଼ା ହୋଇଛି । ମୁଁ ପଚାରିଲି, ''ତୁ ସ୍କୁଲରୁ କାହିଁକି ଆସିଲୁ ?'' ସେ ମୋ ଆଡ଼କୁ ଚାହିଁ ହସି ହସି କହିଲା, ''ନା, ମୁଁ ସ୍କୁଲରୁ ଆସି ନାହିଁ ।'' ଏ ମିଥ୍ୟା କଥା ଶୁଣିବା ମାତ୍ରେ ମୋର ରାଗ ହେଲା । ତାକୁ ମାରିବାକୁ ତା' ଆଡ଼କୁ ଦୌଡ଼ିଲି । ମୁଁ ପଛରେ, ସେ ମୋ ଆଗରେ, ଦୌଡ଼ି ଦୌଡ଼ି ଗୋଟିଏ ଘରେ ପଶେ, ମୁଁ ସେ ଘରକୁ ଯିବା ମାତ୍ରେ, ସେ ଘରୁ ବାହାରି ଅନ୍ୟ ଘରକୁ ଦୌଡ଼େ, ମଝିରେ ମଝିରେ ମୋ ଆଡ଼କୁ ଚାହିଁ ହସିଦିଏ, ଫେର୍ ଦୌଡ଼େ । ମୁଁ ଦୌଡ଼ି ଦୌଡ଼ି ହଇରାଣ ହୋଇଯାଏ । ସେ ମିଥ୍ୟା କହିଲା ଓ ମୋତେ ଅତ୍ୟଧିକ ବିରକ୍ତ କଲା । ସେଥିପାଇଁ ମୁଁ ତା' ଉପରେ ଭୀଷଣଭାବେ ରାଗିଗଲି । କିନ୍ତୁ ସେ ଯେତେବେଳେ ବିଜୟ ଗର୍ବରେ ମୋ ଆଡ଼କୁ ଚାହିଁ ହସି ଦେଉଥିଲା, ସେତେବେଳେ ରାଗରେ ମୋ ହୃଦୟ ଜଳି ଯାଉଥିଲା । ଏହିପରି ଅଧଘଣ୍ଟାଏ କାଳ ଚାଲିଲା । ମୁଁ ଏକେବାରେ ବିବଶ ହୋଇଗଲିଣି । ଶରୀରରୁ ସମସ୍ତ ବଳ ନଷ୍ଟ ହୋଇଗଲା । କି ଦୁଃଖ ! ଜଣେ ପିଲା ପାଖରେ ମୋ ପରି ଜଣେ ପହିଲମାନ ଏକେବାରେ ପରାସ୍ତ ! ମୋର ସମସ୍ତ ଉଦ୍ୟମ ବ୍ୟର୍ଥ ହେବା ପରେ ଶେଷରେ ସେ ମୋ ଆଡ଼କୁ ଚାହିଁ ହସି ହସି ପଛେଇ ଚାଲି ମନ୍ଦିର ଭିତରେ ପ୍ରବେଶ କଲା । ମୋର ଏ ପ୍ରଥମ ଦିନ, ତାକୁ ଧରିବା ପାଇଁ ମୁଁ ମଧ୍ୟ ସେହି ମନ୍ଦିର ଭିତରେ ପ୍ରବେଶ କଲି । କି ଆଶ୍ଚର୍ଯ୍ୟ ! ମୁଁ ପ୍ରତ୍ୟକ୍ଷ ଏବଂ ସ୍ପଷ୍ଟ ଭାବରେ ଦେଖିଲି ସେ ମୃଦୁହାସ୍ୟରେ ତିର୍ଯ୍ୟକ୍ ଦୃଷ୍ଟିରେ ଚାହିଁ ମନ୍ଦିରରେ ଥିବା ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ସଙ୍ଗେ ମିଶିଗଲା । ମୁଁ ଅବାକ୍, ମୋର ମନ-ପ୍ରାଣ-ଶରୀର ନିସ୍ତବ୍ଧ, ବିଚାର ନାହିଁ, କଳ୍ପନା ନାହିଁ, ଦୁଇ ଚକ୍ଷୁରୁ ଅଶ୍ରୁଧାରା ପ୍ରବାହିତ ହେବାକୁ ଲାଗିଲା । ଶରୀରରେ ରୋମାଞ୍ଚ ଜାତ ହେଲା । ପରେ କେତେ ସମୟ ପର୍ଯ୍ୟନ୍ତ ସେ ମନ୍ଦିରରେ ପଡ଼ି ରହିଥିଲି ତାହା ମୁଁ ଜାଣେ ନାହିଁ । ଆଖି ଖୋଲି ଦେଖେ ତ ଶେଠଜି ମୋ ପାଖରେ ବସି ପଙ୍ଖା କରୁଛନ୍ତି । ତାଙ୍କ ଆଖିରୁ ଝର ଝର ହୋଇ ଲୋତକ ଝରୁଅଛି । ତାଙ୍କ ପାଖରେ ତାଙ୍କର ସେହି ସାନପୁଅ ସ୍କୁଲରୁ ଆସି କାଠପରି ଛିଡ଼ାହୋଇ ଆମମାନଙ୍କୁ ନିର୍ନିମେଷ ଚକ୍ଷୁରେ ଦେଖୁଅଛି । ମୋର ଏପରି ଅବସ୍ଥାରେ ମନ୍ଦିରରେ ପଡ଼ିରହିବା ତା' ସକାଶେ ଏକେବାରେ ନୂତନ ଏବଂ ବିସ୍ମୟକର ଘଟଣା ଥିଲା । ସେତେବେଳେ ମନ୍ଦିରର ଘଣ୍ଟାରେ ଠନ୍ ଠନ୍ ହୋଇ ଚାରିଟା ବାଜିଲା । ସେତେବେଳକୁ ମୋର ଦୃଷ୍ଟି କେହି ବଦଳାଇ ଦେଇଥିଲା । ଯାହା ଉପରେ ମୋର ଏତେ ରାଗ ଥିଲା, ଯେ ମୋତେ ଏତେ ବିରକ୍ତ କରୁଥିଲା ବୋଲି ମନେ କରିଥିଲି, ତାଙ୍କୁହିଁ ଦେଖୁଛି ଶ୍ରୀକୃଷ୍ଣ ରୂପରେ । ସେ ମୋ ଆଡ଼କୁ କୃପାଦୃଷ୍ଟିରେ ଚାହିଁ ଆନନ୍ଦ ବୃଷ୍ଟି କରୁଛନ୍ତି । କି ସୁନ୍ଦର ସେହି ତ୍ରିଭଙ୍ଗୀ-ମୂର୍ତ୍ତି ! ସେହିଁ ମୋ ହୃଦୟକୁ ଅଧିକାର କରି ନେଇଛନ୍ତି । ସେହିଦିନଠାରୁ ମୋର ଜୀବନର ଧାରା ବଦଳିଯାଇଛି ।''

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ*,
ପ୍ରଥମ ଖଣ୍ଡ, ପୃଷ୍ଠା : ୪୫ - ୪୮)

– ରାମକୃଷ୍ଣ ଦାସ

❑❑❑

**ଚେତନାର ଦିଗ୍‌ବଳୟ :**

# ସୀତା-ଆବାହନ

ଏ ରଚନାଟି ଲେଖା ହେବାର ଦିନ କେତୋଟି ପରେ (ଏପ୍ରିଲ ୨୪, ୨୦୧୮, ସୀତା ନବମୀ) ବିହାରର ସୀତାମାଢ଼ି ଜିଲ୍ଲା ଅନ୍ତର୍ଗତ ସୀତାକୁଣ୍ଡଠାରେ ଏକ ମନ୍ଦିର ଏବଂ ଆଧୁନିକ ବିଶ୍ୱବିଦ୍ୟାଳୟର ଭିତ୍ତି ସ୍ଥାପନ ହେବାର ଯୋଜନା ଘୋଷିତ ହୋଇଛି । ରାଜ୍ୟ ସରକାର ସେ ଦିଗରେ ଅନ୍ୟତମ ଉଦ୍ୟୋକ୍ତା ।

ବିଶ୍ୱାସ କରାଯାଏ, ବହୁକାଳ ବ୍ୟାପୀ ଚିହ୍ନିତ ଏହି ସୀତାକୁଣ୍ଡଠାରେ ଧରିତ୍ରୀ କୋଳରୁ ଦେବକନ୍ୟା ସୀତା ରାଜା ଜନକଙ୍କ କୋଳକୁ ଆସିଥିଲେ ।

ଆଶା, ମନ୍ଦିର ସହ ପ୍ରତିଷ୍ଠିତ ହେବାକୁ ଯାଉଥିବା ବିଶ୍ୱବିଦ୍ୟାଳୟ ଭାରତର ଐତିହ୍ୟ ଓ ଇତିହାସ ଉପରେ ମୌଳିକ ଗବେଷଣା ନିମନ୍ତେ ବିଶେଷ ସୁଯୋଗ ସୃଷ୍ଟି କରିବ; ଉପନିଷଦ୍ ଓ ଆମର ଦୁଇ ମହାକାବ୍ୟରେ ଉଲ୍ଲେଖିତ ଚରିତ୍ରସବୁର ତାତ୍ପର୍ଯ୍ୟ ପ୍ରତିପାଦିତ କରିବା ଦିଗରେ ପଦକ୍ଷେପ ନେବ, ଯାହା ଏଯାବତ୍ ହୋଇ ନାହିଁ ।

ପାଶ୍ଚାତ୍ୟର ଏକ ବିଶ୍ୱବିଦ୍ୟାଳୟ ପ୍ରକାଶିତ ଖଣ୍ଡିଏ ଗବେଷଣା ଗ୍ରନ୍ଥ ଥରେ ଏ ଲେଖକ ସମୀକ୍ଷା ନିମନ୍ତେ ପାଇଲା । ଗବେଷିକା ଭାରତୀୟ ନାରୀ ସମାଜର ଅବସ୍ଥା ଅନୁସନ୍ଧାନ କରି ଯେଉଁସବୁ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି, ତହିଁରୁ ଅନ୍ୟତମ ହେଲା, ସୀତାଙ୍କ ନିରିମାଖି, ସହନଶୀଳା ଓ ସର୍ବଦା ଆଜ୍ଞାନୁବର୍ତ୍ତିନୀ ଚରିତ୍ରର ପ୍ରଭାବରେ ଭାରତୀୟ ନାରୀ ଯୁଗ ଯୁଗ ଧରି ଅତ୍ୟନ୍ତ ଭୀରୁ ଜୀବନଯାପନ କରୁଛି ।

ଭାରତୀୟ ନାରୀ ଅତ୍ୟନ୍ତ ଭୀରୁ ଜୀବନଯାପନ କରୁଛି କି ନାହିଁ, ତାହା ଭିନ୍ନ ପ୍ରସଙ୍ଗ । କିନ୍ତୁ ସୀତା ଏକ ନିରିମାଖି ଚରିତ୍ର, ଏଭଳି ସିଦ୍ଧାନ୍ତରେ ଉପନୀତ ହୋଇଥିବା 'ଗବେଷିକା' ରାମାୟଣ ସ୍ପର୍ଶ କରିଥିବେ କି ନା ସନ୍ଦେହ, ପଢ଼ିବା ତ ଦୂରର କଥା ।

ସମଗ୍ର ବିଶ୍ୱ ସାହିତ୍ୟରେ ତିନୋଟି ମହତ୍ତମା ତଥା ଦୃଢ଼ମନା ନାରୀ ଚରିତ୍ର ହେଲେ ସାବିତ୍ରୀ, ଦ୍ରୌପଦୀ ଏବଂ ସୀତା । 'ରାମାୟଣ'ର ନାମ 'ସୀତାୟନ' ହୋଇଥିଲେ ବି ବିଶେଷ ଅବାନ୍ତର ହୋଇ ନଥା'ନ୍ତା ବୋଲି ଧାରଣାରେ କାହାଣୀଟି ଉପରେ ସୁଦୀର୍ଘ ଇଂରାଜୀ କବିତାଟିଏ ଲେଖି ପ୍ରଖ୍ୟାତ ଲେଖକ ଓ ସମାଲୋଚକ କେ. ଆର୍. ଶ୍ରୀନିବାସ ଆୟେଙ୍ଗାର ତାହାର ନାମ ରଖିଛନ୍ତି 'ସୀତାୟନ' । (ଅବଶ୍ୟ 'ରାମାୟଣ' ନାମର ତାତ୍ପର୍ଯ୍ୟ ଅପରିସୀମ ।)

ବାସ୍ତବିକ, ରାମାୟଣର ପ୍ରତି ମୁଖ୍ୟ ଘଟଣା ସୀତାଙ୍କ ସଂକଳ୍ପରୁହିଁ ମୋଡ଼ ନେଇଛି । ସେ ଆପଣା ଜିଦିରେ ବନବାସ ଯାଇଛନ୍ତି, ଗୁରୁଜନମାନଙ୍କ ପରାମର୍ଶ ଉପେକ୍ଷା କରି । ସ୍ୱର୍ଣ୍ଣମୃଗ ଧରି ଆଣିଦେବା ନିମନ୍ତେ ସେହିଁ କରିଛନ୍ତି ରାମଙ୍କ ପାଖରେ ଅଳି । ମାରୀଚର ମାୟା ଚିତ୍କାର ଶୁଣି ରାମ ବିପଦାପନ୍ନ ବୋଲି ଭ୍ରାନ୍ତ ଧାରଣାରେ ସୀତାହିଁ ସମ୍ପୂର୍ଣ୍ଣ ଅନିଚ୍ଛୁକ ଲକ୍ଷ୍ମଣଙ୍କୁ ରାମଙ୍କ ସନ୍ଧାନରେ ଯିବା ସକାଶେ ବାଧ୍ୟ କରିଛନ୍ତି ଏବଂ ଫଳରେ ଘଟଣାପ୍ରବାହ ନେଇଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମୋଡ଼ । ହନୁମାନ୍ ତାଙ୍କୁ ଠାବ କରି ଆପଣା ପୃଷ୍ଠରେ ବହନ କରି ଆଣିବାର ସବିନୟ ପ୍ରସ୍ତାବ କରନ୍ତେ ସୀତା ତାହା ପ୍ରତ୍ୟାଖ୍ୟାନ କରିଥିଲେ । ଦୁର୍ବିନୀତ ଉଦ୍ଧତ ଦାନବ ତାଙ୍କୁ ଚୋରି କରି ନେଇ ଆସିଛି । ରାମଙ୍କ ଦୂତ ବି ସେହି ମାର୍ଗରେ ତାଙ୍କୁ ଉଦ୍ଧାର କଲେ ରାମଙ୍କ ଗୌରବ ହାନି ହେବ ନାହିଁ କି ? ଫଳରେ ରାମ-ରାବଣ ଯୁଦ୍ଧ ଏବଂ ଦାନବ ଶକ୍ତିର ବିନାଶ ହୋଇଛି ଅନିବାର୍ଯ୍ୟ । ଏହା ମଧ୍ୟ ସୀତାଙ୍କ ସିଦ୍ଧାନ୍ତର ପରିଣତି ।

ଅନେକଙ୍କର ଧାରଣା, ସୀତା ଯେପରିକି ରାମଙ୍କ ନିର୍ଦ୍ଦେଶରେ ଅଗ୍ନି ପରୀକ୍ଷା ଦେଇଥିଲେ ! ଏ ଧାରଣା ଏକ ଅକ୍ଷମଣୀୟ ଭ୍ରାନ୍ତି । ରାମ ସେ ଯୁଗର ମାନସିକତା ସ୍ମରଣ କରି ଦାନବ ଦୁର୍ଗରେ ବନ୍ଦିନୀ ପତ୍ନୀଙ୍କୁ ପ୍ରଜାକୁଳ ସେମାନଙ୍କ ରାଣୀ ଭାବରେ ଗ୍ରହଣ କରିବାକୁ ଅସ୍ୱସ୍ତି ଅନୁଭବ କରିବେ — ଏହିଭଳି ବିମର୍ଷକର ସନ୍ଦେହ ରୂଢ଼ ଭାବରେ ବ୍ୟକ୍ତ କରନ୍ତେ କୁପିତା ସୀତା ବଜ୍ର କଣ୍ଠରେ ଅଗ୍ନିକୁଣ୍ଡର ଆୟୋଜନ କରିବାକୁ ଅନ୍ୟମାନଙ୍କୁ ଆଦେଶ ଦେଲେ ଏବଂ ଅଗ୍ନିସ୍ନାନ କରି ସ୍ୱଚ୍ଛନ୍ଦରେ ତହିଁରୁ ନିଷ୍କ୍ରାନ୍ତ ହେଲେ । ଅସଂଖ୍ୟ ପାତ୍ର, ମିତ୍ର ଓ ଅନୁଗତମାନଙ୍କ ଦ୍ୱାରା ଦୃଷ୍ଟ ସେ ଅଭାବନୀୟ ଦୃଶ୍ୟର ବିବରଣୀ ଅଯୋଧ୍ୟା-ବାସୀମାନେ ଶୁଣିବା ପରେ ସୀତାଙ୍କ ପବିତ୍ରତା ସମ୍ପର୍କରେ ସେମାନଙ୍କ ମନରେ ବିସ୍ମୟ ଏବଂ ଶ୍ରଦ୍ଧା, ଭକ୍ତି ଭାବହିଁ ଜାଗରିତ ହେବା ଥିଲା ସ୍ୱାଭାବିକ ।

ରାଜା-ରାଣୀ ରୂପେ ରାମସୀତାଙ୍କ ଅଭିଷେକର ବର୍ଣ୍ଣନା ପରେହିଁ ବାଲ୍ମୀକିଙ୍କ ରାମାୟଣ ସମାପ୍ତ ହୋଇଛି । ତାଙ୍କ

ମହାକାବ୍ୟରେ ସୀତାଙ୍କ ପ୍ରଖର ବ୍ୟକ୍ତିତ୍ୱ ଓ ମହତ୍ତ୍ୱ ପ୍ରତିପାଦନ କଲା ଭଳି ବହୁ ଘଟଣା ରହିଛି । ଉଦାହରଣ (ପୂର୍ବରୁ ଅନ୍ୟ ଏକ ପରିପ୍ରେକ୍ଷୀରେ ଏ ଘଟଣାର ଉଲ୍ଲେଖ କରିଥିଲା ଏ ଲେଖକ) : ରାମ, ଲକ୍ଷ୍ମଣ ଓ ସୀତା ଦଣ୍ଡକାରଣ୍ୟରେ ପ୍ରବେଶ କରିବା ପରେ ପରେ ମୁନି ଋଷିମାନଙ୍କର ଏକାଧିକ ପ୍ରତିନିଧିଦଳ ଆସି ସେମାନଙ୍କ ଉପରେ ଦାନବମାନଙ୍କର ଅତ୍ୟାଚାରର ବିବରଣୀ ଦିଅନ୍ତେ ରାମ ତାଙ୍କ ଧନୁ ପ୍ରତି ସେମାନଙ୍କ ଦୃଷ୍ଟି ଆକର୍ଷଣ କରି କହୁଥା'ନ୍ତି – ସେମାନଙ୍କ ହିତ ପାଇଁ ତାଙ୍କର ଏହି ପ୍ରଚଣ୍ଡ ଅସ୍ତ୍ର ସେ ବ୍ୟବହାର କରି ଦାନବମାନଙ୍କୁ ଧ୍ୱଂସ କରିବେ । ସୀତା ନୀରବରେ ଶୁଣୁଥା'ନ୍ତି । କିନ୍ତୁ ସୁଯୋଗ ପାଇବା ମାତ୍ରେ ସେ ରାମଙ୍କୁ ଶୁଣାଇଲେ ପ୍ରାୟଶଃ ଧ୍ୟାନସ୍ଥ ରହୁଥିବା ଜଣେ ତରୁଣ ସାଧୁର କାହାଣୀ – ସେ କିପରି ଥରେ ଗୋଟାଏ ଚକମକ ତରବାରି ପାଇ ପ୍ରଥମେ କୌତୂହଳ ବଶତଃ ଗୋଟାଏ ଗୁଳ୍ମ ଉପରେ ତାହା ପ୍ରୟୋଗ କରିବା ଅନ୍ତେ ସେ ଅସ୍ତ୍ରଟିର ପ୍ରେମରେ ପଡ଼ିଯାଇ ତାକୁ ନିର୍ବିଚାରରେ ନାନାଦି ପ୍ରାଣୀ ଉପରେ ପ୍ରୟୋଗ କରିବା ଫଳରେ ମୃତ୍ୟୁ ପରେ ସିଧାସଳଖ ନର୍କକୁ ଗଲା । ସୀତାଙ୍କର ନମ୍ର ଚେତାବନୀ : ରାମ ସେମିତି ତାଙ୍କ ଧନୁତୀର ପ୍ରେମରେ ଆଚ୍ଛନ୍ନ ହୋଇ ଦୋଷୀ, ନିର୍ଦ୍ଦୋଷ ନିର୍ବିଶେଷରେ ଦାନବକୁଳ ସଂହାର ନିମନ୍ତେ ଆଗଭର ହେଉ ନାହାନ୍ତି ତ ?

ମନସ୍ତାତ୍ତ୍ୱିକ ପ୍ରଜ୍ଞାସମୃଦ୍ଧା ସୀତାହିଁ ଏଭଳି ସତର୍କ ବାଣୀ ଉଚ୍ଚାରଣ କରିପାରନ୍ତି ।

ଆମେ ବିଶେଷ ଭାବରେ ମନେ ରଖିବା ଉଚିତ ଯେ ସୀତାଙ୍କ ବନବାସ, ବାଲ୍ମୀକି ଆଶ୍ରମରେ ଲବକୁଶଙ୍କ ଜନ୍ମ ଓ ସୀତାଙ୍କ ପାତାଳ ପ୍ରବେଶ ଇତ୍ୟାଦି ସମ୍ବଳିତ ''ଉତ୍ତର କାଣ୍ଡ'' ବାଲ୍ମୀକିଙ୍କ ମହାକାବ୍ୟର ମୌଳିକ ଅଂଶ ନୁହେଁ । ତାହା ପରେ ସଂଯୋଜିତ ହୋଇଛି । ସମସ୍ତ ବିଶେଷଜ୍ଞ ଏବଂ ଶ୍ରୀଅରବିନ୍ଦ ସ୍ୱୟଂ ଏହା ଦର୍ଶାଇଛନ୍ତି । କିନ୍ତୁ ଯେଉଁ ଚତୁର କବି ଜଣକ ଏ ଅଂଶଟି ରଚନା କରିଥା'ନ୍ତୁ ନା କାହିଁକି, ନିଃସନ୍ଦେହରେ ସେ ଜଣେ ମହା-ବ୍ୟଙ୍ଗକାର । ଦିନେ ଭୂମାତାଙ୍କ ଆଶୀର୍ବାଦ ରୂପେ ଭୂଗର୍ଭରୁ ଉତ୍ଥିତା ହୋଇଥିଲେ ସତ୍ୟର ପ୍ରତିଭୂ ସୀତା । ମୂର୍ତ୍ତିମନ୍ତ ପିତୃ ଚେତନା 'ଜନକ' ଗ୍ରହଣ କଲେ ତାଙ୍କ ପିତାଙ୍କ ଭୂମିକା । ସ୍ୱୟଂ ରାମ ହେଲେ ତାଙ୍କ ଅଭିଭାବକ । ଦୁଷ୍ଟ ଶକ୍ତି ତଥାପି ନିଜ ମିଥ୍ୟା ଜାଲ ଯୋଗେ ତାଙ୍କୁ ବିଚ୍ଛିନ୍ନ କଲା ଏବଂ ପ୍ରବଳ ଯୁଦ୍ଧରେ ପ୍ରବୃତ୍ତ ହୋଇ ରାମ ତାଙ୍କୁ ଉଦ୍ଧାର କଲେ । କିନ୍ତୁ ହାୟ, ତାଙ୍କୁ ସମାଜରେ ରଖିବା ଭଳି ଯୋଗ୍ୟତା ରୁଗ୍ଣ ମାନସିକତା ସମ୍ପନ୍ନ, ସନ୍ଦେହୀ କ୍ଷୁଦ୍ର ମଣିଷର ନଥିଲା । ଆହୁରି ଲଜ୍ଜାର କଥା, ସେମାନେ ସିନା ଅଗ୍ନି ପରୀକ୍ଷା କଥା ଶୁଣିଛନ୍ତି, ଥରେ ସ୍ୱଚକ୍ଷୁରେ ଦେଖିଲେ ଆପ୍ୟାୟିତ ହୁଅନ୍ତେ ! 'ଚମତ୍କାର' ଦେଖିବାର ଉଦଗ୍ର ବାସନା !

ବେଶ୍, ଦେଖନ୍ତୁ ସମସ୍ତେ ଚମତ୍କାର ! ସୀତାଙ୍କ ଅଭିମାନଭରା ଆବାହନରେ ସର୍ବସମକ୍ଷରେ ବିଦୀର୍ଣ୍ଣ ହେଲା ଧରିତ୍ରୀ । ସେ ବିଦାୟ ନେଲେ । ଅବଶ୍ୟ 'ଉତ୍ତର କାଣ୍ଡ'ର କବିଙ୍କଠାରୁ ଏ ଚାପୁଡ଼ା ଖାଇବାର ହଜାର ହଜାର ବର୍ଷ ପରେ ମଣିଷ କେତେ ଗୁଣଗ୍ରାହୀ ହୋଇ ପାରିଛି, ତାହା ବିଚାର୍ଯ୍ୟ ।

୨୪ ଏପ୍ରିଲରେ ସୀତାଙ୍କ ଆବାହନ ସାର୍ଥକ ହେଉ । ମଣିଷ ସଚେତନ ଓ ସଭ୍ୟ ହେଉ ।

**– ମନୋଜ ଦାସ** ❑

ଯେତେବେଳେ ଜଣେ ସ୍ୱ-ଇଚ୍ଛାରେ ଏକ କାମନାକୁ ତ୍ୟାଗକରେ ସେତେବେଳେ ତା'ର ଚୈତ୍ୟପୁରୁଷଙ୍କ ସହ ଏକ ପ୍ରକାର ଆନ୍ତର ସଂଯୋଗ ସ୍ଥାପିତ ହୋଇଯାଏ, ଏବଂ ଏଇ ହେତୁରୁ ବ୍ୟକ୍ତି ତା' କାମନାକୁ ସନ୍ତୁଷ୍ଟ କରିବା ଫଳରେ ଯେତିକି ଆନନ୍ଦ ଅନୁଭବ କରିଥା'ନ୍ତା ତା' ଅପେକ୍ଷା ଏକ ବୃହତ୍ତର ଆନନ୍ଦ ଲାଭ କରିଥାଏ । ତା'ଛଡ଼ା, ମୁଖ୍ୟତଃ ଯେତେବେଳେ ଜଣେ ତା'ର ଏକ କାମନାକୁ ସନ୍ତୁଷ୍ଟ କରେ ସବୁବେଳେ ପ୍ରାୟ ବିନା ବ୍ୟତିକ୍ରମରେ ତାହା କେଉଁଠି ନା କେଉଁଠି ଏକ ତିକ୍ତ ଅନୁଭୂତି ଛାଡ଼ି ଯାଇଥାଏ ।

– ଶ୍ରୀମା

tarika

## AYURVEDIC HERBAL REMEDIES

### Pimple / Acne Remover
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

### Night oil for face
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and
texture within 3 to 4 weeks.*

### Daily Facial
**Sandal & Saffron Beauty Masks**
For a fair, glowing, radiant complexion.
Improves skin tone. Removes marks, scars.

### Hair Vitaliser oil
Controls hair loss and improves hair growth
*Regular use prevents hair thinning
and receding hair line*

### Gum oil
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

### agni Pain relief oil
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,
Germany, Italy, Australia etc.*

Bhubaneswar Contact
Phone/Whatsapp: 9937786512

Made in India by: Ayurlabs India
32 Lally Tollendal Street, Pondicherry 605001. Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com Website: www.ayurlabsindia.com